# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୧୮/୨୦୨୧ (୧୬ ପୃଷ୍ଠା) | Sambalpur, Thursday, February 18/2021 | ★★

୧୭ଶ ଭାଗ ୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସତର୍କ ହେଲେଣି ଅନନ୍ୟା**


ଏଣିକି ଭାବିଚିନ୍ତି ଫିଲ୍ମରେ ସାଇନ୍ କରିବାକୁ ମନସ୍ଥ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ। **୧୫**

**୧୩** **ଅଷ୍ଟ୍ରେଲିଆନ ଓପନ୍ ସେମିରେ ସିତ୍‌ସିପାସ୍**

ରାଫାଲ ନାଡାଲଙ୍କୁ ହରାଇ ଗ୍ରୀସ୍‌ର ଷ୍ଟିଫାନସ ସିତ୍‌ସିପାସ୍ ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ପ୍ରିୟା ରମାନୀ ନିର୍ଦ୍ଦୋଷ



ପ୍ରିୟା ରମାନୀ ଓ ଏମ୍.ଜେ. ଆକବର

## ଆକବରଙ୍କ ତାରକୀୟ ସମ୍ମାନ ନାହିଁ: କୋର୍ଟ

**ନୂଆଦିଲ୍ଲୀ,୧୭।୨**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ଦାଏର କରିଥିବା ଆପରାଧିକ ମାନହାନି ମାମଲାରୁ ସାମ୍ବାଦିକା ପ୍ରିୟା ରମାନୀ ବୁଧବାର ଦୋଷମୁକ୍ତ ହୋଇଛନ୍ତି। ଦିଲ୍ଲୀର ଏକ କୋର୍ଟ ରମାନୀଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହୋଇ ନ ଥିବା ଦର୍ଶାଇ ଆକବରଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଏହି ରାୟ ମହିଳାମାନଙ୍କ ପାଇଁ ବିଜୟ ଏବଂ ମି ଟୁ ଅଭିଯାନକୁ ବଳ ଦେବ ବୋଲି ରମାନୀ ଖୁସି ବ୍ୟକ୍ତ କରିଛନ୍ତି।

ଅତିରିକ୍ତ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଆକବରଙ୍କ ମାନହାନି ମାମଲାର ରାୟ ଶୁଣାଇ କହିଛନ୍ତି, ଏକ ଖବରକାଗଜର ବରିଷ୍ଠ ସମ୍ପାଦକ ଆକବରଙ୍କ ତାରକୀୟ ସମ୍ମାନ (ଷ୍ଟେଲାର ରେପ୍ୟୁଟେଶନ୍) ନାହିଁ। ଆକବରଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ରମାନୀ ଓ ସାମ୍ବାଦିକା ଗଜଲ ୱାହାବଙ୍କ ଅନୁଭୂତିର ବୟାନକୁ ଆଧାର କରି କୋର୍ଟ ଏଭଳି କହିଥିଲେ। ଅଦାଲତରେ ଗଜଲ କହିଥିଲେ, 'ଦି ଏସିଆନ୍ ଏଜ୍'ରେ ତାଙ୍କ ଡେସ୍କ ଆକବରଙ୍କ ଅଫିସ୍‌ର ଠିକ୍ ସମ୍ମୁଖରେ ଥିଲା। କେବଳ କେତେକ ମିଟିଂକୁ ଛାଡ଼ିଦେଲେ ଆକବର ସବୁବେଳେ ତାଙ୍କ ଚାମ୍ବରର କବାଟ ଖୋଲା ରଖୁଥିଲେ। ଏକଦା କମ୍ପ୍ୟୁଟରରେ କାମ କରୁଥିବାବେଳେ ଆକବର ତାଙ୍କୁ ନିରେଖି ଦେଖୁଥିବା ସେ ଜାଣି ପାରିଥିଲେ ବୋଲି ଗଜଲ କୋର୍ଟରେ କହିଥିଲେ।

ପ୍ରକାଶ ଯେ, ମହିଳାମାନଙ୍କୁ ଯୌନ ଶୋଷଣ ପ୍ରତିବାଦରେ ୨୦୧୮ରେ ହାସ୍‌ଟ୍ୟାଗ୍ ମି ଟୁ ଅଭିଯାନ ☞ପୃଷ୍ଠା-୪

# ଭାରତରେ ପେଟ୍ରୋଲ ୧୦୦

## ତେଲ ଦର ବୃଦ୍ଧିରୁ ନିସ୍ତାର ନାହିଁ



- ଲଗାତର ୯ ଦିନ ହେଲା ବଢୁଛି
- ଭୁବନେଶ୍ୱରରେ ୯୦.୨୫ ଟଙ୍କାରେ ପେଟ୍ରୋଲ
- ରାଜ୍ୟର ଅଧିକାଂଶ ସହରରେ ୯୦ ଟପିଲା

**ଭୁବନେଶ୍ୱର,୧୭।୨**

ଲଗାତର ୯ ଦିନ ହେବ ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିଚାଲିଛି। ବୁଧବାର ରାଜସ୍ଥାନରେ ରେଗୁଲାର ପେଟ୍ରୋଲ ଲିଟର ୧୦୦ ଟଙ୍କା ଟପିଛି। ସେହିଭଳି ଭୁବନେଶ୍ୱରରେ ପେଟ୍ରୋଲ ଏବଂ ଡିଜେଲ ଦର ଲିଟର ପିଛା ଯଥାକ୍ରମେ ୨୫ ଏବଂ ୨୭ ପଇସା ଲେଖାଏ ବଢ଼ିଛି। ଫଳରେ ଏଠାରେ ଦର ଯଥାକ୍ରମେ ୯୦.୨୫ ଟଙ୍କା ଏବଂ ୮୭.୧୨ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ରାଜସ୍ଥାନ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ପ୍ରିମିୟମ ପେଟ୍ରୋଲ ଲିଟର ପିଛା ଦର ୧୦୦ ଟଙ୍କା ଟପିଥିଲା। ଏହି ବର୍ଗର ଇନ୍ଧନ ଉପରେ ଉଚ୍ଚ ପରିମାଣର ଟିକସ ଲାଗୁଥିବାରୁ ଦର ସାଧାରଣତଃ ଉଚ୍ଚରେ ରହିଥାଏ। ମାତ୍ର ଅଣ ପ୍ରିମିୟମ ବା ରେଗୁଲାର ପେଟ୍ରୋଲ ୧୦୦ ଟଙ୍କା ଟପିଥିବାରୁ ଏହାକୁ ନେଇ ଖାଉଟି ଅଧିକ ଚିନ୍ତିତ ହୋଇପଡ଼ିଛନ୍ତି।

ରାଜ୍ୟର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ରେଗୁଲାର ପେଟ୍ରୋଲ ୯୦ ଟଙ୍କା ଉପରେ ରହିଛି। ମାଲକାନଗିରିରେ ପେଟ୍ରୋଲ ୯୦.୨୭ ଟଙ୍କା ଥିବା ବେଳେ ଡିଜେଲ ୮୭.୧୪ ଟଙ୍କା ରହିଛି। ସେହିଭଳି କଟକରେ ଇନ୍ଧନ ଦର ଯଥାକ୍ରମେ ୯୦.୩୦ ଟଙ୍କା, ୮୭.୧୭ ଟଙ୍କା, ଭଦ୍ରକରେ ୯୦.୧୬ଟଙ୍କା, ୮୭.୨୦ ଟଙ୍କା, ବାଲେଶ୍ୱରରେ ୯୦.୨୦ ଟଙ୍କା, ୮୭.୨୨ ଟଙ୍କା, ସମ୍ବଲପୁରରେ ୯୦.୨୨ ଟଙ୍କା, ୮୭.୨୪ ଟଙ୍କା, ରାଉରକେଲାରେ ୯୦.୨୪ ଟଙ୍କା, ୮୭.୨୫ ଟଙ୍କା ଏବଂ ଝାରସୁଗୁଡ଼ାରେ ୯୦.୫୦ ଟଙ୍କା ଏବଂ ୮୭.୫୦ ଟଙ୍କା ରହିଛି। ଏହାବାଦ ମାଲକାନଗିରିରେ ପ୍ରିମିୟମ ପେଟ୍ରୋଲ ଦର ୯୫.୨୪ ଟଙ୍କା ଛୁଇଁଥିବା ବେଳେ ଭୁବନେଶ୍ୱରରେ ଏହା ୯୩.୨୫ ଟଙ୍କା ଛୁଇଁଥିବା ସୂଚନା ମିଳିଛି।

ରାଜସ୍ଥାନର ଶ୍ରୀଗଙ୍ଗାନଗର ସହରରେ ପେଟ୍ରୋଲ ଲିଟର ପିଛା ଦର ୧୦୦.୧୩ ଟଙ୍କା ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଭାଟ୍‌ରେ ପାର୍ଥକ୍ୟ ରହିବାରୁ ତେଲ ଦରରେ ଭିନ୍ନତା ଦେଖାଯାଉଛି। ରାଜସ୍ଥାନ ଇନ୍ଧନ ଉପରେ ସର୍ବାଧିକ ଭାଟ୍ ଲାଗୁ କରୁଛି। ଫଳରେ ଏଠାରେ ତେଲ ୧୦୦ ଟଙ୍କା ଟପିଛି। ତେଲ ଦର ବଢ଼ିବାର ପ୍ରମୁଖ କାରଣ ଭାବେ କେନ୍ଦ୍ର ଏବଂ ରାଜ୍ୟ ସ୍ତରର ଟିକସ ଏବଂ ସେସ୍‌କୁ ନିଆଯାଇପାରେ। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ଲାଗି ଲୋକଙ୍କୁ ୮୯.୫୪ ଟଙ୍କା ଦେବାକୁ ପଡୁଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୯୬ ଟଙ୍କା ଛୁଇଁଛି। ଗତ ୯ଦିନରେ ପେଟ୍ରୋଲ ୨.୫୯ ଟଙ୍କା ଏବଂ ଡିଜେଲ ୨.୮୨ ଟଙ୍କାରୁ ଊର୍ଦ୍ଧ୍ୱ ବଢ଼ିଲାଣି।

**ସରକାରଙ୍କ କଥା ଧୂଆଁବାଣ**

ବଜେଟରେ ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲରେ ନୂଆ କୃଷି ଭିତ୍ତିଭୂମି ସେସ୍ ଲଗାଇଲେ। ଏହି ସମୟରେ କୁହାଯାଇଥିଲା ଯେ ତେଲ ଦର ବଢ଼ିବ ନାହିଁ। ମାତ୍ର ଏହା ଧୂଆଁବାଣ ଥିଲା । ଲୋକଙ୍କୁ କିଛି ସମୟ ପାଇଁ ବୁଝାଇଦେବା ଲାଗି ସରକାର ଏଭଳି କହିଥିଲେ। ☞ପୃଷ୍ଠା-୪

**ଟ୍ରାକ୍ଟର ଓଲଟି ୪ ମୃତ** ୩

**ଆଜିର ସମ୍ପାଦକୀୟ**

ଚାଲାକିରେ ମାଂସ ବିକ୍ରି

## ଫାସ୍‌ଟାଗ୍ ପ୍ରହସନ




ଜାତୀୟ ରାଜପଥରେ ଥିବା ଟୋଲ୍‌ଗେଟ୍‌ରେ ବାଧାମୁକ୍ତ ଯାନବାହନ ଚଳାଚଳ ନିମନ୍ତେ ଗତ ୧୫ତାରିଖ ମଧ୍ୟରାତ୍ରରୁ ଫାସ୍‌ଟାଗ୍ ବ୍ୟବସ୍ଥାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ହେଲେ ଯଥା ପୂର୍ବଂ ତଥା ପରମ୍ ନୀତିରେ ଏବେ ବି ଟୋଲ୍ ଗେଟ୍‌ରେ ଗାଡ଼ିଗୁଡ଼ିକ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଛି। ବୁଧବାର ପୂର୍ବାହ୍ନ ୯ଟା ୫୩ମିନିଟ ସମୟରେ କଟକ ନିକଟସ୍ଥ ମଙ୍ଗୁଳି ଟୋଲ୍‌ପ୍ଲାଜାର ଦୃଶ୍ୟ।

# ଭାଜପା ମୂଳପୋଛ

## ପଞ୍ଜାବ ପୌର ନିର୍ବାଚନ

**ଚଣ୍ଡିଗଡ଼, ୧୭।୨**

କେନ୍ଦ୍ରର ୩ କୃଷି ଆଇନ ଭାଜପା ପାଇଁ ମହଙ୍ଗା ପଡ଼ିଛି। ଏହି ବିବାଦୀୟ ଆଇନ ହଟାଇବା ଦାବିରେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ କୃଷକଙ୍କ ଆନ୍ଦୋଳନ ୩ ମାସ ପୂରିବାକୁ ଯାଉଥିବାବେଳେ କୃଷି ପ୍ରଧାନ ରାଜ୍ୟ ପଞ୍ଜାବରେ ଭାଜପାକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଭୋଟର। ରବିବାର ଅନୁଷ୍ଠିତ ପୌର ନିର୍ବାଚନର ଫଳାଫଳ ବୁଧବାର ଘୋଷଣା କରାଯାଇଛି। ୭ଟି ମହାନଗର ନିଗମରୁ ଶାସକ କଂଗ୍ରେସ ୬ଟିରେ ବିଜୟୀ ହୋଇଥିବାବେଳେ ଭାଜପା ମୂଳପୋଛ ହୋଇଯାଇଛି। ଅନ୍ୟ ଏକ ନିଗମର ଫଳାଫଳ ଗୁରୁବାର ଘୋଷଣା ହୋଇପାରେ ବୋଲି ସୂଚନା ରହିଛି। କୃଷକ ଆନ୍ଦୋଳନରେ ସାମିଲ ହୋଇଥିବା ସର୍ବାଧିକ ଚାଷୀ ପଞ୍ଜାବର ହୋଇଥିବାରୁ ଏହି ନିର୍ବାଚନର ପରିଣାମକୁ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁତୋଡ଼ ଜବାବ ବୋଲି କୁହାଯାଉଛି। ବଠିଣ୍ଡା, ହୋସିୟାରପୁର, କପୁରଥାଲା, ଆବୋହର, ବଟାଲା ଏବଂ ପଠାନକୋଟ କଂଗ୍ରେସ ହାତକୁ ଯାଇଛି। ମୋଗା ନଗର ନିଗମର ☞ପୃଷ୍ଠା-୪

# ଆଜି ରେଳ ରୋକିବେ କୃଷକ

**ନୂଆଦିଲ୍ଲୀ,୧୭।୨(ପି.ଟି.)**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଗୁରୁବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ରେଳରୋକୋ କରାଯିବ। ଏହାକୁ ଦୃଷ୍ଟିରେ ରଖି ୪ ରାଜ୍ୟରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ରେଲଓ୍ୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍)ର ଅତିରିକ୍ତ ୨୦ କମ୍ପାନୀ ଯବାନ ମୁତୟନ ହୋଇଛନ୍ତି। ☞ପୃଷ୍ଠା-୪

# ଆଜିଠାରୁ ବିଧାନସଭା

## ୨୨ରେ ବଜେଟ

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ଗୁରୁବାରଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୯ ତାରିଖ ଯାଏ ଚାଲିବ। ରାଜ୍ୟପାଳଙ୍କ ଅଭିଭାଷଣରୁ ଅଧିବେଶନ ଆରମ୍ଭ ହେବ। ଫେବୃୟାରୀ ୧୯ ଓ ୨୦ ଦୁଇଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରିଛନ୍ତି। ଫେବୃୟାରୀ ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। କୋଭିଡ୍ ମହାମାରୀ ଯୋଗୁ ରାଜ୍ୟର ରାଜସ୍ୱ ଆଦାୟ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଏହା ସତ୍ତ୍ୱେ ରାଜ୍ୟ ☞ପୃଷ୍ଠା-୪

# ସମଲେଇ ମନ୍ଦିର ପାଇଁ ୨୦୦କୋଟି

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରେ ସମ୍ବଲପୁର ମା' ସମଲେଇଙ୍କ ମନ୍ଦିର ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଏକ ବୃହତ୍ ଯୋଜନା ପ୍ରସ୍ତୁତ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତ ଚିଠା ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଷୋଡ଼ଶ ଶତାବ୍ଦୀରେ ନିର୍ମିତ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ ରାଜ୍ୟ ସରକାର ସମଲେଶ୍ୱରୀ ଟେମ୍ପଲ୍ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନୋମି ଇନିସିଏଟିଭ(ସମଲେଇ) ନାମରେ ଏକ ଯୋଜନା ☞ପୃଷ୍ଠା-୪



- ଆରମ୍ଭ ହେବ ସମଲେଇ ଯୋଜନା
- ନିର୍ମାଣ ହେବ ସୁଦୃଶ୍ୟ ତୋରଣ, ଐତିହ୍ୟ କରିଡର
- ମନ୍ଦିର ଚାରିପଟ ହେବ ସୌନ୍ଦର୍ଯ୍ୟକରଣ

# ଫାଶୀ ପାଇବେ ଶବନମ୍

## ସ୍ୱାଧୀନ ଭାରତରେ ପ୍ରଥମ ମହିଳା

- ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ
- ରାଜକ୍ଷମା ଆବେଦନ ଖାରଜ କଲେ ରାଷ୍ଟ୍ରପତି
- ପ୍ରେମିକ ସଲିମ ମଧ୍ୟ ଫାଶୀଖୁଣ୍ଟରେ ଝୁଲିବେ



ଶବନମ ଅଲ୍ଲୀ

**ନୂଆଦିଲ୍ଲୀ, ୧୭।୨**

ପ୍ରେମ ପାଇଁ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରିଥିବା ଉତ୍ତରପ୍ରଦେଶ ଅମ୍‌ରୋହା ଜିଲାର ଶବନମ ଅଲ୍ଲୀଙ୍କ ଫାଶୀ ଦଣ୍ଡାଦେଶ ବଳବତ୍ତର ରହିଛି। ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ଶବନମଙ୍କୁ ମୃତ୍ୟୁଦଣ୍ଡ ଦେଇଥିବାବେଳେ ସେ ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ପ୍ରାର୍ଥନା କରି ଜୀବନ ଭିକ୍ଷା କରିଥିଲେ। କିନ୍ତୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ତାଙ୍କର ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ତାଙ୍କ ପ୍ରେମିକ ସଲିମଙ୍କୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ। ସଲିମଙ୍କ ରାଜକ୍ଷମା ଆବେଦନକୁ ମଧ୍ୟ ରାଷ୍ଟ୍ରପତି ଖାରଜ କରିଦେଇଛନ୍ତି। ତେବେ ହତ୍ୟାକାରୀ ପ୍ରେମୀଯୁଗଳଙ୍କୁ କେବେ ଫାଶୀ ଦିଆଯିବ ସେ ନେଇ କୌଣସି ଦିନ ଧାର୍ଯ୍ୟ କରାଯାଇନାହିଁ। ଶବନମଙ୍କୁ ମୃତ୍ୟୁଦଣ୍ଡ ଦିଆଗଲେ ସ୍ୱାଧୀନ ଭାରତ ☞ପୃଷ୍ଠା-୪










ଜାତୀୟ ରାଜପଥରେ ଥିବା ଟୋଲ୍‌ଗେଟ୍‌ରେ ଫାସ୍‌ଟାଗ୍ ବାଧ୍ୟତାମୂଳକ କରାଯିବା ପରେ ବିଭିନ୍ନ ଟୋଲ୍‌ଗେଟ୍‌ର ଦୃଶ୍ୟ। ମଙ୍ଗୁଳି (ବାମ)ଓ ପିପିଲି(ମଝି) ଟୋଲ୍‌ଗେଟ୍‌ରେ ବୁଧବାର ଗାଡ଼ିଗୁଡ଼ିକର ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ବିନା ଫାସ୍‌ଟାଗ୍‌ରେ ପିପିଲି ଟୋଲ୍‌ଗେଟ୍ ଦେଇ ଯାଉଥିବା କାର୍(ଡାହାଣ)।

# ବ୍ୟାଙ୍କ ଲକରରୁ ୩୩ ଲକ୍ଷ ଟଙ୍କାର ଅଳଙ୍କାର ଗାଏବ



ପୋଲିସରେ ଏତଲା ଦେଇଥିବା ଗ୍ରାହକ।

ବରଗଡ଼ ଅଫିସ୍,୧୭।୨

ବରଗଡ଼ ସହରର ଏକ ବ୍ୟାଙ୍କରୁ ଗ୍ରାହକଙ୍କ ଲକର୍‌ରୁ ୩୩ଲକ୍ଷ ୩୭ହଜାର ଟଙ୍କାର ଅଳଙ୍କାର ଗାଏବ ହୋଇଯାଇଛି। ସେମାନେ ବୁଧବାର ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ସ୍ନିଗ୍ଧା ତ୍ରିପାଠୀ ଏବଂ ତାଙ୍କ ମା' ଜ୍ୟୋତ୍ସ୍ନାମୟୀଙ୍କ ନାମରେ ଉକ୍ତ ବ୍ୟାଙ୍କରେ ଲକର୍ (ନଂ.୨୮୨) ରହିଛି ଏବଂ ଏହାକୁ ସେମାନେ ଯୁଗ୍ମ ଭାବେ ଅପରେଟ୍ କରି ଆସୁଥିଲେ। ବୁଧବାର ବିଭାଗୀୟ ଡେପୁଟି ମ୍ୟାନେଜର ଅପରାହ୍ନ ପ୍ରାୟ ୨ଟା ସମୟରେ ସେମାନଙ୍କୁ ସମ୍ପୃକ୍ତ ଲକର ଅପରେଟ୍ କରିବାକୁ ଦେଇଥିଲେ। ଲକର ଖୋଲିବା ପରେ ସେଥିରେ ପୂର୍ବରୁ ରହିଥିବା ସମସ୍ତ ଅଳଙ୍କାର ଗାଏବ ହୋଇ ଯାଇଥିବା ଦେଖି ସ୍ନିଗ୍ଧା ଶାଖାର ମୁଖ୍ୟ ପରିଚାଳକଙ୍କୁ ଜଣାଇଥିଲେ। ଏହା ପୂର୍ବରୁ ଗତ ୨୦୧୬ ଜୁନ ମାସରେ ଶେଷଥର ସେ ଲକର ଖୋଲିଥିଲେ। ଏହା ପରଠାରୁ ସେ କିମ୍ବା ତାଙ୍କ ମା' ଆଉ ଲକର୍ ଖୋଲି ନ ଥିବା ସ୍ନିଗ୍ଧା ପ୍ରକାଶ କରିଛନ୍ତି। ବ୍ୟାଙ୍କ ମଧ୍ୟରେ ରହିଥିବା ଲକର୍‌ରୁ ଏତେ ପରିମାଣର ଅଳଙ୍କାର ଗାଏବ ହେବା ଘଟଣା ସମସ୍ତଙ୍କୁ ଚକିତ କରିଥିବାବେଳେ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏଥର ୫ ଘଣ୍ଟିଆ ଅଧିବେଶନ



ସର୍ବଦଳୀୟ ବୈଠକରେ ଉପସ୍ଥିତ ବାଚସ୍ପତି, ଶାସକ ଓ ବିରୋଧୀ ଦଳର ବିଧାୟକ।

## ସର୍ବଦଳୀୟ ବୈଠକରେ ନିଷ୍ପତ୍ତି: ରହିବ ପ୍ରଶ୍ନକାଳ, ଶୂନ୍ୟକାଳ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଷୋଡ଼ଶ ଓଡ଼ିଶା ବିଧାନସଭାର ଷଷ୍ଠ ଅଧିବେଶନ ସୁରୁଖୁରୁରେ ସମ୍ପନ୍ନ ପାଇଁ ବୁଧବାର ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାନସଭା ଅଧିବେଶନ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସରକାରୀ ଏବଂ ବିରୋଧୀ ଦଳ ନେତାମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି। ଚଳିତ ବିଧାନସଭା ଅଧିବେଶନ ୫ ଘଣ୍ଟିଆ ହେବ। ଏଥିରେ ପ୍ରଶ୍ନକାଳ ଏବଂ ଶୂନ୍ୟକାଳ ରହିବ ବୋଲି ନିଷ୍ପତ୍ତି ହୋଇଛି।

ଗୁରୁବାର ବିଧାନସଭାର ପ୍ରାରମ୍ଭିକ ଦିବସରେ ରାଜ୍ୟପାଳଙ୍କ ଅଭିଭାଷଣ, ଶୋକ, ଧନ୍ୟବାଦ ପ୍ରସ୍ତାବ ଏବଂ ସମ୍ମତି ବିଲ୍‌ଗୁଡ଼ିକ ଆଗତ ହେବ। ଏହାପରେ ଗୃହକୁ ମୁଲତବୀ ରଖାଯିବ। ଏଥର ଅଧିବେଶନରେ ପ୍ରଶ୍ନକାଳ ଏବଂ ସଭ୍ୟମାନଙ୍କ ତାରକା ଓ ଅଣତାରକା ଚିହ୍ନିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଆଯିବ। ପ୍ରାରମ୍ଭିକ ଦିବସରେ ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବାକୁ ଥିବାବେଳେ ଅନ୍ୟ ଦିବସରେ ଏହା ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ, ଆପ୍ରୋପ୍ରିଏଶନ୍ ବିଲ୍, ବଜେଟ ଉତ୍ତର, ଗୃହ, ସାଧାରଣ ପ୍ରଶାସନ, ରାଜସ୍ୱ ବିଭାଗର ଖର୍ଚ୍ଚଦାବି ସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ଦିନ ଗୃହର ଅପରାହ୍ନ ଅଧିବେଶନ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। କେବଳ ରବିବାରକୁ ଛାଡି ଶନିବାର ସମେତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଅଧିବେଶନ ଚାଲିବ। ବିରୋଧୀ ଦଳ ସଭ୍ୟମାନଙ୍କ ମୁଲତବୀ ପ୍ରସ୍ତାବର ଆଲୋଚନା ପାଇଁ ୯୦ ମିନିଟ୍ ଧାର୍ଯ୍ୟ କରାଯାଇଛି। ବିରୋଧୀ ସଦସ୍ୟଙ୍କ ପାଇଁ ୫୫ ମିନିଟ୍ ଧାର୍ଯ୍ୟ କରାଯାଇଥିବା ବେଳେ ସରକାରୀ ଦଳ ସଦସ୍ୟ ଓ ମନ୍ତ୍ରୀମାନଙ୍କ ଉତ୍ତର ପାଇଁ ୩୫ ମିନିଟ୍ ସମୟ ଧାର୍ଯ୍ୟ ହୋଇଛି। କରୋନା କଟକଣାକୁ ପୂର୍ବଥର ଭଳି ଏଥର ମଧ୍ୟ କଡ଼ାକଡ଼ି କରାଯାଇଛି। ସାମାଜିକ ଦୂରତ୍ୱ ମାନି ବିଧାୟକଙ୍କ ଆସନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଧାନସଭା ସଭ୍ୟ ଏବଂ ମନ୍ତ୍ରୀମାନେ ଠିଆହୋଇ କିମ୍ବା ବସି ବିଧାନସଭାର ଆଲୋଚନାରେ ଭାଗ ନେଇପାରିବେ। ଓକାକ୍ ଭୁବନେଶ୍ୱର, ଲୋକସେବା ସଦନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷ, ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ, ବିରୋଧୀ ଦଳ ନେତା ଏବଂ ବିଧାୟକଙ୍କ କାର୍ଯ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରଭୃତିରୁ ଭିଡିଓ କନଫେରେନ୍ସ ଜରିଆରେ ଆଲୋଚନାରେ ଭାଗ ନେଇପାରିବେ। ଚଳିତଥର ବିଧାନସଭା ଅଧିବେଶନକୁ ଇ-ବିଧାନସଭା ଅଧିବେଶନ କରିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। କେବଳ ସଂଶୋଧନ ବିଲ୍, ବଜେଟ୍ ଦଲିଲ ଏବଂ ମନ୍ତ୍ରୀମାନଙ୍କ ଉତ୍ତର ହିଁ ବିବରଣୀ ଆକାରରେ ସଭ୍ୟଙ୍କୁ ଯୋଗାଇ ଦିଆଯିବ। ଅନ୍ୟଥା କାଗଜ ଆକାରରେ ଅନ୍ୟ ବିବରଣୀ ଗୃହରେ ପ୍ରଦାନ ନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସର୍ବଦଳୀୟ ବୈଠକରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ତୁଳସୀ ମୁଣ୍ଡା ଅସୁସ୍ଥ

ଭୁବନେଶ୍ୱର, (ବ୍ୟୁରୋ)/ ବଡ଼ବିଲ, ୧୭।୨ (ସ୍ୱ.ପ୍ର.)

## ଆଶୁ ଆରୋଗ୍ୟ କାମନା କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ



ତୁଳସୀ ମୁଣ୍ଡା

ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଗୁରୁତର ଅସୁସ୍ଥ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ମଙ୍ଗଳବାର ବଡ଼ବିଲରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଅପରାହ୍ନ ୧ଟାରେ କେନ୍ଦୁଝର ଜିଲା ସେରେଣ୍ଡାସ୍ଥିତ ତାଙ୍କ ଆଶ୍ରମକୁ ଫେରିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ସେ ଛାତିରେ କଷ୍ଟ ଅନୁଭବ କରିବା ସହ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଦିବାସୀ ବିକାଶ ସମିତି ସଭାପତି ତଥା ସହକର୍ମୀ ଦମୟନ୍ତୀ ସାମଲ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ ଯୋଡ଼ାସ୍ଥିତ ଟିସ୍କୋ ହସ୍ପିଟାଲକୁ ନେଇଥିଲେ। ସେଠାରେ ଦୁଇଘଣ୍ଟାର ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଡାକ୍ତରମାନେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ପରାମର୍ଶ ଦେଇଥିଲେ। ଏହାପରେ ତାଙ୍କୁ ସନ୍ଧ୍ୟାରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ଏବେ ସେ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଦମୟନ୍ତୀ ସୂଚନା ଦେଇଛନ୍ତି। ତେବେ ତୁଳସୀ ମୁଣ୍ଡାଙ୍କ ଅସୁସ୍ଥ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିନ୍ତାପ୍ରକଟ କରିବା ସହ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ସେହିଭଳି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଓଏଚ୍‌ଆର୍‌ସି

## ଥାନା ହାଜତରେ ୪ ନାବାଳକଙ୍କୁ ନିର୍ଯାତନା ଘଟଣା

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ହାଜତରେ ୪ ନାବାଳକଙ୍କୁ ପୋଲିସର ଥାର୍ଡ ଡିଗ୍ରୀ ଘଟଣାରେ ବୁଧବାର ଓଡିଶା ମାନବାଧିକାର କମିଶନ(ଓଏଚ୍‌ଆରସି) ନିଜଆଡ଼ୁ ଏକ ମାମଲା ରୁଜୁ କରିଛନ୍ତି। ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ମାର୍ଚ୍ଚ ୩୦ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ମାଲକାନଗିରି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁସୁରକ୍ଷା ଅଧିକାରୀ ଓ ଜିଲା ଆଇନ ଅଧିକାରୀ ନିର୍ଯାତିତ ନାବାଳକଙ୍କ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି।

ସୂଚନା ଯୋଗ୍ୟ, ଗତ ୧୨ ତାରିଖରେ ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ଏକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିବା ସହ ଏହି ଘଟଣାରେ ୪ଜଣ ନାବାଳକଙ୍କୁ ଘରୁ ଉଠାଇନେଇ ଥାନାରେ ଅଟକ ରଖିଥିଲା। ନାବାଳକଙ୍କୁ ଜୁଭେନାଇଲ କୋର୍ଟ ନ ପଠାଇ ୩ ଦିନ ଧରି ହାଜତରେ ରଖିବା ଓ ସେମାନଙ୍କୁ ମାଡ଼ ମାରିବା ସହ ବିଦ୍ୟୁତ୍ ଶକ୍ ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ବାହାରେ ପ୍ରଘଟ ହେବାପରେ ପୋଲିସ ବାଧ୍ୟ ହୋଇ ସୋମବାର ରାତିରେ ସମ୍ପୃକ୍ତ ନାବାଳକମାନଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରିଥିଲେ। କୋର୍ଟରେ ସେମାନଙ୍କୁ ଜାମିନ ମିଳିଥିଲା। ତିନିଜଣ ନବାଳକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବାବେଳେ ଜଣେ ନାବାଳକଙ୍କର କେହି ନ ଥିବାରୁ ତାଙ୍କୁ ବ୍ରହ୍ମପୁର ଶିଶୁ ସୁରକ୍ଷା ଗୃହକୁ ପଠାଯାଇଥିଲା।

# କର୍ଲାପାଟ ହାତୀ ମୃତ୍ୟୁ ଅନୁଧ୍ୟାନ ପାଇଁ ଆସିବ ୪ଜଣିଆ କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର, ୧୭।୨(ବ୍ୟୁରୋ)

କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୪ ଜଣିଆ ବିଶେଷଜ୍ଞ ଦଳ କଳାହାଣ୍ଡି କର୍ଲାପାଟ ଅଭୟାରଣ୍ୟରେ ହାତୀ ମଡ଼କ ଘଟଣାର ଅନୁଧ୍ୟାନ କରିବ। ଏହି ଟିମ୍ ଆସନ୍ତା ୧୮ରୁ ୨୨ ତାରିଖ ଯାଏ କର୍ଲାପାଟ ଯାଇ ହାତୀ ମୃତ୍ୟୁର କାରଣ ଖୋଜିବ। ଏ ନେଇ ବୁଧବାର ପିସିସିଏଫ୍ ଶଶୀ ପଲ୍ ସୂଚନା ଦେଇଛନ୍ତି। ଡ୍ରୋନ୍ ଓ ଟ୍ରାପ କ୍ୟାମେରା ଦ୍ୱାରା ଅନ୍ୟ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଉଛି। ଏଥିପାଇଁ ଦୁଇ ପ୍ରକାର ଡ୍ରୋନ୍ ବ୍ୟବହାର କରାଯାଉଛି। ଗୋଟିକରେ ଥର୍ମାଲ ସେନ୍ସର ଲାଗିଛି, ଯାହା ରାତିର ଗତିବିଧି ନିରୀକ୍ଷଣ କରିବା ସହିତ ତାପମାତ୍ରା ବିଷୟରେ ସୂଚନା ଦେବ। ଅନ୍ୟଟି ହାତୀର ଚଳପ୍ରଚଳ ଉପରେ ନଜର ରଖିବ। ସାହାଣ ରୋଗ ବା ହେମୋରେଜ ସେପ୍ଟିସେମିଆରେ ହାତୀଙ୍କ ମୃତ୍ୟୁ ଘଟିଥିବା ରାଜ୍ୟରେ ପ୍ରଥମ ଘଟଣା। ଏହି ରୋଗ ସାଧାରଣତଃ ଗୋରୁଙ୍କୁ ହୋଇଥାଏ। ତେଣୁ ନିକଟରେ ଥିବା ଜନବସତିର ସମସ୍ତ ଗୋରୁଙ୍କୁ ଟିକା ଦିଆଯାଉଛି। ହାତୀ ବ୍ୟବହାର କରୁଥିବା ଜଳାଶୟକୁ ମଧ୍ୟ ବିଶୋଧନ କରାଯାଉଛି ବୋଲି ପିସିସିଏଫ୍ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ କର୍ଲାପାଟ ନିକଟ ତେନ୍ତୁଳିପଦରଠାରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଏହାପରେ ଲଗାତର ସେଠାରେ ହାତୀ ମୃତ୍ୟୁ ଦେଖିବାକୁ ମିଳୁଛି। ୧୪ ଦିନରେ ୬ ହାତୀର ମୃତ୍ୟୁ ହୋଇଯିବା ପରେ ବନ ବିଭାଗର ଚିନ୍ତା ବଢ଼ିଛି। କର୍ଲାପାଟ ହାତୀ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ଥିତିର ସମୀକ୍ଷା କରିଥିଲେ। ରାଜ୍ୟ ତଥା ଦେଶର ବିଶେଷଜ୍ଞଙ୍କ ପରାମର୍ଶ ନେଇ ହାତୀ ମୃତ୍ୟୁ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆଇଏଲ୍‌ଏସ୍‌ରେ ମେରାଇନ୍ ବାୟୋଟେକ୍ନୋଲୋଜି କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

## କେନ୍ଦ୍ର ବିଜ୍ଞାନ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି



ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍)ରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ ମେରାଇନ୍ ବାୟୋଟେକ୍ନୋଲୋଜି ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶାରେ ସମୁଦ୍ରକୂଳ ତଥା ପ୍ରାକୃତିକ ପରିବେଶ ସୁରକ୍ଷାର ସନ୍ତୁଳନକୁ ଦୃଷ୍ଟିରେ ରଖି ଗବେଷଣା ନିମନ୍ତେ ଏହି କେନ୍ଦ୍ର ପ୍ରତିଷ୍ଠା ଦିଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ସେ ତାଙ୍କୁ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ରହିଥିବା ସୁଦୀର୍ଘ ସୁନ୍ଦର ବେଳାଭୂମି ଶତାବ୍ଦୀ ଶତାବ୍ଦୀ ଧରି ରାଜ୍ୟର ଏକ ହଲ୍‌ମାର୍କ ଭାବେ ପରିଗଣିତ ହୋଇଛି। ମାଛଚାଷ, ପର୍ଯ୍ୟଟନ, ବାଣିଜ୍ୟ ଓ ଲଜିଷ୍ଟିକ୍ ତଥା ଆନୁଷଙ୍ଗିକ କ୍ଷେତ୍ରରେ ନିୟୋଜିତ ବିଭିନ୍ନ ବର୍ଗର ଲକ୍ଷାଧିକ ଲୋକଙ୍କୁ ଏହି ବେଳାଭୂମି ରୋଜଗାର ଦେଉଛି। ସେହିପରି ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ ଏବଂ ଭିତରକନିକା ଜାତୀୟ ଉଦ୍ୟାନ ଓଡ଼ିଶାର ପର୍ଯ୍ୟଟନ ତଥା ସଂଯୁକ୍ତ କ୍ଷେତ୍ର ପାଇଁ ଏକ ମେରୁଦଣ୍ଡ ଭାବରେ ଠିଆ ହୋଇଛି। ପାରାଦୀପ ବନ୍ଦର, ଆଇଓସିଏଲ୍ ତୈଳ ବିଶୋଧନାଗାର, ସ୍ମାର୍ଟ୍ ବନ୍ଦର ସହର ପାରାଦୀପ ପ୍ରଗତିର ଅନ୍ୟତମ ଆଧାର ହୋଇଛି। ଯେତେବେଳେ ଆମେ ସାମୁଦ୍ରିକ ବାୟୋ-ଟେକ୍ନୋଲୋଜି ଜରିଆରେ ନୋଭେଲ୍ ଆପ୍ରୋଚେସକୁ ବିକଶିତ କରୁଛେ, ସେହି ସମୟରେ ଏହି ଉତ୍କୃଷ୍ଟ ସାମୁଦ୍ରିକ ପରିସଂସ୍ଥାନ ଯଥା ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡା ଦେବା ସ୍ଥାନ ଓ ଉପକୂଳ ଅଞ୍ଚଳରେ ଥିବା ଗଛ ବିଶେଷକରି ଲୁଣି ହେନ୍ତାଳବନର ସଂରକ୍ଷଣ ପାଇଁ ପୁଞ୍ଜିନିବେଶ କରାଯିବା ଏକାନ୍ତ ଆବଶ୍ୟକ। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଆଇଏଲ୍‌ଏସ୍‌ରେ ବିଭିନ୍ନ ଗବେଷଣା ମାଧ୍ୟମରେ ଆଞ୍ଚଳିକ ଜୈବ ସମ୍ବଳର ପରିଚାଳନା, ଇକୋ ସଂରକ୍ଷଣ ଉଦ୍ୟମ ଏବଂ ସାମୁଦ୍ରିକ ଉତ୍ସର ଠିକ୍ ବ୍ୟବହାର ସପକ୍ଷରେ ଏକାଧିକ ପ୍ରକାଶନୀ ପ୍ରମାଣିତ କରିଛି। ତେଣୁ ଓଡ଼ିଶାର ଉତ୍କୃଷ୍ଟ ସାମୁଦ୍ରିକ ପରିସଂସ୍ଥାନର ସନ୍ତୁଳନ ଓ ଏହାର ନୀଳ ଅର୍ଥନୀତିର ଅଭିବୃଦ୍ଧି ପରିପ୍ରେକ୍ଷୀରେ ଏହିସବୁ କ୍ଷେତ୍ରଗୁଡ଼ିକରେ ବୈଜ୍ଞାନିକ ଗବେଷଣା ଉପରେ ଅଧିକ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୦୨,୧୧,୩୩୦ | ୨୪,୩୪,୦୨୧ | ୮,୫୦,୬୩,୫୦୧ |
| ଭାରତ | ୧,୦୯,୪୯,୩୦୧ | ୧,୫୬,୦୩୩ | ୧,୦୬,୫୪,୧୪୬ |
| ଓଡ଼ିଶା | ୩,୩୬,୩୯୭ | ୧୯୧୨(+୫୩) | ୩,୩୩,୭୮୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଡାକ୍ତରଙ୍କ ଆକାଉଣ୍ଟରୁ ୭୭ ଲକ୍ଷ ଟଙ୍କା ଲୁଟ୍

**ସିମ୍ ଆକ୍ଟିଭ ବାହାନାରେ ନେଇଗଲେ ସାଇବର ଠକ**

**କଟକ ଅଫିସ, ୧୭।୨:** ମୋବାଇଲ ସିମ୍ ଆକ୍ଟିଭ ବାହାନାରେ ଜଣେ ଡାକ୍ତରଙ୍କ ଆକାଉଣ୍ଟରୁ ସାଇବର ଠକ ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସାଇବର ଠକଙ୍କ ଶିକାର ହୋଇଥିବା ଏହି ଡାକ୍ତର ଜଣକ ହେଲେ କଟକ ସିଡିଏ ସେକ୍ଟର-୭ ଅଞ୍ଚଳର ସନାତନ ମହାନ୍ତି। ଏ ନେଇ ଡାକ୍ତର ମହାନ୍ତି ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଡାକ୍ତର ମହାନ୍ତିଙ୍କ ନମ୍ବରକୁ ପ୍ରଥମେ ଏକ ଫୋନ କଲ୍ ଆସିଥିଲା। ସାଇବର ଠକ ଡାକ୍ତରଙ୍କୁ ତାଙ୍କ ମୋବାଇଲ ଫୋନ୍ ନମ୍ବର ଆକ୍ଟିଭ କରିବାକୁ କହିଥିଲେ। ନମ୍ବର ଆକ୍ଟିଭ ନ କଲେ ଫୋନ ସହ ଆଟାଚ୍ ଥିବା ବ୍ୟାଙ୍କ ନମ୍ବର ଇନ୍ଆକ୍ଟିଭ ହୋଇଯିବ ବୋଲି କହିଥିଲେ। ସାଇବର ଠକ ବିଶ୍ୱାସ ଜନ୍ମାଇ ଡାକ୍ତର ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ସିଭିଭି ନମ୍ବର ନେଇଯାଇଥିଲେ। ଏହାପରେ କୌଶଳ କରି ଡାକ୍ତରଙ୍କ ମୋବାଇଲକୁ ଆସିଥିବା ଓଟିପି ନମ୍ବର ମଧ୍ୟ ମାଗିନେଇଥିଲେ। ସବୁ ଡାଟା ନେବା ପରେ ସାଇବର ଠକ ଡାକ୍ତରଙ୍କ ଆକାଉଣ୍ଟ ସମେତ ଫିକ୍ସ ଡିପୋଜିଟ ଆକାଉଣ୍ଟରୁ ମୋଟ ୭୭ ଲକ୍ଷ ୮୬ ହଜାର ୭୨୭ ଟଙ୍କା ଲୁଟି ନେଇଥିଲେ। ଗତ ଫେବୃୟାରୀ ୯ରୁ ୧୫ ତାରିଖ ମଧ୍ୟରେ ଏହି ଟଙ୍କା ଲୁଟି ନିଆଯାଇଥିବା ସାଇବର ଥାନାରେ ଡାକ୍ତର ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଛାନ୍‌ଭିନ୍ ଚାଲିଥିବା ପୋଲିସ କହିଛି।

### ସ୍କୁଲ୍ ହତାରେ ଭାଲୁ

**ମାଲକାନଗିରି, ୧୭।୨ (ଡି.ଏନ୍.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ଅଞ୍ଚଳରେ ଭାଲୁ ଆତଙ୍କ ଦେଖାଦେଇଛି। କିଛି ଦିନ ହେବ ଏକ ଭାଲୁ ଜନବସତି ମୁହାଁ ହୋଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ଭାଲୁ ନିଜର ଉପସ୍ଥିତି ଜାହିର କରିବା ପରେ ଭୟର ବାତାବରଣ ଖେଳିଯାଇଛି। ବିଦ୍ୟାଳୟର ଗେଟ୍ ଡେଇଁ ଭାଲୁ ଭିତରେ ପ୍ରବେଶ କରିଛି। ଗତ ଦୁଇଦିନ ତଳେ ସନ୍ଧ୍ୟା ୭ଟାରେ କମାରଗୁଡା ନିକଟରେ ମଧ ଏକ ଭାଲୁ ରାସ୍ତା ଦେଇ ଯାଉଥିବା ଦେଖିବାକୁ ମିଳିଥିଲା। ଏଦିଗରେ ବନ ବିଭାଗ ପଦକ୍ଷେପ ନ ନେଲେ ଧନ ଜୀବନ ହାନି ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଭାଲୁକୁ କାବୁ କରିବା ପାଇଁ ଯୋଜନା କରାଯାଉଥିବା ସ୍ଥାନୀୟ ବନାଞ୍ଚଳ ଅଧିକାରୀ ପର୍ଶୁରାମ ଭମିଆ କହିଛନ୍ତି।

### ଦିଅର, ଭାଉଜଙ୍କ ଆତ୍ମହତ୍ୟା


**ତରବୋଡ/ନୂଆପଡ଼ା ଅଫିସ, ୧୭।୨: (ଡି.ଏନ୍.ଏ.):** ନୂଆପଡ଼ା ଜିଲା କୋମନା ଥାନା କାଶିପଲା ଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବେକରେ ରଶି ଲଗାଇ ସମ୍ପର୍କୀୟ ଭାଇ (ଦିଅର) ଓ ଭାଉଜ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ଦିଅର ଦିବାକର ଶବର (୨୦) ଓ ଭାଉଜ ସୁଷମା ଶବର (୩୦)। ମଙ୍ଗଳବାର ବିଳମ୍ବିତ ରାତିରେ ଘର ଛାତ ଉପରେ ଲାଗିଥିବା ରଡ଼ରେ ଦିବାକର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଛାତ ଉପରେ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖି ଗାଁ ଲୋକଙ୍କୁ ଜଣାଇଥିବା ବେଳେ ବୁଧବାର ସକାଳେ ସୁଷମା ବେକରେ ଶାଢି ଦେଇ ଆତ୍ମହତ୍ୟା କରିଛନ୍ତି। ତରବୋଡ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ସୁଷମାଙ୍କ ସ୍ୱାମୀ ଚନ୍ଦ୍ରଧ୍ୱଜ ଶବର ମୁମ୍ବାଇର ଏକ କମ୍ପାନୀରେ କାମ କରିବାକୁ ଯାଇଛନ୍ତି। ସମ୍ପର୍କୀୟ ବଡଭାଇ ଘରେ ନ ଥିବା ସୁଯୋଗ ନେଇ ଦିବାକର ଭାଉଜ ପ୍ରେମରେ ପଡିଥିଲେ। ମଙ୍ଗଳବାର ଭାଉଜଙ୍କୁ ପ୍ରେମ ନିବେଦନ କରିଥିଲେ ଦିଅର। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତିରେ ଦିବାକର ଶୋଇବାକୁ ଯାଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ସକାଳେ ଭାଉଜ ଶାଢିଦେଇ ଆତ୍ମହତ୍ୟା କରିଛନ୍ତି। ସୁଷମାଙ୍କ ଦୁଇ ପୁଅ ରାଜ ଶବର (୪) ଓ ଲକି ଶବର (୩) ଅଛନ୍ତି।

# ଅପରାଜିତା ବୋକା ବନାଇବାକୁ ଚେଷ୍ଟା ନ କରନ୍ତୁ: ମାନସ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ଏକାମ୍ର କ୍ଷେତ୍ର ପାଇଁ ପ୍ରସ୍ତାବିତ ବାଇ-ଲ’ ପ୍ରତ୍ୟାହାର ସପକ୍ଷରେ ଭାଜପାର କେତେଜଣ ବରିଷ୍ଠ ନେତା ମତ ଦେଇ ଆସୁଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଆସୁଛନ୍ତି। ଅପରପକ୍ଷରେ ଅପରାଜିତାଙ୍କ ଏଭଳି ଅଭିଯୋଗକୁ ବିଜେଡି ଜବାବ୍ ଦେଇଛି। ଅପରାଜିତା ପ୍ରଥମେ ଆନ୍‌ସିଏଣ୍ଟ ମନୁମେଣ୍ଟସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ ଆକ୍ଟ, ୧୯୫୮(ଏଏମ୍ଏସ୍ଏଆର୍)କୁ ଭଲ ଭାବେ ପଢ଼ି ତା’ପରେ ମନ୍ତବ୍ୟ ଦିଅନ୍ତୁ। ରାଜ୍ୟବାସୀଙ୍କୁ ସେ ବୋକା ନ ବନାନ୍ତୁ ବୋଲି ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ କହିଛନ୍ତି।

ଏକ ଭିଡିଓ ବାର୍ତ୍ତା ଏବଂ ଟୁଇଟ୍ ଜରିଆରେ ଅପରାଜିତାଙ୍କୁ ଟାର୍ଗେଟ କରି ମାନସ କହିଛନ୍ତି, ସେ ଜଣେ ଆଇଏଏସ୍ ଅଫିସର ନୁହନ୍ତି କି ଅପରାଜିତାଙ୍କ ଭଳି ସେ କୌଣସି ଗବେଷଣା କରି ନାହାନ୍ତି।


Tweet
Manas Mangaraj
@ManasMangaraj6
@AprajitaSarangi Ji, its better you read AMSAR Act & answer my question, "Who is the competent authority for drafting heritage By-laws as per Section-20 E of AMSAR Act which will affect the Ekamrakshetra"? Don't try to fool the people of Odisha by resorting to falsehood.
BIJU JANATA DAL
18:51 · 17 Feb 21 · Twitter for Android

ମାନସ ମଙ୍ଗରାଜ କରିଥିବା ଟୁଇଟ୍।

କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ କୋଲକାତାଠାରେ ଥିବା ଭାରତୀୟ ପ୍ରତ୍ନତତ୍ୱ ସର୍ଭେ(ଏଏସ୍ଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ହେଉଛନ୍ତି ଏଏମ୍ଏସ୍ଏଆର୍ ଆକ୍ଟର ସେକ୍ସନ -୨୦ ଅନୁଯାୟୀ ଐତିହ୍ୟ ବାଇ-ଲ’ ଚିଠା ପ୍ରସ୍ତୁତିର କ୍ଷମତାପ୍ରାପ୍ତ ଅଧିକାରୀ। ଏହି ଆଇନକୁ ଯେ କୌଣସି ବ୍ୟକ୍ତି ୫ ମିନିଟ୍‌ରେ ପଢ଼ି ମଧ୍ୟ ଜାଣିପାରିବ। ତାଙ୍କ ବକ୍ତବ୍ୟକୁ ଅପରାଜିତା ଯେଭଳି ଭୁଲ୍ ଦର୍ଶାଇଛନ୍ତି ତାହା ତାଙ୍କୁ ବ୍ୟଥିତ କରିଛି ବୋଲି ମାନସ କହିଛନ୍ତି। ସେ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଇଥିଲେ, କୋଲକାତାଠାରେ ଥିବା ଏଏସ୍ଆଇର ଆଞ୍ଚଳିକ ନିର୍ଦ୍ଦେଶକ ହେଉଛନ୍ତି ଚିଠା ଐତିହ୍ୟ ବାଇ-ଲ’ ପ୍ରସ୍ତୁତିର କ୍ଷମତାପ୍ରାପ୍ତ ଅଧିକାରୀ ଯାହାକି ବର୍ତ୍ତମାନର ପ୍ରଶ୍ନବାଚୀ। ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଚିଠା ଐତିହ୍ୟ ବାଇ-ଲ’ ପ୍ରସ୍ତୁତିର କ୍ଷମତାପ୍ରାପ୍ତ ଅଧିକାରୀ ନୁହନ୍ତି। କୋଲକାତାଠାରେ ଥିବା ଏଏସ୍ଆଇର ଆଞ୍ଚଳିକ ନିର୍ଦ୍ଦେଶକ ଓଡ଼ିଶାର ମନ୍ଦିରଗୁଡିକ ଲାଗି ଐତିହ୍ୟ ବାଇ-ଲ’ ପ୍ରସ୍ତାବ ପଠାଇଛନ୍ତି। ଯେହେତୁ ଅପରାଜିତା ଓଡ଼ିଶାର ସଂସ୍କୃତି ବିଷୟରେ ଅବଗତ ନୁହନ୍ତି, ତେଣୁ ଧାର୍ମିକ ଭାବନା ସହ ଜଡ଼ିତ ବିଗ୍ରହ, ସେବାୟତ ଏବଂ ଭକ୍ତଙ୍କର ଯେଉଁ ସମ୍ପର୍କ ରହିଛି ତାହା ବୁଝିବା ତାଙ୍କ ପକ୍ଷେ କଷ୍ଟକର ବୋଲି ମାନସ କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବୋଧହୁଏ ଭଲଭାବେ ଏହି ସ୍ପର୍ଶକାତର ପ୍ରସଙ୍ଗକୁ ବୁଝିପାରିଛନ୍ତି। ଅପରାଜିତା ଦୀର୍ଘଦିନ ଧରି ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଯାହା ଜଣାପଡୁଛି ସେ ଏଏମ୍ଏସ୍ଏଆର୍ ଆକ୍ଟକୁ ଠିକଣା ଭାବେ ପଢ଼ିନାହାନ୍ତି କିମ୍ବା ଜାଣିଶୁଣି ମନଗଢ଼ା କଥା କହୁଛନ୍ତି। ତେଣୁ ସବୁଠାରୁ ଭଲ ହେବ ଅପରାଜିତା ପ୍ରଥମେ ଆଇନକୁ ପଢ଼ି ଏସବୁ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଏଏମ୍ଏସ୍ଏଆର୍ ଆକ୍ଟର ସେକ୍ସନ -୨୦ ଅନୁଯାୟୀ ଐତିହ୍ୟ ବାଇ-ଲ’, ଯାହାକି ଏକାମ୍ର କ୍ଷେତ୍ରକୁ ପ୍ରଭାବିତ କରୁଛି ତାହାକୁ ତିଆରି କରିବା ପାଇଁ କିଏ କ୍ଷମତାପ୍ରାପ୍ତ ଅଧିକାରୀ ତାହା ଅପରାଜିତା ସ୍ପଷ୍ଟ କରନ୍ତୁ ବୋଲି ମାନସ ପ୍ରଶ୍ନ କରିଛନ୍ତି। ମିଥ୍ୟା ତଥ୍ୟ ଉପସ୍ଥାପନ ଦ୍ୱାରା ଓଡ଼ିଶା ଲୋକଙ୍କୁ ଅପରାଜିତା ବୋକା ବନାଇବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି ମାନସ କହିଛନ୍ତି।

# ଜେଫ୍ ବେଜୋସ୍ ବିଶ୍ୱର ସବୁଠୁ ଧନୀ



**ନୂଆଦିଲ୍ଲୀ, ୧୭।୨:** ଆମାଜନ ପ୍ରତିଷ୍ଠାତା ଏବଂ ସିଇଓ ଜେଫ୍ ବେଜୋସ୍ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ସ୍ଥାନକୁ ପୁଣି ଥରେ ଫେରିଛନ୍ତି। ଗତ ପ୍ରାୟ ୬ ସପ୍ତାହ ତଳେ ଟେସ୍‌ଲାର ସିଇଓ ଏଲନ ମସ୍କ ଏହି ସ୍ଥାନରେ ରହିଥିଲେ। ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସରେ ୧୯୧ ବିଲିୟନ ଡଲାର ସମ୍ପତ୍ତି ସହ ପ୍ରଥମ ସ୍ଥାନରେ ଜେଫ୍ ବେଜୋସ୍ ରହିଛନ୍ତି। ନିକଟରେ ଟେସ୍‌ଲାର ଶେୟାର ଖସିବାରୁ ଏଲନ ମସ୍କଙ୍କ ସମ୍ପତ୍ତି ୪ ବିଲିୟନ ଡଲାର ହ୍ରାସ ହୋଇଛି। ଫଳରେ ସେ ଏହି ତାଲିକାରେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ମଙ୍ଗଳବାର ଟେସ୍‌ଲା ଇଙ୍କ୍‌ର ଶେୟାର ୨.୪% ଖସିଛି। ଉଲ୍ଲେଖଯୋଗ୍ୟ, ଜେଫ୍ ବେଜୋସ୍ ଗତ ୩ ବର୍ଷ ଧରି ବିଶ୍ୱର ଏକ ନମ୍ବର ଧନୀ ସ୍ଥାନରେ ରହିଥିଲେ। ଗତ ମାସରେ ଏଲନ ମସ୍କ ତାଙ୍କୁ ପଛରେ ପକାଇ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ବର୍ତ୍ତମାନ ମସ୍କଙ୍କ ସମ୍ପତ୍ତି ୧୯୦ ବିଲିୟନ ଡଲାର ରହିଛି। ତାଲିକାର ତୃତୀୟ ସ୍ଥାନରେ ୧୩୭ ବିଲିୟନ ଡଲାର ସମ୍ପତ୍ତି ସହ ବିଲ୍ ଗେଟ୍‌ସ ରହିଛନ୍ତି। ଚତୁର୍ଥରେ ବର୍ନାଡ ଆରନଲ୍ଟ(୧୧୬ ବିଲିୟନ ଡଲାର) ଏବଂ ୫ମରେ ଫେସ୍‌ବୁକ୍ ସହ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ(୧୦୪ ବିଲିୟନ ଡଲାର) ରହିଥିବା ଜଣାପଡିଛି।

# ଆଜିଠୁ ହାଲୁକା ବର୍ଷା, ବଜ୍ରପାତ ସତର୍କତା

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ):** ବିଦର୍ଭ ଓ ଆଖପାଖ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୧.୫ କି.ମି. ଯାଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଓଡ଼ିଶାର କିଛି ଜିଲାରେ ୨ରୁ ୩ ଦିନ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୧୮ତାରିଖ ସକାଳ ସାଢ଼େ ୮ଟାରୁ ୧୯ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଯାଜପୁର, କଟକ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ସୋନପୁର, ବଲାଙ୍ଗୀର ଓ ଭଦ୍ରକ ଆଦି ଜିଲାର କେତେକ ସ୍ଥାନରେ ବିଜୁଳି ସହ ଘଡ଼ଘଡ଼ିର ସମ୍ଭାବନା ରହିଛି। ତେଣୁ ଏ ସମସ୍ତ ଜିଲାକୁ ସତର୍କ ସୂଚନା ସହିତ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ୧୯ ତାରିଖ ସକାଳ ସାଢ଼େ ୮ଟାରୁ ୨୦ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି ଏବଂ ଉତ୍ତର ଓଡ଼ିଶା ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ପୂର୍ବ ଆକଳନ ଅନୁଯାୟୀ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ବାକି ଅଞ୍ଚଳରେ ପାଗ ଶୁଖିଲା ରହିଥିଲା। ଟାଙ୍ଗରପାଲି, ଲଇକିରା, କିର୍ମିରା, ବାମରା, ହେମଗିରି, ରାଜଗାଙ୍ଗପୁର, ସୁନ୍ଦରଗଡ଼, କୁଚିଣ୍ଡା ଓ ବାଗାଉଁରେ ବର୍ଷା ହୋଇଥିବା ରେକର୍ଡ ହୋଇଛି।

MAHESWARI NURSING COLLEGE
MNC
Approved by : Health & Family Welfare Deptt. & DMET, Govt. of Odisha
ADMISSION OPEN 2020-21
COURSE
B.SC. NURSING
(Male / Female)
4 Years Course
ELIGIBILITY
+2 Science Passed with PCB from CHSE Odisha / CBSE / ICSE (45% Gen. & 40% SC/ST)
AGE LIMIT
17 Years to 30 Years
ANM (HW/F)
(Female)
2 Years Course
ELIGIBILITY
+2 Passed any Stream (40% Gen. & 35% SC/ST)
AGE LIMIT
17 Years to 30 Years
Address: Infront of Vishal Mega Mart, Bhatli Chowk, Bargarh
Mob- 9437158472, 9937693555, 9438015943
Email-nlcattabira@gmail.com website : www.maheswarigroup.in

# ଥାନାରେ ଥାର୍ଡ ଡିଗ୍ରୀ: ଏସ୍ଆଇ ନିଲମ୍ବିତ

**ରାଉରକେଲା ଅଫିସ, ୧୭।୨**

ଥାନା ଭିତରେ ଜଣେ ନାବାଳକଙ୍କୁ ଥାର୍ଡ଼ ଡିଗ୍ରୀ ଦେବା ଘଟଣା ସୁନ୍ଦରଗଡ଼ ଜିଲା ରାଉରକେଲା ଉଦିତନଗର ପୋଲିସ ଏସ୍ଆଇ ମାନସ ରଞ୍ଜନ ନାୟକଙ୍କୁ ମହଙ୍ଗା ପଡିଛି। ଏହି ଘଟଣାର ତଦନ୍ତ କରି ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଏସ୍ଆଇ ନାୟକଙ୍କୁ ବୁଧବାର ନିଲମ୍ବିତ କରିଛନ୍ତି। ସୂଚନା ଅନୁସାରେ, ୨୦୨୦ ଡିସେମ୍ବର ୨୬ରେ ଉଦିତନଗର ପୋଲିସ ମୋବାଇଲ ଚୋରି ଅଭିଯୋଗରେ ରାଉରକେଲା ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଜଣେ ନାବାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଥିଲା। ତଦନ୍ତ ସମୟରେ ଏସ୍ଆଇ ନାୟକ ଉକ୍ତ ନାବାଳକଙ୍କୁ ବିଦ୍ୟୁତ୍ କରେଣ୍ଟ ସହ ତାଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ଦେଇଥିବା ନେଇ ତାଙ୍କ ଜେଜେମା’ ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଭାଜପା ନେତ୍ରୀ ପ୍ରମିଳା ଦାଶ ଏ ନେଇ ଶିଶୁମଙ୍ଗଳ କମିଟିକୁ ଅବଗତ କରାଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନ ପକ୍ଷରୁ ଘଟଣାର ତଦନ୍ତ ଚାଲିଥିଲା। ଅନ୍ୟପକ୍ଷେ ଏହି ଘଟଣାର ତଦନ୍ତ କରି ଫେବୃଆରୀ ୧୫ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ମାନବାଧିକାର କମିଶନ ରାଉରକେଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖନୀୟ, ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଉକ୍ତ ନାବାଳକ ଟିମ୍ବର କଲୋନୀ ଅଞ୍ଚଳରେ ଥିବା ବୈଷ୍ଣୋଦେବୀ ମନ୍ଦିର ରାସ୍ତାରେ ଗୋଟିଏ ମୋବାଇଲ ପାଇଥିଲେ। ମୋବାଇଲ କିପ୍ୟାଡ୍ ଲକ୍ ଥିବାରୁ ସେ ତାକୁ ଖୋଲିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଦେଇଥିଲେ। ତେବେ ଉକ୍ତ ବ୍ୟକ୍ତି ଜଣକ ମୋବାଇଲକୁ ନାବାଳକଙ୍କ ଠାରୁ ୧୫ ଶହ ଟଙ୍କାରେ କିଣି ନେଇଥିଲେ। ମୋବାଇଲ ଚୋରି ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ନାବାଳକଙ୍କୁ ଅଟକେ ରଖି ମାଡ଼ ମାରିଥିଲା। ନାବାଳକଙ୍କ ନିକଟରୁ କୌଣସି ତଥ୍ୟ ନ ମିଳିବାରୁ ଡିସେମ୍ବର ୨୭ରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

# ଟ୍ରାକ୍ଟର ଓଲଟି ୪ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ

**ବାରିପଦା ଅଫିସ, ୧୭।୨:** ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ମୁରୁଣିଆ ଠାରେ ଏକ ଟ୍ରାକ୍ଟର ଓଲଟି ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ଶୀର୍ଷା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ରାତି ୮ଟାରେ ନୃତ୍ୟଗୀତ ସାରି ଏକ ଟ୍ରାକ୍ଟର ଯୋଗେ ୨୫ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଡମଣସାହିରୁ ବାଗବୁଡ଼ା ଗ୍ରାମକୁ ଫେରୁଥିଲେ। ଭାରସାମ୍ୟ ହରାଇ ଟ୍ରାକ୍ଟରଟି ରାସ୍ତାଠାରୁ ୧୫ଫୁଟ ତଳକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମେଡିକାଲରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ସୂଚନା ମିଳିଛି। ମୃତାହତଙ୍କ ପରିଚୟ ମିଳିପାରି ନାହିଁ।




୪ ଦଫା ଦାବିରେ ଓଡ଼ିଶା କନିଷ୍ଠ ଶିକ୍ଷା ସହାୟକ ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ମନ୍ତ୍ରୀ ସମୀରରଞ୍ଜନ ଦାଶଙ୍କ ସରକାରୀ ବାସଭବନ ଆଗରେ ଧାରଣା।

# ପୋଲ ତଳକୁ ଖସିଲା ବରଯାତ୍ରୀ ଅଟୋ

**୨ ମୃତ, ୭ ଗୁରୁତର**

**ବିଜେପୁର, ୧୭।୨ (ଡି.ଏନ.ଏ)**



ବରଗଡ ଜିଲା ବିଜେପୁର ଥାନା ଅଧୀନ ସରଣ୍ଡାପାଲି ନିକଟ ରାଞ୍ଜି ନଦୀ ବ୍ରିଜ୍ ତଳକୁ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଅଟୋ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭ଜଣ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ବରଗଡ ରୋହିଣୀଆର ଯଦୁ ମିରିଗ (୪୬) ଓ ମେଲଛାମୁଣ୍ଡା ଥାନା ପତ୍ରାପାଲିର ଘନଶ୍ୟାମ ମେହେର (୩୦)। ଖବର ପାଇ ବିଜେପୁର ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ବୁର୍ଲା ଭିମ୍‌ସାରକୁ ପଠାଇବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରାଯାଇଛି। ଅଟୋରେ କେତେ ଜଣ ବରଯାତ୍ରୀ ରହିଥିଲେ ତାର ଠିକ୍ ତଥ୍ୟ ମିଳି ନ ଥିବାରୁ ଏହାର ଅଧିକ ତଦନ୍ତ କରାଯାଉଥିବା ଏଏସ୍ଆଇ ଟଙ୍କଧର ବରିହା କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ଘନଶ୍ୟାମ ମେହେର ନିଜ ମାମୁଁ ଘରର ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ ବରଗଡର ରୋହିଣୀଆକୁ ଯାଇଥିଲେ। ମଙ୍ଗଳବାର ସେ ନିଜ ସମ୍ପର୍କୀୟଙ୍କ ସହିତ ଏକ ଅଟୋ (ନଂ.ଓଡି୧୭ଜି/୫୭୬୩) ଯୋଗେ ବିଜେପୁରକୁ ବରଯାତ୍ରୀ ଆସିଥିଲେ। ବିବାହ ଭୋଜି ଖାଇ ସେମାନେ ବିଳମ୍ବିତ ରାତିରେ ରୋହିଣୀଆକୁ ଫେରୁଥିବା ବେଳେ ଅଟୋଟି ଭାରସାମ୍ୟ ହରାଇ ରାଞ୍ଜି ନଦୀ ବ୍ରିଜ୍‌ରୁ ୨୫ ଫୁଟ୍ ତଳ ନଦୀଶଯ୍ୟାକୁ ଖସିପଡିଥିଲା। ଫଳରେ ଘଟଣାସ୍ଥଳରେ ଘନଶ୍ୟାମ ଓ ଯଦୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଅଟୋ ଚାଳକ ଈଶ୍ୱର ଲହଣ୍ଡିଙ୍କ ସମେତ ୭ଜଣ ଗୁରୁତର ହୋଇଥିଲେ।

# ୭ ବର୍ଷର ଭାଣିଜୀଙ୍କୁ ବଳାତ୍କାର

**ହିନ୍ଦୋଳ, ୧୭।୨ (ଡି.ଏନ.ଏ.)**

- ମୁମୂର୍ଷୁ ଅବସ୍ଥାରେ ପୀଡ଼ିତା ମେଡ଼ିକାଲରେ ଭର୍ତ୍ତି
- ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ନିସ୍ତୁକ ପିଟିଲେ
- ଉଦ୍ଧାର କରି ହେପାଜତକୁ ନେଲା ପୋଲିସ

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ବୁଧବାର ବର୍ବରତା ସୀମା ଟପିଛି। ୭ବର୍ଷର ନାବାଳିକା ଭାଣିଜୀଙ୍କୁ ଅମାନୁଷିକ ଭାବେ ବଳାତ୍କାର କରିଛନ୍ତି ଜଣେ ଦୂର ସମ୍ପର୍କୀୟ ମାମୁ। ମୁମୂର୍ଷୁ ଅବସ୍ଥାରେ ପୀଡ଼ିତାଙ୍କୁ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କୁ ବାନ୍ଧି ନିସ୍ତୁକ ପିଟିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ହେପାଜତକୁ ନେଇଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକ (୨୩)ଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ। ସେ ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ମାମୁ ହେବେ। ସେ ନାବାଳିକାଙ୍କ ଘରକୁ ବୁଲିବାକୁ ଆସିଥିଲେ। ବୁଧବାର ଦିନ ପ୍ରାୟ ୧୨ଟାରେ ଯୁବକ ଜଣକ ଶୌଚ ହେବାକୁ ଯାଇଥିଲେ ଏବଂ ଭାଣିଜୀଙ୍କୁ ପାଣି ଧରି ଆସିବାକୁ କହିଥିଲେ। ନାବାଳିକା ଜଣକ ପାଣି ନେଇ ଆସିଥିବାବେଳେ ଏକାକୀ ପାଇ ବଳାତ୍କାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଝିଅର ଚିତ୍କାର ଶୁଣି ପରିବାର ସଦସ୍ୟ ଏବଂ ଗ୍ରାମବାସୀ ପହଞ୍ଚିଥିଲେ। ସେତେବେଳକୁ ପୀଡ଼ିତାଙ୍କ ପ୍ରବଳ ରକ୍ତସ୍ରାବ ହେଉଥିଲା। ତାଙ୍କୁ ଉଦ୍ଧାର କରି ପ୍ରଥମେ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ଗ୍ରାମରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା।

ଏ ସଂକ୍ରାନ୍ତରେ ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ କୁହନ୍ତି, ଥାନାରେ ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି।

# ଝଲସିବ କଳିଙ୍ଗ ଷ୍ଟୁଡିଓ

- ୨୦୦ କୋଟି ଟଙ୍କାର ପୁନର୍ବିନ୍ୟାସ ଯୋଜନାକୁ ଅନୁମୋଦନ
- ‘ଷ୍ଟେଟ୍ ଅଫ୍ ଦି ଆର୍ଟ’ ସିନେମା ଷ୍ଟୁଡିଓ ଭାବେ ବିକଶିତ କରାଯିବ

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ନୂଆ ରୂପରେ ଝଲସିବ ଭୁବନେଶ୍ୱରସ୍ଥିତ ଐତିହାସିକ କଳିଙ୍ଗ ଷ୍ଟୁଡିଓ। ଖୁବ୍‌ଶୀଘ୍ର ଏହାର ନବକଳେବର ହେବ। ଏହାକୁ ‘ଷ୍ଟେଟ୍ ଅଫ୍ ଦି ଆର୍ଟ’ ସିନେମା ଷ୍ଟୁଡିଓ ଭାବେ ବିକଶିତ କରାଯିବ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ପ୍ରାୟ ୨୦୦ କୋଟି ଟଙ୍କାର ପ୍ରସ୍ତାବିତ ପୁନର୍ବିନ୍ୟାସ ଯୋଜନାକୁ ଅନୁମୋଦନ ମିଳିଛି। ଓଡ଼ିଆ ସିନେମା ଶିଳ୍ପ କ୍ଷେତ୍ରରେ କଳିଙ୍ଗ ଷ୍ଟୁଡ଼ିଓର ଅବଦାନ ଅନନ୍ୟ। ଭବିଷ୍ୟତ ଅଭିବୃଦ୍ଧିକୁ ନଜରରେ ରଖି ଏହାକୁ ଏକ ନିଯୁକ୍ତି ସୃଷ୍ଟିକାରୀ ପ୍ରତିଯୋଗିତାମୂଳକ ବ୍ୟବସାୟିକ ଷ୍ଟୁଡିଓଭାବେ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାର ବିକାଶରେ ପର୍ଯ୍ୟଟନ ସମ୍ଭାବନା ବଢ଼ିବା ସହ ଆୟ ବୃଦ୍ଧି ହୋଇପାରିବ ବୋଲି ମୁଖ୍ୟ ଶାସନ ସଚିବ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଗତ ରବିବାର ମୁଖ୍ୟ ଶାସନ ସଚିବ କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ପୁନର୍ବିନ୍ୟାସ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରସ୍ତାବିତ ଯୋଜନାରେ ଷ୍ଟୁଡ଼ିଓରେ ମୁଖ୍ୟତଃ ତିନିଟି ଜୋନ୍ ପ୍ରସ୍ତୁତ କରାଯିବ। ଜୋନ୍-୧ରେ ଇନ୍‌ଡୋର ଶୁଟିଂ ଫ୍ଲୋର୍, ଶୁଟିଂ ମୁଖଶାଳା, ଫିଲ୍ମ-ଟେକ୍ ଜୋନ୍, ବ୍ୟବସାୟିକ ସ୍ଥାନ, ଖୋଲା ଅଗଣା ଆଦି ରହିବ। ଜୋନ୍-୨ ରେ ଆଉଟ୍‌ଡୋର ଶୁଟିଂ ସୁବିଧା, ବିଷୟଭିତ୍ତିକ ଶୁଟିଂ ଉଦ୍ୟାନ, ପିଲାଙ୍କ ଜୋନ୍, ଦୁର୍ଗ ଦୃଶ୍ୟ ଏବଂ ଷ୍ଟଣ୍ଟ ପ୍ରଦର୍ଶନ ଲାଗି ସ୍ଥାନ ରଖାଯିବ। ଜୋନ୍-୩ରେ ଫୁଡ୍ ଷ୍ଟଲ, କଳାକାରଙ୍କ ରହିବା ଖାଇବା ସୁବିଧା, ସାମାଜିକ କାର୍ଯ୍ୟକ୍ରମ କେନ୍ଦ୍ର ସୁବିଧା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ରାଜ୍ୟ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଆଲୋଚନାରେ ଭାଗନେଇ ଶିଳ୍ପ ସଚିବ ହେମନ୍ତ ଶର୍ମା କହିଲେ, କଳିଙ୍ଗ ଷ୍ଟୁଡିଓର ଉତ୍ସାହଜନକ ବ୍ୟବସାୟିକ ଏବଂ ଐତିହ୍ୟ ରହିଛି। ଏହାକୁ ଅତ୍ୟାଧୁନିକ କେନ୍ଦ୍ରଭାବେ ବିକଶିତ କରିବା ସମସ୍ତ ସମ୍ଭାବନା ଅଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ପାଣ୍ଠି ବିନିଯୋଗ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି, ରାଜସ୍ୱ ସଂଗ୍ରହ ପନ୍ଥା ଆଦି ଉପରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଲେ, କଟକସ୍ଥିତ ବିଜୁ ପଟ୍ଟନାୟକ ସିନେମା ଓ ଦୂରଦର୍ଶନ ପ୍ରତିଷ୍ଠାନରୁ ଶିକ୍ଷା ଲାଭ କରୁଥିବା ଓଡ଼ିଆ ଯୁବତୀଯୁବକ ‘ସୃଜନକାରୀ ଆମୋଦ-ଶିଳ୍ପ’ରେ ସଫଳତା ହାସଲ କରିଛନ୍ତି। କୁଶଳୀ ମାନବସମ୍ବଳ ବିକାଶରେ ଏହି ଷ୍ଟୁଡିଓ ସହାୟକ ହେବ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧ୍ୟକ୍ଷ କୁନା ତ୍ରିପାଠୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଓଏଫ୍‌ଡିସି ଅଧ୍ୟକ୍ଷ।

**ଆଜିର ମନ୍ତବ୍ୟ**

"ପଞ୍ଜାବ ପୌର ନିର୍ବାଚନରେ ଭାଜପା ମୂଳପୋଛ ହେବା ପରେ ମଧ୍ୟ କୃଷି ଆଇନ ଲୋକପ୍ରିୟ ବୋଲି ମୋଦି ସରକାର ଭାବୁଛନ୍ତି କି?
-ପି. ଚିଦାମ୍ବରମ, ବରିଷ୍ଠ କଂଗ୍ରେସ ନେତା"


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶାଶ୍ୱତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଶୀ ପାଇବେ ...

ଇତିହାସରେ ଫାଶୀ ପାଇବାରେ ସେ ହେବେ ପ୍ରଥମ ମହିଳା। ୧୯୪୭ ମସିହାଠାରୁ କୌଣସି ମହିଳାଙ୍କୁ ଦେଶରେ ଫାଶୀଦଣ୍ଡ ମିଳିନାହିଁ।

ଶବନମ୍ ସୁଫି ହୋଇଥିବାବେଳେ ସେ ମୁସଲିମ୍ ଧର୍ମର ଭିନ୍ନ ସମ୍ପ୍ରଦାୟର ସଲିମଙ୍କୁ ପ୍ରେମ କରୁଥିଲେ। ଉଭୟେ ବିବାହ ମଧ୍ୟ କରିବାକୁ ଚାହୁଁଥିଲେ। କିନ୍ତୁ ଏଥିପାଇଁ ଶବନମଙ୍କ ପରିବାର ଲୋକେ ରାଜି ହୋଇ ନ ଥିଲେ। ୨୦୦୮ ଏପ୍ରିଲ ୧୪ ତାରିଖ ରାତିରେ ଶବନମ୍ ତାଙ୍କ ମାତା, ପିତା, ଦୁଇ ଭାଇ, ଭାଉଜ, ଜଣେ ଶିଶୁଙ୍କ ସମେତ ପରିବାରର ୭ ସଦସ୍ୟଙ୍କ ଖାଦ୍ୟରେ ନିଦ ବଟିକା ମିଶାଇ ସେମାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ହତ୍ୟାକାଣ୍ଡରେ ପ୍ରେମିକ ସଲିମ ମଧ୍ୟ ସାମିଲ ଥିଲେ। ଘଟଣାର ୫ ଦିନ ପରେ ତାଙ୍କୁ ପୋଲିସ ଗିରଫ କରିଥିଲା। ସ୍ଥାନୀୟ କୋର୍ଟ ୨୦୧୦ରେ ମାମଲାର ଶୁଣାଣି କରି ଉଭୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଉଭୟେ ତଳ କୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୧୫ରେ ସର୍ବୋଚ୍ଚ ଅଦାଲତ ତଳକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏହା ପରେ ଉଭୟେ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ।

# ଆଜିଠାରୁ ବିଧାନସଭା...

ସରକାର ଆସନ୍ତା ବଜେଟର ଆକାରକୁ ଗତ ବଜେଟ ତୁଳନାରେ ପ୍ରାୟ ୧୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଆସନ୍ତା ୨୨ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହାକୁ ଉପସ୍ଥାପନ କରିବେ। ୨୦୨୦-୨୧ ପାଇଁ ରାଜ୍ୟ ସରକାର ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ସେହିପରି ୧୧ ହଜାର ୨୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ପ୍ରସ୍ତୁତ କରିଥିଲେ।

ଫେବୃୟାରୀ ୨୫ରୁ ୨୭ ଯାଏ ବଜେଟ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧ରୁ ୧୧ ତାରିଖ ଯାଏ ଅଧିବେଶନ ବିରତ ରହିବ। ମାର୍ଚ୍ଚ ୧୨ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଧାନସଭାରେ ସମସ୍ତ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ କରାଯିବ। ମାର୍ଚ୍ଚ ୧୫ରୁ ୨୭ ଯାଏ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ। ଏହି ଅଧିବେଶନରେ ମୋଟ ୩୧ଟି କାର୍ଯ୍ୟ ଦିବସ ରହିଛି। ଚଳିତ ଅଧିବେଶନ କୋଭିଡ୍ କଟକଣା ମଧ୍ୟରେ ହେବ । ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୬ଟା ଯାଏ ଚାଲିବ। ପ୍ରଶ୍ନକାଳ, ମୁଲତବୀ ଆଲୋଚନା ହେବାକୁ ଥିବାରୁ ବଜେଟ ଅଧିବେଶନ ବେଶ୍ ସରଗରମ ହେବ । କୋଟିଆ ନିର୍ବାଚନ ପ୍ରସଙ୍ଗ ସମେତ ଆଇନଶୃଙ୍ଖଳା, ଧାନର ଅଭାବୀ ବିକ୍ରି, ନୟାଗଡ଼ ପରୀ ମାମଲା ଭଳି ଅନେକ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି ।

# ଆଜି ରେଳ ରୋକିବେ ...

ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନର ନେତୃତ୍ୱ ନେଉଥିବା ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଫେବୃୟାରୀ ୧୮ରେ ୪ ଘଣ୍ଟିଆ ରେଳରୋକୋ କରିବା ପାଇଁ ଗତ ସପ୍ତାହରେ ଘୋଷଣା କରାଯାଇଥିଲା। ରେଲୱେ ପ୍ରୋଟେକ୍ସନ ଫୋର୍ସ ମହାନିର୍ଦ୍ଦେଶକ ଅରୁଣ କୁମାର ଏନେଇ ଶାନ୍ତି ବଜାୟ ରଖିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜିଲା ପ୍ରଶାସନ ସହ ବିଚାରବିମର୍ଶ କରି ଏକ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ। ସବୁଠି ଗୋଇନ୍ଦା ତଥ୍ୟ ସଂଗ୍ରହ କରାଯିବ। ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ଅନ୍ୟ କେତେକ ଅଞ୍ଚଳ ଉପରେ ଅଧିକ ଫୋକସ୍ ରହିବ। ଏହି ୪ ରାଜ୍ୟରେ ଆର୍‌ପିଏସ୍‌ଏଫ୍‌ର ୨୦ କମ୍ପାନୀ (ପ୍ରାୟ ୨୦,୦୦୦ ଯବାନ) ମୁତୟନ ହେବେ। ଯାତ୍ରୀମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ।

ଅନ୍ୟପକ୍ଷେ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ନେତା ଗୁର୍‌ନାମ ସିଂ ଚଦୁନି କହିଛନ୍ତି, କୃଷକ ସଙ୍ଗଠନଗୁଡ଼ିକ ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗରେ ବୈଠକ କରିବେ। ଚାଷୀଙ୍କ ଜୀବିକା ଛଡ଼ାଇନେଉଥିବା ଲୋକଙ୍କୁ ଭୋଟ ନ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରାଯିବ।

## ପ୍ରଥମ ପୃଷ୍ଠାରୁ...

# ସମଲେଇ ମନ୍ଦିର ...

ଆରମ୍ଭ କରିବାକୁ ଯାଉଛନ୍ତି। ୨୦୨୧-୨୨ ଆର୍ଥିକବର୍ଷରେ ଏହି ଯୋଜନାରେ ୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସମଲେଶ୍ୱରୀଙ୍କ ପୀଠ ତଥା ଆଖପାଖର ୧୦୮ ଏକର ଜମିର ବିକାଶ କରାଯିବ। ଏହି ଯୋଜନାରେ ମା'ଙ୍କ ମନ୍ଦିର ସୌନ୍ଦର୍ଯ୍ୟକରଣ, ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ତଥା ପର୍ଯ୍ୟଟକ ଓ ଭକ୍ତମାନଙ୍କ ପାଇଁ ଏକ ଅନନ୍ୟ ଅନୁଭୂତି ହେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ।

୧୨ଏକର ଜମି ପରିମିତ ଅଞ୍ଚଳରେ ଥିବା ମା'ଙ୍କ ମନ୍ଦିର ସୁରକ୍ଷା ଓ ବିକାଶ ଦିଗରେ ପଦକ୍ଷେପ ନିଆଯିବ। ଏଠାକୁ ଆସୁଥିବା ଭକ୍ତମାନେ ଯେଭଳି ସୁବିଧାରେ ମା'ଙ୍କର ଦର୍ଶନ କରିପାରିବେ ସେଥିପାଇଁ ଧାଡ଼ି ବ୍ୟବସ୍ଥା ପ୍ରଚଳନ କରାଯିବ। ବିଭିନ୍ନ ଧାର୍ମିକ ଅନୁଷ୍ଠାନ ପାଇଁ ସ୍ଥାନ ସହିତ ଭୋଗମଣ୍ଡପ ଓ ପୂଜାରୀଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ କରାଯିବ। ମନ୍ଦିର ଚାରି ଦିଗରେ ୪ଟି ସୁଦୃଶ୍ୟ ଐତିହ୍ୟ ଦ୍ୱାର ନିର୍ମାଣ କରାଯିବ। ଭକ୍ତମାନେ ପୂର୍ବ ଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିବେ। ଅନ୍ୟ ୩ଟି ଦ୍ୱାର ଦେଇ ବାହାରକୁ ବାହାରିବେ। ମନ୍ଦିର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ମନ୍ଦିର କାର୍ଯ୍ୟାଳୟ ଇଣ୍ଟରପ୍ରିଟେଶନ ସେଣ୍ଟର ଏବଂ ଜନସାଧାରଣଙ୍କ ପାଇଁ ଜରୁରୀ ସୁବିଧାର ବିକାଶ କରାଯିବ। ମନ୍ଦିର ନିକଟରେ ଅବସ୍ଥିତ ଗୋପାଳଜୀ ମଠର ସଂରକ୍ଷଣ କରାଯିବ। ଏହାର ବିକାଶକୁ ମୂଳ ଯୋଜନା ସହ ସମନ୍ୱିତ କରାଯିବ। ମନ୍ଦିର ଚାରିପଟେ ଐତିହ୍ୟ କରିଡର ନିର୍ମାଣ କରାଯିବ। ଭକ୍ତମାନେ ଯେପରି ପରିକ୍ରମା କରିପାରିବେ ସେଥିପାଇଁ ୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପାଦଚଲା ରାସ୍ତା ନିର୍ମାଣ କରାଯିବ। ସମ୍ବଲପୁରର ଜଳବାୟୁକୁ ଦୃଷ୍ଟିରେ ରଖି ପରିକ୍ରମା ପଥରେ ଛାୟାପ୍ରଦ ବୃକ୍ଷ ଆଦି ରୋପଣ କରାଯିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ସେଠାରେ ପର୍ଯ୍ୟାପ୍ତ ବିକାଶ କରାଯିବ। ଏଥିସହିତ ପାର୍କିଂ ପାଇଁ ଜାଗା, ସ୍ୱତନ୍ତ୍ର ଭେଣ୍ଡିଂଜୋନ୍, ଶୌଚାଳୟ, ସୂଚନା କେନ୍ଦ୍ର, ଦାନ କେନ୍ଦ୍ର ଇତ୍ୟାଦି ବ୍ୟବସ୍ଥା କରାଯିବ। ସେହିପରି ସେବାୟତ ପରିବାର ପାଇଁ ବାସଗୃହ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିରେ ସମସ୍ତ ପ୍ରକାର ମୌଳିକ ସୁବିଧାର ବିକାଶ କରାଯିବ। ମନ୍ଦିର-ମହାନଦୀ ସଂଯୋଗ ରାସ୍ତା ନିର୍ମାଣ କରାଯିବ। ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ମନ୍ଦିରରୁ ମହାନଦୀ ଘାଟକୁ ଯେପରି ସୁବିଧାରେ ଯାଇପାରିବେ, ସେଥିପାଇଁ ୩୦ ମିଟର ଉଚ୍ଚତା ବିଶିଷ୍ଟ ପାଦଚଲା ରାସ୍ତାର ମଧ୍ୟ ବିକାଶ କରାଯିବ। ଯେଉଁଠାରୁ କି ଉଭୟ ମହାନଦୀ ଓ ମା'ଙ୍କ ମନ୍ଦିର ସ୍ପଷ୍ଟ ଭାବେ ଦୃଶ୍ୟମାନ ହେବ। ସେଠାରେ ପ୍ରତିଦିନ ମହାନଦୀ ଆଳତି ଭକ୍ତମାନଙ୍କୁ ଏକ ଅନନ୍ୟ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିବ।

ବର୍ତ୍ତମାନର ରିଂରୋଡ୍‌କୁ ଆହୁରି ଚଉଡ଼ା କରାଯିବ। ସେଥିରେ ସ୍ୱତନ୍ତ୍ର ଭାବରେ ନଦୀ କୂଳେ କୂଳେ ଚଲାପଥ ଓ ଅବସର ସୁବିଧା ରହିବ। ଏହି ଯୋଜନାରେ ନଦୀକୂଳର ଯୋଜନାବଦ୍ଧ ଭାବେ ବିକାଶ କରାଯିବ। ଲୋକମାନେ ଯେପରି ସୁବିଧାରେ ସେମାନଙ୍କ ପରମ୍ପରା ଓ ରୀତିନୀତି ପାଳନ କରିପାରିବେ ସେଥିପାଇଁ ପ୍ଲାଟ୍‌ଫର୍ମ ବ୍ୟବସ୍ଥା କରାଯିବ। ଏଥିସହିତ ପର୍ଯ୍ୟଟକଙ୍କ ଲାଗି ମହାନଦୀ ଦୃଶ୍ୟ ଅବଲୋକନ ପାଇଁ ପାଭିଲିୟନ, ପ୍ଲାଜା ଓ ଡେକ୍ ଆଦି ନିର୍ମାଣ କରାଯିବ।

ଏହି ପ୍ରକଳ୍ପ ଅଧୀନରେ ୨୨ ଏକର ଜମିରେ ହ୍ରଦ କୂଳର ବିକାଶ କରାଯିବ। ଏଥିରେ ଆର୍ଦ୍ର ଭୂମିର ବିକାଶ ସହିତ ଦୈନିକ ୫ ନିୟୁତ ଲିଟର ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ଆର୍ଦ୍ରଭୂମିର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିସହିତ ସେଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଫୁଡ୍ ପାର୍କ, ସ୍ଥାପତ୍ୟ ପାର୍କ ତଥା ମୁକ୍ତାକାଶ ରଙ୍ଗମଞ୍ଚର ବ୍ୟବସ୍ଥା ରହିବ। ସମ୍ବଲପୁରର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସହିତ ବିଭିନ୍ନ ସ୍ମାରକୀ ସାମଗ୍ରୀର ବିକ୍ରି ପାଇଁ ଭେଣ୍ଡିଂ ବ୍ୟବସ୍ଥା କରାଯିବ।

ରେଳ ଷ୍ଟେଶନରୁ ମନ୍ଦିର ଉତ୍ତର ପାର୍ଶ୍ୱକୁ ସଂଯୁକ୍ତ କରୁଥିବା ରାସ୍ତାକୁ ପ୍ରଶସ୍ତ କରାଯିବ। ଫଳରେ ଟ୍ରାଫିକ୍ ସମସ୍ୟା ଦୂର ହୋଇଯିବ। ବର୍ତ୍ତମାନ ଥିବା ଶ୍ମଶାନକୁ ପୂର୍ବ ପଟକୁ ସ୍ଥାନାନ୍ତର କରାଯିବ। ଏଠାରେ ଆଧୁନିକ ସୁବିଧାର ବିକାଶ କରାଯିବ। ଏହି ଶ୍ମଶାନ ୯ ମିଟର ବିଶିଷ୍ଟ ପାଦଚଲା ରାସ୍ତା ଦ୍ୱାରା ମହାନଦୀ ସହ ସଂଯୁକ୍ତ ହେବ। ଫଳରେ ଲୋକମାନେ ସୁବିଧାରେ ମହାନଦୀ ଘାଟକୁ ଯାଇ ପରମ୍ପରା ଓ ରୀତିନୀତି ପାଳନ କରିପାରିବେ। ଶ୍ମଶାନ ପାଖରେ ଶେଷକୃତ୍ୟ, ଶ୍ରାଦ୍ଧ ମଣ୍ଡପ ଓ ବିଶ୍ରାମାଗାର ବ୍ୟବସ୍ଥା କରାଯିବ।

ଏହି ନୂଆ ଯୋଜନା ଫଳରେ ପ୍ରଭାବିତ ହେଉଥିବା ଜନସାଧାରଣଙ୍କ ପାଇଁ ମାନବୀୟ ଦୃଷ୍ଟିରୁ ବିଚାର କରି ଏକ ଉଦାର ଥଇଥାନ ଓ ପୁନର୍ବାସ ପ୍ୟାକେଜ ପ୍ରସ୍ତୁତ କରାଯାଉଛି। ଏଥିରେ ଘରୋଇ ଜମିରେ ଘର, ସରକାରୀ ଜମିରେ ଥିବା ବସ୍ତି, ସରକାରୀ ଜମିରେ ଥିବା ଅନ୍ୟାନ୍ୟ ବାସଗୃହ, ଦୋକାନ ଘର, ଭେଣ୍ଡରମାନଙ୍କ ସୁବିଧା ପାଇଁ ପ୍ୟାକେଜ ବ୍ୟବସ୍ଥା କରାଯିବ। ସେହିପରି ସରକାରୀ ଜମିରେ ଥିବା କ୍ଲବ, ଧାର୍ମିକ ଅନୁଷ୍ଠାନ, ସରକାରୀ ଅଫିସ ଓ ପ୍ରତିଷ୍ଠାନଗୁଡିକ ପାଇଁ ସହାୟତା ପ୍ରଦାନ କରାଯିବ।

ଏହି ଚିଠାର ମାଷ୍ଟର ପ୍ଲାନ୍ ସମ୍ପର୍କରେ ଜନସାଧାରଣ development.samalei@gmail.com ଜରିଆରେ ମାର୍ଚ୍ଚ ୧୫ ସୁଦ୍ଧା ସେମାନଙ୍କର ମୂଲ୍ୟବାନ ମତାମତ ଦେଇପାରିବେ। ସମଲେଇ ପ୍ରକଳ୍ପର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ସଂଯୋଜନା କରିଥିଲେ।

# ଭାଜପା ମୂଳପୋଛ...

ନିର୍ବାଚନୀ ଫଳାଫଳ ଆସିନାହିଁ। ଭାଜପା ସହ ମୁଖ୍ୟ ବିରୋଧୀ ଶିରୋମଣି ଅକାଳୀ ଦଳ ଏବଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ମଧ୍ୟ ପୌର ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଛନ୍ତି। ନକାରାତ୍ମକ ରାଜନୀତି ଯୋଗୁ ଭାଜପା, ଅକାଳୀ ଦଳ, ଏଏପି ଭଳି ପାର୍ଟିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ପଞ୍ଜାବ କଂଗ୍ରେସ ସଭାପତି ସୁନୀଲ ଝାକର କହିଛନ୍ତି। ପ୍ରକୃତ ବିକାଶ ପ୍ରସଙ୍ଗ ନେଇ ନିର୍ବାଚନ ଲଢ଼ିଥିବାରୁ ଲୋକେ ତାଙ୍କୁ ସମର୍ଥନ ଦେଇଥିବା ସେ କହିଛନ୍ତି। ଗତ ଥର ୨୦୧୫ରେ ହୋଇଥିବା ଏହି ନିର୍ବାଚନରେ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିଲା। ଶିରୋମଣି ଅକାଳୀ ଦଳକୁ ୮୧୩ ଏବଂ ଭାଜପାକୁ ୩୪୮ ସିଟ୍ ମିଳିଥିଲା। ଗତ ୧୪ ତାରିଖରେ ପଞ୍ଜାବର ୮ ମହାନଗର ନିଗମରେ ନିର୍ବାଚନ ହୋଇଥିଲା। ଆସନ୍ତା ୧୯ ତାରିଖରେ ମୋହାଲି ନିଗରର ଫଳାଫଳ ଘୋଷଣା କରାଯିବ।

# ପ୍ରିୟା ରମାନୀ ...

ଭାରତରେ ଝଡ଼ ସୃଷ୍ଟି କରିଥିଲା। ଆକବର ୧୯୯୩ ଡିସେମ୍ବରରେ ମୁମ୍ବାଇର ହୋଟେଲ ଓବରୟରେ ସାକ୍ଷାତ୍‌କାର ବେଳେ ତାଙ୍କୁ ଯୌନ ଶୋଷଣ କରିଥିବା ରମାନୀ ସେହି ସମୟରେ ଅଭିଯୋଗ ଆଣିଥିଲେ। ଆକବର ନିଜ ଭାବମୂର୍ତ୍ତି ମଳିନ ହୋଇଥିବା ଦର୍ଶାଇ ୨୦୧୮ ଅକ୍ଟୋବର ୧୫ରେ ରମାନୀଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲା ଦାଏର କରିଥିଲେ। ଏହି ଘଟଣାକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ହୀନସ୍ତା ହେବାକୁ ପଡ଼ିଥିଲା। ଫଳରେ ଅକ୍ଟୋବର ୧୭ ତାରିଖରେ କେନ୍ଦ୍ର କ୍ୟାବିନେଟରୁ ଆକବର ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ।

# ଭାରତରେ ପେଟ୍ରୋଲ...

ହେଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବାରୁ ତେଲ କମ୍ପାନୀ କ୍ଷତି ସହିବା ଭୟରେ ତେଲର ରିଟେଲ ଦର ବଢ଼ାଉଛନ୍ତି। ଦର କମୁ ବୋଲି ଲୋକମାନେ ଦାବିକଲେ ମଧ୍ୟ ସରକାର ନିଦାବିଷ୍ଟୁ ଭଳି ସବୁ ଦେଖି ଚୁପ୍ ରହିଯାଉଛନ୍ତି ବୋଲି ବଜାର ବିଶେଷଜ୍ଞ କହନ୍ତି। ସେହିଭଳି ବିରୋଧୀଦଳଗୁଡ଼ିକ ତେଲ ଦର କମାଇବା ଲାଗି ଦାବିକଲେ ମଧ୍ୟ ଏହାର ପ୍ରଭାବ ଏବେ ଯାଏ ପଡ଼ିନାହିଁ। ଟିକସ କମାଇବା ପରିବର୍ତ୍ତେ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟେ ଉଭୟଙ୍କୁ ଦୋଷାରୋପ କରୁଛନ୍ତି। ହେଲେ କେହି ଟିକସ କମାଇ ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଭଳି ସ୍ଥିତିରେ ନାହାନ୍ତି। ଏପଟେ ଖାଉଟି ଇନ୍ଧନ ସହ ଅନ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ଘାଣ୍ଟିଚକଟି ହେଉଛନ୍ତି। ମୋଟ ଉପରେ କହିବାକୁ ଗଲେ ତେଲ ଦର ବୃଦ୍ଧିରୁ ନିସ୍ତାର ନାହିଁ।

## ଖାଉଟିଙ୍କ ଚିନ୍ତା ବଢ଼ାଉଛି

ଲଗାତର ତେଲ ଦର ବଢ଼ିବା ଯୋଗୁ ଏହା ଖାଉଟିଙ୍କ ଲାଗି ସମସ୍ୟା ସୃଷ୍ଟି କରୁଛି। ତେଲ ଉପରେ ଲାଗୁ ହେଉଥିବା ବର୍ଦ୍ଧିତ ଟିକସକୁ କମାଇବା ଲାଗି ଦାବି ହେଉଥିଲେ ମଧ୍ୟ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଇନ୍ଧନ ଦର ନିକଟ ଭବିଷ୍ୟତରେ କମିବ ନାହିଁ ବୋଲି କୁହାଯାଇପାରେ। କାରଣ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ସପ୍ତାହରେ ପାର୍ଲାମେଣ୍ଟରେ କହିଥିଲେ, ତେଲ ଉପରେ ଟିକସ କମାଇବା ନେଇ ବର୍ତ୍ତମାନ କୌଣସି ବିଚାର କରାଯାଉନାହିଁ। ପେଟ୍ରୋଲର ଖୁଚୁରା ବିକ୍ରି ମୂଲ୍ୟର ପ୍ରାୟ ୬୦% ଟିକସ ଆକାରରେ ଲୋକଙ୍କୁ ଦେବାକୁ ପଡ଼ୁଛି। ଏହା ଡିଜେଲ କ୍ଷେତ୍ରରେ ୫୪%। କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୩୨.୯୦ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୦ ଟଙ୍କାର ଉତ୍ପାଦ ଟିକସ ନେଉଛନ୍ତି। ଏହା ପରେ ବିଭିନ୍ନ ରାଜ୍ୟର ଭାଟ୍, ଡିଲର କମିଶନ ଏବଂ ସେସ୍ ମଧ୍ୟ ଖାଉଟିଙ୍କଠାରୁ ଆଦାୟ ହେଉଛି। ୨୦୨୦ ମାର୍ଚ୍ଚ ପରଠାରୁ ତେଲ ଦର ୧୯.୯୫ ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି ଘଟିଲାଣି। ସେହିଭଳି ଡିଜେଲ ଦର ୧୭.୬୬ ଟଙ୍କା ବଢ଼ିଛି। କରୋନା ମହାମାରୀ ସମସ୍ୟାରୁ ଲୋକମାନେ ବାହାରକୁ ବାହାରି ନ ଥିବା ବେଳେ ତେଲ ଦରରେ ଏଭଳି ବୃଦ୍ଧି ଲୋକଙ୍କ ଲାଗି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି।

## ପୂର୍ବ ସରକାରଙ୍କୁ ଦୋଷ ଦେଲେ ମୋଦି

ଦେଶରେ ଏବେ ରେଗୁଲାର ପେଟ୍ରୋଲ ଦର ୧୦୦ ଟଙ୍କା ଟପିଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି, ପୂର୍ବର ସରକାରଗୁଡ଼ିକ ଯଦି ଶକ୍ତି ନିର୍ଭରତାକୁ କମ୍ କରିବାକୁ ପ୍ରୟାସ କରିଥାନ୍ତେ ତେବେ ଆଜି ଦେଶର ମଧ୍ୟବିତ୍ତ ବର୍ଗଙ୍କୁ କଷ୍ଟ ସହିବାକୁ ପଡୁ ନ ଥାନ୍ତା। ସେ ପୁଣି କହିଛନ୍ତି, ୨୦୧୯-୨୦ର ମୋଟ ଶକ୍ତି ଚାହିଦା ମଧ୍ୟରୁ ଭାରତ ତୈଳ କ୍ଷେତ୍ରରେ ୮୫% ଏବଂ ଗ୍ୟାସ୍ କ୍ଷେତ୍ରରେ ୫୩% ନିର୍ଭରଶୀଳ। ଏଭଳି କ୍ଷେତ୍ରରେ ଆମେ ଅନେକ ମାତ୍ରାରେ ନିର୍ଭର କରୁଛୁ। କାହାକୁ ସମାଲୋଚନା କରିବାକୁ ଚାହୁଁନାହିଁ ହେଲେ ଯଦି ଏହି ପ୍ରସଙ୍ଗ ଉପରେ ପୂର୍ବର ସରକାର ଫୋକସ କରିଥାନ୍ତେ ତେବେ ଲୋକଙ୍କୁ ଏ ନେଇ ସମସ୍ୟା ସାମ୍ନା କରିବାକୁ ପଡୁ ନ ଥାନ୍ତା ବୋଲି ତାମିଲନାଡୁଠାରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୋଦି ଏହି ମତ ରଖିଛନ୍ତି।

## ଓପେକ୍ ସହଯୋଗ ଲୋଡ଼ିଲେ ଧର୍ମେନ୍ଦ୍ର

ଘରୋଇ ବଜାରରେ ତେଲ ଦର ଲଗାତର ବଢୁଥିବାରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ବୁଧବାର ପେଟ୍ରୋଲିୟମ ରପ୍ତାନିକାରୀ ଦେଶ ସମୂହଙ୍କ ସଙ୍ଗଠନ(ଓପେକ୍)ର ସହଯୋଗ ଲୋଡ଼ିଛନ୍ତି। ଅଶୋଧିତ ତେଲ ଦର ଉତ୍ପାଦନକୁ ନିୟନ୍ତ୍ରିତ ନ କରିବା ଏବଂ ଦର ନ ବଢ଼ାଇବା ଲାଗି ଏହି ଦେଶଗୁଡ଼ିକୁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି। ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଭାରତ ସମେତ ଅନ୍ୟ ଖାଉଟି ଦେଶଗୁଡ଼ିକ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ବିଶ୍ୱ ଅର୍ଥ ବ୍ୟବସ୍ଥାରେ ସୁଧାର ଆସୁଥିବା ବେଳେ ଓପେକ୍ ଦେଶ ସମୂହ ଏ କ୍ଷେତ୍ରରେ ସହଯୋଗ କରିବା ନେଇ ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି। ଉତ୍ପାଦନ କମାଇବା ନେଇ ଦେଶଗୁଡ଼ିକର ନିଷ୍ପତ୍ତି ଉପରେ ପୁଣି ଥରେ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଏକ କାର୍ଯ୍ୟକ୍ରମ ଅବସରରେ ଧର୍ମେନ୍ଦ୍ର ମତ ରଖିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସାମୟିକ ପ୍ରତିବନ୍ଧକ ଥିଲେ ମଧ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ । ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି । ବିବାଦଜନିତ ଶାରୀରିକ ଅସୁସ୍ଥତା ଦେଖାଦେଇ ପାରେ ।

**ବୃଷ** – ବନ୍ଧୁମାନଙ୍କ ସାହାଯ୍ୟରେ ଆର୍ଥିକ ସମସ୍ୟା ଦୂର ହେବ । କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ବନ୍ଧୁମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି । ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ ।

**ମିଥୁନ** – ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ । ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରନ୍ତି । ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି । ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**କର୍କଟ** – ଦୂରଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ମାଦକ ଦ୍ରବ୍ୟ ସେବନରୁ ବକ୍ଷ ବେଦନା ସୃଷ୍ଟି ହେବାର ସୂଚନା ରହିଛି । ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ ।

**ସିଂହ** – ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । କାର୍ଯ୍ୟବ୍ୟସ୍ତତା ଯୋଗୁ ବିଶ୍ରାମର ଅବସର ପାଇବେ ନାହିଁ । ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ଆନନ୍ଦ ଅନୁଭବ କରିବେ ।

**କନ୍ୟା** – ନିକଟ ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ । ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ ।

**ତୁଳା** – ଆଜି ଦିନଭିତରେ ଭାବୁଥିବା କାମଟିକୁ ଶେଷ କରିପାରିବେନି । ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିବେ। ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାରୁ ଆଶ୍ୱସ୍ତି ଲାଭ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ ।

**ବିଛା** – ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ । ବ୍ୟବସାୟରେ ମତାନ୍ତର ଦେଖା ଦେଇପାରେ । ପୂର୍ବ ସମସ୍ୟାକୁ ଦୋହରାଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବାରୁ ଉପକୃତ ହେବେ ।

**ଧନୁ** – ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ । ବିଭିନ୍ନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । କେତେକ ଦିଗରୁ ଚାପର ସମ୍ମୁଖୀନ ହେବାର ସମ୍ଭାବନା ଥିଲେ ହେଁ ଧୈର୍ଯ୍ୟର ସହ ସବୁ କାର୍ଯ୍ୟ ସମାପନ କରିବେ।

**ମକର** – ଘରେ ବନ୍ଧୁମିଳନ ଘଟି ଆମୋଦ ପ୍ରମୋଦର ସୁଅ ଛୁଟିବ । ଚାକିରିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହଯିବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ।

**କୁମ୍ଭ** – ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ । ବନ୍ଧୁଙ୍କ ଅଯାଚିତ ଆଦର ଓ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ । ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ । ବିଭିନ୍ନ ସୂତ୍ରରୁ ରୋଜଗାର ପନ୍ଥା ଖୋଲିଯିବାରୁ ମନ ଆନନ୍ଦିତ ରହିବ।

**ମୀନ** – ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ । ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ । ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ । ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ ।

ଆଜି ମାଘ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ଗୁରୁବାର, ଫେବୃୟାରୀ ୧୮ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬.୧୭ ଗତେ ଘ.୦୭.୪୯ ମଧ୍ୟେ, ଘ.୧୦.୫୨ ଗତେ ଘ.୦୧.୦୯ ମଧ୍ୟେ ମାହେନ୍ଦ୍ରବେଳା । ରାତ୍ରି ଘ.୦୨.୫୬ ଗତେ ଘ.୦୩.୪୬ ମଧ୍ୟେ ଅମୃତବେଳା । ଦିବା ଘ.୦୧.୨୬ ଗତେ ଘ.୦୨.୫୨ ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302




**SALE**

**Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227.** D-19978

**Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745.** D-70161

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136.** D-69373


**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

**Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186.** D-69372




**For construction only in your plot inside Bhubaneswar area, contact MRC- 9937064680.** D-27287




Shoproom available opposite BijuPatnaik College mainroad Jayadev Vihar, Bhubaneswar. Contact:9938511622. D-19977




Refreshing your mind & body with best therapy at Lotus SPA. 8018234866. D-59978

Swarna SPA newly open positively health benefits with expert therapist. 9556978408. D-70529

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## AFFIDAVIT

By virtue of an affidavit before the Notary Public, Sambalpur, I Gourav Deep, S/o- Bideshi Deep, At- Bandhalipada, PO / PS- Loisingha, Dist.- Balangir do hereby declare that I have changed my name from Garib Deep to Gourav Deep. Henceforth, I shall be known as Gourav Deep for all purposes. D-69838

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Happy Birthday




Dear Son, Happy 1st birthday. May Lord Jagannath bless you with loads of happiness, success & prosperity in life. Keep smiling & making us smile as always.
-:Best wishes:-
Papa, Mama, Jeje Bapa, Jeje Maa, Aja, Aai & loving family.
D-19980

# ସରକାରଙ୍କୁ ଘେରିବାକୁ ରଣକୌଶଳ



ବିଧାନସଭା ୫୪ନଂ ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳର ବୈଠକ। ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ।



ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ବାସଭବନରେ ଭାଜପା ବିଧାୟକଙ୍କ ବୈଠକ।

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ଗୁରୁବାରଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସରକାରଙ୍କୁ ଘେରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହ ମୁଲତବୀ ଆଲୋଚନା ଥିବାରୁ ଚଳିତ ଅଧିବେଶନ ବେଶ୍ ସରଗରମ ହେବ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସୀମା ବିବାଦ, ମଣ୍ଡିରୁ ଧାନ ନ ଉଠିବା, ମାହାଙ୍ଗା ହତ୍ୟାକାଣ୍ଡ, ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ କାଠଗଡ଼ାରେ ଛିଡା କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ବିରୋଧୀଙ୍କୁ ମୁକାବିଲା କରିବା ନେଇ ଶାସକ ବିଜେଡି ମଧ ରଣନୀତି ପ୍ରସ୍ତୁତ କରିଛି। କେନ୍ଦ୍ର ଅବହେଳା, ରେଳ ବଜେଟରେ ଓଡ଼ିଶାକୁ ଅଣଦେଖା, କେନ୍ଦ୍ରୀୟ ଯୋଜନା ହ୍ରାସ ଆଦି ପ୍ରସଙ୍ଗରେ କେନ୍ଦ୍ରର ଭାଜପା ପରିଚାଳିତ ଏନ୍‌ଡିଏ ସରକାରଙ୍କୁ ବିଜେଡି ଟାର୍ଗେଟ କରିବା ନେଇ ରଣନୀତି ପ୍ରସ୍ତୁତ କରିଛି।

ବୁଧବାର ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ ମଣ୍ଡିରୁ ଧାନ ନ ଉଠିବା, ମାହାଙ୍ଗା ହତ୍ୟାକାଣ୍ଡ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ସୀମା ବିବାଦ, ପିଏମ୍ ଆବାସ ଘୋଟାଲା ସହ ରାଜ୍ୟରେ ମହିଳା ସୁରକ୍ଷା, ବେକାରି, ଖଣି ଦୁର୍ନୀତି, କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ଲାଗୁ ନ କରିବା, ପାନୀୟ ଜଳ ଅଭାବ ଆଦି ବିଭିନ୍ନ ପ୍ରସଙ୍ଗରେ ଭାଜପା ସରକାରଙ୍କଠାରୁ କୈଫିୟତ ତଲବ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା।



ନରସିଂହ ମିଶ୍ରଙ୍କ ସରକାରୀ ବାସଭବନରେ କଂଗ୍ରେସ ବିଧାୟକଙ୍କ ବୈଠକ।

ଚଳିତ ଅଧିବେଶନରେ ରାଜ୍ୟର ବିଭିନ୍ନ ସମସ୍ୟା ଉଠାଇବା ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ୨୦ ବର୍ଷ ଶାସନ ପରେ ବି ରାଜ୍ୟ ସରକାର ସୀମା ବିବାଦର ସମାଧାନ କରିପାରିଲେ ନାହିଁ। ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ଓଡ଼ିଶା ସରକାର ବିକାଶମୂଳକ କାର୍ଯ୍ୟ ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ଗତ ୧୩ ତାରିଖରୁ ପଡୋଶୀ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ କରିବା ପରେ ବି ରାଜ୍ୟ ସରକାର ଜାଣିପାରିଲେ ନାହିଁ। ସରକାରଙ୍କଠାରୁ ଏ ନେଇ ଜବାବ ତଲବ କରାଯିବ ବୋଲି ସେ କହିଛନ୍ତି। ଟୋକନ ଓ ଟାର୍ଗେଟ୍ ବ୍ୟବସ୍ଥା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହୁଛି। ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଛି। କେନ୍ଦ୍ରୀୟ ଯୋଜନାର ଅର୍ଥକୁ ଦଳୀୟ ଆଧାରରେ ଶାସକ ବିଜେଡିର ନେତା ଓ କର୍ମୀମାନଙ୍କୁ ବଣ୍ଟନ କରାଯାଉଛି। କରୋନା ମୁକାବିଲା ପାଇଁ ଆସିଥିବା କେନ୍ଦ୍ରୀୟ ଅର୍ଥକୁ ରାଜ୍ୟ ସରକାର ହଡପ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଆସିଥିବା ଚାଉଳ, ଡାଲି ବଣ୍ଟନରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହେବା ଆଦି ପ୍ରସଙ୍ଗକୁ ଗୃହରେ ଉଠାଯିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ମଧ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ଯୋଜନା କରିଛି। ତୈଳ ଦର ବୃଦ୍ଧି, ଆଇନଶୃଙ୍ଖଳା, ଧାନର ଅଭାବୀ ବିକ୍ରି, ସୀମା ବିବାଦ, ବେକାରି ସମସ୍ୟା, ଜଳସେଚନ ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇବାକୁ ଯୋଜନା କରୁଛି। ବୁଧବାର କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଭାଜପା ଓ କଂଗ୍ରେସ ଅଲଗା ଅଲଗା ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ତେବେ କେତେକ ପ୍ରସଙ୍ଗରେ ଏକାଠି ବିରୋଧ କରିବା ନେଇ ସୂଚନା ମିଳିଛି।

ବିରୋଧୀଙ୍କ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ବୋଲି ବିଜେଡି ବିଧାୟକ ଦଳ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। କେନ୍ଦ୍ରୀୟ ଅବହେଳା, ରେଳ ବଜେଟରେ ଓଡ଼ିଶାକୁ ଅବହେଳା, ଅନୁଦାନ ହ୍ରାସ ଇତ୍ୟାଦି ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ହେବ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ ଅନୁଦାନ କମିବା ଏବଂ ଦ୍ରବ୍ୟ ସେବା ଟିକସ (ଜିଏସ୍‌ଟି) ହ୍ରାସ ଯୋଗୁ ରାଜ୍ୟ ଗତ ୫ ବର୍ଷରେ ପ୍ରାୟ ୬୦ ହଜାର କୋଟି ହରାଇଛି। ଏଥିସହିତ ଚଳିତ ଅଧିବେଶନରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହେବ ବୋଲି ସେ କହିଛନ୍ତି।

ବୁଧବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ସରକାରୀ ଯୋଜନାକୁ କିପରି ଜନସାଧାରଣଙ୍କ ପାଖରେ ପହଞ୍ଚାଯାଇ ପାରିବ ସେ ନେଇ ବିଧାୟକମାନେ ଲୋକଙ୍କ ନିକଟକୁ ଯିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ବିଧାୟକ ଦଳ ବୈଠକ

- ସୀମା ବିବାଦ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ହେବ ବିରୋଧୀଙ୍କ ମୁଖ୍ୟ ଅସ୍ତ୍ର
- ବିରୋଧୀଙ୍କ ସବୁ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ: ବିଜେଡି

# ରାସ୍ତାରେ ଜଳିଗଲା ଚଳନ୍ତା କାର୍



**ପୁରୀ ଅଫିସ,୧୭।୨**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବାଟମଙ୍ଗଳା ନିକଟରେ ବୁଧବାର ଏକ ଚଳନ୍ତା କାର୍ ଜଳିଯାଇଛି। ତେବେ ଜଳିବା ପୂର୍ବରୁ କାର ଭିତରୁ ପ୍ରବଳ ମାତ୍ରାରେ ଧୂଆଁ ନିର୍ଗତ ହେବା ଦେଖି ଯାତ୍ରୀମାନେ ଓହ୍ଲାଇ ପଡ଼ିଥିଲେ। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସୂଚନା ଅନୁଯାୟୀ, ପୁରୀ ଶ୍ରୀକ୍ଷେତ୍ର କଲୋନୀର ହାୟତ୍ ଖାଁ ଓ ତାଙ୍କ ପରିବାରର ଅନ୍ୟ ୩ଜଣ ସଦସ୍ୟ ଏକ କାର୍ ଯୋଗେ ଭୁବନେଶ୍ୱର ଯାଉଥିଲେ। ବାଟମଙ୍ଗଳାଠାରୁ କିଛି ଦୂରରେ ହଠାତ୍ କାର୍‌ରୁ ଧୂଆଁ ବାହାରିଥିଲା। ଏହାଦେଖି ସମସ୍ତେ କାର୍‌ରୁ ବାହାରି ଆସିଥିଲେ। ଏହାପରେ କାର୍‌ଟି ହୁତ୍‌ହୁତ ହୋଇ ଜଳିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଯୋଗୁ ଦୀର୍ଘ ସମୟ ଧରି ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସଦର ଥାନା ପୋଲିସ ପହଞ୍ଚି ରାସ୍ତା ସଫା କରିବା ସହ ଅଗ୍ନିକାଣ୍ଡର ତଦନ୍ତ ଜାରି ରଖିଛି।

# ଜୟପୁର ଏୟାରଷ୍ଟ୍ରିପ ପରିସରରେ ନିଆଁ

**ଜୟପୁର,୧୭।୨ (ନି.ପ୍ର.)**

ଜୟପୁର ଏୟାରଷ୍ଟ୍ରିପ ପରିସରରେ ହଠାତ୍ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏଥିରେ ଏୟାରଷ୍ଟ୍ରିପ୍‌ର କିଛି କ୍ଷୟକ୍ଷତି ହୋଇନାହିଁ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଏବେ ଯୁଦ୍ଧକାଳୀନ ଭିତ୍ତିରେ ଏୟାରଷ୍ଟ୍ରିପ୍‌ରେ କାର୍ଯ୍ୟ ଜାରି ରହିଛି। ବିଭିନ୍ନ ଯନ୍ତ୍ରପାତି ଏହା ପରିସରରେ ରହିଛି। ଚଳିତବର୍ଷ ଶେଷ ସୁଦ୍ଧା ଜୟପୁର ବିମାନବନ୍ଦରରୁ ବିମାନ ଉଡ଼ିବା ନେଇ ମଧ ନିଷ୍ପତ୍ତି ହୋଇଛି।


**DIRECTORATE OF TECHNICAL EDUCATION & TRAINING, ODISHA**

At-Killamaidan, Po-Buxi Bazar, Cuttack- 753001

**ITI Admission 2020-21**

**Timeline for correction of candidates data admitted during the Academic Session-2020-21**

**No. KK-78:-** As per instructions of DGT communicated vide their letter No. DGT-AFF011(51)/2/2020-O/o DIR (TC) Dtd.29.1.2021, the State Directorate should ensure no mistake in Students name, Fathers name, Mother name, date of birth etc. before migration of admitted candidate's data for the Academic Session 2020-21 to DGT, New Delhi through API link.

Accordingly all the Principals of Govt. and Pvt. ITIs are requested to verify the details of admitted candidates from SAMS Portal, in case any corrections required may kindly be incorporated in the space provided against each candidate in the SAMS portal. **The SOP provided in the portal be followed meticulously while carrying out the operation and furnish the No Error Certificate to this office on or before 20.2.2021 positively through this office mail: itiadmissionodisha@gmail.com** failing which it will be the responsibility of concerned Institution and no further corrections shall be entertained in future.

**Sd./-**
**Director of Technical Education & Training Odisha**

OIPR-14004/11/0032/2021


# 'ମୋଦିଙ୍କ ହୋର୍ଡିଂ କାଢ଼ିବୁ'



ପୋଲିସ ଓ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି।

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧିକୁ ନେଇ ପ୍ରତିବାଦ କରାଯାଇଛି। ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲ ଛକରୁ ଏକ ବିଶାଳ ଶୋଭାଯାତ୍ରା ଅଭିନବ ଉପାୟରେ (କାର୍, ମୋଟର ସାଇକେଲ୍‌କୁ ଠେଲି ଠେଲି) କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ଅଭିମୁଖେ ବାହାରି ତାଙ୍କୁ ଭେଟିବାକୁ ଉଦ୍ୟମ କରିଥିଲେ। ହେଲେ ଏହି ସମୟରେ ପୋଲିସ ସହ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଅବସରରେ ସ୍ମୃତି ରଞ୍ଜନ କହିଛନ୍ତି, ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ବିଭାଗରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରମାଣିତ ହୋଇଛି। ଆସନ୍ତା ୫ ଦିନ ଭିତରେ ଯଦି ପେଟ୍ରୋଲ, ଡିଜେଲ ଦର ନିୟନ୍ତ୍ରଣ ନ ହେଲେ ଯୁବ କଂଗ୍ରେସ ରାଜ୍ୟର ସମସ୍ତ ପେଟ୍ରୋଲ ପମ୍ପରୁ ଜନସାଧାରଣଙ୍କ ଟିକସରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଲାଗିଥିବା ନରେନ୍ଦ୍ର ମୋଦିଙ୍କ ହୋର୍ଡିଂକୁ ଖୋଲିବ ଏବଂ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଆଇନ୍‌କୁ ହାତକୁ ନେବାକୁ ପଛଘୁଞ୍ଚା ଦେବନାହିଁ ବୋଲି ସ୍ମୃତି କହିଛନ୍ତି। ଅର୍ନ୍ତଜାତୀୟ ବଜାରରେ ତେଲ ଦର ବ୍ୟାରେଲ୍ ପିଛା ୫୦ ଡଲାର ଥିବାବେଳେ କିପରି ଏହା ବଜାରରେ ପ୍ରାୟ ୯୦ ଟଙ୍କାରେ ବିକ୍ରି ହେଉଛି। ଏଥିରୁ ଜଣାପଡୁଛି ଉଭୟ ସରକାର ଲୋକଙ୍କୁ ଟିକସ ବାବଦରେ ଲୁଟୁଛନ୍ତି। ଯାହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡୁଛି। ବିଗତ ମାସେ ଭିତରେ ଗ୍ୟାସ ଦର ୧୫୦ ଟଙ୍କା ବୃଦ୍ଧି ପାଇ ୮୫୦ ଟଙ୍କାରେ ପହଞ୍ଚିଛି।

# ବିଷ୍ଣୁପଦ ସେଠୀଙ୍କୁ ଲୋକାୟୁକ୍ତଙ୍କ କ୍ଲିନ୍‌ଚିଟ୍

## ଓମ୍‌ଫେଡ୍ ପଲି ଫିଲ୍ମ ରୋଲ ଦୁର୍ନୀତି ମାମଲା

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ଓମ୍‌ଫେଡ଼ ପଲି ଫିଲ୍ମ ରୋଲ୍ (ପାଉଚ) କିଣା ଦୁର୍ନୀତି ମାମଲାରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ବୁଧବାର ଲୋକାୟୁକ୍ତ କ୍ଲିନ୍‌ଚିଟ୍ ଦେଇଛନ୍ତି। ୨୦୧୫ରୁ ୨୦୧୬ ମଧ୍ୟରେ ବିଷ୍ଣୁପଦ ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ପାଉଚ କିଣାରେ ଦୁର୍ନୀତି ହୋଇଥିଲା। ଏ ନେଇ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ ତାଙ୍କ ନାମରେ ଲୋକାୟୁକ୍ତରେ ଗତ ଜାନୁୟାରୀ ୭ରେ ଅଭିଯୋଗ ଆଣିଥିଲେ। ଲୋକାୟୁକ୍ତ ଏହାର ଶୁଣାଣି କରି ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଷ୍ଣୁପଦଙ୍କ ସମେତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଗଠିତ କମିଟି ତଦନ୍ତ କରି ୨ଟି ରିପୋର୍ଟ ଦାଖଲ କରିଥିଲା। ରିପୋର୍ଟ ମୁତାବକ, ବିଷ୍ଣୁପଦ ସେଠୀ ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ଓମ୍‌ଫେଡ୍ ପାଉଚ କିଣାରେ କୌଣସି ଦୁର୍ନୀତି ନ ଥିଲା। ବରଂ ଭଲ ମୋଟେଇ ପଲିଥିନ କିଣାଯାଇଥିଲା। ଚାଷୀ ଓ ଗ୍ରାହକଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ କାର୍ଯ୍ୟ କରାଯାଇଥିଲା। ଏଥିଯୋଗୁ ଓମ୍‌ଫେଡ୍ କୌଣସି ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ନ ଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। ଏହି ଆଧାରରେ ଲୋକାୟୁକ୍ତ ମାମଲାର ଶୁଣାଣି କରିଥିଲେ।

# ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବେଗୁନିଆ,୧୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ଗୋବିନ୍ଦପୁର ରାସ୍ତାରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ପଛପଟକୁ ଏକ ଟ୍ରକ୍ ଧକ୍କା ଦେବାରୁ କଣ୍ଟିଲୋ ଗ୍ରାମର ଉଷାରାଣୀ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଗୁରୁତର ପ୍ରତାପ ସାହୁଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ବେଗୁନିଆ ପୋଲିସ ଏକ ମାମଲା(ନଂ.୨୮/୨୧) ରୁଜୁକରି ଟ୍ରକ୍ ଚାଳକ ଅର୍ଜୁନ ବହିଆଙ୍କୁ ଗିରଫ କରିଛି। ସୂଚନା ମୁତାବକ, ପ୍ରତାପ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ଏକ ସ୍କୁଟିରେ ବାଲକାଟୀରୁ କଣ୍ଟିଲୋ ଅଭିମୁଖେ ଯାଉଥିବା ବେଳେ ଗୋବିନ୍ଦପୁର ରାସ୍ତାରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ୧୩,୩୧୧ କୋଟିରେ ୨୨ ଶିଳ୍ପ

- ଭିତ୍ତିପ୍ରସ୍ତର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ୧୦,୬୭୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୨୦ ଶିଳ୍ପଭିତ୍ତିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ୨ଟି ପ୍ରକଳ୍ପକୁ ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେଟାଲ, ଡାଉନ୍‌ଷ୍ଟ୍ରିମ, ପର୍ଯ୍ୟଟନ, ବୟନ ଶିଳ୍ପ, ସିମେଣ୍ଟ, ପ୍ଲାଷ୍ଟିକ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଆଦି ଅନ୍ତର୍ଭୁକ୍ତ। ମେକ୍ ଇନ୍ ଓଡ଼ିଶାର କାର୍ଯ୍ୟକ୍ରମରେ ପ୍ରସ୍ତାବିତ ଏହି ୨୨ ପ୍ରକଳ୍ପରେ ୧୩,୩୧୧.୫୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧୦,୬୭୭ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାନୁଫାକ୍ଚରିଂ ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଭାରତୀୟ ମାନୁଫାକ୍ଚରିଂ ହବ୍‌ରେ ନିଜର ସ୍ଥିତି ଦୃଢ଼ କରିପାରିଛି। ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଏବଂ ଏକ ଶାନ୍ତିପୂର୍ଣ୍ଣ ସାମାଜିକ ବାତାବରଣ ଯୋଗୁ ରାଜ୍ୟରେ ପୁଞ୍ଜିନିବେଶ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ହୋଇପାରିଛି। ୫-ଟି ଏବଂ ମୋ ସରକାର ଅଭିନବ ପ୍ରୟାସ ଯୋଗୁ ରାଜ୍ୟରେ ପୁଞ୍ଜିନିବେଶ ଏବଂ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଲ୍ୟାଣ୍ଡ ବ୍ୟାଙ୍କ ସୂଚନା ବ୍ୟବସ୍ଥା 'ଗୋ ପ୍ଲସ୍' ମୋବାଇଲ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ କିଛିବର୍ଷ ମଧ୍ୟରେ ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ୧ ନମ୍ବର ରାଜ୍ୟ ଭାବେ ଉଭା ହୋଇଛି। ରାଜ୍ୟ ସରକାରଙ୍କ ଏଜେନ୍ସି ଇପିକଲ୍ ଦେଶର ୨୦ଟି ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଏଜେନ୍ସି ମଧ୍ୟରେ ସର୍ବୋତ୍କୃଷ୍ଟ ହୋଇପାରିଛି। ଏଥିସହିତ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ସଂସ୍କାର ଯୋଗୁ ରାଜ୍ୟରେ ବିଭିନ୍ନ ବିଭାଗ ବ୍ୟବସାୟ ଅଭିବୃଦ୍ଧିରେ ସହାୟକ ହୋଇପାରୁଛନ୍ତି। ଉକ୍ତ ପ୍ରକଳ୍ପଗୁଡିକ ରାଜ୍ୟରେ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡିକ ଓଡ଼ିଶାର ଶିଳ୍ପାୟନକୁ ଆଗକୁ ନେବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ନେତୃତ୍ୱ ଯୋଗୁ ଓଡ଼ିଶା ପୁଞ୍ଜିପତିମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇପାରିଛି। ଏହି ଅବସରରେ ଏକ ଭିଡିଓ ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଏମ୍‌ଏସଏମ୍‌ଇ ସଚିବ ସତ୍ୟବ୍ରତ ସାହୁ, ଇପିକଲ ଏମ୍‌ଡି ନୀତିନ ଜୱାଲେ ଯୋଗଦେଇଥିଲେ।


File No. DRDA-31/9/2020-MGNREGA CELL-DRDA-DRDA 95 I/28083/2021

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜଗତ୍‌ସିଂହପୁର**

Panchayati Raj

**DISTRICT RURAL DEVELOPMENT AGENCY, JAGATSINGHPUR**

At/P.O.- Saanra, Via- Nalibar, Jagatsinghpur, PIN-754104

Phone No. 06724-231091 Email: ori-djagatsinghpur@nic.in

Letter No. 585 Date 17.02.2021

**Expression of Interest for District Ombudsman under MGNREGS**

**No. CAD-1277:-** Fresh expression of interest are invited from willing persons to be engaged as Ombudsman in Jagatsinghpur District for redressal of grievances and disposal of complaints relating to implementation of the MGNREG Act and MGNREGS for a tenure of 2 years extendable not more than twice by one year each based on a performace appraisal process or till the incumbent attains the age of 68 (Sixty eight) years, whichever is earlier. There should no reappointment.

**Eligibility Criteria**

The persons fulfilling the following criteria may apply for selection of district Ombudsman under MGNREGS.

1. A person of eminent standing and impeccable integrity with **at least 10 years** of experience in Public Administration, Law, Academics, Social Work or Management.
2. Should not be member of a political party or a banned organization. Each person shall be required to file a declaration to this effect along with the application.
3. Must be a physically active person and capable of conducting field tours, inspection and visit to remote rural location in the district.
4. Should not be more than 65 years of age as on **31st January 2021**.

**Appointment:** The Ombudsman of the district will be appointed by the State Government on the recommendations of the District Selection Committee.

**Remuneration:** The Ombudsman shall be allowed to get compensation of Rs.1000/- per sitting with maximum upper limit of Rs.20,000/- (Twenty thousand) per month. The frequency of sitting by Ombudsman shall be need based and cannot be fixed.

**Removal:** On unsatisfactory performance, the Ombudsman may be removed by the State Government on the recommendation of the Selection Committee.

**Jurisdiction & Location:** The State Government shall specify the territorial jurisdiction of each Ombudsman in terms of a district and the office of the MGNREGS, Ombudsman shall be located at district Head Quarter.

The willing persons fulfilling above criteria may submit their written expression of interest in the prescribed proforma along with copy of the required documents to **the Collector-Cum-DPC, Jagatsinghpur by 04.03.2021** through registered post or by hand. The application received after the due date will not be considered.

The committee reserves the right to accept or reject any applicaiton for expression of interest without assigning any reasons thereof.

**Contact: MGNREGS Cell, DRDA, Jagatsinghpur, Ph. No.- 06724-231091, Mob.- 9861186756**

**Sd./- Collector-Cum-DPC, MGNREGS, Jagatsinghpur**

**NB:-** Visit website **www.nrega.nic.in** to know details about role and duties of Ombudsman under MGNREGS

OIPR-19077/11/0002/2021

ସାଂପ୍ରଦାୟିକ ବିବାଦ ହେଲା– କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ– ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ –ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। –ଶ୍ରୀଅରବିନ୍ଦ





# ଚାଲାକିରେ ମାଂସ ବିକ୍ରି

ମାନେକା ଗାନ୍ଧୀ

ପ୍ରାଣୀ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ଅଧିକାଂଶ ଭାରତୀୟ ଶାକାହାରୀ। 'ପିପୁଲ ଫର୍ ଆନିମଲ୍'ରେ ଆମେମାନେ ଏହି କାର୍ଯ୍ୟ ପ୍ରତି ଜୋର୍ ଦେଉ। ହେଲେ ତୁମେମାନେ ପ୍ରାଣୀମାନଙ୍କ ଯତ୍ନ ନେବାକୁ ଚାହୁଁନାହଁ। ଏଥିପାଇଁ ସେମାନଙ୍କୁ ଖାଉଛ। କିନ୍ତୁ ଖାଦ୍ୟ ଓ ପ୍ରାଣୀହତ୍ୟାର ଧାରଣା ମଧ୍ୟରେ ଅଧିକାଂଶ ମାଂସାହାରୀଙ୍କର ଦ୍ୱନ୍ଦ୍ୱ ରହିଛି। ସେମାନେ ମାଂସର ସ୍ୱାଦ ଉପଭୋଗ କରନ୍ତି, କିନ୍ତୁ ମାଂସ ପାଇବାର ପଦ୍ଧତିରେ ପ୍ରାଣୀମାନେ ଯେ ଭୀଷଣ କ୍ଷତି ସହୁଛନ୍ତି, ତାହା ଜାଣିବାକୁ ସଙ୍କୋଚ ପ୍ରକାଶ କରନ୍ତି। ପ୍ରାଣୀ ଏବଂ ମଣିଷଙ୍କ ମଧ୍ୟରେ ଏହି ସଂଘର୍ଷକୁ ମନସ୍ତାତ୍ତ୍ୱିକ ଭାଷାରେ କହନ୍ତି' ମିଟ୍ ପାରାଡକ୍ସ' । ମାଂସାହାରୀ ମାଛ ବିହନ ଖାଇବେ। କିନ୍ତୁ ଏହାକୁ ଏକ ଜୀଅନ୍ତା ମାଛର ପେଟ କାଟି ବାହାର କରାଯାଇଛି ବୋଲି ଯଦି ତାଙ୍କୁ କେହି କହନ୍ତି, ତେବେ ସେ ଏହା ଶୁଣିବାକୁ ମନା କରିଦେବେ। ମାଂସାହାରୀ ବ୍ୟକ୍ତି ଏଥିପାଇଁ ଦାୟୀ , ଏହା ସେମାନେ ଅନୁଭବ କରିବାକୁ ଚାହାଁନ୍ତି ନାହିଁ। ମାଂସାହାରୀ ଏବଂ ବିକ୍ରେତାମାନେ ମାଂସର ଉତ୍ସ କେଉଁ ପ୍ରାଣୀ ତାହା ନ ଜଣାଇବା ପାଇଁ ରଣନୀତି ଆପଣାଇ ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ ଚେଷ୍ଟା କରନ୍ତି। ଉଦାହରଣ ସ୍ୱରୂପ, ଏବେଠାରୁ ସଂଖ୍ୟାଧିକ ଯୁବକ ମାଂସ, ମାଂସ କମ୍ପାନୀ ଏବଂ ସରକାରରେ ଥିବା ସେମାନଙ୍କ ସହଯୋଗୀଙ୍କଠାରୁ ଦୂରେଇବା ଆରମ୍ଭ କରିଛନ୍ତି। ମାଂସର ନାମ ବଦଳାଇ ଏହାକୁ 'ପ୍ରୋଟିନ' ଆଖ୍ୟା ଦେଉଥିବା କମ୍ପାନୀଗୁଡିକୁ ଏମାନେ ବି ତ୍ୟାଗ କରିବା ଆରମ୍ଭ କରିଛନ୍ତି। ମାଂସ କମ୍ପାନୀଗୁଡ଼ିକ ମାଂସର ନାମ ଲଗାତର ବଦଳାଇ ଆସୁଛନ୍ତି। ଏବେ ମାଂସ ଶବ୍ଦ ବଦଳରେ 'ପ୍ରୋଟିନ' ଶବ୍ଦ ବ୍ୟବହାର କରିବା ଏକ ଅସାଧୁ ତଥା ଚାଲାକି କାର୍ଯ୍ୟ । ଖାଉଟିଙ୍କୁ ପ୍ରଭାବିତ କରିବା ପାଇଁ ଏହା ଏକ ଶେଷ ସୁରକ୍ଷାତ୍ମକ ପ୍ରୟାସ।

ସହରୀକରଣ ଏବଂ ମାଂସ ଉତ୍ପାଦନ ଟେକ୍ନୋଲୋଜି ଯୋଗୁ ବିଂଶ ଶତାବ୍ଦୀରେ ମାଂସ ଖାଇବା ଅତ୍ୟଧିକ ବଢିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ପ୍ଲେଟରେ ମାଂସ ପହଞ୍ଚିବା ଯାଏ ପ୍ରାଣୀମାନଙ୍କୁ କିଭଳି ନିର୍ଯାତନା ଦିଆଯାଉଛି ତାହା ଜାଣିବାକୁ ଗ୍ରାହକଙ୍କୁ ଦିଆଯାଉନି। ଏଥିରୁ ଲୋକମାନଙ୍କ ମାନସିକତାକୁ ପୃଥକ ରଖିବା ଲାଗି ମାଂସଶିଳ୍ପ ରଣନୀତି ଉପଯୋଗ କରୁଛି। ଏହିସବୁ ରଣନୀତି ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ମଧ୍ୟ ହୋଇଛି। ପ୍ରାଣୀମାନେ କେବଳ ଲୋକମାନଙ୍କ ପାଇଁ ସୃଷ୍ଟି ବୋଲି ଅଧିକ ବ୍ୟାଖ୍ୟା କରାଯାଉଛି ଓ ଏଥିରେ ଧର୍ମ ଏବଂ ଈଶ୍ୱରଙ୍କୁ ବି ଯୋଡାଯାଉଛି। ଖାଦ୍ୟ ଓ ଉତ୍ପାଦ ବ୍ୟତୀତ ପୃଥିବୀରେ ଏମାନଙ୍କର ସ୍ୱାଧୀନତାର ଗୁରୁତ୍ୱ ହିଁ ନାହିଁ। ଏହାସହ ପୋଷକ ଆଧାରରେ ମାଂସ ଖାଇବା ଉପରେ ଯୁକ୍ତି ଉପସ୍ଥାପନ କରାଯାଉଛି । ବାସ୍ତବରେ ଏହା ଅତି ଭୟଙ୍କର। ଏମିତି କି ଚିକିତ୍ସକ ଏବଂ ଖାଦ୍ୟ ବିଶେଷଜ୍ଞମାନେ ଏହା ଉପରେ ମୋହର ଲଗାଇ ଦେଇଛନ୍ତି। ଯେତେସବୁ ରଣନୀତି ଅପଣାଯାଉଛି ତାହା ମଧ୍ୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କେଉଁ ଉତ୍ସରୁ ମାଂସ ଆସୁଛି ତା'ସମ୍ପର୍କରେ ଗ୍ରାହକଙ୍କୁ ଜଣାଯାଉନାହିଁ। ଚାଲାକିରେ ଏହାକୁ ସମ୍ପୂର୍ଣ୍ଣ ଅଲଗା କରି ରଖାଯିବା ଦ୍ୱାରା ମାଂସାହାରୀଙ୍କ ଉପରେ ଏହାର ଏକ ଗଭୀର ପ୍ରଭାବ ପଡୁଛି ବୋଲି ଗୁରୁତ୍ୱପୂର୍ଣ୍ଣ ଗବେଷଣା(କୁନ୍ଷ୍ଟ ଆଣ୍ଡ୍ ହୋଲେ(୨୦୧୬) ;ରୋଥରବର୍ଗ(୨୦୧୩) ;ଟିଆ, ହିଲ୍ଟନ ଏବଂ ବେକର (୨୦୧୬); ଫୋଏର(୨୦୦୯); ଜୟ(୨୦୧୧); ସିଙ୍ଗର (୧୯୯୫– ଗୁଡ଼ିକରୁ ଏହା ସ୍ପଷ୍ଟ ହୋଇଛି। ମିଟ୍ ପାରାଡକ୍ସ ବା ମାଂସ ମିଥ୍ୟାଭ୍ୟାସ ( ମାଂସର ବିପରୀତ ତଥ୍ୟ ରହିଥିଲେ ବି ତାହାକୁ ସହଜରେ ବୁଝାଯାଏ ନାହିଁ)ର ମୂଳରେ ରହିଛି ମାଂସର ସତ୍ୟତା ଉପରେ ରହିଥିବା ତୁମର ବିଶ୍ୱାସ ଏବଂ ଅନୁଭବ ମଧ୍ୟରେ ପ୍ରଭେଦ।

ମାଂସାହାରୀ ମଧ୍ୟ ତା'ଅନ୍ତରାତ୍ମାକୁ ନିୟନ୍ତ୍ରଣ କରିବାକୁ ତଥା ମାଂସକୁ ପ୍ରାଣୀ ସହ ଯୋଡିବା ବନ୍ଦ କରିବା ପାଇଁ ଏକ ଜଟିଳ ରଣନୀତି ଆପଣାଏ। ଏଥିରେ ସେ କିଛି ଜାଣିବା ଲାଗି ଚାହେଁନି । ନିଜକୁ ଏଥିରୁ ଅଲଗା ରଖିବାରେ ସକ୍ରିୟତା ପ୍ରକାଶ କରିଥାଏ। ପୂର୍ବେ ମଣିଷ ପ୍ରାଣୀ ଶିକାର କରି ତା ମାଂସ ଖାଉଥିଲା କିମ୍ବା ଯେଉଁଠି ପ୍ରାଣୀ ମରାଯାଉଥିଲା ତାହା ଦେଖୁଥିଲେ। କିନ୍ତୁ ଉନବିଂଶ ଶତାବ୍ଦୀର ମଧ୍ୟଭାଗରୁ ମାଂସାହାରୀଙ୍କୁ ମାଂସ ଉତ୍ପାଦନ କେନ୍ଦ୍ରଠାରୁ ଅଲଗା କରିଦିଆଗଲା। ମାଂସ ଉତ୍ସ ସମ୍ପର୍କରେ ସେମାନେ କିଛି ଜାଣିପାରିଲେ ନାହିଁ। ଗବେଷକ ସିଙ୍ଗରଙ୍କ ମତରେ, ଦୋକାନ କିମ୍ବା ରେସ୍ତୋରାଁରେ ମାଂସ ପାଇବା ହେଉଛି ପ୍ରକ୍ରିୟାର ଶେଷ ସୋପାନ। ପୂରା ପ୍ରକ୍ରିୟାରେ ସବୁକିଛି ଏପରି କି ଶେଷ ଉତ୍ପାଦ ସମ୍ପର୍କିତ ତଥ୍ୟକୁ ଗୁପ୍ତ ରଖାଯାଏ। କେବଳ ଏକ ସଫା ପ୍ୟାକଟରେ ମାଂସ ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ ଏବଂ ରୋଷେଇ କରାଯାଏ। ମାଂସଶିଳ୍ପ ଗ୍ରାହକଙ୍କ ମୁଣ୍ଡକୁ ଚତୁରତାର ସହ ନିୟନ୍ତ୍ରଣ କରେ। ଏଣୁ ସେ ପ୍ରାଣୀ ସମ୍ପର୍କରେ କିଛି ଜାଣିପାରେ ନାହିଁ। ପ୍ରାଣୀର ଅସଲ ପରିଚୟକୁ ଗୁପ୍ତ ରଖିବା ଲାଗି ଭାଷା ବଦଳାଇ ଦିଆଯାଇଛି। ଘୁଷୁରିକୁ ପର୍କ, ସୌସେଜ,ହମ୍,ବାକୋନ୍ ଏବଂ ଗାଈକୁ ବିଫ୍ ଓ ବାଛୁରୀକୁ ଭିଲ୍,ଛେଳିକୁ ମଟନ୍ , କୁକୁଡ଼ା ମାଂସକୁ ଚିକେନ୍ ଏବଂ ହ୍ୱାଇଟ ମିଟ୍ କୁହାଯାଉଛି। ଏସବୁ ଏବେ ପ୍ରୋଟିନ୍ ହୋଇଯାଇଛି।


ଏଥର ଆସିବା ପର୍ବ ଓ ପରମ୍ପରାକୁ। ଭାରତରେ ସବୁ ପର୍ବରେ ଶାକାହାର ବ୍ୟବସ୍ଥା ରହିଥିଲା। ଏବେ ଅନେକ ବାହାଘରରେ ମାଂସ ପରଷା ଯାଉଛି। ଦେବଦେବୀ ପାଖରେ ପଶୁ ବଳି ଦିଆଯାଉଛି। ୨୦୧୮ରେ ହୋମ ଏବଂ ୨୦୦୨ରେ ଟି ଭେଲଡେ ଏବଂ ତାଙ୍କ ସାଥୀମାନଙ୍କ ଗବେଷଣାରୁ ଜଣାପଡିଛି ଯେ,ମାଂସ କିଣିବା ଓ ଖାଇବାକୁ ଲୋକେ ଅଧିକ ପସନ୍ଦ କରିଥାନ୍ତି। କିନ୍ତୁ ସେମାନେ ଏହା କେଉଁ ପ୍ରାଣୀରୁ ଆସିଛି ତାହା ଉପରେ ଧ୍ୟାନ ଦେଉନାହାନ୍ତି। ୨୦୧୨ରେ ଇଭାନ୍ସ ଏବଂ ମିଲି ମାଂସ ଉତ୍ପାଦଗୁଡ଼ିକୁ ନେଇ ଗ୍ରାହକମାନଙ୍କର ବାର୍ତ୍ତାଳାପ ଉପରେ ଅନୁଧ୍ୟାନ କରଥିଲେ। ଏଥିରେ ସେମାନେ ପ୍ରାଣୀଙ୍କ ନାମ ବଦଳରେ ଯେଉଁ ସବୁ ନାମ ( ଯଥା ପର୍କ, ବିଫ ଏବଂ ମଟନ) ବ୍ୟବହାର କରାଯାଉଛି,ସେଥିରୁ ଗ୍ରାହକମାନେ ସେହି ମାଂସର ଉତ୍ସ ପ୍ରାଣୀଙ୍କ ନାମ ପ୍ରକାଶ କରିପାରି ନ ଥିଲେ। କୁନ୍ଷ୍ଟ ଏବଂ ହୋଲେ ( ୨୦୧୬)ରେ ମାଂସ ପ୍ରସ୍ତୁତି ଏବଂ ତାହାକୁ ବିକ୍ରି କରିବାର ପ୍ରକ୍ରିୟା ଉପରେ ମଧ୍ୟ ଅନୁଧ୍ୟାନ କରିଥିଲେ। ପ୍ରାଣୀର ନାମରୁ ଉତ୍ପାଦର ନାମ ପରିବର୍ତ୍ତନ କରିବା ଦ୍ୱାରା ଗ୍ରାହକମାନଙ୍କ ଠାରେ କମ୍ ଘୃଣା ପ୍ରକାଶ ପାଇବା ସହ ପ୍ରାଣୀ ହତ୍ୟା କରିବା ଉପରେ ସମ୍ବେଦନଶୀଳତା କମିବା ଲକ୍ଷ୍ୟ କରାଯାଇଥିଲା। ଏହା ମଧ୍ୟ ଖାଇବାର ବ୍ୟଗ୍ରତା ବଢ଼ାଇବା ଦେଖାଯାଇଥିଲା। ଯଦି ପ୍ରାଣୀମାଂସର ଉତ୍ସ ସମ୍ପର୍କରେ ପ୍ରକାଶ କରାଯାଆନ୍ତା, ତେବେ ଗ୍ରାହକମାନେ ଖାଇବା ଛାଡି ଶାକାହାରୀ ହୋଇ ଯାଆନ୍ତେ । ଏହା ସେମାନଙ୍କ ମାନସିକ ପୃଥକତାରେ ବାଧାଦେବା ସହ ମାଂସ ଖାଇବା କମିଯାଆନ୍ତା ବୋଲି ଗବେଷକମାନେ ପ୍ରକାଶ କରିଥିଲେ। ପ୍ରାଣୀଙ୍କ ମାଂସ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇବା ପରେ କୋଭିଡ ମହାମାରୀ ସମୟରେ ଚାଇନାର ଉହାନର ମାର୍କେଟଗୁଡ଼ିକ ବନ୍ଦ ହେବା ଓ ମାଂସାହାରୀଙ୍କ ସଂଖ୍ୟା କମିଯିବା ଏଥିରୁ ସହଜରେ ବୁଝାପଡେ।

୨୦୦୨ରେ କୁବେରୋଡ ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡିଛି ଯେ,ମହିଳାଙ୍କ ତୁଳନାରେ ପୁରୁଷମାନେ ମାଂସର ଉତ୍ସ ସମ୍ପର୍କରେ ଅଧିକ ସଚେତନ। ମହିଳାମାନେ କେଉଁ ପ୍ରାଣୀର ମାଂସ ତାହା ଖାଇବା ସମୟରେ ଜାଣିବାକୁ ଚାହାନ୍ତି ନାହିଁ। ଯଦି ସେମାନଙ୍କୁ ଏହା ମନେପକାଇ ଦିଆଯାଏ ତେବେ ସେମାନେ ଅସହଜ ଅନୁଭବ କରନ୍ତି ଓ ବେଳେବେଳେ ମାଂସ ଖାଇ ନ ଥାନ୍ତି। ୨୦୧୮ରେ କୁପଶାଲାଙ୍କ ଅନୁଧ୍ୟାନରୁ ଜଣାପଡିଛି ଯେ,ମାଂସ ପାଇଁ ପ୍ରାଣୀ ହତ୍ୟାକୁ ନେଇ ମାଂସାହାରୀ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ଚିନ୍ତା ପ୍ରକଟ କରିଥାନ୍ତି। ମାଂସର ଉତ୍ସ ଠାରୁ ଗ୍ରାହକମାନଙ୍କୁ ପୃଥକ କରି ରଖିବାର ଅନ୍ୟ କୌଶଳ ବି କମ୍ପାନୀଗୁଡ଼ିକ ଆପଣାଇଥାଆନ୍ତି। ପୌରୁଷତ୍ୱ କ୍ଷେତ୍ରରେ ମାଂସର ଭୂମିକା ସମ୍ପର୍କରେ ବିଜ୍ଞାପନ ଦେଇ ସିଧାସଳଖ ବିକ୍ରି କରିଥାନ୍ତି। ମହିଳାଙ୍କ କ୍ଷେତ୍ରରେ ପରୋକ୍ଷ ଉପାୟ ଅବଲମ୍ବନ କରିଥାଆନ୍ତି। ସେମାନେ କିଭଳି ଏହାକୁ ଘୃଣା ନ କରିବେ ଏବଂ ଦୂରେଇ ନ ଯିବେ, ସେଥିପାଇଁ ପ୍ରାଣୀଙ୍କ ନାମ ଗୁପ୍ତ ରଖିବା ପାଇଁ କମ୍ପାନୀ ଏକ ସୁନ୍ଦର ନାମ ଦେଇ ମାଂସ ବିକ୍ରି କରନ୍ତି।

ଗବେଷକ କୁବେରୋଡ ମଧ୍ୟ ଗ୍ରାମୀଣ ଏବଂ ସହରାଞ୍ଚଳର ଗ୍ରାହକମାନଙ୍କ ଉପରେ ଅନୁଧ୍ୟାନ କରିଛନ୍ତି। ମାଂସ ପ୍ୟାକେଜିଂ ଏବଂ ବିକ୍ରିକୁ ମାଂସଠାରୁ ଏହାର ଉତ୍ସକୁ ଗୁପ୍ତ ରଖି କରାଯାଉଛି ବୋଲି ଉଭୟ ଗ୍ରାହକ ଏକମତ ହୋଇଛନ୍ତି। ଯଦି ପର୍କ ମାଂସ ଉପରେ ଘୁଷୁରିର ଛବି କିମ୍ବା ଅଣ୍ଡା କାର୍ଟୁନ ଉପରେ ଆବଦ୍ଧ ଯନ୍ତାରେ ରଖାଯାଇଥିବା କୁକୁଡାଙ୍କ ଛବି ଲଗାଯାଆନ୍ତା, ତେବେ ସେମାନେ ଏହାକୁ କିଣନ୍ତେ ନାହଁ ବୋଲି ସେ ପ୍ରକାଶ କରିଛନ୍ତି। ମାଂସ ଉତ୍ପାଦ ଶିଳ୍ପ ବା କମ୍ପାନୀଗୁଡ଼ିକର ମାଂସଠାରୁ ପ୍ରାଣୀଙ୍କୁ ଅଲଗା କରି ରଖିବାର ପ୍ରକ୍ରିୟାକୁ ଭାଙ୍ଗି ମାଂସଶିଳ୍ପର ମିଛକୁ ବାହାରକୁ ଆଣି ସେଥିରୁ ସତ ଜାଣି ଆମେ ଶାକାହାରୀ ହେବାର ଅଧିକ ସମ୍ଭାବନା ଅଛି କି ? ସମସ୍ତଙ୍କର ଆତ୍ମବିଚାର ବା ବିବେକ ରହିଛି। ମାଂସଶିଳ୍ପ ଏହାକୁ ଲୋପ କରିଦେବାକୁ ଚେଷ୍ଟା କରୁଛି। ଏଣୁ ଆମେ ବିବେକକୁ ଅଧିକ ସକ୍ରିୟ କରିବାକୁ ଚେଷ୍ଟା କରିବା ଉଚିତ।

Email: gandhim@nic.in

## ଈଶ୍ୱରଭାବର ଅନୁଚିନ୍ତା



ଅଲେଖ ଚନ୍ଦ୍ର ମିଶ୍ର

ଦିନେ ନିରୋଳା ମୁହୂର୍ତ୍ତରେ ଦ୍ୱାରକାଧୀଶ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ତାଙ୍କର ଅଷ୍ଟ ପାଟବଂଶୀ ପ୍ରଶ୍ନ କଲେ, ''ପ୍ରଭୁ ଆପଣ ଗୋପପୁର ଛାଡି ମଥୁରା ଆସିଲେ। ଆମ୍ଭମାନଙ୍କୁ ଯଥାରୀତି ବିବାହ କରି ପତ୍ନୀର ମର୍ଯ୍ୟାଦା ଅର୍ପଣ କଲେ। କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ କାହାରି ଜଣକର ନାମ ସହିତ ଆପଣଙ୍କର ନାମ ଯୋଡାହୋଇ ପାରିଲା ନାହିଁ। ଅଥଚ ଗୋପର ସାମାନ୍ୟ ଗୋପାଳୁଣୀଙ୍କ ପାଇଁ ଆପଣ ଗୋପୀଜନ ପ୍ରାଣବନ୍ଧୁ ଗୋପୀନାଥ ହୋଇ ରହିଗଲେ। ଏପରିକି ପରକୀୟା ପ୍ରୀତିର ପ୍ରତୀକ ରାଧାଙ୍କ ପାଇ ରାଧିକାଜୀବନ ରାଧାକୃଷ୍ଣ ନାମ ଧାରଣ କଲେ। ଦୟାକରି ଯଦି ଆମର ଏ ସଂଶୟ ମୋଚନ କରି ଦିଅନ୍ତେ....।'' ସେମାନଙ୍କର ପ୍ରଶ୍ନର ଉତ୍ତରରେ ପ୍ରଭୁ କହିଲେ, ''ଅଚିରେ ତୁମ୍ଭମାନଙ୍କର ମନରେ ଥିବା ଦ୍ୱନ୍ଦ୍ୱର ସମାଧାନ ହୋଇଯିବ।''

କିଛିଦିନ ବିତିଗଲା। ପ୍ରଭୁ ଦିନେ ଜ୍ୱରରେ ପଡିଗଲେ ଏବଂ ଅନେକ ଚେଷ୍ଟା ସତ୍ତ୍ୱେ ତାଙ୍କର ଅସୁସ୍ଥତାର ଉପଶମ ହେଲା ନାହିଁ। ଶେଷରେ ପ୍ରଭୁ ଉଦ୍ଧବଙ୍କୁ ଡକେଇ ପଠେଇଲେ। ଉଦ୍ଧବ କହିଲେ, ''ଏ ରୋଗର ଔଷଧ ମାତ୍ର ଗୋଟିଏ। ତାହା ହେଲା ନାରୀମାନଙ୍କର ପାଦଧୂଳି ପ୍ରଭୁଙ୍କର ମସ୍ତକରେ ବୋଳିବା। ତୁମ୍ଭେମାନେ ଯଥାଶୀଘ୍ର ଏହାର ବ୍ୟବସ୍ଥା କର।'' ଆଠଜଣ ଯାକ ପରସ୍ପର ମଧ୍ୟରେ ଆଲୋଚନା କରି କହିଲେ, ଆମେ କିପରି ଏତେବଡ଼ ଅନ୍ୟାୟ, ଅଧର୍ମ କରିବୁ? ସ୍ୱାମୀ ଦେବତା। ତାଙ୍କୁ ପୁଣି ଦେବୁ ପାଦର ଧୂଳି? ଅସମ୍ଭବ। ଉଦ୍ଧବଙ୍କୁ ନିରୁପାୟ ଦେଖି ଶ୍ରୀକୃଷ୍ଣ କହିଲେ, '' ତୁମେ ଟିକେ କଷ୍ଟକରି ଗୋପପୁର ଯାଅ ଏବଂ ଗୋପୀମାନଙ୍କୁ ଏକଥା ଜଣେଇଦିଅ। ସେମାନେ କ'ଣ କହିବେ ଫେରିଆସି ଜଣେଇବ।''

ଉଦ୍ଧବ ଗୋକୁଳରେ ପହଞ୍ଚି ଗୋପୀମାନଙ୍କୁ ସବୁକଥା ଜଣେଇଲେ। ଏହା ଶୁଣି ଗୋପୀମାନେ କହିଲେ, ''କ'ଣ, ଆମ କାହ୍ନାର ଦେହ ଭଲ ନାହିଁ? ଏଇ ନିଅ ଆମର ପାଦଧୂଳି। କାହ୍ନାର ମୁଣ୍ଡସାରା ବୋଳିଦେବ ଏବଂ କହିବ ଆମ୍ଭମାନଙ୍କର ଆୟୁଷ ନେଇ ସେ ଚିରଦିନ ବଞ୍ଚିରହୁ।''

ଗୋପୀଙ୍କର ପାଦଧୂଳିକୁ ଗାମୁଛାରେ ବାନ୍ଧି ମୁଣ୍ଡ ଉପରେ ଥୋଇ ଉଦ୍ଧବ ଦ୍ୱାରକା ଫେରିଲେ । ପ୍ରଭୁ ସେ ଧୂଳିକୁ ଅତ୍ୟନ୍ତ ଭାବାବେଗରେ ଗ୍ରହଣ କରି ମୁଣ୍ଡରେ ଲଗେଇଲେ। ଜଡବତ୍ ଠିଆ ହୋଇ ରହିଥିଲେ ଅଷ୍ଟମହିଷୀ। 'ଆପଣ' ଓ 'ତୁ' ସମ୍ବୋଧନରେ ଥିବା ଆତ୍ମୀୟତାର ଦୂରତ୍ୱ ମଧ୍ୟରେ ଖୋଜୁଥିଲେ ସରଳା ଗୋପାଙ୍ଗନା ଏବଂ ସେମାନଙ୍କ ମଧ୍ୟରେ ଥିବା ଭାବଗତ ବ୍ୟବଧାନ ଓ ନିଜ ପ୍ରଶ୍ନର ଉତ୍ତର।

ସଂଶିତ ଉପାଖ୍ୟାନଟିର ପୃଷ୍ଠଭୂମିରେ ଯେଉଁ ସନ୍ଦେଶ ପ୍ରଚ୍ଛନ୍ନ ରହିଛି ତାହାହେଲା ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୌଣସି ପ୍ରକାରର ସଂଶୟ, ଅବିଶ୍ୱାସ, ଦ୍ୱିଧା, କୁଣ୍ଠା କିମ୍ବା ବିକାର ରହିବା ଅନୁଚିତ। ଯାହା ରହିବା ଉଚିତ ତାହା ହେଲା, ନିର୍ମଳ ଭାବ, ଅନାବିଳ ପ୍ରେମ ଓ ସମ୍ପୂର୍ଣ୍ଣ ସମର୍ପଣ। 'ଭାବକୁ ନିକଟ ସେ, ଅଭାବକୁ ଦୂର।' ତେଣୁ ସେ ଭାବଗ୍ରାହୀ। ଭକ୍ତବତ୍ସଳ। କିନ୍ତୁ ଏଭଳି 'ଭାବ' ବି ପ୍ରଭୁଙ୍କର କୃପା ବିନା ମିଳେନା। ପ୍ରଭୁଙ୍କ ଭାଷାରେ, ''ମୁଁ ଯାକୁ ହୁଅଇ ସଦୟ, ଜ୍ଞାନ ତା' ହୃଦରୁ ଉଦୟ।'' (ଶ୍ରୀମଦ୍ ଭାଗବତ)। ମହାପାପୀ ଅଜାମିଳ ମୃତ୍ୟୁ ସମୟରେ ଯେତେବେଳେ ନାରାୟଣ ନାମକୁ ସ୍ମରଣ କଲା ସେତେବେଳେ ତା'ର ଅନ୍ତଃକରଣରେ ଭଗବାନ ନାରାୟଣଙ୍କର (ତା'ର ସାନପୁଅ ନାରାୟଣ ନୁହେଁ) ଚେତନା ମୁହୂର୍ତ୍ତକ ପାଇଁ ଝଲସି ଉଠିଥିଲା। ଯାହା ଥିଲା ତା'ର ପୂର୍ବାର୍ଜିତ ସୁକୃତର ଫଳ। ତେଣୁ ସେ ପ୍ରଭୁଙ୍କ କୃପା ଲାଭ କରିଥିଲା। ''ଅଜାମିଳ ନାମେ ସେ ମହାପାପୀ, ତରିଗଲା ପୁତ୍ର ନାମକୁ ଜପି।'' କୁରୁସଭା ତଳେ ନିଜର ଲଜ୍ଜା ନିବାରଣ ପାଇଁ ଦ୍ରୌପଦୀ ସର୍ବତୋଭାବେ ଚେଷ୍ଟା କରିଥିଲେ। ଯେତେବେଳେ ନିତାନ୍ତ ଅସହାୟ ହୋଇ ଶୂନ୍ୟକୁ ହାତ ଟେକିଦେଲେ ସେତିକି ବେଳେ ହିଁ ପ୍ରଭୁଙ୍କର ସହାୟତାର ହାତ ଲମ୍ବି ଆସିଲା। ସୂର୍ପଣଖା ପ୍ରଭୁଙ୍କୁ ପ୍ରେମ କରିଥିଲା। କିନ୍ତୁ ସେ ପ୍ରେମ ଥିଲା କାୟିକ, ବିକାରଗ୍ରସ୍ତ। ତେଣୁ ତା'ର ପ୍ରେମ ଅସଫଳ ହୋଇଥିଲା। ଯେତେବେଳେ ପ୍ରଭୁଙ୍କ ପାଇଁ ତା'ର ମନରେ ନିଷ୍କାମ, ନିର୍ମଳ ପ୍ରେମର ଉଦ୍ରେକ ହେଲା ସେତେବେଳେ ହିଁ ତା'ର କାମନା ଚରିତାର୍ଥ ହେଲା। (ପରବର୍ତ୍ତୀ ଜନ୍ମରେ କୁବ୍‌ଜା ରୂପରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ସାନ୍ନିଧ୍ୟ ଲାଭ)।

ପ୍ରଭୁଙ୍କର ଦୃଷ୍ଟିରେ ଆସ୍ତିକ ଓ ନାସ୍ତିକ ଉଭୟେ ସମାନ ଏବଂ ସମସ୍ତଙ୍କ ପାଇଁ ତାଙ୍କ କୃପାର ଭଣ୍ଡାର ସଦା ଉନ୍ମୁକ୍ତ। ତେଣୁ ଯିଏ ଦେଇ ମଲା (ବଳି), ଯିଏ ନ ଦେଇ ମଲା (ରାବଣ), ଯିଏ ଦେଖି ମଲା (କଂସ), ଯିଏ ନ ଦେଖି ମଲା (ଦଶରଥ), ଯିଏ ଖୋଇ ମଲା (ପୁତନା), ଯିଏ ନ ଖୋଇ ମଲା (ଯଜ୍ଞଧାରୀ ବ୍ରାହ୍ମଣ ପତ୍ନୀ), ଯିଏ ମାନି ମଲା (ମଧୁ କୈଟଭ), ଯିଏ ନ ମାନି ମଲା (ହିରଣ୍ୟକଶିପୁ) ସମସ୍ତେ ପ୍ରଭୁଙ୍କର ଅନନ୍ତ ସତ୍ତାରେ ବିଲୀନ ହୋଇଯାଇଥିଲେ। ଏଭଳି ପ୍ରଭୁଙ୍କୁ ମଣିଷ ଅବା କ'ଣ ଦେଇପାରିବ? ସବୁତ ତାଙ୍କରି ଦାନ। ନିଜର ଦାନକୁ ସେ କିପରି ଗ୍ରହଣ କରନ୍ତେ। ତେଣୁ ତାଙ୍କୁ ଅର୍ପଣ କରାଯାଉଥିବା ସମସ୍ତ ପଦାର୍ଥ ଅନ୍ୟମାନେ ହିଁ ଭୋଗ କରନ୍ତି। ସେ କେବଳ ଆଘ୍ରାଣଭୋଗୀ। ସେ ଯାହା ଗ୍ରହଣ କରନ୍ତି ତାହା ହେଲା ଭାବ। ସେଥିପାଇଁ ପ୍ରଭୁ କୌରବାଧିପତି ଦୁର୍ଯ୍ୟୋଧନର ବିଳାସପୂର୍ଣ୍ଣ ଭୋଜନସାମଗ୍ରୀକୁ ପ୍ରତ୍ୟାଖ୍ୟାନ କରି ଦରିଦ୍ର ବିଦୁର ଘରେ ଆଗ୍ରହରେ ଶାକାନ୍ନ ଭୋଜନ କରିଥିଲେ ଏବଂ ଶବରୀର ଉଚ୍ଛିଷ୍ଟ ଫଳକୁ ଆନନ୍ଦରେ ଖାଇଥିଲେ। ତେଣୁ ପ୍ରଭୁଙ୍କର ଉପାସନା ପାଇଁ ଯାହା ଲୋଡା ତାହାହେଲା 'ଭାବ'। ସମ୍ପୂର୍ଣ୍ଣ କାର୍ଯ୍ୟବ୍ୟସ୍ତତା ଭିତରେ ପ୍ରଭୁଙ୍କ ପାଇଁ ମୁହୂର୍ତ୍ତଟିଏ ସମର୍ପଣ କଲେ ଯଥେଷ୍ଟ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ୟୁନିଟ–୪,
ଭୁବନେଶ୍ୱର, ମୋ : ୯୪୩୮୬୭୩୮୯୮

## ଏଇ ଭାରତରେ

ଜୈବ ଇନ୍ଧନରେ ଚାଲୁଥିବା ଗାଡ଼ିଗୁଡ଼ିକ ବାୟୁମଣ୍ଡଳକୁ ଅଧିକ କାର୍ବନ ମନୋକ୍ସାଇଡ ଗ୍ୟାସ୍ ନିର୍ଗମନ କରିବା ଯୋଗୁ ଏହା ବିଶ୍ୱତାପନ ବୃଦ୍ଧି କରୁଛି। ଏହିସବୁ ଗାଡି ସଂଖ୍ୟା କମ୍ କରିବାର ସମୟ ଏବେ ଉପନୀତ ଏବଂ ଏହାର ବିକଳ୍ପ ଖୋଜିବାରେ ଯେଉଁ କେତେଜଣ ଲାଗିପଡ଼ିଛନ୍ତି ସେମାନଙ୍କ ମଧ୍ୟରେ ବିଶାଖ ଶଶିକୁମାର ଅନ୍ୟତମ। ସେ ପି–ବିମ୍ ଷ୍ଟାର୍ଟଅପ୍ ଗଠନ କରି ତା'ମାଧ୍ୟମରେ ଇ–ବାଇକ୍ ନିର୍ମାଣ କରୁଛନ୍ତି। ଏହି ବାଇକ୍ ଥରେ ଚାର୍ଜ ହେଲେ ୫୦ କି.ମି. ଯାଉଛି। ଏହାର ଦାମ୍ ରଖାଯାଇଛି ୩୦ ହଜାର ଟଙ୍କା। ଆଇଆଇଟି ମାଡ୍ରାସରେ ଶିକ୍ଷା ଶେଷ କରି ବିଶାଖ ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ମୋବାଇଲ ଫୋନ୍ ଯେମିତି ସହଜରେ ଚାର୍ଜ ହୋଇପାରୁଛି, ଠିକ୍ ସେମିତି ଓ ସେତିକି ସମୟରେ ଏହାର ବ୍ୟାଟେରି ବି ଚାର୍ଜହେଉଛି। ଇ–ବାଇକ୍‌ର ବେଗ ଘଣ୍ଟାପ୍ରତି ୨୫ କି.ମି. । ଏଥିପାଇଁ ଏହାର ପଞ୍ଜୀକରଣ ଦରକାର ପଡେନି କି ଚାଳକଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ ଲୋଡାହୁଏନି। ଏଥିରେ ସେ ୯୦% ଦେଶୀ ଯନ୍ତ୍ରପାତି ଉପଯୋଗ କରିଛନ୍ତି ଓ କେବଳ ମୋଟ ବାହାରୁ ଆଣୁଛନ୍ତି। ଶତପ୍ରତିଶତ ଦେଶୀ ଯନ୍ତ୍ରାଂଶରେ ଏହାକୁ ନିର୍ମାଣ କରିବାରେ ଯୋଜନା ବି ଚୂଡାନ୍ତ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ବିଶାଖ ୧୦,୦୦୦ ଇ–ବାଇକ ବିକ୍ରି କରିବାର ଯୋଜନା ରଖିଛନ୍ତି।

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।

–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | 0 | E | 5 | | | | | | | | | | |
| | C | 2 | | | | | | A | | | | | | 3 |
| 5 | | | | 7 | | | 4 | | | | | 0 | | |
| A | 4 | | | | 9 | B | 0 | 2 | | | 7 | | | |
| | | | | 6 | | C | D | | | B | | | 9 | 5 |
| | | | | | | D | E | 3 | | | | | | 8 |
| | | | | D | 1 | | B | 8 | | 6 | 5 | | 2 | E |
| 7 | | | | | 0 | | | | | | | 3 | | |
| | | 5 | C | | | | 9 | | | A | | 7 | 6 | |
| 2 | B | | | A | | | 6 | | | | 4 | 1 | | |
| | | | | | A | | 3 | | | | 9 | | | |
| | 8 | | | | D | | 2 | | | | 1 | | 7 | 0 |
| 4 | | 6 | 3 | | E | 1 | | | | | | | | 2 |
| | | 1 | 5 | | | E | | | | 2 | | B | | 6 |
| | D | | | 9 | C | | | 4 | | | | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 6 | E | 0 | 2 | 7 | 8 | A | C | 5 | 9 | 1 | 4 | B |
| 8 | B | 0 | 5 | 6 | 3 | 1 | C | E | D | 2 | 4 | A | 9 | 7 |
| 5 | E | 1 | 9 | D | A | 0 | B | 4 | 3 | 6 | 7 | C | 8 | 2 |
| 7 | 2 | A | 4 | 1 | C | D | 9 | 6 | B | E | 8 | 5 | 0 | 3 |
| 9 | 4 | C | 7 | 8 | B | 3 | 5 | 2 | 0 | 1 | A | 6 | D | E |
| 6 | 1 | E | 8 | 2 | 0 | 4 | D | 5 | A | 9 | B | 3 | 7 | C |
| B | C | 2 | 1 | 7 | E | 8 | A | 3 | 6 | 4 | 0 | 9 | 5 | D |
| 4 | 7 | 9 | 6 | B | 5 | 2 | E | C | 8 | 3 | D | 0 | A | 1 |
| 3 | A | D | C | 4 | 9 | B | 0 | 1 | 2 | 7 | 5 | 8 | E | 6 |
| 0 | 8 | 5 | 3 | A | D | 9 | 6 | 7 | E | C | 1 | B | 2 | 4 |
| E | 9 | 4 | 0 | C | 1 | 5 | 2 | B | 7 | A | 6 | D | 3 | 8 |
| 2 | 6 | 8 | D | 5 | 4 | A | 3 | 9 | 1 | B | E | 7 | C | 0 |
| C | 5 | B | 2 | 9 | 8 | 6 | 7 | D | 4 | 0 | 3 | E | 1 | A |
| A | 0 | 3 | B | E | 7 | C | 1 | 8 | 5 | D | 2 | 4 | 6 | 9 |
| 1 | D | 7 | A | 3 | 6 | E | 4 | 0 | 9 | 8 | C | 2 | B | 5 |

ଗତକାଲିର ଉତ୍ତର



# ସରକାରୀ ସ୍କୁଲ ପାଇଁ ଯୋଜନା

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଚଳିତବର୍ଷ ସରକାରୀ ସ୍କୁଲଗୁଡ଼ିକୁ ସଶକ୍ତ ଓ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ସରକାରଙ୍କ ଉଦ୍ୟମ ସୂଚେଇ ଦେଉଛି ଯେ, ସରକାରୀ ସ୍କୁଲଗୁଡ଼ିକ ସେମାନଙ୍କ ଆକର୍ଷଣ ହରାଇଛନ୍ତି। ଏଣୁ ସେଗୁଡ଼ିକୁ ସଶକ୍ତ, ଦକ୍ଷ ଓ ଆକର୍ଷଣୀୟ କରିବା ପାଇଁ ସରକାରଙ୍କ ଦୁଇଟି ନିଷ୍ପତ୍ତି ବିଷୟରେ ଆଲୋଚନା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ। ପ୍ରଥମଟି ହେଉଛି ପୋଷ୍ୟ ସ୍କୁଲ ଗ୍ରହଣ ଏବଂ ଦ୍ୱିତୀୟଟି ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାରେ ସରକାରୀ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ। ପୋଷ୍ୟ ସ୍କୁଲ ଗ୍ରହଣ 'ମୋ ସ୍କୁଲ' କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ବୋଲି କୁହାଯାଉଛି। ଏହାରି ମଧ୍ୟରେ ଅନେକ ସ୍କୁଲକୁ ପୁରାତନ ଛାତ୍ରୀଛାତ୍ରମାନେ ପ୍ରଭୂତ ଅର୍ଥଦାନ କରିଛନ୍ତି ଓ ସରକାର ଦୁଇଗୁଣ ଅର୍ଥ ଦେଇ ସେହି ସ୍କୁଲଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି କରୁଛନ୍ତି। ଏହି ଯୋଜନାରେ ସୁନ୍ଦର କୋଠା ସାଙ୍ଗକୁ ବିଜ୍ଞାନାଗାର, ପାଠାଗାର, ଖେଳପଡ଼ିଆ ଆଦିର ଉନ୍ନତି କରାଯାଇ ସ୍କୁଲଗୁଡ଼ିକୁ ଆକର୍ଷଣୀୟ କରାଯାଇଛି। ମାତ୍ର ବିଡ଼ମ୍ବନାର ବିଷୟ ଯେ, ଅଧିକାଂଶ ସ୍କୁଲରେ ଆବଶ୍ୟକ ସବୁ ବିଷୟରେ ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ସ୍କୁଲ ପାଇଁ ଆକର୍ଷଣୀୟ ଭିତ୍ତିଭୂମିର ଆବଶ୍ୟକତା ଥାଇପାରେ, ମାତ୍ର ଉପଯୁକ୍ତ ତାଲିମପ୍ରାପ୍ତ ସମର୍ପିତ ଶିକ୍ଷକ ବିନା ଉନ୍ନତ ଶିକ୍ଷାର କଳ୍ପନା କରାଯାଇ ନ ପାରେ। ସମ୍ପ୍ରତି ଆଉ ସମର୍ପିତ ଶିକ୍ଷକ ନାହାନ୍ତି। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ବନ ବିଦ୍ୟାଳୟର ଆଜିଭଳି ଆକର୍ଷଣୀୟ ଭିତ୍ତିଭୂମି ନ ଥିଲା, ମାତ୍ର ତାହା ଥିଲା ଆଦର୍ଶ ଶିକ୍ଷକମାନଙ୍କ ସାଧନା କେନ୍ଦ୍ର। ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ସମସ୍ତେ ଥିଲେ ଉଚ୍ଚ ଶିକ୍ଷିତ। ସେମାନଙ୍କ ପାଇଁ ଶିକ୍ଷକତା ଏକ ବ୍ରତ ଥିଲା, ବୃତ୍ତି ନୁହେଁ, ଜୀବନ ଥିଲା, ଜୀବିକା ନୁହେଁ। ଯେଉଁଦିନ ପଣ୍ଡିତ ଗୋଦାବରୀଶ ମିଶ୍ର ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗ ଦେଲେ ସେଦିନ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ସେହିଦିନର ଅନୁଭବ ବର୍ଣ୍ଣନା କରି ''ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ'' ପୁସ୍ତକରେ ସେ ଲେଖିଛନ୍ତି, ସେଦିନ ମୋତେ ଆଉ ଥରେ ବ୍ରତ ହେଲା ପରି ଲାଗିଲା। ମୋ ଆଖିରୁ ଅବିରଳ ଲୁହ ବହିଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହି ପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି ତା' ଭାରରେ ମୋ ମୁଣ୍ଡ ଭାଜି ଯାଉଥାଏ। ମାତ୍ର ଆଜି ଶିକ୍ଷକତା ଆଉ ବ୍ରତ ହୋଇ ରହିନାହିଁ, ହୋଇଛି ଏକ ବୃତ୍ତି। ପୁନଶ୍ଚ ଅଧିକାଂଶ ଶିକ୍ଷକ ସେହି ବୃତ୍ତିକୁ ମଧ୍ୟ ସମର୍ପିତ ଭାବରେ ନିର୍ବାହ କରୁନାହାନ୍ତି। ସେପରି କ୍ଷେତ୍ରରେ ସ୍କୁଲର ଭିତ୍ତିଭୂମି ଯେତେ ଦୃଢ଼ କରାଗଲେ ମଧ୍ୟ ଉପଯୁକ୍ତ ସମର୍ପିତ ଶିକ୍ଷକ ବିନା ଶିକ୍ଷାର ଲକ୍ଷ୍ୟ ସାଧିତ ହେବ ନାହିଁ।

ସମ୍ପ୍ରତି ଘୋଷିତ ହୋଇଥିବା ପୋଷ୍ୟସ୍କୁଲ ଯୋଜନା ମଡେଲ ସ୍କୁଲ ବା ଆଦର୍ଶ ବିଦ୍ୟାଳୟ ଯୋଜନାକୁ ମନେପକାଇ ଦିଏ। ସରକାର ପବ୍ଲିକ ସ୍କୁଲ ଶୈଳୀରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ମଡେଲ ସ୍କୁଲ ପ୍ରତିଷ୍ଠା କରିଛନ୍ତି। ଏହି ସ୍କୁଲଗୁଡ଼ିକରେ ବିଜ୍ଞାନ, ଗଣିତ, ଇଂଲିଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଭଲ ବହି ଓ ପତ୍ରପତ୍ରିକାଯୁକ୍ତ ପାଠାଗାର ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ସୁନ୍ଦର କୋଠା ଓ ଭିତ୍ତିଭୂମି ମଧ୍ୟ ନିର୍ମାଣ କରାଯାଇଛି। ଯାହା କିଛି ଶ୍ରେଷ୍ଠ ଓ ଅନୁକରଣଯୋଗ୍ୟ ତାକୁ ଇଂଲିଶରେ ମଡେଲ ଓ ଓଡ଼ିଆରେ ଆଦର୍ଶ କୁହାଯାଏ। ସୀମିତ ସଂଖ୍ୟକ ପିଲାଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଇ ପ୍ରତି ବ୍ଲକରେ ମୁଣ୍ଡ ଟେକିଥିବା ଗୋଟିଏ ଲେଖାଏ ସ୍କୁଲ ଅନ୍ୟ ସ୍କୁଲଗୁଡ଼ିକ ପାଇଁ ଅନୁକରଣୀୟ ହେବ। ସେହି ବ୍ଲକର ସମସ୍ତ ଅଣମଡେଲ ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ର ଏହି ମଡେଲ ସ୍କୁଲକୁ ଦେଖିବେ ଓ ଉଦ୍‌ବୁଦ୍ଧ ହେବେ। ଏହି ଅଣମଡେଲ ସ୍କୁଲଗୁଡ଼ିକର ସଂଖ୍ୟା ବେଶି। ସେଠାରେ ଆଦର୍ଶ ଶିକ୍ଷା ପାଇଁ ଭିତ୍ତିଭୂମି ନାହିଁ, ଯୋଗ୍ୟ ଶିକ୍ଷକ ନାହାନ୍ତି, ଉନ୍ନତ ପାଠାଗାର ନାହିଁ। ସେଠି କେବଳ ମଧ୍ୟାହ୍ନ ଭୋଜନ, ସାଇକେଲ, ୟୁନିଫର୍ମ ଓ ବହି ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅଣମଡେଲ ସ୍କୁଲଗୁଡ଼ିକ ମଡେଲ ସ୍କୁଲକୁ କିପରି ଅନୁକରଣ କରିବେ ବୁଝା ପଡୁନାହିଁ। ବରଂ ଏହି ମଡେଲ ସ୍କୁଲ ପ୍ରତିଷ୍ଠିତ ହେବା ପରେ ଦୁଇ ପ୍ରକାର ଶିକ୍ଷା ପ୍ରଣାଳୀ ପ୍ରଚଳିତ ହୋଇଛି। ଖୁବ୍ ଅଳ୍ପ ସଂଖ୍ୟକ ଛାତ୍ରୀଛାତ୍ର ସମସ୍ତ ଶୈକ୍ଷିକ ସୁବିଧା ସୁଯୋଗ ପାଇ ମଡେଲ ସ୍କୁଲରେ ପଢୁଛନ୍ତି ଓ ବହୁ ସଂଖ୍ୟକ ଛାତ୍ରୀଛାତ୍ର ସାଧାରଣ ସ୍କୁଲରେ ପଢ଼ି ସେହିସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ସମ୍ପ୍ରତି ଘୋଷିତ ହୋଇଥିବା ପୋଷ୍ୟ ସ୍କୁଲ ଯୋଜନା ଏହି ମଡେଲ ସ୍କୁଲ ଯୋଜନାର ସମ୍ପ୍ରସାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ତ୍ତମାନ ଉଚ୍ଚ ପଦାଧିକାରୀମାନେ ଓ ବିଧାୟିକା ବିଧାୟକମାନେ ଗୋଟିଏ କିମ୍ବା ଦୁଇଟି ଲେଖାଏ ସ୍କୁଲକୁ ପୋଷ୍ୟ ଭାବରେ ଗ୍ରହଣ କରିବା ପାଇଁ ଘୋଷଣା କରିସାରିଲେଣି। ଏହା ଅବଶ୍ୟ ସ୍ୱାଗତଯୋଗ୍ୟ। ମାତ୍ର ଓଡ଼ିଶାରେ ଅଛି ହଜାର ହଜାର ସ୍କୁଲ। ସୀମିତ ସଂଖ୍ୟକ ଉଚ୍ଚ ପଦାଧିକାରୀ ଏବଂ ବିଧାୟିକା ବିଧାୟକ ଓଡ଼ିଶାର ସମସ୍ତ ସ୍କୁଲକୁ ପୋଷ୍ୟ ଭାବରେ ଗ୍ରହଣ କରିବା ସମ୍ଭବ ନୁହେଁ। ସେମାନେ ଯେଉଁ ସ୍କୁଲକୁ ପୋଷ୍ୟ ଭାବରେ ଗ୍ରହଣ କରିବେ ସେହି ସ୍କୁଲର ସର୍ବାଙ୍ଗୀନ ଉନ୍ନତି ସେମାନଙ୍କ ଧ୍ୟେୟ ହେବା ସ୍ୱାଭାବିକ। କିଛିଶହ ସ୍କୁଲ ପୋଷ୍ୟ ହେବା ବେଳେ ହଜାର ହଜାର ସ୍କୁଲ ଅଣପୋଷ୍ୟ ହୋଇ ଅବହେଳିତ ହେବେ ଓ ଦ୍ୱିତୀୟ ଶ୍ରେଣୀର ସ୍କୁଲ ଭାବରେ ପରିଚିତ ହେବେ। ଯେଉଁ ଛାତ୍ରୀଛାତ୍ରମାନେ ପୋଷ୍ୟ ସ୍କୁଲରେ ପଢ଼ିବା ପାଇଁ ସୁଯୋଗ ପାଇବେ ସେମାନେ ନିଜକୁ ଭାଗ୍ୟବାନ୍ ମଣିବେ ଓ ଅନ୍ୟମାନେ ସେହି ସୁଯୋଗରୁ ବଞ୍ଚିତ ହୋଇ ଅଣପୋଷ୍ୟ ସ୍କୁଲରେ ପଢ଼ି ନିଜକୁ ହତଭାଗା ମଣିବେ। ଅଳ୍ପ ସଂଖ୍ୟକ ମଡେଲ ସ୍କୁଲ ପ୍ରତିଷ୍ଠା କରି ଯେପରି ଦୁଇଶ୍ରେଣୀର ଛାତ୍ରୀଛାତ୍ର ସୃଷ୍ଟି କରାଗଲା ପୋଷ୍ୟ ସ୍କୁଲ ଯୋଜନାରେ ମଧ୍ୟ ଠିକ୍ ସେହି ବ୍ୟବସ୍ଥାର ପୁନରାବୃତ୍ତି ହେବ। ଏଣୁ ଏହିଭଳି ବିଭାଜନ ସୃଷ୍ଟି ନ କରି ରାଜ୍ୟର ସବୁ ସ୍କୁଲ ସମାନ ଭାବରେ ସବୁ ସୁବିଧା ସୁଯୋଗ ପାଇବେ ନାହିଁ କାହିଁକି?

ସରକାରଙ୍କ ଆଉ ଏକ ନିଷ୍ପତ୍ତି ହେଲା ସରକାରୀ ସ୍କୁଲରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ ଇଞ୍ଜିନିୟରିଂ ଶିକ୍ଷାରେ ସ୍ଥାନ ସଂରକ୍ଷଣ। ଏହି ଦୁଇ ବିଭାଗରେ ପ୍ରବେଶ କରିବା ପାଇଁ ସରକାରୀ ସ୍କୁଲ ପିଲାମାନଙ୍କ ସଫଳତା ହାର ଅତ୍ୟନ୍ତ କମ୍ ରହୁଥିବାରୁ ସରକାର ଏହି ନିଷ୍ପତ୍ତି ନେବାକୁ ଯାଉଛନ୍ତି। ଆଜି ଯେଉଁମାନେ ଉଚ୍ଚ ପ୍ରତିଷ୍ଠିତ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ସରକାରୀ ସ୍କୁଲରେ ପଢ଼ିଛନ୍ତି। ଆଜି ସରକାରୀ ସ୍କୁଲରେ ପଢ଼ିବା ପାଇଁ କେହି ଆଗ୍ରହ ପ୍ରକାଶ ନ କରିବାର କାରଣ ସେଠି ଶିକ୍ଷାଦାନ ଠିକ୍ ହେଉନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ସରକାରଙ୍କ ଏହି ସଂରକ୍ଷଣ ବ୍ୟବସ୍ଥା ସରକାରୀ ସ୍କୁଲର ଭୁଶୁଡ଼ି ପଡ଼ିଥିବା ଶିକ୍ଷାବ୍ୟବସ୍ଥାକୁ ସଜାଡ଼ି ପାରିବକି? ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନେ ଭାବିନେବେ ଯେ ପରୀକ୍ଷାରେ କମ୍ ନମ୍ବର ରଖିଲେ ମଧ୍ୟ ସେମାନେ ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାକ୍ଷେତ୍ରରେ ପ୍ରବେଶ କରିପାରିବେ। ତେଣୁ ସେମାନେ ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବା ପାଇଁ ଆଉ ଅଧିକ ପରିଶ୍ରମ କରିବେ ନାହିଁ। ଏହାଦ୍ୱାରା ଏହି ଦୁଇ ଶିକ୍ଷାକ୍ଷେତ୍ରରେ ଆହୁରି କିଛି ଦୁର୍ବଳ ଛାତ୍ରୀଛାତ୍ର ପ୍ରବେଶ କରିବାର ସୁଯୋଗ ପାଇବେ ଓ ତଦ୍ୱାରା ସେମାନଙ୍କ ଠାରୁ ବେଶି ମେଧାବୀ ଛାତ୍ର ସେହି ସୁଯୋଗରୁ ବଞ୍ଚିତ ହେବେ। ଏଣୁ ସରକାର ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ସାଙ୍ଗକୁ ଉପଯୁକ୍ତ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ଦେଇ ଏକ ଯୁଗୋପଯୋଗୀ ଶୈକ୍ଷିକ ପରିବେଶ ସୃଷ୍ଟି କଲେ ଛାତ୍ରୀଛାତ୍ରମାନେ ସ୍ୱତଃପ୍ରବୃତ୍ତ ହୋଇ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ଆଗ୍ରହୀ ହେବେ ଓ ପରିଶ୍ରମ କରି ସର୍ବଭାରତୀୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ ଓ ସଫଳ ହେବେ। ସେତେବେଳେ ସଂରକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିବ ନାହିଁ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ
ମୋ– ୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ୍ ନିଷିଦ୍ଧ ହେଉ

ମହାଶୟ,

ସିଙ୍ଗିଲ ପ୍ଲାଷ୍ଟିକ ବ୍ୟବହାର କଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। କିନ୍ତୁ ବର୍ତ୍ତମାନ ଭୋଜି, ବିବାହ, ବ୍ରତ ଏବଂ ବନ୍ଧୁମିଳନରେ ପ୍ଲାଷ୍ଟିକ ବ୍ୟବହାର କରାଯାଉଅଛି। ଏପରି କି ପଲିଥିନ ମୁଣାରେ ଚା' ଓ ଗରମ ତରକାରି ମଧ୍ୟ ନେଇଥାଉ ; ଯାହା ବିଷାକ୍ତ ରାସାୟନିକ ପଦାର୍ଥ ସହ ମିଶି ଦେହକୁ ଯାଇଥାଏ। ଏଥିସହ ନିଜେ ସଚେତନ ନ ହେଲେ ରୋଗର ମାତ୍ରା ବୃଦ୍ଧି ପାଇବ। କାଗଜ କିମ୍ବା ବାୟୋ ପ୍ଲାଷ୍ଟିକ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଗୁରୁବାର, ୧୮ ଫେବୃୟାରୀ, ୨୦୨୧

## ଟିଏମ୍‌ସି ଛାଡ଼ିବେ ଚିରଞ୍ଜିତ

ପଶ୍ଚିମବଙ୍ଗ ବିଧାୟକ ଚିରଞ୍ଜିତ ଚକ୍ରବର୍ତ୍ତୀ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଛାଡ଼ିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କେବଳ ଦଳ ନୁହେଁ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେବାକୁ ଚାହୁଁଛନ୍ତି ବୋଲି ଏହି ଅଭିନେତା ସୂଚନା ଦେଇଛନ୍ତି। ତେବେ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଚିରଞ୍ଜିତ କହିଛନ୍ତି।



## ସଂକ୍ଷେପରେ

### ବର୍ଷେ ପରେ ସାମ୍ନାକୁ ଆସିଲେ କିମ୍‌ଙ୍କ ସ୍ତ୍ରୀ



ପ୍ୟାଙ୍ଗୋଙ୍ଗ୍, ୧୭।୨: ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଉନ୍‌ଙ୍କ ସ୍ତ୍ରୀ ରି ସୋଲ ଜୁଙ୍କୁ ପ୍ରାୟ ବର୍ଷେ ପରେ ସର୍ବସାଧାରଣରେ ଦେଖିବାକୁ ମିଳିଛି। ଅଧିକାଂଶ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ରି ଜୁ କିମ୍‌ଙ୍କ ସହ ଉପସ୍ଥିତ ରହୁଥିଲେ। କିନ୍ତୁ ଗତ ବର୍ଷ ଜାନୁୟାରୀରୁ ତାଙ୍କୁ କେହି ଦେଖିବାକୁ ପାଇ ନ ଥିଲେ। ରି ଜୁ ଅସୁସ୍ଥ ଥିବା କିମ୍ବା ଗର୍ଭବତୀ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ପୂର୍ବ ଲିଡର କିମ୍ ଜୋଙ୍ଗ-୨ଙ୍କ ଜୟନ୍ତୀ ଉତ୍ସବରେ ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ସ୍ୱାମୀ କିମ୍‌ଙ୍କ ସହ ସେ ବସିଥିବା ନଜର ଆସିଛନ୍ତି।

### ସତୀଶ ଶର୍ମାଙ୍କ ପରଲୋକ



ନୂଆଦିଲ୍ଲୀ, ୧୭।୨: ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କ୍ୟାପଟେନ୍ ସତୀଶ ଶର୍ମାଙ୍କ ବୁଧବାର ପରଲୋକ ହୋଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ଦୀର୍ଘ ଦିନ ଧରି ସେ ଏକାଧିକ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଉତ୍ତରପ୍ରଦେଶର ଅମେଠି ଆସନରୁ ପୂର୍ବରୁ ପ୍ରତିନିଧିତ୍ୱ କରୁଥିବା ସତୀଶ ଗାନ୍ଧୀ ପରିବାରର ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଅମଳରେ (୧୯୯୩ରୁ ୧୯୯୬ ପର୍ଯ୍ୟନ୍ତ) ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଥିଲେ। ୧୯୪୭ରେ ସିକନ୍ଦରାବାଦରେ ଜନ୍ମିତ ସତୀଶ ଜଣେ ତାଲିମପ୍ରାପ୍ତ ପାଇଲଟ ଥିଲେ। ତାଙ୍କ ବିୟୋଗରେ ଅନେକ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

### ଲାଲକିଲ୍ଲାରେ ଝଣ୍ଡା ବୁଲାଇଥିବା ମନିନ୍ଦର ଗିରଫ

ନୂଆଦିଲ୍ଲୀ, ୧୭।୨: ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ କୃଷକଙ୍କ ଟ୍ରାକ୍ଟର ରାଲିବେଳେ ଲାଲ୍‌କିଲ୍ଲାରେ ଝଣ୍ଡା ବୁଲାଇଥିବା ଅଭିଯୋଗରେ ପୋଲିସ ମନିନ୍ଦର ସିଂଙ୍କୁ ପିତମପୁରା ବସ୍‌ଷ୍ଟାଣ୍ଡ ନିକଟରୁ ବୁଧବାର ଗିରଫ କରିଛି। ସେ ଝଣ୍ଡା ବୁଲାଉଥିବାର ଏକ ଭିଡିଓ ପୋଲିସକୁ ମିଳିଥିଲା। ଏପରି କରି ମନିନ୍ଦର ହିଂସାକୁ ଉସୁକାଇଥିଲେ ବୋଲି ଦିଲ୍ଲୀ ପୋଲିସ କହିଛି। ତାଙ୍କ ନିକଟରୁ ୪.୩ ଫୁଟ୍ ଲମ୍ବର ଦୁଇଟି ଖଣ୍ଡା ଜବତ କରାଯାଇଛି। ଜାନୁୟାରୀ ୨୬ ପରଠାରୁ ଏହି ଘଟଣରେ ସମ୍ପୃକ୍ତି ଅଭିଯୋଗରେ ୧୨୦ ଜଣରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇ ସାରିଥିବା ସୂଚନା ଦିଆଯାଇଛି।

# ସମ୍ମାନଠାରୁ ମର୍ଯ୍ୟାଦା ବଡ଼



## ମହିଳାଙ୍କ ବିଜୟ # ମି ଟୁ’କୁ ବଳ

ଜଣେ ପ୍ରଭାବଶାଳୀ ବ୍ୟକ୍ତି ମୋତେ କୋର୍ଟର କାଠଗଡ଼ାକୁ ଟାଣିଥିଲେ। ଆଇନର ଅଦାଲତରେ ସତ୍ୟ ପ୍ରତିପାଦିତ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ଏମ୍.ଜେ. ଆକବରଙ୍କ ସପକ୍ଷରେ ୯୭ ଜଣ ଓକିଲ ଲଢୁଥିଲେ। ତେଣୁ ମନରେ ଅନେକ ଭୟ ଓ ଚାପ ରହିଥିଲା। ଏହି ରାୟ ମହିଳାମାନଙ୍କ ପାଇଁ ବିଜୟ ଏବଂ ମି ଟୁ ଅଭିଯାନକୁ ବଳ ଦେବ।

–ପ୍ରିୟା ରମାନୀ

## ଏମ୍.ଜେ. ଆକବର ମାନହାନି ମାମଲା

ନୂଆଦିଲ୍ଲୀ,୧୭।୨

ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସମ୍ମାନର ଅଧିକାର ଆଗରେ ମହିଳାଙ୍କ ମର୍ଯ୍ୟାଦାକୁ ବଳି ପକାଯାଇ ପାରିବ ନାହିଁ। ସାମ୍ବାଦିକା ପ୍ରିୟା ରମାନୀଙ୍କୁ ଆପରାଧିକ ମାନହାନି ମାମଲାରେ ଛନ୍ଦିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କୁ ବୁଧବାର ଦିଲ୍ଲୀର ଏକ କୋର୍ଟ ଏହା ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ଏହା କେବଳ ଆକବରଙ୍କ ପାଇଁ ନୁହେଁ, ବରଂ ସାରା ଦେଶର ପୁରୁଷ ସମାଜକୁ ସୁଦୂରପ୍ରସାରୀ ଅଦାଲତୀ ସନ୍ଦେଶ। ନୂଆଦିଲ୍ଲୀର ଅତିରିକ୍ତ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ରବୀନ୍ଦ୍ର କୁମାର ପାଣ୍ଡେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଏକ ଓପନ୍ କୋର୍ଟରେ ରାୟ ଶୁଣାଇଛନ୍ତି। ଅଦାଲତ ନିଜ ରାୟରେ କହିଛନ୍ତି, ଯୌନ ଶୋଷଣ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ଶେଷ କରିଦିଏ। କୌଣସି ବ୍ୟକ୍ତିଙ୍କ ପ୍ରତିଷ୍ଠାର ସୁରକ୍ଷା କାହାର ସମ୍ମାନର ମୂଲ୍ୟ ଉପରେ କରାଯାଇପାରିବ ନାହିଁ। ଅନେକ ଦଶନ୍ଧି ପରେ ମଧ୍ୟ କୌଣସି ମଞ୍ଚରେ ନିଜ ପକ୍ଷ ରଖିବା ଅଧିକାର ମହିଳାମାନଙ୍କର ରହିଛି। ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଯୌନ ଶୋଷଣ କରିପାରନ୍ତି। ପୀଡ଼ିତାଙ୍କ ଉପରେ ଯୌନ ଶୋଷଣ ଓ ଉତ୍ପୀଡ଼ନର କି ପ୍ରଭାବ ପଡ଼ିଥାଏ ତାହା ସମାଜକୁ ବୁଝିବାକୁ ପଡ଼ିବ। ପ୍ରକାଶ ଯେ, ଫେବୃୟାରୀ ୧୦ରେ କୋର୍ଟ ଏହି ମାମଲାରେ ଉଭୟ ପକ୍ଷଙ୍କ ଚୂଡ଼ାନ୍ତ ଯୁକ୍ତି ଶୁଣିବା ଶେଷ କରି ୧୭ ତାରିଖ ପାଇଁ ରାୟ ସଂରକ୍ଷିତ ରଖିଥିଲେ।

> ଯେଉଁ ଦେଶରେ ମହିଳାମାନଙ୍କୁ ସମ୍ମାନ ଦେବା ପାଇଁ ମହାଭାରତ ଓ ରାମାୟଣ ଭଳି ମହାକାବ୍ୟ ଲେଖାଯାଇଛି ସେମାନଙ୍କ ବିରୋଧରେ ଅପରାଧ ଘଟିବା ଲଜ୍ଜାଜନକ ବିଷୟ।
>
> –ରବୀନ୍ଦ୍ର କୁମାର ପାଣ୍ଡେ, ଅତିରିକ୍ତ ଚିଫ୍ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ନୂଆଦିଲ୍ଲୀ


### ମାମଲା କ’ଣ

ପ୍ରିୟା ରମାନୀ ଅଭିଯୋଗ ଆଣିଥିଲେ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ୧୯୯୩ ଡିସେମ୍ବରରେ ମୁମ୍ବାଇର ଓବରୟ ହୋଟେଲରେ ଚାକିରି ପାଇଁ ସାକ୍ଷାତ୍‌କାର ସମୟରେ ତାଙ୍କୁ ଯୌନ ଶୋଷଣ କରିଥିଲେ। ଅନ୍ୟପକ୍ଷେ ଆକବର ଉକ୍ତ ଅଭିଯୋଗକୁ ଖଣ୍ଡନ କରି କହିଥିଲେ, ହୋଟେଲରେ ସେ ରମାନୀଙ୍କୁ ଭେଟି ନ ଥିଲେ। ରମାନୀଙ୍କୁ ଏହି ମାମଲାରୁ ମୁକ୍ତ କରାଯାଉ ବୋଲି ତାଙ୍କ ଓକିଲ ରେବେକା ଜନ୍ କୋର୍ଟରେ ଦାବି କରିଥିଲେ। ଅନ୍ୟପକ୍ଷେ ରମାନୀଙ୍କ ଅଭିଯୋଗ ଯୋଗୁ ଆକବରଙ୍କ ଛବି ଖରାପ ହୋଇଥିବା ତାଙ୍କ ଓକିଲ ଗୀତା ଲୁଥରା ଜୋର୍ ଦେଇ କହିଥିଲେ।

### ଅଦାଲତ କହିଲେ

ମହିଳାମାନେ ଯୌନ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କଲେ ସମ୍ମାନହାନି ହେଉଥିବା ଆଳରେ ସେମାନଙ୍କୁ ଦଣ୍ଡିତ କରାଯାଇ ପାରିବ ନାହିଁ। କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନ ଉଦ୍‌ବେଗର ବିଷୟ। ପୀଡ଼ିତାଙ୍କ ଉପରେ କିଭଳି ଭାବେ ଯୌନ ନିର୍ଯାତନାର କୁପ୍ରଭାବ ପଡୁଛି ସମାଜ ପାଇଁ ତାହା ବୁଝିବାର ବେଳ ଆସିଛି।

## ଘଟଣାକ୍ରମ: ଆକବର ବନାମ ରମାନୀ



**୨୦୧୮ ଅକ୍ଟୋବର ୮:** ସାମ୍ବାଦିକ ପ୍ରିୟା ରମାନୀ ଏକ ଟୁଇଟ୍‌ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଏମ.ଜେ. ଆକବରଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ। ୨୦୧୭ରେ ପ୍ରିୟା ‘ଟୁ ଦି ହାର୍ଭେ ୱେଇନ୍‌ଷ୍ଟେଇନ୍ସ ଅଫ୍ ୱାର୍ଲ୍ଡ’ ଶୀର୍ଷକ ଏକ ଆର୍ଟିକିଲ ଲେଖିଥିଲେ, ଯାହାକି ‘ଭଗ୍ ଇଣ୍ଡିଆ’ରେ ପ୍ରକାଶ ପାଇଥିଲା। ନିଜ ଟୁଇଟ୍‌ରେ ପ୍ରିୟା ଉକ୍ତ ନିବନ୍ଧ ସମ୍ପର୍କରେ ଅବତାରଣା କରିଥିଲେ।

**ଅକ୍ଟୋବର ୧୫:** ଆକବର ଦିଲ୍ଲୀ କୋର୍ଟରେ ରମାନୀଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ଦାଏର କରିଥିରେ।

**ଅକ୍ଟୋବର ୧୭:** କେନ୍ଦ୍ରମନ୍ତ୍ରୀ ଆକବର କ୍ୟାବିନେଟରୁ ଇସ୍ତଫା ଦେଇଥିଲେ।

**୨୦୧୯ ଜାନୁୟାରୀ ୨୯:** ଦିଲ୍ଲୀ କୋର୍ଟ ରମାନୀଙ୍କୁ ଅଭିଯୁକ୍ତ ଭାବେ ସମନ କରିଥିଲେ।

**ଫେବୃୟାରୀ ୨୫:** ଦିଲ୍ଲୀ କୋର୍ଟ ରମାନୀଙ୍କୁ ଜାମିନ ଦେଇଥିଲେ।

**୨୦୨୦ ଫେବୃୟାରୀ ୭:** କୋର୍ଟରେ ଚୂଡ଼ାନ୍ତ ଯୁକ୍ତି ଶୁଣାଣି ଆରମ୍ଭ ହୋଇଥିଲା।

**ସେପ୍ଟେମ୍ବର ୧୯:** ଶୁଣାଣି କରୁଥିବା ବିଚାରପତି ଏହି ମାମଲାକୁ ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ତାଙ୍କ କୋର୍ଟ ଆଇନପ୍ରଣେତାମାନଙ୍କ ବିରୋଧରେ ମାମଲାର ଶୁଣାଣି ପାଇଁ ଉଦ୍ଦିଷ୍ଟ ଥିବା ସେ ଦର୍ଶାଇଥିଲେ।

**ଅକ୍ଟୋବର ୨୨:** ଜିଲା ଜଜ୍ ଅନ୍ୟ କୋର୍ଟକୁ ମାମଲା ସ୍ଥାନାନ୍ତର କରିବାକୁ ମନା କରି ଶୁଣାଣି କରୁଥିବା ବିଚାରପତିଙ୍କ ନିକଟକୁ ପୁଣି ପଠାଇଦେଇଥିଲେ।

**ନଭେମ୍ବର ୧୮:** ଶୁଣାଣି କରୁଥିବା ବିଚାରପତିଙ୍କ ବଦଳି ହେଲା।

**୨୦୨୧ ଫେବୃୟାରୀ ୧:** କୋର୍ଟ ଉଭୟ ପକ୍ଷଙ୍କ ଚୂଡ଼ାନ୍ତ ଯୁକ୍ତି ଶୁଣିବା ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

**ଫେବୃୟାରୀ ୧୦:** ଲିଖିତ ଜବାବ ଦାଖଲରେ ବିଳମ୍ବ ହେବାରୁ ରାୟ ପ୍ରକାଶ ଫେବୃୟାରୀ ୧୭କୁ ଘୁଞ୍ଚିଲା।

**ଫେବୃୟାରୀ ୧୭:** ରମାନୀଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ନ ହେବାରୁ କୋର୍ଟ ତାଙ୍କୁ ଦୋଷମୁକ୍ତ କରିବା ସହ ଆକବରଙ୍କ ପିଟିଶନକୁ ଖାରଜ କରିଦେଲେ।

## ଝଡ଼ ସୃଷ୍ଟି କରିଥିଲା #ମି ଟୁ କ୍ୟାମ୍ପେନ୍




ମହିଳାମାନଙ୍କୁ ଯୌନ ଶୋଷଣ ପ୍ରତିବାଦରେ ୨୦୧୮ରେ ହାସ୍‌ଟ୍ୟାଗ୍ ମି ଟୁ ଅଭିଯାନ ଭାରତରେ ଝଡ଼ ସୃଷ୍ଟି କରିଥିଲା। ଆକବର ବହୁ ବର୍ଷ ତଳେ ତାଙ୍କୁ ଯୌନ ଶୋଷଣ କରିଥିବା ରମାନୀ ସେତେବେଳେ ଅଭିଯୋଗ ଆଣିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆକବର ଅକ୍ଟୋବର ୧୫ରେ ରମାନୀଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲା ଦାଏର କରିଥିଲେ। ଚାରିଆଡୁ ଚାପ ପଡ଼ିବା ପରେ ଅକ୍ଟୋବର ୧୭ ତାରିଖରେ କେନ୍ଦ୍ର କ୍ୟାବିନେଟରୁ ଆକବର ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ହାସ୍‌ଟ୍ୟାଗ୍ ମି ଟୁ ଅଭିଯାନରେ ତାଙ୍କ ଛବି ଖରାପ କରିବା ଉଦ୍ଦେଶ୍ୟରେ ଏହି ଅଭିଯୋଗ ଅଣାଯାଇଥିବା ଆକବର ନିଜ ପିଟିଶନରେ ଦର୍ଶାଇଥିଲେ। ୨୦୧୯ରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ୨ ବର୍ଷ ପରେ ଶେଷ ହୋଇଛି।

### ଯୌନ ଶୋଷଣ ଅଭିଯୋଗ ନେଇଥିଲା ଆକବରଙ୍କ କେନ୍ଦ୍ରମନ୍ତ୍ରୀ ପଦ

## କଶ୍ମୀରରେ ବିଦେଶୀ ପ୍ରତିନିଧି ଦଳ

ଶ୍ରୀନଗର,୧୭।୨(ପି.ଟି.): ଜମ୍ମୁ-କଶ୍ମୀରକୁ ଏକ ବିଦେଶୀ ପ୍ରତିନିଧି ଦଳ ବୁଧବାର ଦୁଇଦିନିଆ ଗସ୍ତରେ ଆସି ଉପତ୍ୟକାର ସ୍ଥିତି ପରଖିଛନ୍ତି। ଏହି ୨୪ ଜଣିଆ ଟିମ୍‌ରେ ୟୁରୋପୀୟ ସଂଘରେ ଥିବା ଦେଶଗୁଡ଼ିକର ରାଷ୍ଟ୍ରଦୂତ ଏବଂ ଅର୍ଗାନାଇଜେଶନ ଅଫ୍ ଇସ୍‌ଲାମିକ୍ କଣ୍ଟ୍ରିଜ୍ (ଓଆଇସି) ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ଅଛନ୍ତି।

ନବଗଠିତ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ସ୍ଥାନୀୟ ନିର୍ବାଚନ ଅନୁଷ୍ଠିତ ହେବା ପରେ ପ୍ରଥମ ଥର ପାଇଁ ବିଦେଶୀ ରାଷ୍ଟ୍ରଦୂତମାନେ ଗସ୍ତ କରିଛନ୍ତି। ମାଲେସିଆ, ବାଂଲାଦେଶ, ସେନେଗାଲ ଓ ତାଜାକିସ୍ତାନ ଭଳି ଓଆଇସି ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ କେନ୍ଦ୍ରୀୟ କଶ୍ମୀରର ମୋଗାମକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଯାଇଥିଲା। ସେହିପରି ବ୍ରାଜିଲ, ଇଟାଲୀ, ଫିନ୍‌ଲାଣ୍ଡ, କ୍ୟୁବା, ଚିଲି, ପର୍ତ୍ତୁଗାଲ, ନେଦରଲାଣ୍ଡସ୍, ବେଲ୍‌ଜିୟମ, ସ୍ପେନ୍, ସ୍ୱିଡେନ୍, କିର୍ଗିସ୍ତାନ, ଆୟରଲାଣ୍ଡ, ଘାନା, ଏସ୍ତୋନିଆ, ବଲିଭିଆ, ମାଲାୱି, ଇରେଟ୍ରିଆ ଏବଂ ଆଇଭୋରି କୋଷ୍ଟର ରାଷ୍ଟ୍ରଦୂତ ଏଥିରେ ସାମିଲ ଅଛନ୍ତି। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ହଟାଇବା ପରେ ଏହା ହେଉଛି ବିଦେଶୀ ପ୍ରତିନିଧିଙ୍କ ତୃତୀୟ ଗସ୍ତ।




ମୁଁ ବି ଦିଶା ରବି

**ନୂଆଦିଲ୍ଲୀ:** ଯୁବ କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବିଙ୍କ ଗିରଫଦାରି ପ୍ରତିବାଦରେ ଏନ୍‌ଏସ୍‌ୟୁଆଇର ଜଣେ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ସେ ଧରିଥିବା ପ୍ଲାକାର୍ଡରେ ହିନ୍ଦୀରେ ଲେଖାଯାଇଛି, ‘ମୁଁ ବି ଦିଶା ରବି’।

## ନିକିତାଙ୍କୁ ଆଗୁଆ ଜାମିନ ମିଳିଲା

### ଟୁଲ୍‌କିଟ୍ ମାମଲା

ମୁମ୍ବାଇ,୧୭।୨(ପି.ଟି.)

ସ୍ୱିଡେନର ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନ୍‌ବର୍ଗ ‘ଟୁଲ୍‌କିଟ୍’ ମାମଲାରେ ବୁଧବାର ବମ୍ବେ ହାଇକୋର୍ଟ ଆଇନଜୀବୀ ନିକିତା ଜାକୋବଙ୍କୁ ଟ୍ରାଞ୍ଜିଟ୍ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। କୃଷକ ଆନ୍ଦୋଳନ ସପକ୍ଷରେ ଗ୍ରେଟା ଟୁଇଟ୍ କରିଥିବା ଟୁଲ୍‌କିଟ ସହ ଜଡ଼ିତ ଥିବା ଅଭିଯୋଗ ଆଣି ଦିଲ୍ଲୀ ପୋଲିସ ବେଙ୍ଗାଲୁରୁର କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବିଙ୍କୁ ଉଠାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି ମାମଲାରେ ପୁଣେର ଇଞ୍ଜିନିୟର ଶାନ୍ତନୁ ମୁଲୁକ୍ ଓ ମୁମ୍ବାଇର ଆଇନଜୀବୀ ନିକିତା ଜାକୋବଙ୍କୁ ଗିରଫ କରିବା ପାଇଁ ଚଳାଇଥିବା ଉଦ୍ୟମ ବିଫଳ ହୋଇଛି। ଶାନ୍ତନୁଙ୍କୁ ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ଖଣ୍ଡପୀଠ ମଙ୍ଗଳବାର ଜାମିନ ଦେଇଥିଲେ। ସେହିପରି ବମ୍ବେ ହାଇକୋର୍ଟ ନିକିତାଙ୍କୁ ଗୁରୁବାର ଜାମିନ ଦେଇଛନ୍ତି। ଜଷ୍ଟିସ୍ ପି.ଡି. ନାଏକଙ୍କ ଖଣ୍ଡପୀଠ ନିକିତାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ୩ ସପ୍ତାହ ସମୟ ଦେଇଛନ୍ତି। ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ନିକିତା ମୁମ୍ବାଇର ଜଣେ ସ୍ଥାୟୀ ବାସିନ୍ଦା। ଦିଲ୍ଲୀରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଛି। ତେଣୁ ତାଙ୍କୁ ମିଳିଥିବା ଆଶ୍ୱସ୍ତି ସାମୟିକ। ନିକିତାଙ୍କୁ ଯଦି ୩ ସପ୍ତାହ ମଧ୍ୟରେ ଗିରଫ କରାଯାଏ ତେବେ ସେ ୨୫,୦୦୦ ଟଙ୍କାର ବଣ୍ଡ୍ ଦେଇ ମୁକ୍ତ ହୋଇପାରିବେ।

# ପ୍ରେମ ପାଇଁ ନେଇଥିଲେ ୭ ଜୀବନ

**ଅମ୍‌ରୋହା, ୧୭।୨:** ପ୍ରେମ ପାଇଁ ଭୁଲି ଯାଇଥିଲେ ନିଜ ଲୋକଙ୍କୁ। ପ୍ରେମିକଙ୍କୁ ବିବାହ କରିବାକୁ ହରାଇଥିଲେ ହିତାହିତ ଜ୍ଞାନ। ଭଲ ପାଇବାରେ ବାଧକ ସାଜିଥିବା ପରିବାରକୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ପ୍ରେମିକଙ୍କ ସହ ମିଶି ଯୋଜନା କରିଥିଲେ। ଘରର ୭ ସଦସ୍ୟଙ୍କୁ ଟାଙ୍ଗିଆରେ ହାଣି ଅତି ନିର୍ମମ ଭାବେ ହତ୍ୟା କରି ଯୋଜନାକୁ ରୂପ ମଧ୍ୟ ଦେଇଥିଲେ ଉତ୍ତରପ୍ରଦେଶ ଅମ୍‌ରୋହା ଜିଲାର ଶବନମ ଅଲ୍ଲୀ। ଏଥିରେ ସମାନ ଭାବେ ସମ୍ପୃକ୍ତ ଥିଲେ ପ୍ରେମିକ ସଲିମ୍। ଦଣ୍ଡରୁ ମୁକ୍ତି ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ଏଭଳି ଜଘନ୍ୟ କାଣ୍ଡ ପାଇଁ ମୃତ୍ୟୁଦଣ୍ଡ ଶୁଣାଇଥିଲେ ନ୍ୟାୟାଳୟ। ତଳକୋର୍ଟଙ୍କ ରାୟଙ୍କୁ ସୁପ୍ରିମକୋର୍ଟ ବଜାୟ ରଖିବା ପରେ ରାଷ୍ଟ୍ରପତିଙ୍କଠାରେ ରାଜକ୍ଷମା ଆବେଦନ କରିଥିଲେ ହତ୍ୟାକାରୀ ପ୍ରେମୀଯୁଗଳ। କିନ୍ତୁ ସେଠାରୁ ମଧ୍ୟ ଉଭୟଙ୍କୁ ଫାଶୀଦଣ୍ଡରୁ ତ୍ରାହି ମିଳିନାହିଁ।

### ବିବାହରେ ବାଧକ ସାଜିଥିଲା ପରିବାର



### ଶବନମ କିଏ

ଫାଶୀଖୁଣ୍ଟରେ ଝୁଲିବାକୁ ଯାଉଥିବା ଶବନମଙ୍କ ଘର ଉତ୍ତରପ୍ରଦେଶ ଅମରୋହା ଜିଲାର ବାବନଖେଡି ଗ୍ରାମରେ। ତାଙ୍କ ବାପା ସୌକତ ଅଲ୍ଲୀ ଶିକ୍ଷକତା କରୁଥିଲାବେଳେ ମାତା ହାସ୍‌ମୀ, ଦୁଇ ଭାଇ ଅନିଶ ଓ ରସିଦ୍, ଭାଉଜ ଅଞ୍ଜୁମ୍ ଏବଂ ଜଣେ ଶିଶୁ ଶବନମଙ୍କ ପରିବାରରେ ଥିଲେ। ପରିବାରର ଏକମାତ୍ର ଝିଅ ହୋଇଥିବାରୁ ଶବନମ ଅଲିଅଳରେ ବଢ଼ିଥିଲେ। ଅଧିକ ପାଠ ପଢ଼ାଇ ବଡ଼ ମଣିଷ କରିବା ତାଙ୍କ ବାପାଙ୍କ ସ୍ୱପ୍ନ ଥିଲା। ଇଂଲିଶ ଓ ଭୂଗୋଳରେ ଡବଲ୍ ଏମ୍‌ଏ ପରେ ଶବନମ ଶିକ୍ଷାମିତ୍ର ଭାବେ ଚାକିରି କରୁଥିଲେ।

### ରେକର୍ଡ କରିବେ ଜହ୍ଲାଦ

ଶବନମଙ୍କୁ ମଥୁରା ଜେଲରେ ଫାଶୀ ଦିଆଯିବ। ନିର୍ଭୟା ବଳାତ୍କାର ଘଟଣାରେ ୪ ଜଣଙ୍କୁ ଫାଶୀରେ ଝୁଲାଇଥିବା ୫୭ ବର୍ଷୀୟ ପବନ ଜହ୍ଲାଦ ଶବନମଙ୍କ ପାଇଁ ଫାଶୀର ପ୍ରସ୍ତୁତି କରୁଛନ୍ତି। ଦିନ ଧାର୍ଯ୍ୟ ହେବା ପରେ ଭାରତରେ କୌଣସି ମହିଳାଙ୍କୁ ଫାଶୀରେ ଝୁଲାଇବାରେ ଜହ୍ଲାଦ ରେକର୍ଡ କରିବେ। ପ୍ରାୟ ଦେଢ଼ ଶହ ବର୍ଷ ତଳେ ମଥୁରାରେ ମହିଳା ଫାଶୀଘର ନିର୍ମାଣ କରାଯାଇଥିଲା। କିନ୍ତୁ ଦେଶ ସ୍ୱାଧୀନ ହେବା ପରେ କୌଣସି ମହିଳାଙ୍କୁ ଫାଶୀ ଦିଆଯାଇ ନ ଥିଲା।

## କିପରି ଘଟିଲା ହତ୍ୟାକାଣ୍ଡ



ସଲିମ

ଶବନମ ତାଙ୍କ ଗ୍ରାମର ଜଣେ ଷଷ୍ଠ ଶ୍ରେଣୀ ଡ୍ରପ୍‌ଆଉଟ୍ ଛାତ୍ର ସଲିମଙ୍କ ପ୍ରେମରେ ପଡ଼ିଥିଲେ। ମୁସଲମାନ ହୋଇଥିଲେ ମଧ୍ୟ ଉଭୟଙ୍କ ସମ୍ପ୍ରଦାୟ ସମାନ ନ ଥିଲା। ପ୍ରଥମେ ଭିନ୍ନ ସମ୍ପ୍ରଦାୟ ଓ ସଲିମ୍ କମ୍ ପାଠ ପଢ଼ିଥିବାରୁ ଶବନମ୍‌ଙ୍କ ବାପା ମା’ ତାଙ୍କୁ ସଲିମଙ୍କଠାରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ। ହେଲେ ଶବନମ ତାହା ଶୁଣି ନ ଥିଲେ। ବେଳେବେଳେ ଶବନମ ସଲିମଙ୍କୁ ନିଜ ଘରକୁ ନେଉଥିଲେ। ଏହାକୁ ଶବନମଙ୍କ ପରିବାର ଲୋକେ ତୀବ୍ର ବିରୋଧ କରିଥିଲେ। କିନ୍ତୁ ସେ ସଲିମଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ପରିବାର ଲୋକେ ବାରଣ କରୁଥିବାରୁ ଶବନମ ରାତିରେ ସଲିମଙ୍କୁ ତାଙ୍କ ଘରକୁ ଡାକିବାକୁ ଚିନ୍ତା କରିଥିଲେ। ଏଥିପାଇଁ ଶବନମ ସବୁଦିନ ଶୋଇବା ପୂର୍ବରୁ ଘର ଲୋକଙ୍କ କ୍ଷୀରରେ ନିଦ ବଟିକା ମିଶାଇ ଦେଉଥିଲେ। ପରେ ପରିବାର ଲୋକଙ୍କୁ ରାସ୍ତାରୁ ହଟାଇଦେବାକୁ ସଲିମଙ୍କ ସହ ମିଶି ସେ ଯୋଜନା କରିଥିଲେ। ୨୦୦୮ ଏପ୍ରିଲ ୧୪ ତାରିଖ ରାତିରେ ଶବନମ ପ୍ରଥମେ ପରିବାର ଲୋକଙ୍କ ଖାଦ୍ୟରେ ନିଦ ବଟିକା ମିଶାଇ ଦେଇଥିଲେ। ସଭିଏଁ ଶୋଇଥିବାବେଳେ ଶବନମ ଟାଙ୍ଗିଆରେ ସେମାନଙ୍କୁ ହାଣି ପକାଇଥିଲେ। ସେତେବେଳେ ସେ ୭ ସପ୍ତାହର ଗର୍ଭବତୀ ଥିଲେ। ସକାଳ ହେବା ପୂର୍ବରୁ ସଲିମ ସେଠାରୁ ପଳାଇଥିଲେ। ସେ ଛାତ ଉପରେ ଶୋଇଥିବାବେଳେ ତାଙ୍କ ଘର ଲୋକଙ୍କୁ କେହି ହତ୍ୟା କରିଥିବା ଶବନମ ପୋଲିସକୁ କହିଥିଲେ। କିନ୍ତୁ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ପରେ ଶବନମ ସବୁ କଥା ମାନିଯାଇଥିଲେ। ୨୦୧୫ରେ ସୁପ୍ରିମକୋର୍ଟ ଉଭୟଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ। ଟ୍ରାଏଲବେଳେ ଶବନମ ଜଣେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ।

## ଆଇନ ସେଲ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା କଂଗ୍ରେସ କମିଟିର ଆଇନ୍ ସେଲ୍ ବିଭାଗ କାର୍ଯ୍ୟାଳୟ ବୁଧବାର ରାଜନପାଲି ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ କମିଟି ଆଇନ୍ ସେଲ୍‌ର ସଭାପତି ବିଶ୍ୱଜିତ ମିଶ୍ର, ବରିଷ୍ଠ ନେତା ପଙ୍କଜ କୁମାର କର୍ଣ୍ଣ, ଗଣେଶ ଅଗ୍ରୱାଲା, ରୋହିତାଶ୍ୱ ବେହେରା, ବୁଦ୍ଧଦେବ ପ୍ରଧାନ, ଅର୍ଜୁନ ମହାନନ୍ଦିଆ, ବେଣୁଧର ମେହେର, ପୋଲସ୍ତି ପ୍ରଧାନଙ୍କ ସମେତ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ରାଉରକେଲାରେ ନିର୍ମାଣ ହେବ ଆର୍ମି କ୍ୟାଣ୍ଟିନ

**ରାଉରକେଲା ଅଫିସ,୧୭।୨:** ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଉଦ୍ୟମରେ ରାଉରକେଲା ଠାରେ ଏକ ଆର୍ମି କ୍ୟାଣ୍ଟିନ ହେବାକୁ ଯାଉଛି। ସୁନ୍ଦରଗଡ଼ ଜିଲାର ରାଉରକେଲା, ବଣେଇ, କୋଇଡ଼ା, ବୀରମିତ୍ରପୁର ଓ ରାଜଗାଙ୍ଗପୁର ଆଦି ଅଞ୍ଚଳରେ ବହୁ ସଂଖ୍ୟକ ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀ ବସବାସ କରନ୍ତି। ସୁଲଭ ମୂଲ୍ୟରେ ରାଶନ ଓ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ସେମାନଙ୍କୁ ୨୦ କି.ମି ଦୂରରେ ସମ୍ବଲପୁର ଆର୍ମି କ୍ୟାଣ୍ଟିନକୁ ଯିବାକୁ ପଡୁଛି। ଫଳରେ ସେମାନେ ଏଠାରେ ଆର୍ମି କ୍ୟାଣ୍ଟିନ ସ୍ଥାପନ କରିବାକୁ ଓରାମଙ୍କୁ ନିବେଦନ କରିଥିଲେ। ଏ ନେଇ ଜୁଏଲ ଓରାମ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଅବଗତ କରିଥିଲେ। ସୁନ୍ଦରଗଡ଼ ଜିଲା ମାଓବାଦୀ ପ୍ରବଣ ହୋଇଥିବାବେଳେ ଏଠାରେ ବିଭିନ୍ନ ପ୍ରତିରକ୍ଷା ବାହିନୀର କର୍ମଚାରୀ ବସବାସ କରୁଥିବାରୁ ଗତ ୧୬ ତାରିଖରେ ଉକ୍ତ ଅଞ୍ଚଳରେ ଆର୍ମି କ୍ୟାଣ୍ଟିନ ହେବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ରାଉରକେଲାରେ ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ୯ମ ବାଟାଲିୟନ ନିୟନ୍ତ୍ରଣରେ ଏହାର ଶୁଭାରମ୍ଭ ହେବ। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଏ ନେଇ ଜମି ଯୋଗାଇ ଦେଇଛନ୍ତି।

## ରାଜଭାଷା କାର୍ଯ୍ୟାନ୍ୱୟନ ବୈଠକ

ରାଉରକେଲା ଅଫିସ,୧୭।୨ ଆରଏସ୍‌ପିର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅର୍ଦ୍ଧବାର୍ଷିକ ବୈଠକ ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ପିର ଇଡ଼ି ୱାର୍କ୍ସ ଦାୟିତ୍ୱରେ ଥିବା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତ ସରକାରଙ୍କର ଗୃହ ମନ୍ତ୍ରଣାଳୟ ରାଜଭାଷା ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ଓ କାରଖାନାର ଲୋକ ସମ୍ପର୍କ ବିଭାଗର ଜିଏମ ଧୀରେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ବ୍ୟାଙ୍କ, ବୀମା କମ୍ପାନୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଦି ସଂସ୍ଥାରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଭାରତୀୟ ନାଗରିକ ତଥା ସରକାରୀ ପ୍ରତିଷ୍ଠାନର କର୍ମଚାରୀ ଭାବେ ରାଜଭାଷାର ପ୍ରଚାର ନିମନ୍ତେ କାର୍ଯ୍ୟ କରି ଦେଶର ଏକତାକୁ ମଜଭୁତ କରିବା ପ୍ରତ୍ୟେକ ନାଗରିକର ନୈତିକ ଦାୟିତ୍ୱ ବୋଲି ମୁଖ୍ୟଅତିଥି କୁମାର ନିଜ ବକ୍ତବ୍ୟରେ କହିଥିଲେ। ବୈଠକରେ ଭାରତ ସରକାରଙ୍କର ବିଭିନ୍ନ ଆପ୍ଲିକେସନ ମାଧ୍ୟମରେ ସୁରୁଖୁରୁରେ କାର୍ଯ୍ୟମାନ କିପରି ସମାପନ ହୋଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ରାଜଭାଷା ହିନ୍ଦୀର ବିଭିନ୍ନ ବିଷୟରେ ନିୟମିତ ଅନ୍‌ଲାଇନ ବୈଠକ ଆୟୋଜନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆରଏସ୍‌ପିର ଲୋକ ସମ୍ପର୍କ ବିଭାଗର ଡିଜିଏମ୍ ଅର୍ଚ୍ଚନା ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରଏସ୍‌ପି ଲୋକସମ୍ପର୍କ ଓ ରାଜଭାଷା ବିଭାଗର ସିନିୟର ମ୍ୟାନେଜର ଲଲାଟି ଟପ୍ପୋ ଅନୁପାଳନ ବିବରଣୀ ପାଠ ଏବଂ ରାଉରକେଲା ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ଏନ.ଏନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

### ବୌଦ୍ଧ ଜିଲା କ୍ରୀଡ଼ା ସଂଘର ସାଧାରଣ ପରିଷଦ ବୈଠକ

**ବୌଦ୍ଧ,୧୭।୨(ସ୍ୱ.ପ୍ର.)**



କ୍ରୀଡ଼ା ସଂଘର ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ବୌଦ୍ଧ ଜିଲା କ୍ରୀଡା ସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସର୍କିଟ ହାଉସଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତଥା ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବରେ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଜିଲାର ଖେଳାଳିମାନଙ୍କ ଭବିଷ୍ୟତ ଗଠନ ଦିଗରେ ଜିଲା କ୍ରୀଡା ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ତ କର୍ମକର୍ତ୍ତା ନିଷ୍ଠାର ସହିତ ଏ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ କ୍ରୀଡା ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜ୍ୟ ସଂଘ ପକ୍ଷରୁ ସ୍ୱଳ୍ପ ଅନୁଦାନ ମିଳୁଥିବାବେଳେ ଅନେକ ସମସ୍ୟା ଦେଇ ଜିଲା କ୍ରୀଡା ସଂଘ ଗତିକରୁଥିବା ପ୍ରକାଶ କରିଥିଲେ। ସଂଘ ନାମରେ ଥିବା ୨.୬୪ ଏକର ଜମି ଷ୍ଟାଡିୟମ ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବାବେଳେ ଜିଲା କ୍ରୀଡା ସଂଘ ପରିଚାଳନା ପାଇଁ ଷ୍ଟାଡିୟମ ମଧ୍ୟରେ ଏକ ଅଫିସ ଗୃହ ଯୋଗାଇଦେବା ସହ ଷ୍ଟାଡିୟମକୁ ସମସ୍ତ ଖେଳ ଉପଯୋଗୀ କରିବା ପାଇଁ ବୈଠକରେ ରାଉତ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ ଭାବରେ ଷ୍ଟାଡିୟମ ମଧ୍ୟରେ ନବନିର୍ମିତ ସନ୍ତରଣାଗାରକୁ ତୁରନ୍ତ କାର୍ଯ୍ୟକ୍ଷମ କଲେ ଜିଲାର ଖେଳାଳିମାନେ ଉପକୃତ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲାର ସମସ୍ତ ହାଇସ୍କୁଲର କ୍ରୀଡା ଶିକ୍ଷକମାନଙ୍କ ଏକ ବୈଠକ ଡାକି ବିଦ୍ୟାଳୟ କ୍ରୀଡାକୁ ଅଧିକ ଗତିଶୀଳ କରିବାକୁ ଜିଲା ଶିକ୍ଷାଅଧିକାରୀ ଓ କ୍ରୀଡା ଅଧିକାରୀଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲେଜସ୍ତରରେ କ୍ରୀଡାଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଜିଲାରୁ ଉପଯୁକ୍ତ ପ୍ରତିନିଧିତ୍ୱ ହେଉ ନ ଥିବା ଏବଂ ନୋଡାଲ କଲେଜ ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ କ୍ରିଡା ବିଭାଗ ଠିକ୍‌ରେ କାର୍ଯ୍ୟ କରୁ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ତେବେ ଜିଲା କ୍ରୀଡା ସଂଘକୁ ଅଧିକ କ୍ରିୟାଶୀଳ କରିବା ସହିତ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ବୈଠକରେ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ମତପ୍ରକାଶ କରିଥିଲେ। ଆସନ୍ତା ୨୬ ରୁ ୨୮ ପର୍ଯ୍ୟନ୍ତ ରାଜ୍ୟ ଭଲିବଲ ସଂଘ ପକ୍ଷରୁ ଜିଲା କ୍ରୀଡା ସଂଘ ସହାୟତାରେ ତିନିଦିନ ଧରି ବୌଦ୍ଧଠାରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଉଥିବାବେଳେ ଏହାକୁ ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ସହସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

**୨୬ ରୁ ବୌଦ୍ଧରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା**

## ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

**ସୁନ୍ଦରଗଡ଼, ୧୭।୨ (ଡି.ଏନ୍.ଏ)**


ଜିଲାପାଳଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି ତରଫରୁ**

ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଖଣି ଅଞ୍ଚଳରେ କରି ଆସୁଛି। ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ପୁନର୍ବାସ ଥଇଥାନ କଲୋନୀ କଲାମେଘା ଠାରେ ଏହି କ୍ରମରେ ଅତ୍ୟାଧୁନିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି । ଜିଲାପାଳ ନିଖିଲ ପବନ କଲ୍ୟାଣ ବୁଧବାର ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚିତ୍ତରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମାରୋହରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସରୋଜ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମେ ଜିଲାପାଳଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଥିଲେ । ଏହି କାର୍ଯ୍ୟକ୍ରମରେ କୋଇଲା ଖଣି ପ୍ରକଳ୍ପର ଜେନେରାଲ ମ୍ୟାନେଜର (ପ୍ରକଳ୍ପ) ସୂର୍ଯ୍ୟକାନ୍ତ ରାୟ, ଏଜିଏମ୍ (ମାନବ ସମ୍ବଳ) ଦୟା ଶର୍ମା, ସିନିୟର ମ୍ୟାନେଜର (ମାନବ ସମ୍ବଳ) ସୂର୍ଯ୍ୟକାନ୍ତ ସାହୁ, ସୁବାସ ଦାସ, ମନୋଜ ରଥ,ଏସ.କେ ସିଂ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆର୍‌ଏସ୍‌ପିର ମ୍ୟାନେଜମେଣ୍ଟ ବିଜନେସ କୁଇଜ୍ ପ୍ରତିଯୋଗିତା

**ରାଉରକେଲା ଅଫିସ,୧୭।୨**

ରାଉରକେଲା ଇସ୍ପାତ କାରଖାନାର ଦୁଇଟି ଦଳ ସେଲ୍ ସ୍ତରରେ ଆୟୋଜିତ ମ୍ୟାନେଜମେଣ୍ଟ ବିଜନେସ କୁଇଜ (ଏମ୍‌ବିକ୍ୟୁ)-୨୦୨୦ ସମୃଦ୍ଧି ଓ ସମର୍ଥରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଉଭୟ ପ୍ରତିଯୋଗିତା ଅନ୍‌ଲାଇନରେ ଅନୁଷ୍ଠିତ ହୋଇଥିଲା। କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏମ୍‌ବିକ୍ୟୁ ପ୍ରତିଯୋଗିତା ସମର୍ଥରେ ଆର୍‌ଏସ୍‌ପିର ଏମ୍.ଏମ୍ ମାର୍କେଟିଂ ବିଭାଗର ଅଫିସ ଆଟେଣ୍ଡାଣ୍ଟ ସୁଶ୍ରୀ ସଗୁଫତା ଅଖତର ଓ ସିନିୟର ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ ପ୍ରସନ୍ନ ଜିତଙ୍କୁ ନେଇ ଗଠିତ ଦଳ ବିଜେତା ହୋଇଥିଲା। ଏଥିରେ ସେଲ୍‌ର ବିଭିନ୍ନ ୟୁନିଟ୍‌ର ଦଳମାନେ ଅଂଶଗ୍ରହଣ କରିଥିଲେ। ବିଜେତାଙ୍କୁ ୨୦ ହଜାର ଟଙ୍କାର ନଗଦ ପୁରସ୍କାର ଓ ଟ୍ରଫି ଲାଭ କରାଯାଇଥିଲା। ମହିଳା କର୍ମଚାରୀ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର ଦିବ୍ୟା ଦାସ ଓ ରିଫ୍ରାକ୍ଟୋରି ଇଞ୍ଜିନିୟରିଂ ବିଭାଗର ମ୍ୟାନେଜର କବିତା ବିଶୋଇ ବିଜୟୀ ହୋଇଥିଲେ। ବିଭିନ୍ନ ସେଲ୍ ୟୁନିଟ୍‌ର ୧୧ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆର୍‌ଏସ୍‌ପିର ସିଇଓ ଦୀପକ ଚଟ୍ଟରାଜ ଏହି ସଫଳତା ପାଇଁ ଉଭୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଏଲ୍‌ଇଡିରେ ଜନସାଧାରଣ ଦେଖିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ

**ସବଡେଗା,୧୭।୨(ଡି.ଏନ.ଏ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସୁନ୍ଦରଗଡ ଜିଲା ଗସ୍ତରେ ଆସିଥିଲେ। ସେ ରାଉରକେଲା ସଭାରେ ଯୋଗଦେଇ ସେଠାରେ ଆର୍ନ୍ତଜାତୀୟମାନର ହକି ଷ୍ଟାଡିୟମ୍ ପାଇଁ ଭିତ୍ତିପ୍ରସ୍ତର ସମେତ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରେ ୪୯୧୫ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ଜିଲାର ୧୭ଟି ବ୍ଲକରେ ଏଲ୍‌ଇଡି ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା। ସବଡେଗା ବ୍ଲକ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉପସ୍ଥିତ ଥିଲେ ।

**ବଡଗାଁ(ଡି.ଏନ.ଏ):** ବଡଗାଁ ବ୍ଲକର ଏକମା, ଜରଙ୍ଗଲୋଇ, ରୁନଗାଁ ପଞ୍ଚାୟତର ସିଙ୍ଗାରମୁଣ୍ଡା ଓ ବଡଗାଁ ମିନି ଷ୍ଟାଡିୟମଠାରେ ଏଲ୍‌ଇଡି ବ୍ୟବସ୍ଥା କରାଯାଇଥିଲା। ରୁନଗାଁରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଏକମାରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ଜରଙ୍ଗଲୋଇରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ବଡଗାଁରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ରହି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ଭୈରବ ସିଂ ପଟେଲ, ବିଡିଓ କ୍ଷମାନିଧି ଭୋଇ, ତହସିଲଦାର ବିନୟ କୁଲୁ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଉପାଧ୍ୟକ୍ଷ ସାରଥି ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ ।

**ଟେନସା(ଡି.ଏନ.ଏ):** ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ କୋଇଡାର କେ. ବଲାଙ୍ଗ, ଡେଙ୍ଗୁଳା ଓ କୋଇଡାରେ ଏଲଇଡି ମାଧ୍ୟମରେ ଲୋକେ ଦେଖିଥିଲେ। କୋଇଡାରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଓ ଡେଙ୍ଗୁଳାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୋଇଡା ବିଡିଓ ପଲ୍ଲବୀ ରାଣୀ ରାଜ, ତହସିଲଦାର ଶୁଭଦର୍ଶୀ ଯୋଶୀ, କୋଇଡା ଥାନାଧିକାରୀ ଲୋକେଶ୍ୱର ସାହୁ, ସାମାଜିକ କର୍ମୀ କୁଶ ଆପଟ ପ୍ରମୁଖ ଯୋଗ ଦେଇଥିଲେ ।

**କୁଆଁରମୁଣ୍ଡା(ଡି.ଏନ.ଏ):** କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୫ଟି ସ୍ଥାନରେ ଏଲଇଡି ବ୍ୟବସ୍ଥା କରାଯାଇଥିଲା। କୁଆଁରମୁଣ୍ଡା ଭାଟିଟୋଲିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଡୁମେରଯୋର ପଞ୍ଚାୟତ ସମ୍ମୁଖ ପଡିଆରେ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ରାଏବୋଗା ମେଡିକାଲ ପଡ଼ିଆରେ ବିଧାୟକ ସଞ୍ଜୀବ ମଲ୍ଲିକ, ସଲଙ୍ଗାବାହାଲ ପଡିଆରେ ବିଧାୟକ ସମ୍ବିତ ରାଉତରାୟ, ପ୍ରତାପପୁର ଗ୍ରାମପଞ୍ଚାୟତ ପଡିଆରେ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆଗାଁ(ଡି.ଏନ.ଏ):** ନୂଆଗାଁ ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ୭ଟି ଜୋନ୍ କରାଯାଇଥିଲା। ନୂଆଗାଁ, ସୋରଡା, ହାତୀବାରୀ, ଜାହାଡିଟୋଲି, ମେନମେନା, ବାଗଡେଗା ଓ ଖୁଣ୍ଟଗାଁ, ନୂଆଗାଁ ବ୍ଲକ ସଦର ଜୋନ୍‌ରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ଜୋନରେ ବିଧାୟକ ସୁଶାନ୍ତ ରାଉତ, ପ୍ରଶାନ୍ତ କୁମାର ବେହେରା, ପ୍ରଶାନ୍ତ ଜଗଦ୍ଦେବ, ସୁଧୀର ସାମଲ, ଉମାକାନ୍ତ ସାମନ୍ତରାୟ ଓ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ନେତା ଯୁବନେତା ଦିଗମ୍ବର ଦାସ, ଗଜେନ୍ଦ୍ର ସାହୁ, ଅଧ୍ୟକ୍ଷ ମଖିଲୁ ଏକ୍କା, ସୁଶୀଳା ଟପ୍ପୋ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଲହୁଣୀପଡା(ଡି.ଏନ.ଏ):** ଲହୁଣୀପଡା ବ୍ଲକର ଲହୁଣୀପଡା ବହୁମୁଖି ଖେଳ ପଡିଆ, ତାଳବାହାଲି, ଡଲେଇସରାଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଲହୁଣୀପଡା ବ୍ଲକ ପଡିଆରେ ଶକ୍ତି, ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି, ବିଜେଡି ସାଧାରଣ ସମ୍ପାଦକ ସୋଭାଗ୍ୟ ନାୟକ, ଜୟନ୍ତ କୁମାର ମିଶ୍ର, ବରିଷ୍ଠ ବିଜେଡି ନେତା ରଣଜିତ କିଷାନ, ବିଡିଓ ଧନାଇ ଚରଣ ଟୁଡୁ ମଞ୍ଚାସୀନ ଥିଲେ। ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। । ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

**କୁତ୍ରା(ଡି.ଏନ.ଏ):** କୁତ୍ରା ବ୍ଲକର କୁତ୍ରା, ପଞ୍ଚରା, ବିରିଙ୍ଗାଟୋଲି ଓ ଫଲସାକାନୀଠାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିର ରାଜ୍ୟ ପରାମର୍ଶଦାତା ଲୋପାମୁଦ୍ରା ବକ୍ସିପାତ୍ର, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ପଟାଙ୍ଗି ବିଧାୟକ ପ୍ରତିମ ପାଢ଼ୀ ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉପସ୍ଥିତ ଥିଲେ।

**ରାଜଗାଙ୍ଗପୁର(ଡି.ଏନ.ଏ):** ରାଜଗାଙ୍ଗପୁର ପୌରାଞ୍ଚଳର ଖେଳ ପଡିଆ ଏବଂ ବିଭିନ୍ନ ପଞ୍ଚାୟତର ୫ଟି ସ୍ଥାନରେ ଏଲ୍‌ଇଡି ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସାରଣ ହୋଇଥିଲା। ରାଜଗାଙ୍ଗପୁର ପୌରାଞ୍ଚଳରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ । ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ, ଟାଉନ ସଭାପତି ରାଜେନ୍ଦ୍ର ବେହେରା, ଅବୁ ସଲାମ, ପୂର୍ବତନ ଟାଉନ ସଭାପତି ଅମରେଶ ପଣ୍ଡା, ପଞ୍ଚାୟତ ସ୍ତରରେ ରାମଚନ୍ଦ୍ର କୁଜୁର, ଜିତୁ ଦାସ, ଗଣେଶ କେରକେଟା, ବସନ୍ତ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜଗାଙ୍ଗପୁର, ଆଇଏସ୍‌ଏଲ୍ କାରଖାନା ଲକ୍‌ଆଉଟ ନେଇ ଉଚ୍ଚସ୍ତରୀୟ ବୈଠକ


ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ରାଜଗାଙ୍ଗପୁର, ୧୭।୨ (ଡି.ଏନ.ଏ)**

ରାଜଗାଙ୍ଗପୁର ସ୍ଥିତ ଓ ଆଇଏସଏଲ ଲକ୍ ଆଉଟ ଘଟଣା ଓ ଶ୍ରମିକଙ୍କ ବକେୟା ପ୍ରାପ୍ୟ ଦାବିରେ ଗତ ଫେବୃୟାରୀ ୧ରେ ଶ୍ରମିକ ସଂଘ, ସିଟୁ ଦ୍ୱାରା ରାଜ୍ୟ ରାଜପଥ ନଂ. ୧୦ ବନ୍ଦ କରିବା ପରେ ପୋଲିସ ପ୍ରଶାସନର ଆଶ୍ୱାସନା ପାଇ ରାଜପଥରୁ ଓହରିଥିଲେ। ଏହାର ସମାଧାନ ପାଇଁ ବୁଧବାର ସ୍ଥାନୀୟ ଡାକବଙ୍ଗଳାରେ ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ଏସଡିପିଓ ଡ. ଶଶାଙ୍କ ବେହୁରା, ତହସିଲଦାର ଶରତ ବାଗ, ଜିଲା ସହଶ୍ରମ ଅଧିକାରୀ ହେମନ୍ତ ପ୍ରଧାନ, ରାଜ୍ୟ ସମ୍ପାଦକ ସିଟୁ ତଥା ଓଆଇଏସଏଲ ଶ୍ରମିକ ସଂଘ ସଭାପତି ବିଷ୍ଣୁ ମହାନ୍ତି, ସମିତି ସଭ୍ୟ ବସନ୍ତ ଟପ୍ପୋ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ରହି ବୈଠକ ଅନୁଷ୍ଠିତ ହୋଇଥିଲା ଓ ସ୍ଥିରିକୃତ ହେଲା ଯେ, ଆସନ୍ତା ୨୨ ତାରିଖ ମଧ୍ୟରେ ଶ୍ରମିକ ଓ କର୍ମଚାରୀମାନେ ସମସ୍ତ ବକେୟା ପ୍ରାପ୍ୟ ଲିଖିତ ଆକାରରେ ଜଣାଇବେ । ୨୨ ତାରିଖ ପରେ ଏକ ତାରିଖ ଧାର୍ଯ୍ୟ କରାଯାଇ ପୁଣି ଏକ ବୈଠକ ବସିବ। ଯେଉଁ ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ଓ ମାଲିକ, ଜିଲା ଶ୍ରମ ଅଧିକାରୀ, ପିଏଫ ଅଧିକାରୀ, ଇଏସଆଇ ଅଧିକାରୀ, ଆୟକର ଅଧିକାରୀ, ଜିଏସଟି ଅଧିକାରୀ, ଏଲଆଇସି ଅଧିକାରୀ ଉପସ୍ଥିତ ରହି ଶ୍ରମିକ ଓ କର୍ମଚାରୀମାନଙ୍କର ବକେୟା ପ୍ରାପ୍ୟ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ସୋନପୁର,୧୭।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ଲର୍କମା ଗାଁରେ ଅଧିକ ଯୌତୁକ ପାଇଁ ବଧୂ ଜାନକୀ (୨୬)ଙ୍କୁ ସୋମବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋନପୁର ପୋଲିସ ଜାନକୀଙ୍କ ସ୍ୱାମୀ ନିରଞ୍ଜନ କର୍ଣ୍ଣ(୩୨)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

## ରାଉରକେଲାରେ ବର୍ଷା ସହ କୁଆପଥର ମାଡ଼

**ରାଉରକେଲା ଅଫିସ,୧୭।୨**

ଇସ୍ପାତନଗରୀ ରାଉରକେଲା ସହରରେ ଗତ ମଙ୍ଗଳବାର ଅପରାହ୍ନ ସାଢ଼େ ୪ଟା ଠାରୁ ବୁଧବାର ପର୍ଯ୍ୟନ୍ତ ଝିପିଝିପି ବର୍ଷା ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ଜୋରରେ ପବନ ବହିବା ସହ ବରଷା ସାଙ୍ଗକୁ କୁଆପଥର ମାଡ଼ ହୋଇଥିଲା। ପୁଣି ଘଡ଼ଘଡ଼ି ସାଙ୍ଗକୁ ଝିପିଝିପି ବର୍ଷା ରାତି ତମାମ ଜାରି ରହିଥିଲା। ବର୍ଷା ଯୋଗୁ ସହରରେ କୁହୁଡ଼ିଆ ପାଗ ସାଙ୍ଗକୁ ରାସ୍ତାଘାଟ ପ୍ରାୟ ଜନଶୂନ୍ୟ ରହିଥିଲା। ଲଗାଣ ବର୍ଷା ଯୋଗୁ ଦୀର୍ଘ ସମୟ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ବର୍ଷା ଯୋଗୁ ପୁଣି ଶୀତ ଫେରିଛି। ଲୋକମାନେ ବିଭିନ୍ନ ସ୍ଥାନରେ ନିଆଁ ଜାଳିବା ସହ ଗରମ ପୋଷାକ ପରିଧାନ କରି ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଝିପିଝିପି ବର୍ଷାରେ ଖୁଚୁରା ବ୍ୟବସାୟୀମାନେ ପ୍ରଭାବିତ ହୋଇଥିଲେ। ବିଶେଷ କରି ବସ୍ତି ଅଞ୍ଚଳର ଘର ଗୁଡ଼ିକରେ ପାଣି ପଶିଥିବା ସହ ସେଠାରେ ନାଳ ନର୍ଦ୍ଦମାରେ ପାଣି ଜମିରହିଥିଲା।

## ଡ଼କାୟତି, ଚୋରି ଘଟଣାରେ ୫ ଗିରଫ


ରାଜଗାଙ୍ଗପୁର ପୋଲିସ ଦ୍ୱାରା ଗିରଫ ୫ ଅଭିଯୁକ୍ତ।

**ରାଜଗାଙ୍ଗପୁର, ୧୭।୨ (ଡି.ଏନ.ଏ)**

ରାଜଗାଙ୍ଗପୁରର ବିଭିନ୍ନ ଅଞ୍ଚଳରେ ଡକାୟତି ଓ ଚୋରି କରିବା ଅଭିଯୋଗରେ ରାଜଗାଙ୍ଗପୁର ପୋଲିସ ଦ୍ୱାରା ୫ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । ସୂଚନା ଅନୁଯାୟୀ ରାଜଗାଙ୍ଗପୁର ଥାନା କେଶ ନଂ. ୪୮, ୪୯/୨୧ ଓ କୁତ୍ରା ଥାନା କେଶ ନଂ. ୧୮/୨୧ ଅନୁସାରେ ମାରଣାସ୍ତ୍ର ସହ ଡକାୟତି କରିବା ଘଟଣାରେ ଓ ରାଜଗାଙ୍ଗପୁର ଥାନା କେଶ ନଂ. ୫୧/୨୧ ଅନୁସାରେ ଘରେ ପଶି ଚୋରି କରିବା ଘଟଣାର ତଦନ୍ତ କରି ଏସଆଇ ପ୍ରମୋଦ କୁମାର ବେହେରା, ମୁକୁନ୍ଦମୁରାରି ପାତ୍ର ଓ ଖଗପତି ବିଶ୍ୱାଳ ଏକ ଟିମ ଗଠନ କରି ଅଭିଯୁକ୍ତମାନଙ୍କୁ ବିଭିନ୍ନ ଲୁଚିଥିବା ସ୍ଥାନରୁ ଗିରଫ କରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ବିକି ସୋନି, ରାଜା ଓରଫ୍ ପୁରନ ରଏ, ମଙ୍ଗଲୁ ଓରଫ୍ ଅମର ଟପ୍ପୋ, ମହମ୍ମଦ ଇଜାଜ ଓ ଶୈଳେନ୍ଦ୍ର ରଥ ଗିରଫ ହେବା ପରେ ସେମାନଙ୍କ ଠାରୁ ଚୋରି ପଲସର ବାଇକ, ସ୍କୁଟି, ବ୍ୟାଗ, ୨ଟି ମୋବାଇଲ, ୧୩୪୦ ଟଙ୍କା ଓ ଏକ ଭୁଜାଲି ଜବତ ହୋଇଥିଲା । କିଛି ଦିନ ହେବ ଏମାନେ ଅଞ୍ଚଳରେ ଲଗାତାର ଭାବେ ଅପରାଧ କରି ଚାଲିଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଏସଡିପିଓ ଡ. ଶଶାଙ୍କ ବେହୁରା ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି।

## ଧାନ ବିକ୍ରି କରିପାରୁ ନ ଥିବାରୁ ପ୍ରତିବାଦ

**ଦେବଗଡ଼, ୧୭।୨(ଡି.ଏନ୍.ଏ)**



ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଅନଶନରେ ବସିଛନ୍ତି।

ସେବା ସମବାୟ ସମିତି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ନ ଥିବା ଦର୍ଶାଇ ଚାଷୀଙ୍କ ଧାନ ନିର୍ଦ୍ଧାରିତ ତାରିଖ ଥାଇ ମଧ୍ୟ କ୍ରୟ କରାଯାଉନାହିଁ। ଏହାର ପ୍ରତିବାଦରେ ବୁଧବାର କଣ୍ଟାପାଲି ସେବା ସମବାୟ ସମିତିରେ ପଞ୍ଜିକୃତ ଚାଷୀମାନେ ଆମରଣ ଅନଶନରେ ବସିଥିବା ଜଣାପଡିଛି । ଜିଲା କୃଷକ ସଂଘର୍ଷ ସମିତିର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଣ୍ଟାପାଲି ସେବା ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଦେବଗଡ଼ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ରଖି ଆମରଣ ଅନଶନ ଆରମ୍ଭ କରିଛନ୍ତି। ଖବର ମୁତାବକ କଣ୍ଟାପାଲି ସେବା ସମବାୟ ସମିତିର ଅନେକ ଚାଷୀ ସମିତି ପକ୍ଷରୁ ପ୍ରଦାନ କରାଯାଇଥିବା ଟୋକନ ପାଇଥିଲେ ମଧ୍ୟ ଗତମାସ ୨୬ ତାରିଖ ପରଠାରୁ ସେବା ସମବାୟ ସମିତି ଚାଷୀଙ୍କଠାରୁ ଧାନ କିଣୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଗତ ମାସ ୨୬ ତାରିଖ ପରଠାରୁ ଧାନକିଣା ବନ୍ଦ ଥିବାବେଳେ ଇତି ମଧ୍ୟରେ ୭ଟି ଧାର୍ଯ୍ୟ ତାରିଖର କିଣାଯିବାକୁ ଥିବା ପ୍ରାୟ ୧୪ହଜାର କୁଇଣ୍ଟାଲ ଧାନ ଚାଷୀମାନେ ବିକ୍ରୀ କରିପାରି ନାହାନ୍ତି। ଚାଷୀମାନଙ୍କୁ ଦିଆଯାଇଥିବା ଟୋକନର ସମୟ ଅବଧି ସରିବାକୁ ବସୁଥିବାବେଳେ ସେବା ସମବାୟ ସମିତି ଧାନ କିଣିବାକୁ ଅମଙ୍ଗ ହେଉଥିବାରୁ ଉକ୍ତ ଅଞ୍ଚଳର ଚାଷୀମାନେ ପୂର୍ବରୁ ଜିଲା ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ବୁଧବାରଠାରୁ ଆମରଣ ଅନଶନ ଆରମ୍ଭ କରିଥିବା ସଂଘର ସମ୍ପାଦକ ଗୁଣନିଧି ବେହେରା ପ୍ରକାଶ କରିଥିଲେ।

**କୁତ୍ରା ଅଞ୍ଚଳରେ ବର୍ଷା, ପବନ**

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲାରେ ମଙ୍ଗଳବାରଠାରୁ ଅଦିନିଆ ବର୍ଷା ଲାଗି ରହିଛି। ବର୍ଷା ସହ ପବନ ହେଉଛି। କୁତ୍ରା ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । କୁତ୍ରା ଅଞ୍ଚଳର ସମସ୍ତ ପ୍ରକାର ଫଳନ୍ତି ଗଛ ଯଥା ପବିତା, ସଜନା, ଆମ୍ବବଉଳ, ବିଭିନ୍ନ ପ୍ରକାରର ପନିପରିବା ଏବଂ ଅନ୍ୟାନ୍ୟ ଗଛଲତା ଭାଙ୍ଗି ଯାଇ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ବୁଧବାର କୁତ୍ରାର ବଜାର ପାଳିଥିବା ବେଳେ ଅଦିନିଆ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି । ବର୍ଷା ଯୋଗୁ ଅନେକ ଲୋକ ବଜାର ଯାଇ ପାରି ନ ଥିବାବେଳେ ପରିବା ବିକାଳୀ କମ ଦାମରେ ବିକ୍ରି କରିଛନ୍ତି। ବିଭିନ୍ନ ମଣ୍ଡିଗୁଡିକରେ ଗଦା ହୋଇଥିବା ଧାନର ପାଲ ଉଡି ଯାଇଥିବା ବେଳେ ବର୍ଷା ଯୋଗୁ ଧାନ ଭିଜି ଯାଇଥିବା ଚାଷୀ ଅଭିଯୋଗ କରୁଛନ୍ତି ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ମହାଯଜ୍ଞ ପ୍ରସ୍ତୁତି ବୈଠକ, ଝାଡୁଆପଡ଼ା ନିକଟ ଗୌରମଠ, ସନ୍ଧ୍ୟା ୫ଟା ।

## ସଂକ୍ଷେପରେ

## କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା



**ରାଉରକେଲା ଅଫିସ,୧୭।୨:** ରାଉରକେଲା ସହରରେ ଦୀର୍ଘଦିନ ପରେ ପୁଣି କାଉ ମଡ଼କ ଦେଖିବାକୁ ମିଳିଛି। ଛେଣ୍ଡ ବାଗୁଡ଼ି ବସ୍ତି, ସିଙ୍ଗଟୋଲା ବସ୍ତି ଓ ବେଦବ୍ୟାସର ଦାଣ୍ଡିଆପାଲି ଅଞ୍ଚଳରେ ପ୍ରାୟ ୩ରୁ ଊର୍ଦ୍ଧ୍ୱ କାଉ ମରି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଭଳି କାଉ ମଡ଼କକୁ ନେଇ ସ୍ଥାନୀୟ ଅଞ୍ଚଳରେ ପୁଣି ବାର୍ଡ ଫ୍ଲୁ ଆଶଙ୍କା କରାଯାଇଛି। ଏ ନେଇ ପ୍ରାଣୀ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, କାଉ ମଡ଼କକୁ ନେଇ ଆମ ପାଖରେ କୌଣସି ଖବର ନାହିଁ। ବର୍ତ୍ତମାନ କୋହଲା ପାଗ ସାଙ୍ଗକୁ ପ୍ରବଳ ଶୀତ ପଡ଼ିଥିବାରୁ ଏଭଳି ହୋଇଥାଇ ପାରେ ବୋଲି ସେ କହିଥିଲେ।

## ବନ୍ଧୁକ ଦେଖାଇ ନଗଦ ଟଙ୍କା, ଲାପ୍‌ଟପ୍ ଲୁଟ୍

**ରେଢାଖୋଲ,୧୭।୨(ଡି.ଏନ.ଏ.):** ରେଢାଖୋଲ ଥାନା ଅଧୀନ ଚୁବୁକାଦାଦର-ତ୍ରିବଣପୁର ରାସ୍ତାର କୁମ୍ଭାରମୁଣ୍ଡା ଜଙ୍ଗଲ ରାସ୍ତାରେ ବୁଧବାର ସକାଳେ ତ୍ରିବଣପୁର ପଞ୍ଚାୟତରେ ସେଣ୍ଟ୍ରାଲ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧି ଭାବେ ଜନସେବା କେନ୍ଦ୍ରରେ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ସାମଲ ଲୁଟ୍‌ର ଶିକାର ହୋଇଛନ୍ତି। ୩ଜଣ ଦୁର୍ବୃତ୍ତ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ନଗଦ ୭୫ ହଜାର ଟଙ୍କା,ଏକ ଲାପ୍‌ଟପ୍ ଓ ୨ଟି ମୋବାଇଲ ସହ ବାଇକ୍ ଚାବି ଲୁଟିନେଇଛନ୍ତି। ଜିତେନ୍ଦ୍ରଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୪/୨୧) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ ଚୁବୁକାଦାଦର ଗ୍ରାମର ଜିତେନ୍ଦ୍ର ସକାଳ ସାଢେ ୯ଟାରେ ବାଇକ୍‌ରେ ତ୍ରିବଣପୁର ଆସୁଥିଲେ। ଏହି ସମୟରେ ଏକ ଆପାଚି ବାଇକ୍‌ରେ ୩ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଲୁଟ୍ କରିବା ପରେ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ହେଁ ରିପୋର୍ଟ ଲେଖାହେବା ସୁଦ୍ଧା ଦୁର୍ବୃତ୍ତଙ୍କ ଟେର ପାଇନାହିଁ।

## ଯବାନ ଗିରଫ, କୋର୍ଟ ଚାଲାଣ

**ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ**

**ବେଦବ୍ୟାସ, ୧୭।୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ରେଲାପୋଷ କଲୋନୀର ଆସାମ ରାଇଫଲର ଜଣେ ଯବାନ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ବୁଧବାର ଗିରଫ ହୋଇଛନ୍ତି। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ନାମ ରାଜୁ ଲାକ୍ରା (୨୩)। ଗତ ୩ବର୍ଷ ପୂର୍ବେ ଜନୈକା ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ । ପରେ ଯୁବତୀ ଜାଣିବାକୁ ପାଇଲେ ଯେ, ଆସନ୍ତା ୨୨ରେ ଅନ୍ୟ ଝିଅ ସହ ଯବାନ ବିବାହ କରିବା ପାଇଁ ସ୍ଥିର ହୋଇଛି । ଏନେଇ ଯୁବତୀ ବିବାହ କରିବାକୁ କହିବାରୁ ଅଭିଯୁକ୍ତ ରୋକଠୋକ ମନା କରିଥିଲେ। ଯୁବତୀ ବୁଧବାର ବ୍ରାହ୍ମଣୀତରଙ୍ଗ ଥାନା ଆସି ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୩୭/୨୧) ରୁଜୁ ହୋଇଛି।

# ତଲାବିରା କୋଇଲା ଖଣିରେ ଉତ୍ତେଜନା

**ସମ୍ବଲପୁର,୧୭।୨ (ବ୍ୟୁରୋ)**

- ଚାକିରି ଛଟେଇ ଖବର ପ୍ରକାଶ
- ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ମାରପିଟ
- ଆଲୋଚନା ମାଧ୍ୟମରେ ସମାଧାନ ହେବ: କମ୍ପାନୀ

ସମ୍ବଲପୁର ଜିଲା ରେଙ୍ଗାଲି ଖଣ୍ଡ ତଲାବିରା କୋଇଲା ଖଣି-୨ରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଠିକା କମ୍ପାନୀରେ କାମ କରୁଥିବା ୪୨ ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରାଯିବା ଖବର ପ୍ରକାଶ ପାଇବା ପରେ କର୍ମଚାରୀମାନେ ଉତ୍ତେଜିତ ହୋଇପଡିଥିଲେ। ଖବରର ସତ୍ୟତା ଜାଣିବା ପାଇଁ ସେମାନେ ଠିକା କମ୍ପାନୀର ମାନବ ସମ୍ବଳ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ମାନବସମ୍ବଳ ଅଧିକାରୀଙ୍କ ସହ ଆଲୋଚନା ହେଉଥିବା ସମୟରେ କମ୍ପାନୀ ଦରମା ଦେବାର ସ୍ଥିତି ଏବେ ଠିକ୍ ନାହିଁ। ତେଣୁ ଛଟେଇ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହାକୁ ନେଇ କର୍ମଚାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପାଟିତୁଣ୍ଡ ହେବାରୁ ସୁରକ୍ଷା କର୍ମୀ କର୍ମଚାରୀମାନଙ୍କୁ ବାହାରକୁ ଯିବାକୁ କହିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାରପିଟ ହୋଇଥିଲା। କେତେକ କର୍ମଚାରୀ ମାନବସମ୍ବଳ ଅଧିକାରୀଙ୍କୁ ମଧ୍ୟ ମାରପିଟ କରିଥିବା ନେଇ ଅଭିଯୋଗ ହୋଇଛି। ଠେଲକୋଲୋଇ ଥାନା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସଦର ଏସ୍‌ଡିପିଓ ତପନ ମହାନ୍ତିଙ୍କ ସମେତ ଯୁଯୁମୁରା ଓ ରେଙ୍ଗାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କୋଇଲା ଖଣି ଓ ଥାନା ପରିସରରେ ଉତ୍ତେଜନା ଲାଗିରହିଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଅନ୍ୟପଟେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, କମ୍ପାନୀ ସବୁବେଳେ ବିସ୍ଥାପିତମାନଙ୍କ ସହ ରହିଛି। କେଉଁ କାରଣରୁ ଏଭଳି ଘଟଣା ଘଟିଲା କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ। ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଖଣି ଉତ୍ତୋଳନ ଆରମ୍ଭରୁ ଏନ୍‌ଏଲ୍‌ସି କମ୍ପାନୀକୁ ବିରୋଧ କରାଯାଉଥିଲା। ସ୍ଥାନୀୟ ନିଯୁକ୍ତି ମୂଳଦାବି ରହିଥିଲା। ହେଲେ କମ୍ପାନୀ ରୋକଠୋକ ସ୍ଥାୟୀ ନିଯୁକ୍ତି ଦେବାକୁ ମନା କରିଦେଉଛି। ଅନ୍ୟପଟେ କ୍ଷତିପୂରଣ ରାଶି ମଧ୍ୟ ଏପର୍ଯ୍ୟନ୍ତ ଲୋକମାନେ ପାଇ ନାହାନ୍ତି। ବାରମ୍ବାର ଆନ୍ଦୋଳନ ପରେ ପ୍ରଶାସନର ହସ୍ତକ୍ଷେପରେ କୋଇଲା ଖଣିରେ କାମ କରୁଥିବା ଠିକା କମ୍ପାନୀରେ ନିଯୁକ୍ତି ଦିଆଯାଇଥିଲା। ମେଶିନ ଅପରେଟର, ହେଲପର ଭଳି ଛୋଟ ପଦବୀରେ ନିଯୁକ୍ତି ଦିଆଯାଇଥିଲା। କିଛିମାସ କାମ କରିବା ପରେ ଏବେ କମ୍ପାନୀ ରାଜ୍ୟ ବାହାରୁ ଶ୍ରମିକଙ୍କୁ ଆଣି ସ୍ଥାନୀୟ କର୍ମଚାରୀମାନଙ୍କୁ ଛଟେଇ କରୁଛି।

# ପ୍ରଥମ ରଜତ ସ୍ମାରକୀ କ୍ରିକେଟ: କ୍ରାନ୍ତି କ୍ଲବ ଚାମ୍ପିୟନ




ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି ।

**ସମ୍ବଲପୁର, ୧୭।୨ (ବ୍ୟୁରୋ)**

ପ୍ରଥମ ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ସମ୍ବଲପୁର ମହାନଗର ନିଗମ ଧନକଉଡା ମିନି ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। କ୍ରାନ୍ତୀ କ୍ଲବ ଚାମ୍ପିୟନ ହୋଇଥିବାବେଳେ ମହାବୀର ଏକାଦଶ ରନର୍ସ ଅପ୍ ହୋଇଛି। ପ୍ରଥମେ ବ୍ୟାଟିଂ କରି ମହାବୀର ଏକାଦଶ ୮ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ ସଂଗ୍ରହ କରିଥିଲା। ଜବାବରେ କ୍ରାନ୍ତୀ କ୍ଲବ ୩.୩ ଓଭରରେ ୨ ଉଇକେଟ ହରାଇ ୫୪ ରନ କରି ବିଜୟୀ ହୋଇଥିଲା। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ସାମାଜିକ କର୍ମୀ ଧନୁର୍ଦ୍ଧର ବିଶ୍ୱାଳ ଓ ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ହରଦୀପ ସିଂ, ଟିକୁ ସାହୁ, କେଶବ ଭୋଇ, ସମୀର ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ସତ୍ୟନାରାୟଣ ସାହୁ ଓ ସଞ୍ଜୀବ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ସୁଜିତ ରାଉତ, ସୁନନ୍ଦ ସାହୁ, ମିନି ବିଶି, ଅଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ଲକ୍ଷ୍ମୀ ସାହୁ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ରେ ସିପିଆଇର ରାଜ୍ୟ ପ୍ରତିନିଧି ଦଳ

**କଲିଙ୍ଗା -ଟପରିଆ ରାସ୍ତାରେ ଗାଁ ମଝିରେ କୋଇଲା ପରିବହନ ବନ୍ଦକୁ ନେଇ ୧୬ ଆନ୍ଦୋଳନକାରୀଙ୍କ ଗିରଫ ଘଟଣା**

**ସୁନ୍ଦରଗଡ଼, ୧୭।୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଟପରିଆଠାରେ ଗତ ଜାନୁୟାରୀ ୧୯ ତାରିଖରୁ ଗ୍ରାମ ରାସ୍ତାରେ ବେଆଇନ୍ କୋଇଲା ପରିବହନ ବନ୍ଦ କରିବା ଓ ପ୍ରଦୂଷଣ ସୃଷ୍ଟିକାରୀ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଚାଲି ଆସିଥିବା ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରି ଆନ୍ଦୋଳନକାରୀଙ୍କୁ ମିଥ୍ୟା ମୋକଦ୍ଦମାରେ ଗିରଫ କରିବା ପ୍ରତିବାଦରେ ବୁଧବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏଥିସହ ଟପରିଆ ଅଞ୍ଚଳର ଆନ୍ଦୋଳନକାରୀ ଜନସାଧାରଣଙ୍କ ସହିତ ମଧ୍ୟ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଏହା ପରେ ଗିରଫ ହୋଇ ସୁନ୍ଦରଗଡ ଜେଲରେ ଥିବା ଆନ୍ଦୋଳନକାରୀ ରାଜେନ୍ଦ୍ର ନାଏକଙ୍କ ସମେତ ଅନ୍ୟମାନଙ୍କୁ ସାକ୍ଷାତ କରିଥିଲେ। ଏଥିସହ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ସହ ପ୍ରତିନିଧି ଦଳ ସାକ୍ଷାତ କରି ଜନସାଧାରଣଙ୍କ ନ୍ୟାୟୋଚିତ ସାମ୍ବିଧାନିକ ଦାବିକୁ ଅବିଳମ୍ବେ ପୂରଣ କରିବା ପାଇଁ ଦାବି ଜଣାଇବା ସହ କୋଇଲା ପରିବହନ ପାଇଁ ବିକଳ୍ପ ରାସ୍ତା ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଦାବି ଉପସ୍ଥାପନ କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତୃବୃନ୍ଦ ଅଭୟ ସାହୁ, ପ୍ରଶାନ୍ତ ମିଶ୍ର, ଅଶୋକ ଦାଶ, ପ୍ରଦୋଷ ମହାନ୍ତି, ରମେଶ ତ୍ରିପାଠୀ ଓ ସଦାନନ୍ଦ ସାହୁଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳୀ ଆନ୍ଦୋଳନକାରୀଙ୍କ ଉପରୁ ଏହି ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବା, ପ୍ରଶାସନ କମ୍ପାନୀ ପ୍ରୀତି ବନ୍ଦ କରି ଜନସାଧାରଣଙ୍କ ନ୍ୟାୟୋଚିତ ଅଧିକାରକୁ ରକ୍ଷା କରିବା ସହ କୋଇଲା ପରିବହନକୁ ଗ୍ରାମରାସ୍ତାରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଓ ସ୍ୱତନ୍ତ୍ର କୋଲ କରିଡର ବାଙ୍ଗୀବାହାଲ ଠାରୁ ଟପରିଆ ପର୍ଯ୍ୟନ୍ତ ନିର୍ମାଣ କରିବା, ପ୍ରଦୂଷଣ ଦ୍ୱାରା କ୍ଷତିଗ୍ରସ୍ତ ଫସଲର ଉପଯୁକ୍ତ ମୂଲ୍ୟ ଚାଷୀଙ୍କୁ ପ୍ରଦାନ ସହ ଅନ୍ୟାନ ଦାବି ଉପସ୍ଥାପନ କରିଥିଲେ।



ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

## ଗିରଫଦାରିକୁ ବିଧାୟିକାଙ୍କ ନିନ୍ଦା

ଟପରିଆ ଠାରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରେ ବସିଥିବା ଆନ୍ଦୋଳନକାରୀଙ୍କ ଗିରଫକୁ ନେଇ ସୁନ୍ଦରଗଡ ବିଧାୟିକା ଦୃଢ ନିନ୍ଦା କରିଛନ୍ତି। ଆନ୍ଦୋଳନକାରୀଙ୍କ ଦାବି ଆଲୋଚନା ମାଧ୍ୟମରେ ଅବା ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରାଯାଇ ପାରିଥାଆନ୍ତା। ଏଣୁ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଛାଡି ଦିଆଯିବା ସହ ପ୍ରଶାସନ ଏମସିଏଲ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଶିଘ୍ର ବାଇପାସ ନିର୍ମାଣ ନେଇ ପଦକ୍ଷେପ ନେବା ଆବଶ୍ୟକ। ବିଧାନସଭାରେ ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ବିଧାୟିକା ପ୍ରକାଶ କରିଛନ୍ତି। ସରକାର ବାଇପାସ ନିର୍ମାଣ ଦିଗରେ କୌଣସି ଟାଳଟୁଲ ନୀତି ଅବଲମ୍ବନ କଲେ ହେମଗିରବାସୀ ପୁଣି ସଚିବାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ତାଳଚେର-ବିମଳାଗଡ଼ ରେଳପଥ କାମ ଶେଷ କରିବାକୁ ସ୍ମାରକପତ୍ର

**ରାଉରକେଲା ଅଫିସ,୧୭।୨**

୨୦୨୨ ସୁଦ୍ଧା ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ ଶେଷ କରିବା ଦାବି ଜୋର୍ ଧରିଛି। ଏହି କ୍ରମରେ ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ମଙ୍ଗଳବାର ବିପିୟୁଟିଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୫୩ ବର୍ଷ ହେବ ଏହି ରେଳପଥ ନିର୍ମାଣ କରିବା ପାଇଁ ଆନ୍ଦୋଳନ ଚାଲି ଆସୁଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହି ରେଳପଥ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼, କେନ୍ଦୁଝର ଜିଲା ସମେତ ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ ଅର୍ଥନୈତିକ ଅଭିବୃଦ୍ଧି ହେବ। ରାଜ୍ୟ ସରକାର ଏହି ରେଳପଥ ନିର୍ମାଣ ପାଇଁ ଗୁରୁତ୍ୱ ଦେବା, ସଂସଦରେ ଓଡ଼ିଶାର ଏମ୍‌ପିମାନେ ଅଧିକ ଅର୍ଥ ମଞ୍ଜୁର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ବିଶେଷ ଦୃଷ୍ଟି ଦେବାକୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ରାଜ୍ୟ ସରକାର ଏଥିପାଇଁ ୩ଶହ କୋଟି ଟଙ୍କା ଦାବି କରିଥିବା ବେଳେ ଚଳିତ ବର୍ଷ ରେଳ ବଜେଟ୍‌ରେ ଏଥିପାଇଁ ୧୦ କୋଟି ବ୍ୟୟ ବରାଦ କରାଯାଇଛି। ସମିତିର ସଭାପତି ଅଦ୍ୱୈତ ବିଶ୍ୱାଳ, ହରିହର ରାଉତରାୟ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ବିଷ୍ଣୁ ମହାନ୍ତି, ପ୍ରଭାତ ମିଶ୍ର, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀଙ୍କ ସମେତ ଅନ୍ୟମାନେ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିଲେ।

# ୨୦୨୧ରେ ସୁନ୍ଦରଗଡ଼ ଜିଲା ରାଜ୍ୟରେ ପ୍ରଥମ

**ସୁନ୍ଦରଗଡ଼, ୧୭।୨ (ଡି.ଏନ୍.ଏ)**

**ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ**

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ -୨୦୨୧ରେ ସୁନ୍ଦରଗଡ ଜିଲା ପ୍ରଥମ ହୋଇଛି। ଗତ ସେପ୍ଟେମ୍ବର ୧ ତାରିଖ ୨୦୨୦ ରେ ଆରମ୍ଭ ହୋଇ ୨୦୨୧ ଜାନୁୟାରୀ ୧୫ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା। ଭୋଟର ତାଲିକାରେ ତ୍ରୁଟି ସଂଶୋଧନ କରିବା କ୍ଷେତ୍ରରେ, ସଂସ୍କାର ଆଣିବା ଦିଗରେ, ଭୋଟର ତାଲିକାରେ ନୂତନ ଯୁବ ଭୋଟରମାନଙ୍କୁ ଅନ୍ତର୍ଭୁକ୍ତ କରିବା ଓ ତାଲିକାରେ ଫଟୋ ନ ଥିବା ଭୋଟରମାନଙ୍କ ଠାରୁ ଫଟୋ ସଂଗ୍ରହ କରି ସଂଲଗ୍ନ କରିବା ଦିଗରେ ସମଗ୍ର ରାଜ୍ୟରେ ସୁନ୍ଦରଗଡ ଜିଲା ପ୍ରଥମସ୍ଥାନ ଅଧିକାର କରିଛି। ସେଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶା ସୁନ୍ଦରଗଡ ଜିଲାପାଳଙ୍କୁ ପ୍ରଶଂସାପତ୍ର ସହ ସ୍ମାରକ ଉପହାର ଦେଇଛନ୍ତି। ଏଥିପାଇଁ ଡେପୁଟି କଲେକ୍ଟର ଏବଂ ଉପଜିଲାପାଳମାନଙ୍କ ସହ ଜିଲା ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କର ଶ୍ରେୟ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।



ସୁନ୍ଦରଗଡ ଜିଲାପାଳଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି।

# ସାହାଣୀ କପ୍ ବିଜେତା ପୁରସ୍କୃତ

**ସୁନ୍ଦରଗଡ଼,୧୭।୨(ଡି.ଏନ.ଏ.)**

ଦୀର୍ଘ ଚାଳିଶ ବର୍ଷ ପରେ ସୁନ୍ଦରଗଡ଼ରେ ଅନୁଷ୍ଠିତ ହୋଇଥିଲା ସମ୍ମାନଜନକ ଫୁଟବଲ ପ୍ରତିଯୋଗିତା ସାହାଣୀ କପ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଫାଇନାଲ ମ୍ୟାଚରେ କଟକ ଭଳି ଶକ୍ତିଶାଳୀ ଦଳକୁ ଭେଟି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଟାଇବ୍ରେକରରେ ୪-୨ରେ ପରାସ୍ତ କରି ବିଜେତା ହୋଇଥିଲା। ଗତବର୍ଷ ମଧ୍ୟ ସୁନ୍ଦରଗଡ଼ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ମଙ୍ଗଳବାର ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ବିଜେତା ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିବାର ଘୋଷଣା କରିଥିଲେ। ସେହି ପରିପ୍ରେକ୍ଷୀରେ ବୁଧବାର ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳି, ପ୍ରଶିକ୍ଷକ ଓ ପ୍ରବନ୍ଧକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହିତ ଜିଲା କ୍ରୀଡ଼ା ସଂସଦକୁ ଅଶେଷ ଅଭିନନ୍ଦନ ଜଣାଇଥିଲେ। ଘୋଷିତ ପୁରସ୍କାର ରାଶିକୁ ଖେଳାଳିମାନଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଉପସଭାପତି ପୌଷଚନ୍ଦ୍ର ପଟେଲ, ସଦସ୍ୟ ଶିଶିର ପଟେଲ, ରୋମାଞ୍ଚ ଭାଇଂସାଲ, ସୁରଜ ଭାଇଂଶାଲ, ଆଶିଷ ଦେ, ପ୍ରଶାନ୍ତ ପଟେଲ, ଅଜୟ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ବିଶ୍ୱରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ।



ସାହାଣୀ କପ ବିଜେତା ସୁନ୍ଦରଗଡ଼ ଟିମ୍‌ର ଖେଳାଳିଙ୍କ ସହ କର୍ମକର୍ତ୍ତା ଓ ଅତିଥି।

## କୁତ୍ରା-ରାଞ୍ଚି ରୋଡରେ ସଡ଼କ ଦୁର୍ଘଟଣା

**କୁତ୍ରା, ୧୭।୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ରାଞ୍ଚିରୋଡ ଛକରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଲାଞ୍ଜିବେର୍ଣ୍ଣା ପଟରୁ ୧୪ ଚକିଆ ଜେଏଚ ୦୨ ଏସ- ୧୪୨୮ ଟ୍ରକ ଆସୁଥିବା ସମୟରେ ରାଜଗାଙ୍ଗପୁର ପଟରୁ ଯାଉଥିବା ଛଡ ବୋଝେଇ ଅନ୍ୟ ଏକ ୧୪ ଚକିଆ ଓଆର୍ ୧୪ ବି- ୬୫୨୩ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ରାଜଗାଙ୍ଗପୁର ପଟରୁ ଆସୁଥିବା ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । କୁତ୍ରା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ହୋଇଥିବା ଡ୍ରାଇଭରକୁ ଆମ୍ବୁଲାନ୍ସ ଯୋଗେ କୁତ୍ରା ମେଡିକାଲକୁ ପଠାଇଛି। ଟ୍ରକ ଦ୍ୱୟକୁ କୁତ୍ରା ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି ।

# କୃଷି ଆଇନ ଚାଷୀଙ୍କୁ ତଳିତଳାନ୍ତ କରିବ

**ସମ୍ବଲପୁର,୧୭।୨(ବ୍ୟୁରୋ)**

- ଉଭୟ ସରକାର ଚାଷୀ ବିରୋଧୀ
- ଲୋକଙ୍କ ସମସ୍ୟା ନେଇ କଂଗ୍ରେସ ଆନ୍ଦୋଳନ ଜାରିରଖିବ

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଚାଷୀଙ୍କୁ ତଳିତଳାନ୍ତ କରିଦେବ। ଘରୋଇକରଣ କରି କମ୍ପାନୀ ହାତରେ ଚାଷ ଓ ଚାଷୀଙ୍କୁ ବିକ୍ରି କରିଦିଆଯାଇଛି। ମାସ ମାଧ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ୨ଶହ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ହେଲେ ଅହଙ୍କାରୀ ସରକାର ନିଜ ଜିଦ୍‌ରେ ଅଟଳ ରହିଛନ୍ତି ବୋଲି ଜିଲା କଂଗ୍ରେସ ଅଫିସରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନି ଗୁରୁ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ଏହା ସହ ରାଜ୍ୟ ସରକାର ମଧ୍ୟ ଚାଷୀ ବିରୋଧୀ ବୋଲି କହିଥିଲେ। ଟୋକନ୍ ବ୍ୟବସ୍ଥା ଲାଗୁ କରିବା ପରେ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଜି ମଧ୍ୟ ଲକ୍ଷ ଲକ୍ଷ ବସ୍ତା ଧାନ ମଣ୍ଡିଗୁଡିକରେ ପଡିରହିଛି। ଅନ୍ୟପଟେ ସମ୍ବଲପୁର ଜିଲାରେ ବିକାଶ କାମ ଠପ୍ ହୋଇପଡିଛି। ଫ୍ଲାଇଓଭର କାମ ଅଧାପନ୍ତରିଆ ରହିଛି। ସଫେଇ କାମରେ କୋଟି କୋଟି ଟଙ୍କା ଦୁର୍ନୀତି ହେଉଛି। ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବ ସହ ସମ୍ବଲପୁର-ତିଲେଇବଣି ରାସ୍ତାକାମରେ ଦୁର୍ନୀତି କରାଯାଉଛି। ଜନସାଧାରଣ, ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବ। ତେଲଦର ବୃଦ୍ଧିକୁ ନେଇ ହୋଇଥିବା ଆନ୍ଦୋଳନକୁ ଜନସମର୍ଥନ ମିଳିଥିଲା। ଆଗକୁ ମଧ୍ୟ ଦଳକୁ ସମର୍ଥନ ମିଳିବା ଆଶା କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ଦେହୁରି, ବିଜୟଲକ୍ଷ୍ମୀ ବେହେରା, ପ୍ରେମ ପ୍ରକାଶ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭିକ ମାଗିବା ବାହାନାରେ ଚୋରି

**ସମ୍ବଲପୁର,୧୭।୨(ବ୍ୟୁରୋ)**

**ଛୋଟ ପିଲାଙ୍କୁ ମାଧ୍ୟମ କରୁଛନ୍ତି**

ସମ୍ବଲପୁର ଜିଲା ସଦର ଥାନା ଅଞ୍ଚଳରେ ଭିକ ମାଗିବା ବାହାନାରେ ଯାଯାବରମାନେ ଚୋରି କରୁଛନ୍ତି। ଏଥିରେ ଛୋଟ ପିଲାଙ୍କୁ ସେମାନେ ମାଧ୍ୟମ କରୁଛନ୍ତି। ଡୁମେସିଂହା ଗ୍ରାମର ବିଜୟ ଭୋଇଙ୍କ ଅଭିଯୋଗ ଉପରେ ତଦନ୍ତ କରିବା ପରେ ସଦର ଥାନା ପୋଲିସ ଏହା ଜାଣିବାକୁ ପାଇଛି। ସିସିଟିଭି ଫୁଟେଜରୁ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି, ଗତ ୧୬ ତାରିଖରେ ଡୁମେସିଂହା ଗ୍ରାମର ବିଜୟଙ୍କ ଘରକୁ କେତେଜଣ ଯାଯାବର ଭିକ ମାଗିବାକୁ ଯାଇଥିଲେ। ସେମାନେ ପିଲାଙ୍କ ପାଇଁ କିଛି ଖାଇବାକୁ ମଧ୍ୟ ମାଗିଥିଲେ। ଖାଇବା ସାମଗ୍ରୀ ଆଣିବାକୁ ଯାଇଥିବା ସମୟରେ ସେମାନେ ଘର ଭିତରୁ ଏକ ଭ୍ୟାନିଟି ବ୍ୟାଗ ଚୋରାଇ ନେଇଥିଲେ। ଉକ୍ତ ବ୍ୟାଗରେ ୨ ହଜାର ଟଙ୍କା, ମୋବାଇଲ ଫୋନ, ସୁନା ଅଳଙ୍କାର ରହିଥିଲା। ଚୋରି କରିବା ପରେ କୌଶଳରେ ମହିଳା, ପୁରୁଷ ଓ ଦୁଇପିଲା ଚାଲି ଯାଇଥିଲେ। ପରିବାର ବର୍ଗ ଏହା ଜାଣିପାରି ପୋଲିସରେ ଅଭିଯୋଗ କରିଥିଲେ। ସିସିଟିଭିରେ ଘରୁ ବାହାରି ଚାଲିଯାଉଥିବା ଦୃଶ୍ୟ ରହିଛି। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଘରକୁ ପଶିବାକୁ ଦିଅନ୍ତୁ ନାହିଁ। ଭିକ ଓ ଖାଦ୍ୟ ମାଗିବା ବାହାରେ ସେମାନେ ଚୋରି କରୁଥିବାରୁ ଲୋକେ ସଚେତନ ହେବାକୁ ଥାନା ଅଧିକାରୀ ଅନୁରୋଧ କରିଛନ୍ତି ।

# ସଚେତନତାରେ ସମାଜ ସମୃଦ୍ଧ ହେବ

**ରାଉରକେଲା ଅଫିସ,୧୭।୨**

ରାଉରକେଲା ବାସନ୍ତୀ କଲୋନୀର ବାସନ୍ତୀ ପାଠାଗାରର ୩୫ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ବିସ୍ରା ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା ଓ ପୂର୍ବତନ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ସୁମନ ଦତ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନାଗରିକ ସଚେତନ ହେଲେ ସହର ଓ ସମାଜ ସମୃଦ୍ଧ ହେବ ବୋଲି ମୁଖ୍ୟ ଅତିଥି ନାୟକ ମତ ପୋଷଣ କରିଥିଲେ। ସମାଜ ପରିବର୍ତ୍ତନରେ ଭାଷା ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସମ୍ମାନିତ କହିଥିଲେ। ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ଓ ଭାଷାବିତ୍ କବିବର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ଉପରେ ଅନ୍ୟାନ୍ୟ ଭାଷାର ପ୍ରଭାବ କିପରି ପଡୁଛି ସେ ବିଷୟରେ ଆଲୋଚନା କରିଥିଲେ। ପାଠାଗାରର ସଭାପତି ପ୍ରତାପ କୁମାର ରାୟ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ବିଭୁଦତ୍ତ ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ପଟ୍ଟଶିଳ୍ପୀ ଭାଗ୍ୟଶ୍ରୀ ସାହୁ, କୋଭିଡ଼ ଯୋଦ୍ଧା ପ୍ରଜିତ କୁମାର ମଲ୍ଲ ଓ ସାହିତ୍ୟିକ କବିବର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ଅଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବରେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜୋଇ ବାପାଙ୍କ 'ବା ବଢ଼ିଆ' ଏଯାଏ ଅନୁରଣିତ...

**ସୃଜନ-ସ୍ମୃତି**



ପ୍ରବୋଧ ରାଉତ

ପ୍ରବୋଧ କୁମାର ରାଉତଙ୍କ ଜନ୍ମ ୨୮ ଜୁଲାଇ ୧୯୭୦ରେ, ଜଗତ୍‌ସିଂହପୁର ଜିଲା କାଦୁଅପଡ଼ାର ଗୋପାଳପୁର ଗାଁରେ। ପ୍ରକାଶିତ ପ୍ରମୁଖ ପୁସ୍ତକ: 'କବିତା ଏକାବନ', 'ଗପସପ'(୨୦୦୮), 'ଭୁଲି ପାରୁନି ବୋଲି', 'ନାଟ୍ୟଶାଳା' (୨୦୧୫), 'ଏଲୋରା ଅଜନ୍ତା ପରି' (୨୦୧୬) ଓ 'ଅଳ୍ପ ଅଣିଣ ପାପ' (୨୦୧୯)। ଭାବର ସୂକ୍ଷ୍ମତା ଓ ଭାଷାର କାରିଗରି ପାଇଁ 'ଫକୀରମୋହନ ସାହିତ୍ୟ ସମ୍ମାନ' (୨୦୧୬), 'ଆଦିକବି ସାରସ୍ୱତ ସମ୍ମାନ' (୨୦୧୭) ଓ 'ମହାନଦୀ ସାରସ୍ୱତ ସମ୍ମାନ' (୨୦୧୮) ଆଦି ରାଜ୍ୟସ୍ତରୀୟ ବହୁ ସମ୍ମାନରେ ସମ୍ମାନିତ।

ବୋଉ ସକାଳୁ ପବିତ୍ର ପାଣି ଛିଞ୍ଚିଲାବେଳକୁ ଉଦୟଭାନୁର ସ୍ନିଗ୍ଧ କିରଣ ଯୋଉଠି ଘର, ବାଡ଼ି, ଅଗଣା ଖରକି ଦିଏ, ସେଇଠି ଆମ ଘର। ଗ୍ରାମଦେବତୀ ହନୁମନ୍ତିଆଣୀଙ୍କ ଚଉତରା ଡେଇଁଗଲେ ଠାକୁରପୋଖରୀ। ପୋଖରୀହୁଡ଼ା କଡ଼େକଡ଼େ ଯୋଉ ଗାଁ ରାସ୍ତା ଯାଇଛି, ସେଇଟା ସଉପିନ ଟପି ଲମ୍ବିଛି ବାଁବରଡ଼ା ବ୍ରାହ୍ମଣସାହି ତୋଟାକୁ। ସେଇ ତୋଟାର ଖିଅ ଯୋଡ଼ା ହେଇଛି ପିଲାବେଳେ ମୋ' ବଡ଼ବୋଉ (ଆଈ) କହିଥିବା ଯେତେସବୁ ବୁଢ଼ୀ ଅସୁରୁଣୀ ଗପ, ରାଜକୁମାରୀକୁ ଧରିନେଇ ରଖିଥିବା ସେଇ ଅଗନାଅଗନି ବନସ୍ତ ଆଉ ବୈଶାଖ ମାସର ଡହଡହ ଖରାରେ ନିଆଁ ଜାଳି ଛୁଆକୁ ସେକୁଥିବା ଚିରୁଗୁଣୀର ଘର। ଭୁଲ୍‌ରେ ବି ସିଆଡ଼ିକୁ ଅନେଇବା ମନା।

ଗାଁ ଦାଣ୍ଡ, ବୋହୂଚୋରି ସାତସପନ। ବାପାଙ୍କ ତାଗିଦା ଗାଁ ପିଲାଙ୍କ ସାଙ୍ଗେ ମିଶିବା ମନା। ଅତଏବ ମୋ' ପିଲାବେଳର ଖେଳ, କୈଶୋରର ଭାବାନ୍ତର ସବୁ ବିତେ ସେଇ ସଉପିନ ଉପରେ। ଯୋଉଠି ବଡ଼ବୋଉର କାହାଣୀ ଆରପାରିକୁ ପ୍ରସରିଥିଲା ଦୃଷ୍ଟି। ଆଖି ପାଇବାଯାଏ ଖାଲି ବିଲ ଆଉ ବିଲ। ଧାନ ବିଲର ସବୁଜିମା, ମଥାନୁଆଁ ପାଚିଲା ଧାନକେଣ୍ଡାର ମହାନତା ଆରପାରିରେ ମେହନତି ମଜୁରିଆର ଝାଲୁଆ ଦେହର ଗନ୍ଧ ବେଶି ରୁନ୍ଧୁଥିଲା ମୋ' ନାସାରନ୍ଧ୍ର। ସେଯାଏ ଏସବୁ ଉତରୁନଥିଲେ ମୋ' କଲମ ମୁନରେ। ଭାବନାରେ ଶତୁଥିଲେ, ଗୁଣୁଗୁଣଉଥିଲେ ଆଉ ବୁଦ୍‌ବୁଦ୍ ପରି ମିଳେଇ ଯାଉଥିଲେ ସେଇକ୍ଷିଣା। ହେଲେ ସୃଜନତାର ଗୋଟେ ପକ୍କା ମୂଳଦୁଆ ପଡ଼ିସାରିଥିଲା ସେଇ ସଉପିନ ଉପରେ ବିତିଥିବା ମୁହୂର୍ତ୍ତମାନଙ୍କର।

ସାନ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ଏକା ଜିଦ୍ କଲା ତାଙ୍କ ସ୍କୁଲ୍ ପତ୍ରିକା ପାଇଁ ତା'ର ଗୋଟେ କବିତା ଦରକାର। ସେଇ ବୋଧେ ଅୟମାରମ୍ଭ। 'ଆମେ ହିଁ ଆରୋହୁ ତୁଙ୍ଗ ଗିରି, ଗଢ଼ଉ ସଉଧ-ମାଳା...'। ପରେପରେ ରଫ୍‌ଖାତାରେ ଅଗଣନ କବିତା ଲେଖା, ଆଉ କିଏ ଦେଖିବା ଭୟରେ ବହିର ସବାତଳ ଥାକରେ ଲୁଚାହବା। ଇଏ ନିତ୍ୟନୈମିତ୍ତିକ। ଯୁକ୍ତ ତିନି ପଢ଼ିବାଯାଏ। ସେଥିରୁ ଗୋଟେ କବିତା 'ସାବିତ୍ରୀ' ଆକାଶବାଣୀ କଟକର ଯୁବବାଣୀ କାର୍ଯ୍ୟକ୍ରମ ପାଇଁ ପଠେଇଥିଲି। ସେଇଟି ଯୋଉଦିନ ଅନୁମୋଦିତ ହୋଇ ଆବୃତ୍ତି ରେକର୍ଡିଂ ପାଇଁ ଡକରା ଆସିଲା, ସେଦିନ ଯାଇ ବାପାଙ୍କୁ ଜ୍ଞାତ ହେଲାଯେ ମୁଁ କବିତା ଲେଖେ। ପ୍ରସାରଣ ଦିନ ସେ ନିଜେ ଆଉ ଆମ ସାହିର ସବୁଲୋକ ରେଡିଓକୁ ଜଗିବସିଲୁ। ଉପସ୍ଥାପିକାଙ୍କ ମୁହଁରେ କବି ପ୍ରବୋଧ ରାଉତ ଏ ଧରଣର ପ୍ରଥମ ସମ୍ବୋଧନ ଆଉ ପ୍ରଥମ ଶିହରଣ। ପ୍ରସାରଣ ସରିବାକ୍ଷଣି ବାପା କହିଲେ, ଓଡ଼ିଆ ସାହିତ୍ୟରେ ଗୁଳ୍ମ ବେଶୀ, ହେଲେ ଦ୍ରୁମ କମ୍। ସାଧନା ଜାରି ରଖ। ହଁ, କହିରଖେ ସେଇଠୁ ମିଳିଥିବା ଟ.୭୫/-ରେ ମୋ' ପ୍ରଥମ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲା ହେଲା। ସେଇଠୁ ବୋଧେ ପାହାଚ ଚଢ଼ିବା ଆରମ୍ଭ ହେଲା।

ଆମ ଅଞ୍ଚଳରେ ମିନି ଇଂଲାଣ୍ଡଲେଟର୍ ପତ୍ରିକା ଦିନବନ୍ଧୁ ଦାଶଙ୍କ ସଂପାଦନାରେ ଆରମ୍ଭ ହେଲା। 'ଅଦିନ ବଉଳ' ମିନି ଗପଟିଏ ପ୍ରଥମ ଛପା ଅକ୍ଷରରେ ପ୍ରକାଶ ପାଇଲା। ସେଇ ଗଳ୍ପଟି ପଢ଼ି ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତ ଯୋଉ ଚିଠିଟି ଦେଇଥିଲେ, ସେଇଠି ବୋଧେ ପ୍ରଥମ ସମ୍ବୋଧନ ଥିଲା 'ଗାଳ୍ପିକ ବଂଧୁ'। ମୋ' ଗଳ୍ପର ପ୍ରଥମ ଶ୍ରୋତା ଦିବଂଗତ ଚିନ୍ତାମଣି ଆଚାର୍ଯ୍ୟ (ଜୋଇ ବାପା)। ଗପ ଶେଷରେ ତାଙ୍କର 'ବା ବଢ଼ିଆ' ମନ୍ତବ୍ୟ ଏଯାଏ ମୋ' କାନରେ ଅନୁରଣିତ। ସ୍କୁଲ୍‌ର ରଜତ ଜୟନ୍ତୀ ପତ୍ରିକାରେ ପ୍ରକାଶିତ ୨୭ଟି ଲେଖା ମଧ୍ୟରୁ ମୁଁ ଲେଖିଥିଲି ୨୨ଟି, ଯାହା ଅନ୍ୟମାନଙ୍କ ନାଁରେ ପ୍ରକାଶିତ ହୋଇଥିଲା। ରେଭେନ୍‌ସାଭିଆନ୍‌ରେ ଗଳ୍ପ ପ୍ରତିଯୋଗିତାରେ ମୋ' ଗଳ୍ପ 'ବସନ୍ତ ଋତୁର ସ୍ୱପ୍ନ' ଓ ଆକାଶବାଣୀ ନାଟକ ପ୍ରତିଯୋଗିତାରେ ମୋ' ନାଟକ 'ଗଣେଶଙ୍କ ଶୁଣ୍ଢ' ପୁରସ୍କୃତ ହେବା, ନକ୍ଷତ୍ର ଟିଭିର ଅପରାଧ ସିରିୟଲ ପାଇଁ ସଂଳାପ ଲେଖିବା, କ୍ୟାସେଟ୍ ପାଇଁ ଗୀତ ଲେଖା, 'କେମିତି ଏ ବନ୍ଧନ' ସିନେମାର ଶୀର୍ଷକ ସଂଗୀତ ଲେଖା ଧୀରେଧୀରେ ଗାଁ ସଉପିନ ଉପରେ ପଡ଼ିଥିବା ମୂଳଦୁଆକୁ ନିମତାଲ ଆଡ଼କୁ ଟାଣି ନେଇଗଲା। ଏବେ ସେଇ ସୌଧ ଗଢ଼ିବାରେ ମୁଁ ବ୍ରତୀ। କ୍ରମେ କବିତାରୁ ଗପ ଲେଖାରେ ମନଦେଇଛି। ଗାଳ୍ପିକ ହେବା ନିଶାରେ ଘାରି ହଉଚି।

ମୋ: ୮୩୨୮୨୬୬୫୪

**କାଳକାଳକୁ**




"ନିଜେ ଭଲ ହେବା ଯଥେଷ୍ଟ ନୁହେଁ,
ଯଦି ଆମ ଆଚରଣ ଅନ୍ୟକୁ
ଭଲ ହେବାକୁ ପ୍ରେରିତ ନ କଲା।"
– ଏଲିଜା ହେ ଉଡ୍

**ଏଲିଜା ହେ ଉଡ୍** ୧୬୯୩ରେ ଇଂଲଣ୍ଡରେ ଜନ୍ମ ହୋଇଥିଲେ ଓ ତାଙ୍କର ପରଲୋକ ହୋଇଥିଲା ୨୫ ଫେବୃଆରୀ ୧୭୫୬ରେ ଲଣ୍ଡନରେ। ଏହି ଇଂଲିଶ୍ ଲେଖିକାଙ୍କର ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ ହୋଇଥିଲେ ବି ୧୯୮୦ ବେଳକୁ ତାଙ୍କ ସାହିତ୍ୟ ଚର୍ଚ୍ଚିତ ହୋଇଥିଲା। ଉପନ୍ୟାସ ରଚନା ବ୍ୟତୀତ ନାଟକ, କବିତା ଓ ଅନୁବାଦ ସାହିତ୍ୟକୁ ତାଙ୍କର ଅବଦାନ ଯଥେଷ୍ଟ ଥିଲା। ଅଷ୍ଟାଦଶ ଶତାବ୍ଦୀର ଇଂଲିଶ୍ ଉପନ୍ୟାସ ସାହିତ୍ୟର ପ୍ରମୁଖ ପ୍ରତିଷ୍ଠାତ୍ରୀ ଏଲିଜା ତାଙ୍କର ଦୁଇଟି ଉଲ୍ଲେଖନୀୟ ନାଟକ ହେଉଛି– "The Fair Captive" ଓ "A Wife to be Let". ସାମୟିକ ପତ୍ରିକା ସମ୍ପାଦନା ସାଙ୍ଗକୁ ପ୍ରକାଶନ ଶିଳ୍ପରେ ମଧ୍ୟ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ।

**ପୁସ୍ତକ ପରିଚୟ**

## ଦେଶ ବିଦେଶ




**ଲେଖକ:** ଶରତ ଚନ୍ଦ୍ର ମିଶ୍ର
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୨୦/-

"ଦେଶ ବିଦେଶ"ରେ ଦୁଇଟି ଭାଗ ରହିଛି। ପ୍ରଥମ ଭାଗ 'ବୈଦେଶିକୀ' (ବିଦେଶ ବିଷୟକ ଲେଖାଗୁଡ଼ିକ ଏଥିରେ ସ୍ଥାନିତ) ଓ ଦ୍ୱିତୀୟ ଭାଗ 'ଆଭ୍ୟନ୍ତରୀଣ' (ଦେଶ ସମ୍ବନ୍ଧୀୟ ଲେଖାଗୁଡ଼ିକ ଏହି ଭାଗରେ ଅନ୍ତର୍ଭୁକ୍ତ)। ପ୍ରଥମ ଭାଗରେ ୧୬ଟି ଓ ଦ୍ୱିତୀୟ ଭାଗରେ ୨୦ଟି ଲେଖା ରହିଛି। ଏସବୁ ଲେଖା ସ୍ତମ୍ଭଲେଖ ଭାବେ 'ଧରିତ୍ରୀ'ରେ ୨୦୧୬ରୁ ୨୦୧୮ ମଧ୍ୟରେ ପ୍ରକାଶିତ, ଯାହାକୁ ଲେଖକ ଆଲୋଚ୍ୟ ଗ୍ରନ୍ଥରେ ସାମିଲ କରିଛନ୍ତି। ରାଜନୀତି, ଦେଶ-ଦେଶ ମଧ୍ୟରେ ବୈଦେଶିକ ସମ୍ପର୍କ, ଆତଙ୍କବାଦ, ପ୍ରବାସୀ ସମସ୍ୟା, ଜାତିଗତ ସଂରକ୍ଷଣ ବ୍ୟବସ୍ଥା, କଶ୍ମୀର ସମସ୍ୟା, ଶରଣାର୍ଥୀ ସମସ୍ୟା, ଶିକ୍ଷା ବ୍ୟବସ୍ଥା, କଳାଧନ ଓ ବିମୁଦ୍ରୀକରଣ, ଗଡ଼ଜାତ ମିଶ୍ରଣ, ଆଇନ ବ୍ୟବସ୍ଥାର ଯୁଗୋପଯୋଗିତା, ନିର୍ବାଚନ ଓ ଛାତ୍ର ରାଜନୀତି ଆଦି ବିଷୟରେ ଲେଖକ ତାଙ୍କର ଅଧ୍ୟୟନ ଓ ଅନୁଧ୍ୟାନ ଭିତ୍ତିରେ ମୌଳିକ ବିଶ୍ଳେଷଣମାନ କରିଛନ୍ତି। ଲେଖାଗୁଡ଼ିକରୁ ତାଙ୍କର ପ୍ରସଙ୍ଗଗତ ପରିପକ୍ୱତା ସ୍ପଷ୍ଟ। ସୁତରାଂ ପୁସ୍ତକଟି ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ ଓ ଲୋକମତ ଗଠନରେ ସହାୟକ ହୋଇପାରିବ।

## ଟଙ୍କିକିଆ ମଣିଷ



**କବି:** ସମରେନ୍ଦ୍ରନାଥ ମହାପାତ୍ର
**ପ୍ରକାଶକ:** ଶ୍ରଦ୍ଧା ପବ୍ଲିକେଶନ, ସହଦେବଖୁଣ୍ଟା, ବାଲେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୦୦/-

ମୋଟ ୩୮ଟି କବିତାକୁ ନେଇ ଶହେପୃଷ୍ଠାର ଏଇ ବହିଟି କବି ସମରେନ୍ଦ୍ରଙ୍କ କାବ୍ୟ-ଚେତନାର ଏକ ନୂଆ ଦିହୁଡ଼ି ମନେହୁଏ। ଏଥିରେ ଥିବା କବିତାଗୁଡ଼ିକ ବଞ୍ଚିତ ମଣିଷ ପ୍ରତି କବିତାର କେବଳ ଗତାନୁଗତିକ 'ଆହାଃ' ବାଣୀ ନୁହେଁ, ନିପୀଡ଼ିତ ମଣିଷର ଦୁଃଖରେ ସହଭାଗୀ ହେବାର ଏକ ଆନ୍ତରିକ ଉଦ୍ୟମ। ଭୋଟ୍‌ଭିତ୍ତିକ ରାଜନୀତି ଓ ଜନ-ପ୍ରବଞ୍ଚନା ବିରୋଧରେ କବି ତାଙ୍କ କାବ୍ୟସ୍ୱରକୁ ତୀବ୍ର କରିବାକୁ ଚାହିଁଛନ୍ତି ଗ୍ରନ୍ଥସ୍ଥ କବିତାଗୁଡ଼ିକରେ। ଗ୍ରନ୍ଥାରମ୍ଭରେ ଥିବା "ସେଇ ମଣିଷମାନଙ୍କ କଥା" ଶୀର୍ଷକ ଗଦ୍ୟଲେଖରେ ସେ ଲେଖିଛନ୍ତି: "ସାଧାରଣ ମଣିଷର ଦୁଃଖ, ଯନ୍ତ୍ରଣା ପ୍ରତି କେବଳ ସମବେଦନା ନୁହେଁ, ସେମାନଙ୍କ ବାସ୍ତବ ସମସ୍ୟାର ସମାଧାନ ପ୍ରତି କବି ତା' ଲେଖନୀ ମାଧ୍ୟମରେ ଉଦ୍ୟମ କରିବା ଉଚିତ ବୋଲି ମୁଁ ଅନୁଭବ କରେ। ସେହି ଦିଗରେ ଏକ ପ୍ରତିବେଦନ ମୋର ସଦ୍ୟତମ ସଂକଳନ 'ଟଙ୍କିକିଆ ମଣିଷ'।" ଗ୍ରନ୍ଥର ଶୀର୍ଷକ କବିତା 'ଟଙ୍କିକିଆ ମଣିଷ'ରୁ ଉଦ୍ଧୃତିଟିଏ ନେବା: "x x ଭଳିକିଭଳି ଯୋଜନା/ ଖଞ୍ଜି ଦେଇଚନ୍ତି ସର୍କାର ଆମର/ x x ପୁଅଙ୍କୁ ବହି, ଝିଅଙ୍କୁ ସାଇକେଲ/ ପୋଖତିଙ୍କୁ ଡାକ୍ତରୀ ସେବା/ ବୁଢ଼ାବୁଢ଼ୀଙ୍କୁ କମ୍ବଳ ଚାଦର/ ଆଉ ଆମ ପାଇଁ ଟଙ୍କିକିଆ ଚାଉଳ" (ପୃ:୧୨)। ଏଥିରେ ଦରଦ ଅଛି, ଦ୍ରୋହ ବି ଅଛି। ଗ୍ରନ୍ଥର ବହୁ କବିତା ସମାଜର ତଳସ୍ତରର ସତ୍ୟକୁ ପ୍ରକଟ କରେ, ଯାହା ସହ କବି ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। 'ଗୁଲିଖଟି' ଓ 'କବିତା ପାଠୋତ୍ସବ' ଭଳି କବିତା ଉପଭୋଗ୍ୟ ହେଲେ ବି ଗ୍ରନ୍ଥକୁ ଖୁବ୍ ବେଶି ମନାଏ ନାହିଁ। ଗପ ଓ କବିତା ଦୁଇ ମଇତ୍ର ପରି ବହିଟିରେ ଚାଲୁଥିବାର ଦେଖିଲେ ଓଡ଼ିଆ କବିତାକୁ ନୂଆକରି ଗଢ଼ିବାର ଝୁଙ୍କ୍‌ଯେ କବିଙ୍କର ଅଛି ବୁଝିହୁଏ।

## ଚପଲ

ପ୍ରଭଞ୍ଜନ ଦାଶ

**କ୍ଷୁଦ୍ର ଗଳ୍ପ**



ମନେମନେ ବୁବୁନା ଆଜି ଭାରି ଖୁସି। ଖୁସି ହବନି ବା କେମିତି! ବୁବୁନାର ବାପା ଆଜି ବୁବୁନା ପାଇଁ କଟକ ବାଲିଯାତ୍ରାରୁ ହଳେ ନୂଆ ଚପଲ କିଣି ଆଣିଛନ୍ତି, ଯାହାକୁ ପିନ୍ଧିପକାଇ ଖୁସିରେ ବୁବୁନାର ଗୋଡ଼ ଆଉ ତଳେ ଲାଗୁନି। ନୂଆ ଚପଲଟା ବି ବୁବୁନାର ପାଦକୁ ଖୁବ୍ ଭଲ ମାନୁଛି। ଘରେ ସମସ୍ତେ ହସଖୁସିରେ ମଜ୍ଜି ଥିବାବେଳେ ଠିକ୍ ଏଇ ସମୟରେ ବୁବୁନାର ଜେଜେ ଛିଣ୍ଡା ଚପଲ ପିନ୍ଧି ହାତରେ ବଙ୍କୁଲିବାଡ଼ି ଧରି ଚାଲି ଆସିଲେ ଘର ଭିତରକୁ। ହସଖୁସିର ହୋ ହଲ୍ଲା ଭିତରେ ଜେଜେ ନିଜର ଛିଣ୍ଡା ଚପଲକୁ ଦେଖାଇ ଧୀର ଗଳାରେ ବୁବୁନାର ବାପାକୁ କହିଲେ, ପୁଅରେ, ମୋର ପଟେ ଚପଲର ଫିତା ଛିଡ଼ିଯାଇଛି। ତୁ ବଜାରରୁ ହଳେ ନୂଆ ଚପଲଫିତା କିଣି ଆଣନ୍ତୁନି!

ବାସ୍, ଜେଜେଙ୍କର ଏତିକି କଥାରେ ବୁବୁନାର ବାପା ଚିଡ଼ିଯାଇ ଉଚ୍ଚ ଗଳାରେ ଉତ୍ତର ଦେଲେ, ଏ ବୟସରେ ତମର ଚପଲଫିତା ଆଉ କ'ଣ ଦରକାର ଯେ! ଏମିତିରେ ବି ତମର ଆଣ୍ଠୁ ଧରୁଛି, ଆଖିକୁ ଆଉ ଭଲ ଦିଶୁନି, ତା'ଛଡ଼ା ଆଗ ଭଳି ତମେ ଆଉ ଠିକ୍‌ସେ ଚଲାବୁଲା ବି କରିପାରୁନ, ଖାଲି ଯାହା ବାଡ଼ି ଧରି ଏ ଘର ଭିତରେ ଟିକେ ଚଳପ୍ରଚଳ କରୁଛ, ସେଥିରେ ପୁଣି ତମର ଚପଲଫିତା କ'ଣ ଆବଶ୍ୟକ?

ପୁଅର ଏଭଳି ସ୍ୱଭାବ ଓ ବିରକ୍ତିକର କଥା ଶୁଣି ଜେଜେ ଟିକେ ଶଙ୍କିଯାଇ କହିଲେ, ତୁ ଠିକ୍ କହିଛୁରେ ପୁଅ, ଏମିତିରେ ମୋର ବା ଆଉ କେଇଟା ଦିନ, ତା'ଛଡ଼ା ଏ ବୟସରେ ମୋର ଚପଲ ଆଉ କ'ଣ ବା ଦରକାର? ଏତିକି ଶୁଣି ବୁବୁନାର ବାପା ଏକ ଫୋନ୍ କଲ୍‌ରେ ବାହାରକୁ ଚାଲିଗଲେ। ବୁବୁନା ପାଦର ହଳେ ନୂଆ ଚପଲକୁ ଚାହିଁ ଜେଜେଙ୍କ ମନରେ ରୋମନ୍ଥନ ହେଉଥିଲା ଅତୀତର କିଛି ଅଭୁଲା ସ୍ମୃତି, ଯାହାଥିଲା ପିଲାବେଳେ ବୁବୁନାର ବାପା ପାଇଁ ନିଜେ (ଜେଜେ) କଟକ ବାଲିଯାତ୍ରାରୁ କିଣି ଆଣିଥିବା ହଳେ ନୂଆ ଚପଲକୁ ନେଇ। ଯାହାକୁ ପିନ୍ଧିପକାଇ ସେଦିନ ବୁବୁନାର ବାପା ବହୁତ ଖୁସି ହେଇଥିଲା, ଠିକ୍ ଆଜି ବୁବୁନା ପରି।

ଜେଜେଙ୍କୁ ଚାହିଁ ଖୁସିରେ ହସୁଥିଲା ବୁବୁନା। ଜେଜେ ବି ବୁବୁନାର ଖୁସିରେ ଖୁସି ହୋଇ ନିଜେ ହସୁଥିଲେ, ଜେଜେଙ୍କ ଆଖିରୁ ଝରି ଆସୁଥିଲା କିଛି ଅମାନିଆ ଲୁହର ଧାର, ଜଣାନାହିଁ ତାହା ଆନନ୍ଦର କି ବିଷାଦର। ଯାହା ନିଗିଡ଼ିଯାଇ ଓଦା କରି ପକାଉଥିଲା ପାଦ ତଳେ ଥିବା ସେହି ଛିଣ୍ଡା ଚପଲଟିକୁ।

ମୋ: ୭୩୨୬୯୫୯୯୯୫

## କବିତା

### ମା' କ୍ଷୀର

ମୂଳ ହିନ୍ଦୀ: ଅଗ୍ନିଶେଖର
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ମା' କହେ, ମା' କ୍ଷୀର କେବଳ କ୍ଷୀର
ଯେମିତି ପବନ କେବଳ ପବନ
ହିନ୍ଦୁ କି ମୁସଲମାନ ନୁହେଁ
ଯେମିତି ପାଣି କେବଳ ପାଣି
ଅଗ୍ନି, ପୃଥିବୀ, ଆକାଶ ବି
କୌଣସି ଧର୍ମର ବଶ ନୁହନ୍ତି, ସେମିତି
ମା' କ୍ଷୀର କେବଳ କ୍ଷୀର
ଦଳିତ କି ବ୍ରାହ୍ମଣ ନୁହେଁ।

ସେତେବେଳେ ତା'ର ମନେପଡ଼ିଲା
ଆମ ଘରେ ଭଡ଼ା ରହୁଥିବା
ମୁସଲମାନ ପଡ଼ୋଶୀଙ୍କ ଦୁଇ ଯାଆଁଳା ଝିଅ
ନୁରା ଓ ନୁହା ; ମୁଁ ଜନ୍ମନେବାର
କେଇଦିନ ଛଡ଼ାରେ ସେମାନଙ୍କ ଜନ୍ମ
ରାହା ଧରି କାନ୍ଦିବା ଯୋଗୁଁ କେତେ ଥର
ପିଇଥିବେ ମୋ' ମା' ଛାତିରୁ କ୍ଷୀର,
ଆଉ ମୁଁ ବି ଢେର୍ ବାର
ପିଇଛି ତାଙ୍କ ମା'ଙ୍କଠୁଁ।

ଭଉଣୀ ମାନେ ଇ ତ ଭଉଣୀ–
ମା' କହୁଥିଲା, ଯେବେ
ମା'ର ଦୁଧଭରା ଛାତିକୁ
ଆମେ ତିନିଜଣ ଚାହିଁ ବସୁଥିଲୁ...
ଖୁସିରେ ତା' ଆଖି କି' ଛଳଛଳ!

ଲଲ୍ଲା ମା'ଙ୍କ ଛାତିରୁ କ୍ଷୀର ପିଇଥିବା
ନୁନ୍ଦରଷିଙ୍କ କୃତଜ୍ଞତାର ସ୍ୱରରେ ବି
ଗୁଣୁଗୁଣାଏ ଅନେକ ଥର ମା'–
"ଅବତାର ଦେବୀମା' ସିଏ
ପଦ୍ମାନପୁରର ଲଲ୍ଲାଦେବୀ
ଯେମିତି ପିଆଇଥିଲେ ବୁନ୍ଦାବୁନ୍ଦା ଅମୃତ
ହେ ଦେବ! ମତେ ବି ସେମିତି ବରଦିଅ!"

ଏବେ ଭାବୁଛି ଦଶନ୍ଧି ଦଶନ୍ଧି ଧରି
ଦେଖି ନ ଥିବା ପିଲାବେଳର
ସେଇ ଦୁଇଭଉଣୀ ମୋର
କୋଉଠି ଥିବେ ଏବେ?
ଝୁଣୀ ଉପତ୍ୟକାରେ? ଥିବେ ନା ଥିବେନି?

ଅତୀତ ଆଉ ବର୍ତ୍ତମାନ ମଝିରେ
ଲଗାତାର କ୍ରସ୍ ଫାୟାରିଂ...
ଘରେ ଜୋର୍‌କରି ପଶିଥିବେ କି ଜିହାଦୀଏ!
ସୁରକ୍ଷାକର୍ମୀଙ୍କ ଘେରବନ୍ଦୀ ଭିତରେ
ସେମାନଙ୍କୁ ବଂଚେଇବ ମୋ' ମା' କ୍ଷୀର–
ଯେମିତି ନିର୍ବାସନ ଭିତରେ
ବଞ୍ଚିରହିଛି ମା' କ୍ଷୀର ଭିତରେ
ଏଇ ଗୋଟିଏ ବୋଲି ସ୍ମୃତି!

[କଶ୍ମୀରରେ ଜନ୍ମିତ ହିନ୍ଦୀ କବି ଅଗ୍ନିଶେଖର। ନିଜ ପରିଚୟରେ ସେ କହନ୍ତି: "ଆପଣା ଦେଶରେ ଶରଣାର୍ଥୀ ନାଁ ପାଇଥିବା ମୁଁ ଏକ ହତଭାଗ୍ୟ କବି। କବିତା ଲେଖୁଛି ବୋଲି ବଞ୍ଚିପାରୁଚି।" ୧୯୫୫ରେ ଜନ୍ମଗ୍ରହଣ କରିଥିବା ଏହି କବିଙ୍କର ଅଦ୍ୟାବଧି ଚାରୋଟି କବିତା ପୁସ୍ତକ ପ୍ରକାଶିତ। "କିସି ଭୀ ସମୟ" (୧୯୯୨), "ମୁଝ୍‌ସେ ଛିନ୍ ଲୀ ଗୟି ମେରୀ ନଦୀ" (୧୯୯୬), "କାଲବୃକ୍ଷ କି ଛାୟା ମେ" (୨୦୦୨) ଓ "ଜବାହର ଟନଲ" (୨୦୦୯)। କଶ୍ମୀର ପଣ୍ଡିତଙ୍କ ଉପରେ ହୋଇଥିବା ଅତ୍ୟାଚାରର ପ୍ରତିବାଦରେ "କଶ୍ମୀର ସାହିତ୍ୟ ଏକାଡେମୀ ପୁରସ୍କାର" ପ୍ରତ୍ୟାଖ୍ୟାନ କରିଥିଲେ ଅଗ୍ନିଶେଖର।]

ମୋ: ୯୮୬୧୩୩୩୯୪୪

### କୁହ

ଛନ୍ଦା ମିଶ୍ର

ମୋର ବିଶ୍ୱାସ ହୁଏନା
ସତରେ ତୁମେ ଈଶ୍ୱର!

ରତ୍ନ ସିଂହାସନ ଉପରେ ବସି
ପାଟ ମଠା ପିନ୍ଧି, ଷାଠିଏ ପଉଟି ଖାଇ
ଚାହିଆ ହଲାଇ ରଥ ଚଢ଼ି
ଜାକଜମକ ଦେଖେଇଲେ
କେହି କ'ଣ ଈଶ୍ୱର ପାଲଟିଯାଏ?

ଏମିତି ତ ଗଣ୍ଡାଗଣ୍ଡା ଈଶ୍ୱର
ହାଉଯାଉ ହୁଅନ୍ତି ଏଠି...
ତତଲା ଲୁହର ତାତି,
ଭୋକିଲା ପେଟର ବିକଳପଣ
ଖରା, ବର୍ଷା, ଶୀତରେ ସିଝୁଥିବା
ଦେହମାନଙ୍କୁ ଦେଖି, ଜଣକ ପେଟକୁ
ଷାଠିଏ ପଉଟି ଯାଏ କେମିତି?

ଆଖି ଥାଇ ତୁମେ ଦେଖିବନି
କାନ ଥାଇ ଶୁଣିବନି, ହାତ ଥାଇ
ବିପଦେ ଆପଦେ ବଢ଼େଇ ଦେବନି
ଈଶ୍ୱର ବୋଲାଇବାର ଅଧିକାର
ତମକୁ ଦେଲା କିଏ ଯେ!

ତମେ ଯଦି ଈଶ୍ୱର, ତେବେ ପ୍ରମାଣ?

ମୋ: ୯୪୩୭୪୫୩୬୧୦

**ଗୀତି-କବିତା**

### ଦୁଇ ଦିଗନ୍ତ

ନିରଞ୍ଜନ ସାହୁ

କେବେ କଳାକାର ହୋଇ ବଞ୍ଚିଥାଏ
କେବେ ବଞ୍ଚିଥାଏ ହୋଇକି କବି
କେବେ ଅଭିନୟ କରିକି ଦେଖାଏ
କେବେ ଲେଖିଥାଏ ଦୁନିଆ ଛବି।

ମଞ୍ଚ ଉପରେ ମୁଁ ଛିଡ଼ା ହୋଇଗଲେ
ଭୁଲିଯାଏ ମୁହିଁ ନିଜକୁ ନିଜେ
ମୋ' ଦେହେ ସବାର ହୁଅଇ ଚରିତ୍ର
ଚରିତ୍ର ଦେହରେ ହୁଏ ମୁଁ ବିଜେ
କେବେ ତାଳି ପୁଣି କେବେ ଗାଳି ଶୁଣେ
କରେ ଅଭିନୟ ନ ଯାଇ ଦବି।

କାଗଜ କଲମ ହାତରେ ଧରିଲେ
ଲେଖିଯାଏ ମୁହିଁ କବିତାବଳୀ
କେବେ ଆଙ୍କିଯାଏ ବାସ୍ତବ ଘଟଣା
କେବେ କଳ୍ପନାରେ ଫୁଟାଏ କଳି
ସ୍ରଷ୍ଟା ସାଜି ମୁଁ ସୃଷ୍ଟି ସରଜଇ
ଜ୍ଞାନାଲୋକ ଦିଏ ଯେସନ ରବି।

ମୋ: ୯୯୩୮୭୪୧୫୮୩

## ଅଲୋଡ଼ା ଅସ୍ତିତ୍ୱ

କିଶୋର ଆକାଶ୍

**ଗଳ୍ପ**

ସକାଳୁ ସକାଳୁ ମର୍ନିଂୱାକ୍‌ରେ ଯାଉଯାଉ ବୃଦ୍ଧ ସନାତନ ଶୁଣିଲେ କାହାର କ୍ରନ୍ଦନର ସ୍ୱର। କ୍ଷଣେ ଅଟକିଯାଇ ନିଘା କଲେ ଚାରିଆଡ଼େ। କ୍ରନ୍ଦନର ସ୍ୱର ବେଳକୁବେଳ ବଢ଼ୁଥିଲା ସିନା ଊଣା ହେଉ ନ ଥିଲା। ଆଖପାଖରେ ତ ନାହିଁ ଘରଦ୍ୱାର। ଗଳିର ଶେଷ ମୁଣ୍ଡ ଏଇଟା।

କେବଳ ନାଲି ଜରଜର ଡାକବାକ୍ସଟିଏ ଠିଆ ହୋଇଛି ପରାଜିତ ସୈନିକ ଭଳି ଏକାଏକା ମୁଣ୍ଡ ପୋତି, ଅଲୋଡ଼ା ଅଖୋଜା ପରିତ୍ୟକ୍ତ ଅବସ୍ଥାରେ ନିହାତି ଅସହାୟ ହୋଇ।

ପାଖକୁ ଗଲେ ସନାତନ। ଧୀରେ ଅତି ଧୀରେ ଆହ୍ଲାଦରେ ଆଉଁଶିଦେଲେ ଛୋଟ ଛୁଆକୁ ଗେଲ କଲା ଭଳି। ସେ ହିଁ କାନ୍ଦୁଥିଲା ଧକେଇ ଧକେଇ।

ପଚାରିଲେ ମିଠା ସ୍ୱରରେ: ତମେ କାନ୍ଦୁଛ ଡାକବାକ୍ସ!

– ହଁ ସାର୍, କାନ୍ଦିବା ଛଡ଼ା ଆଉ କିଛି ଅଧିକ କରିବାର ସାମର୍ଥ୍ୟ ନାହିଁ ଏବେ ମୋର। ମୁଁ ନିହାତି ନିଃସହାୟ, ନିରୁପାୟ, ନିରାଶ୍ରୟ।

– ମାନେ...!

– ଅସହାୟ ହୋଇଗଲେ ଆଉ ପ୍ରାଣକୁ ବାଧିଲେ ଇ ଜଣେ କାନ୍ଦେ ନା ସାର୍! କାହାକୁ କାନ୍ଦିବାକୁ ଭଲ ଲାଗେ କୁହନ୍ତୁ ତ? ଏଠି ସମସ୍ତଙ୍କର ଇଚ୍ଛା ହସିବେ। ଖୁସିରେ ରହିବେ। ଆନନ୍ଦରେ ଆତ୍ମହରା ହେବେ। ହେଲେ...

– ହେଲେ ତୁମର କ'ଣ ହୋଇଛି ଡାକବାକ୍ସ, କ'ଣ ହୋଇଛି ସତରେ?

– କ'ଣ ନ ହୋଇଛି ସାର୍! ଦିନ ଥିଲା ମୋର ଆବଶ୍ୟକତା ଏତେ ବେଶି ଥିଲା ଯେ, ଦିନକୁ ତିନି ଥର ଚିଠି ବାହାର କଲେ ବି ଭରି ହୋଇଯାଉଥିଲା ପୁଣି। କି ତରୁଣୀତରୁଣ, ବୁଢ଼ୀବୁଢ଼ା, ବୟସ୍କା ବୟସ୍କ, କିଶୋରୀ କିଶୋର ସମସ୍ତେ ମୋ' ପାଖକୁ ଛୁଟିଆସୁଥିଲେ। ଚିଠିଟିଏ ପକାଇ ଦେଇ ଶାନ୍ତିରେ ନିଃଶ୍ୱାସ ମାରୁଥିଲେ ଆତ୍ମତୃପ୍ତିରେ। ନିଜନିଜ ମନପ୍ରାଣର ଗୋପନ ଦରଦ/ ମଧୁର କଥା ଆଉ ବ୍ୟଥା ଚିଠିରେ ଉତାରି ଦେଇ, ମୋ' ଠେଇଁ ଥୋଇଦେଲେ କାଳେ ସେମାନଙ୍କୁ ମିଳୁଥିଲା ଅସୀମ ଆତ୍ମସନ୍ତୋଷ। ପ୍ରେମିକ ପ୍ରେମିକାକୁ, ପ୍ରେମିକା ପ୍ରେମିକକୁ, ଦୂରସ୍ଥ ପତିକୁ ବିରହୀ ଚକୋରୀ ସମ ପତ୍ନୀର ଭଗ୍ନ ହୃଦୟର କରୁଣ ପ୍ରତିଲିପି, ପୁଅକୁ ବୁଢ଼ାବାପାର ଦାରୁଣ କାହାଣୀ, ସ୍ନେହମୟୀ ମାଆର ମମତାଭରା ହୃଦୟର ଛଳଛଳ ଆତ୍ମଲିପି, ପୁଅର ମା' ବାପାଙ୍କ ପ୍ରତି ଭକ୍ତିଭାବ, ଫୌଜିର ପତ୍ନୀ/ ସନ୍ତାନ ପ୍ରତି ପ୍ରେମ-ବାତ୍ସଲ୍ୟ ଏମିତି ଏମିତି କେତେ ମମତା ମଧୁର, ଦରଦ ବିଧୂର, ମାନ ଅଭିମାନ, ଲାଜଲାଜର ଲାଳିତ୍ୟଭରା ହାତଲେଖା ମୋ' ପେଟରେ ପଡ଼ିଗଲେ ଓହୋ ମହାଆନନ୍ଦରେ କୁରୁଳି ଉଠୁଥିଲି ମୁଁ।

– ଅଥଚ ସେ ସବୁ ସ୍ୱପ୍ନ ଆଜି ଡାକବାକ୍ସ! କ'ଣ କରାଯିବ କୁହ? କ'ଣ କରିପାରିବା ଆମେ ଏ ବଦଳ ପରିବେଶ ପାଇଁ।

– ଓଃ! ଏବେ କି ମୋବାଇଲ ଆସିଗଲା ଯେ, ଲୋକେ ହ୍ୱାଟ୍‌ସଆପ୍, ମେସେଞ୍ଜର, ଫେସ୍‌ବୁକ୍, ଟୁଇଟର, ଭିଡିଓ କଲ୍, ଇନ୍‌ଷ୍ଟାଗ୍ରାମ୍, ଏମିତି କେତେ କ'ଣ ଭିତରେ ହଜିଗଲେ, ମଜ୍ଜିଗଲେ। ଭୁଲିଗଲେ ମତେ ଆଉ ମୋର ବର୍ଷ ବର୍ଷର ସମର୍ପିତ ତ୍ୟାଗ, ସେବା ଓ ସୁକର୍ମର ସାଧନାକୁ ପୂରାପୂରି।



– ଏ ଦୁନିଆଟା ଠିକ୍ ସେମିତି ଏକ ଡାକବାକ୍ସ! ବଡ଼ ସ୍ୱାର୍ଥପର / ବେଇମାନ / ଧୋକାବାଜ୍। ଏବେ ମୋ' କଥା ଦେଖ। ମତେ ବୟସ ହେଲାଣି ସତୁରି ବର୍ଷ। ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ ପଞ୍ଝେ। ହେଲେ ସମସ୍ତେ ଅଛନ୍ତି ଆମେରିକାରେ ବେଶ୍ ସୁଖରେ ଆଉ ଖୁସିରେ। ମୋ' ପତ୍ନୀ ବି ସେମାନଙ୍କ ଦ୍ୱାରା ଏକରକମ ବନ୍ଦୀ ସେଇଠି। ଇଚ୍ଛା ନ ଥାଇ ବି ବନ୍ଦୀ ଜୀବନ ଜିଇବାକୁ ପଡୁଛି ତାକୁ। ଅଥଚ ମୁଁ ଏଇଠି ବୃଦ୍ଧାଶ୍ରମରେ ଏକୁଟିଆ ତୁମ ଭଳି ପଡ଼ିରହିଛି ଅଲୋଡ଼ା ଆଉ ଅଦରକାରୀ ଦରବ ଭଳି। ଦିନ ଥିଲା, ମୋର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଥିଲା ସେମାନଙ୍କ ପାଇଁ। ମେଶିନ୍ ଭଳି ଦିନରାତି ଖଟିଖଟି ସେମାନଙ୍କୁ ଯୋଗାଉଥିଲି ସୁଖର ସଉଦା, ଦେଖାଉଥିଲି ବଂଚିବାର ବାଟ। ମୋ' ବିନା ସେକେଣ୍ଡ୍‌ଟାଏ ବଂଚିବା ଥିଲା ସେମାନଙ୍କ ପାଇଁ ମୁସ୍କିଲ। ଅଥଚ ଚକ ଘୂରିଯାଇଛି ଆଜି...!

– ହଁ ସାର୍, ଏଠି ସମସ୍ତେ ଖୁବ୍ ସ୍ୱାର୍ଥପର। ସବୁଠି ସ୍ୱାର୍ଥର ସଂକୀର୍ତ୍ତନ। ନିଜନିଜର ସ୍ୱାର୍ଥ ଚରିତାର୍ଥ ହୋଇଗଲା ପରେ ଲାତ ମାରି ଫୋପାଡ଼ି ଦେବାକୁ କେହି ପଛଘୁଞ୍ଚା ଦିଅନ୍ତିନି ତିଳେ।

– କ'ଣ କରିବା ଡାକବାକ୍ସ! ତୁମ ଭଳି ମୁଁ ବି କାନ୍ଦେ ଅସହାୟ ହୋଇ ସକାଳେ ସଞ୍ଜେ। ହେଲେ କିଏ ଶୁଣିବ ଆମର ଏ କ୍ରନ୍ଦନର ସ୍ୱର? କିଏ?

ଅସହାୟ ଡାକବାକ୍ସ ଆଉ ବୃଦ୍ଧ ସନାତନ ଦୁହେଁ ମିଶି କୋଳାକୋଳି ହୋଇ କାନ୍ଦୁଥିଲେ ଅତି କରୁଣ ଭାବେ।

ସହସା ସେମାନଙ୍କ ସହ ସ୍ୱର ମିଳାଇ କାନ୍ଦୁଥିଲା ପ୍ରକୃତି, ଯାହା ପ୍ରତୀତ ହେଉଥିଲା ସୁନାମି ଭଳି।

ମୋ: ୯୮୧୦୭୬୨୯୭୬

**ଟେଲିକମ୍ କ୍ଷେତ୍ର ଲାଗି ପିଏଲ୍ଆଇ ସ୍କିମ୍**

କେନ୍ଦ୍ର ସରକାର ଟେଲିକମ୍ କ୍ଷେତ୍ରରେ ମାନୁଫାକ୍ଚରିଂକୁ ଉତ୍ସାହିତ କରିବା ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ପିଏଲ୍ଆଇ ଯୋଜନାକୁ କାର୍ଯ୍ୟକାରୀ କରାଇଛନ୍ତି। ଦେଶ ମଧ୍ୟରେ ଟେଲିକମ୍ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ୫ ବର୍ଷ ନିମନ୍ତେ ୧୨,୧୯୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

# ରେନୋ ଭୁବନେଶ୍ୱର ଶୋ'ରୁମ୍‌ରେ ନୂଆ କାଇଗର

ନୂଆଦିଲ୍ଲୀ,୧୭।୨




ରେନୋ ଇଣ୍ଡିଆ ପକ୍ଷରୁ ଏହାର ନୂଆ କାଇଗର ମଡେଲ ଓଡ଼ିଶା ବଜାରରେ ପ୍ରବେଶ କରିଛି। ରେନୋ ଭୁବନେଶ୍ୱର ଶୋ'ରୁମ୍‌ରେ ଏହି ଯାନଟିକୁ ବୁଧବାର ଉନ୍ମୋଚନ କରାଯାଇଥିଲା। ଶୋ' ରୁମ୍‌ର ଏମ୍‌ଡି ସତୀଶ ଗର୍ଗ, ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ ନୂଆ ଯାନଟିକୁ ଶୁଭାରମ୍ଭ କରିଥିଲେ। ନୂଆ ଯାନର ଏକ୍ସ ଶୋ' ରୁମ୍ ମୂଲ୍ୟ ୫.୪୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକ ଏହାକୁ କମ୍ପାନୀ ଡିଲରଶିପ ଏବଂ ୱେବ୍‌ସାଇଟକୁ ଯାଇ ବୁକିଂ କରିପାରିବେ। ଏହା ୪ଟି ଟ୍ରିମ୍‌ରେ ଉପଲବ୍ଧ। ଏଥିରେ ଏଲ୍ଇଡି, ଡିଆର୍ଏଲ୍, ସି ଆକାରର ସିଗ୍‌ନେଚର, ଏଲ୍ଇଡି ଲ୍ୟାମ୍ପ ସହିତ ୪୦.୬୪ ସେମିର ହ୍ୱିଲ, ରୁଫ୍ ରେଲ୍ ବାର୍ ଏବଂ ଡୁଆଲ ଟୋନ ବିକଳ୍ପ ସମସ୍ତ ଟ୍ରିମ୍‌ରେ ଉପଲବ୍ଧ।

ଆକର୍ଷଣୀୟ ଡୁଆଲ ଟୋନ୍ କମ୍ବିନେଶନ ସହିତ ରେନୋ କାଇଗର ୬ଟି ଆକର୍ଷଣୀୟ ବଡି କଲରରେ ଉପଲବ୍ଧ ହେବ। ଏଥିରେ ସ୍ୱତନ୍ତ୍ର ଆଥ୍ଲେଟିକ ଡିଜାଇନ, ଅର୍ବାନ ଆଧୁନିକତା, ଆକର୍ଷଣୀୟ ମସ୍କୁଲାର ବଡିୱାର୍କ ଯାହାକି ଦୃଢ଼ତା ଓ ଡାଇନାମିଜମ ପ୍ରଦାନ କରିବାକୁ ସକ୍ଷମ ହେବ। ଏଥିରେ ସ୍ମାର୍ଟ କ୍ୟାବିନ ରହିଛି ଯେଉଁଥିରେ ଟେକ୍ନୋଲୋଜି, ଫଙ୍କସନାଲିଟି ଓ ପର୍ଯ୍ୟାପ୍ତ ସ୍ଥାନ ମିଳିପାରିବ। ସେହିଭଳି ନୂତନ ବୈଶିଷ୍ଟ୍ୟ ତଥା ସିଏଫ୍ଏମ୍ଏ+ ପ୍ଲାଟ୍‌ଫର୍ମ ଯାହା ଦ୍ୱାରା ଡ୍ରାଇବର ସଫଳତା ପାଇପାରିଛି। ଏଥିରେ ଅଧିକ ସ୍ଥାନ, କ୍ୟାବିନ ଷ୍ଟୋରେଜ ଓ କାର୍ଗୋ ସ୍ପେସ୍ ରହିଛି। ମଡେଲଟିରେ ଏକ ସ୍ମାର୍ଟ କ୍ୟାବିନ ରହିଛି ଯେଉଁଥିରେ ୧.୦ ଲିଟରର ଟର୍ବୋ ଇଞ୍ଜିନ ଦ୍ୱାରା କାର୍ଯ୍ୟଦକ୍ଷତା ଏବଂ ଇନ୍ଧନ କ୍ଷମତା ମଧ୍ୟରେ ଉତ୍କୃଷ୍ଟ ସନ୍ତୁଳନ ରକ୍ଷା କରିଥାଏ ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ତୈଳ-ବାଷ୍ପ ଭିତ୍ତିଭୂମିରେ ଖର୍ଚ୍ଚ ହେବ ୭.୫ ଲକ୍ଷ କୋଟି

**୩୨ ହଜାର କୋଟିର ପ୍ରକଳ୍ପ ଶୁଭାରମ୍ଭ କଲେ ମୋଦି**

**ନୂଆଦିଲ୍ଲୀ,୧୭।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭିଡିଓ କନଫରେନ୍ସ ଯୋଗେ ତାମିଲନାଡୁର ୩୨,୭୦୦ କୋଟି ଟଙ୍କା ମୂଲ୍ୟର ତୈଳ ଏବଂ ବାଷ୍ପ ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ ଏବଂ ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ସେ କହିଛନ୍ତି, କେନ୍ଦ୍ର ସରକାର ପ୍ରାକୃତିକ ବାଷ୍ପକୁ ସାମଗ୍ରୀ ଓ ସେବା ଟିକସ ପରିସରକୁ ଆଣିବା ଲାଗି ପ୍ରତିଶ୍ରୁତିବଦ୍ଧ। ଆଗାମୀ ୫ ବର୍ଷରେ ତୈଳ ଏବଂ ବାଷ୍ପ ଭିତ୍ତିଭୂମିରେ ୭.୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ୩୧ ହଜାର କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ନାଗାପଟିନମସ୍ଥିତ କୌଭେରି ବେସିନ ରିଫାଇନେରି ଦେଶର ଶକ୍ତି ଚାହିଦା ପୂରଣ ଦିଗରେ ଯୋଗଦାନ ରଖିବ। ସେହିଭଳି ରାମନାଥପୁରମ-ଥୋଥୁକୁଡି ଗ୍ୟାସ ପାଇପଲାଇନ ତାମିଲନାଡୁକୁ ନିରନ୍ତର ଗ୍ୟାସ ଯୋଗାଣ କରିବ। ଗ୍ୟାସୋଲିନ ଡେସୁଲଫୁରିଜେସନ ୟୁନିଟ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକ ଦ୍ୱାରା ୫୧.୭ ଲକ୍ଷ ମାନବ ଦିବସ ସୃଷ୍ଟି ହେବ ବୋଲି ମୋଦି ସୂଚନା ଦେଇଛନ୍ତି। ଲୋକାର୍ପିତ ଉକ୍ତ ପ୍ରକଳ୍ପ ତାମିଲନାଡୁ ବିଶୋଧନାଗାରକୁ ଏକ ଦେଶଗ୍ରଣୀ କରିବ ବୋଲି ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM**
(District Tuberculosis Elimination Unit-Ganjam)
City Hospital Campus, Berhampur-760001, Dist.- Ganjam
Phone: 0680-2226064, E-mail: dtoorgjm@rntcp.org

No.2934/NTEP/Gjm Dt.17.2.21

**Zilla Swasthya Samiti**
**National Tuberculosis Elimination Programme, Ganjam**
**WALK IN INTERVIEW FOR CONTRACTUAL APPOINTMENT**

A Walk in Interview will be conducted on 09.03.2021 for filling up vacancy of District PMDT & TB-HIV Cooordinator post under NTEP, Berhampur, Ganjam on contractual basis with monthly remuneration as noted. And subject to renewal as per Odisha State Health & Family Welfare Society terms and conditions. The position is purely temporary and co-terminus with the scheme. Lower age limit for the position is 21 years and upper age limit is maximum 65 years as on 01.12.2020.

| Sl. No. | Name of the Post | Vacancy | Eligibility Criteria, TOR etc. | Monthly base remuneration & Performance Incentive (PI) |
|---|---|---|---|---|
| 1 | District PMDT & TB-HIV Coordinator | 01 | Detail can be referred from the website **https://ganjam.nic.in** | Rs.22,851+PI |

Interested candidates fulfilling the eligibility criteria may register her/his name at Bigyan Meeting Hall, NTEP, Ganjam City Hospital Campus, Berhampur on the scheduled date mentioned from 10.00 A.M. to 12.00 Noon, with filled application form along with self attested photo copies of all supportive documents along with identity proof like Voter Id/Aadhaar Card/Driving Licence/PAN Card/Passport.

All communication will be made through e-mail only & time to time notification regarding status of recruitment process will be web hoisted in district website (**i.e. https://ganjam.nic.in**) for detail information.

The undersigned reserves the right to cancel/reject any or all the applications without assigning any reason thereof.

**Sd./- CDM & PHO, Ganjam, Berhampur**

# ମୁଖ୍ୟମନ୍ତ୍ରୀଙ୍କୁ କ୍ରେଡାଇ ଓଡ଼ିଶାର ସ୍ମାରକପତ୍ର

**ଭୁବନେଶ୍ୱର,୧୭।୨:** ରାଜ୍ୟ ବଜେଟ ଆସିବାର ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କନ୍‌ଫେଡେରେଶନ ଅଫ୍ ରିୟଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(କ୍ରେଡାଇ) ଓଡ଼ିଶା ଚାପ୍ଟର ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଲ୍ଡର ଏବଂ ରିୟଲ ଇଷ୍ଟେଟ ଡେଭଲପର୍ସଙ୍କ ପକ୍ଷରୁ ବିକ୍ରି କରାଯାଉଥିବା ହାଉସିଂ ୟୁନିଟ କ୍ଷେତ୍ରରେ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଦେୟ ହ୍ରାସ କରିବା ନେଇ ଏଥିରେ ନିବେଦନ କରାଯାଇଛି। ଜେନେରାଲ ପାୱାର ଅଫ୍ ଆର୍ଟର୍ନି ଆଣ୍ଡ ଜଏଣ୍ଟ ଡେଭଲପମେଣ୍ଟ ଏଗ୍ରିମେଣ୍ଟ କ୍ଷେତ୍ରରେ ପଦକ୍ଷେପ ନେବା ଲାଗି ମଧ ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟ ରାଜ୍ୟ ଏଭଳି ପଦକ୍ଷେପ ନେଇଛନ୍ତି। ଏଭଳି ବିଭିନ୍ନ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କଲେ ଏହା ରିୟଲ ଇଷ୍ଟେଟ କ୍ଷେତ୍ରର ବିକାଶ ଦିଗରେ ସହାୟକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ଦିଗରେ ରାଜ୍ୟ ସରକାର ତ୍ୱରିତ ଭାବେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କ୍ରେଡାଇ ଓଡ଼ିଶା ଚାପ୍ଟର ସଭାପତି ସ୍ୱଦେଶ କୁମାର ରାଉତରାୟ ମତବ୍ୟକ୍ତ କରିଛନ୍ତି। ଅନ୍ୟ ରାଜ୍ୟ ଏଭଳି ପଦକ୍ଷେପ ନେଉଥିବାରୁ ଓଡ଼ିଶା ସରକାର ମଧ ଶିଳ୍ପର ବିକାଶକୁ ନଜରରେ ରଖି ସମାନ ପଦକ୍ଷେପ ନିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ପାହାଳରେ ମୋ ହୋଣ୍ଡା ଶୋ'ରୁମ୍




**କଟକ ଅଫିସ, ୧୭।୨:** ସ୍ଥାନୀୟ ପାହାଳଠାରେ ଟେମ୍ପୁଲସିଟି ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ ଲିମିଟେଡର ଏକ ନୂତନ ହୋଣ୍ଡା ବାଇକ୍ ଶୋ'ରୁମ 'ମୋ ହୋଣ୍ଡା' ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଜିଏମ୍ ରୁମା ଦେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ହୋଣ୍ଡା ବାଇକ୍‌ର ଜିଲା ପରିଚାଳନା ନିର୍ଦ୍ଦେଶକ ଏମ୍. ଶ୍ରୀଆନନ୍ଦ ବିକ୍ରମ, ହୋଣ୍ଡା ମୋଟର ସାଇକେଲ ଏବଂ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଶାଖା ବ୍ୟବସାୟ ପରିଚାଳକ ଅଜିତ ପଣ୍ଡା ଓ ସର୍ଭିସ ପରିଚାଳକ ଅମରଜିତ ଝା ପ୍ରମୁଖ ଉପସ୍ଥିତ ଥିଲେ। ମୋ ହୋଣ୍ଡାର ନିର୍ଦ୍ଦେଶକ ସୌନକ୍ ପାରିଖ, ସୁଦୀପ୍ତା ପାରିଖ ନିମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ମୋ ହୋଣ୍ଡାର ମୁଖ୍ୟ ପରିଚାଳକ ପ୍ରତାପ କୁମାର ଧଳସାମନ୍ତ, ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସମସ୍ତ ପ୍ରକାର ସର୍ଭିସ, ସ୍ପେୟାର ପାର୍ଟ୍ସ ଓ ରିହାତି ଦରରେ ଗାଡ଼ି ଯୋଗାଇ ଦିଆଯିବ ବୋଲି ମୋ ହୋଣ୍ଡା ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ବଡାଦୋସ୍ତର ବଜାର ପ୍ରବେଶ




**ଅଶୋକ ଲେଲାଣ୍ଡ କମ୍ପାନୀର ନୂଆ ମଡେଲ**

**ସମ୍ବଲପୁର,୧୭।୨(ବ୍ୟୁରୋ):** ସମ୍ବଲପୁର ବଜାରକୁ ଅଶୋକ ଲେଲାଣ୍ଡ କମ୍ପାନୀର ନୂଆ ମଡେଲ ବଡାଦୋସ୍ତ ପ୍ରବେଶ କରିଛି। ଏ ନେଇ ରେମେଡ଼ସ୍ଥିତ ଜଲାନ ଅଟୋମୋବାଇଲରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଲାନ ଅଟୋ ମୋବାଇଲ ଅଧକ୍ଷ ଅଶୋକ ଜଲାନ ଏଥିରେ ଅଧକ୍ଷତା କରିଥିଲେ। ଭୋଜପୁରୀ ଯୁବଶକ୍ତି ସଭାପତି ରବିନ୍ଦର ସିଂ, ବିଜେଡି ମହାନଗର ନିଗମ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଅର୍ଜୁନ ସିଂ, ସନ୍ଦିପ ଜୈଶୱାଲ, ମିତାଲିଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ଜଲାନ କହିଥିଲେ, ଜଲାନ ଅଟୋମୋବାଇଲ ଗ୍ରାହକମାନଙ୍କ ସେବାକୁ ପ୍ରାଥମିକତା ଦେଇଆସିଛି। ଯାନଟିରେ ମାଲ ଲୋଡ୍ ପାଇଁ ସୁନ୍ଦର ଟ୍ରଲି ସହ ଅତ୍ୟାଧୁନିକ ଇଞ୍ଜିନ ଓ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି। ଡ୍ରାଇଭର ଓ ହେଲପରଙ୍କ ପାଇଁ ଆରାମଦାୟକ କ୍ୟାବିନ ମଧ ରହିଛି।

# ସେଫ୍‌ସ କିଚେନ୍ ଶୋ'ରୁମ୍ ଉଦ୍‌ଘାଟିତ

**କଟକ ଅଫିସ,୧୭।୨:** ବଜ୍ରକବାଟିସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ସେଫ୍‌ସ କିଚେନ୍ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଶୀତଳୀକୃତ (ଫ୍ରୋଜନ) ଖାଦ୍ୟସାମଗ୍ରୀ ଯଥା (ସି ଫୁଡ଼) ଚିଙ୍ଗୁଡ଼ି, ମାଛ, ଆମେରିକା କର୍ଣ୍ଣ ତଥା ଲେଟ୍ୟୁସ୍ କ୍ୟାପ୍‌ସିକମ, ଛତୁ ଏବଂ ପନିପରିବା ସୁଲଭ ଦରରେ ମିଳିପାରିବ। ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଶୁଭାରମ୍ଭ କରିଥିଲେ। ଏଭଳି ଏକ ଷ୍ଟୋର କଟକ ସହରରେ ପ୍ରଥମ ଥର ପାଇଁ ଖୋଲିଛି। କ୍ୟାଟରିଂ ସଂସ୍ଥା ଓ କଣ୍ଟିନେଣ୍ଟାଲ ଖାଦ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ସାମଗ୍ରୀ ଗୋଟିଏ ଛାତ ତଳେ ଉପଲବ୍ଧ ହେବ ବୋଲି ଶୋ' ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଇଣ୍ଡିଆନ ବ୍ୟାଙ୍କ ସହ ସିବିଏସ୍ ପ୍ଲାଟ୍‌ଫର୍ମର ସଫଳ ଏକତ୍ରୀକରଣ

**ଭୁବନେଶ୍ୱର,୧୭।୨:** ଇଣ୍ଡିଆନ ବ୍ୟାଙ୍କ ସିବିଏସ୍ ପ୍ଲାଟ୍‌ଫର୍ମ ଏକତ୍ରୀକରଣ କାର୍ଯ୍ୟକ୍ରମ ଗୋ ଲାଇଭର ସଫଳତା ସମ୍ପର୍କରେ ଘୋଷଣା କରିଛି। ୨୦୨୦ ଏପ୍ରିଲ ପହିଲାରେ ଇଣ୍ଡିଆନ ବ୍ୟାଙ୍କ ସହ ଆଲ୍ଲାହାବାଦ ବ୍ୟାଙ୍କର ମିଶ୍ରଣ ପରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ସିବିଏସ୍ ଏକତ୍ରୀକରଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ଏଥିରେ ଶାଖା ଏବଂ ଗ୍ରାହକମାନଙ୍କର ବ୍ୟବହାର ଲାଗି ସିବିଏସ୍ ଏବଂ ସମସ୍ତ ଚ୍ୟାନେଲ ଉପଲବ୍ଧ ହୋଇପାରିଛି। ବର୍ତ୍ତମାନ ଏକତ୍ରିତ ସିବିଏସ୍, ଶାଖା ଓ ଚ୍ୟାନେଲଗୁଡିକ ମଧ୍ୟରେ ସହଜରେ କାର୍ଯ୍ୟ କରିପାରୁଛି। ସିବିଏସ୍ ଯୋଗାଣକାରୀ, ଟିସିଏସ୍ ଦ୍ୱାରା ଏହା ଏକ ବିଗ୍ ବ୍ୟାଙ୍ଗ ମିଶ୍ରଣ। ଏଥିରେ ଆଲ୍ଲାହାବାଦ ବ୍ୟାଙ୍କର ସମସ୍ତ ଚ୍ୟାନେଲ, ୩ ହଜାରରୁ ଊର୍ଦ୍ଧ୍ୱ ଶାଖାଗୁଡ଼ିକର ତଥ୍ୟ, ଇଣ୍ଡିଆନ ବ୍ୟାଙ୍କ ଡାଟାବେସ୍‌କୁ ନିରବଚ୍ଛିନ୍ନ ଭାବେ ସ୍ଥାନାନ୍ତରିତ କରାଯାଇଛି। ମିଶ୍ରଣ ଯାତ୍ରା ପ୍ରୋଜେକ୍ଟ ସଙ୍ଗମର ଏହା ଚୂଡ଼ାନ୍ତ ସୋପାନ ବୋଲି ବ୍ୟାଙ୍କର ସିଇଓ ପଦ୍ମଜା ଚନ୍ଦ୍ରୁ କହିଛନ୍ତି।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
P.O.- Boneikala, DIST:- Keonjhar, PIN:- 758038 (ODISHA), PHONE NO:- 7328829375, E-Mail:- ehtm.div.jod@optcl.co.in; CIN:- U40102OR2004SGC007553
Letter No. 835 **TENDER CALL NOTICE NO.- 06/2020-2021** Dated: 17.2.21

Sealed tenders are invited from the Registered Transport agency having valid PAN Card/GST, GTA & all other relevant documents Work of Transportation of various materials from Rengali Store, Mendhasala grid & Meramundali grid to Khamar for the railway diversion work in 400KV Rengali-Kolaghat line under EHT (O&M) Division Joda. Cost of Tender paper Rs.2240/-, EMD= 3600/-. Sale of tender documents from dt:- 19.02.21 to 25.02.21 upto 1.00 PM. Last Date of submission of tender:- 25.02.21 upto 2.00 PM. Date of opening of tender:- 25.02.21 at 4.00 PM. (Tender paper will also be sold on public holiday). For details visit our website:- www.optcl.co.in.
Corrigendum if any will be published in the OPTCL website only.

**Sd./- Dy. General Manager (Elect.), EHT (O&M) Division, Joda**

No. B-755:-

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com,
Tel. -(0674)- 2391523, Fax:- (0674)-2395245

**INVITATIONS FOR BIDS (IFB)**

File No-B-IV-H-(H&D)-14/2020 Lr. No.- 6481 / Bhubaneswar, the 11th Feb . 2021

**Invitation for Bids**
**Bid Identification No. EIC (B) – 13 / 2020-21**

| | | | |
|---|---|---|---|
| 1. | The Engineer-in-Chief (Buildings) Odisha, Bhubaneswar on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | :- | Building Works |
| 3. | No. of work | :- | 01 No. |
| 4. | Bid Cost | :- | ₹ 10,000/- (each) |
| 5. | Class of Contractor | :- | Super |
| 6. | Availability of Bid Documents in the website | :- | From dt. 22.02.2021 to 17.00 Hours of dt.15.03.2021. |
| 7. | Date of opening of Bid | :- | Dt. 17.03.2021 at 11:30 AM. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Engineer-in-Chief(Buildings), Odisha, Bhubaneswar
OIPR-34117/11/0018/2021

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**SAMBALPUR IRRIGATION DIVISION, SAMBALPUR**
**"e" PROCUREMENT NOTICE NO:- 05/2020-21**
**Bid Identification No. SID-05&06/2020-21**

No. 473 Dt. 12/02/2021

**No. A-590:-** Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1. | Nature of Works | : | Flood and M/R Works |
| 2. | Nos. of works | : | 2 (Two) Nos. |
| 3. | Estimated Cost | : | Varies from Rs. 9.70 to Rs. 26.54 Lakhs |
| 4. | Period of Completion | : | As per D.T.C.N. |
| 5. | Date and Time of availability of Bid Document in the Portal | : | Dt:19.02.2021 at 11.00 AM to Dt: 01.03.2021 up to 17.00 PM. |
| 6. | Last Date / Time for receipt of Bids in the Portal | : | Dt: 01.03.2021 up to 17.00 PM. |
| 7. | Date of opening of Bid | : | Dt: 02.03.2021 at 11.00 AM. |
| 8. | Date of Lottery (if required) | : | Dt.04.03.2021 at 11.30 hours in the O/o Executive Engineer, Sambalpur Irrigation Division, Sambalpur |
| 9. | Name and Address of the Officer Inviting Bid | : | Executive Engineer, Sambalpur Irrigation Division, Sambalpur At/Po- Khetrajpur - 768003, Dist.- Sambalpur Email Id:- sidsambalpur@gmail.com |

Further details can be seen from the e-procurement portal **https://tendersodisha.gov.in**. Any addendum/ corrigendum/ cancellation of tender can also be seen in said website.

**Sd./- Executive Engineer,**
OIPR-32129/11/0009/2021 **Sambalpur Irrigation Division, Sambalpur**

**ପୌର ପରିଷଦ, କୋରାପୁଟ**
**KORAPUT MUNICIPALITY**
No.573/2021 Date: 15.02.2021

**TENDER CALL NOTICE**

No.C-475:- Bid documents constiting of Cost of tender paper, EMD, the set of terms and conditions of for privatization of Sanitation in W.No.XV to XXI and other necessary document can be seen in official website i.e. www.koraputmunicipality.in.

| | | | |
|---|---|---|---|
| 1 | Name of specification | : | Privatization of Sanitation in W.No.XV to XXI |
| 2 | Date & time of selling of tender paper | : | From 17.02.2021 to 4.00 P.M. of 02.03.2021 |
| 3 | Last date & time for receipt | : | 4.30 P.M. hours 03.03.2021 |
| 4 | Bids received shall be opened on | : | 4.00 P.M. hours 08.03.2021 (Technical) 4.00 P.M. hours 11.03.2021 (Financial) |
| 5 | Name and address of the officer inviting | : | Executive Officer, Koraput Municipality. |
| 6 | Further details can be seen from the procurement portal | : | www.koraputmunicipality.in |

**Sd./- Executive Officer, Koraput Municipality**
OIPR-13074/11/0006/2021

**ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର**
Office of the
**Jaleswar Municipality, Jaleswar**
Dist.: Balasore, Odisha-756032
Ph: (06781) 222407, E mail- jaleswarmunicipality@gmail.com
No.462 Date: 15.02.2021

**"e" Procurement Notice**
**BID Reference No.JI.SM .03-2020-21**

No.C-469:- Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in.

| | | | |
|---|---|---|---|
| 1 | Name of the work | : | Construction of Civil works |
| 2 | No. of works | : | As per DTCN |
| 3 | Estimated cost | : | As per DTCN |
| 4 | Period of completion | : | As per DTCN |
| 5 | Date & time of availability of bids in the portal | : | 20.02.2021 at 10.00 A.M. to 01.03.2021 upto 5.00 P.M. |
| 6 | Last date & time for receipt of bids in the portal | : | Dt.01.03.2021 upto 5 P.M. |
| 7 | Last date and time of submission of hardcopies of the documents original by Speed Post/Registered Post | : | Dt.03.03.2021 upto 05 P.M. |
| 8. | Technical bids received online shall be opened on | : | Dt.04.03.2021 at 11 A.M. |
| 9 | Name and address of the officer inviting bid | : | Executive Officer, Jaleswar Municipality |

Further details can be seen from the Procurement portal i.e. www.tendersodisha.gov.in.
OIPR-13126/11/0001/2021 **Sd./- Executive Officer, Jaleswar Municipality**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No.CAD-1279:- **TENDER ALERT**

**01) Tender Call Notice No.EHT(C)/T-04/2020-21:** Procurement of tower accessories and stringing accessories for 132 kV Padampur-Nuapada DC line under EHT (C) Circle, Sambalpur.
**02) Tender Call Notice No.06/2020-21:** Supply of 36 nos. of 120W LED Light sets with complete outdoor fittings, Equipment required for Fixing the lights and labour charges for 33kV Switchyard and at unilluminated portions of 220kV switchyard of Grid S/S, Laxmipur under EHT O&M Division, Therubali.
**03) Tender Call Notice No. 07/2020-21:** Supply and installation of 6 nos. 2 ton, 5-star split type AC Machine including stabilizers for control room & office of 132/33 kV Grid S/S, Rayagada under EHT O&M Division, Therubali.
**04) Tender Call Notice No.08/2020-21:** Casting & laying of cable trench cover plate at 132/33 kV Grid S/S Akhusingh under EHT O&M Division, Therubali.
**05) Tender Call Notice No.06/BBS/2020-21:** Hiring of diesel run commercial registered 7 seater AC Bolero or equivalent for EHT O&M Division, Bhubaneswar & 9 seater Non-AC Bolero or equivalent for EHT (O&M) S/D, Chandaka under EHT O&M Circle, Bhubaneswar.
**06)Tender Call Notice No.10/2020-21:** works under Civil works Division, Bhubaneswar.**(I)** M/R to New Hostel at PTC Chandaka. (Providing grading concrete to roof with SBR latex and chicken mesh). **(II)** M/R to 132/33 kV Grid S/S at Samuka (Providing 5 no. Of toilets and water supply line)
For details please visit our official website : **www.optcl.co.in**.
OIPR-04011/11/0111/2021 FIPR- 68/2020-21

**COLLECTORATE, MALKANGIRI**
**(NIZARAT SECTION)**
Letter No.120/XVI-26/2021 Nizarat Date 17.02.2021

**TENDER CALL NOTICE**

Sealed tenders in plain paper are invited through Registered Post/ Speed Post from the reputed Registered Firms/Suppliers having branded company authorization to be preferred, subject to favorable cost & quality for supply of Desktop and Server which to be supplied to the Nizarat Section, Collectorate, Malkangiri for use of all Sections of Collectorte, as decided by the District Level Purchase Committee for current financial year 2020-21.

Categorically, itemwise specification is mentioned vide letter No. 103 dated 05.02.2021. The bidder has to superscribe on the envelope that for which item or category of items he/she intends to participate in the tender. The details of tender along with terms & conditions is available in the District website i.e. www.malkangiri.nic.in. Last date for submission of tender paper on dated 25.02.2021 at 5 P.M.

**Sd./- Addl. District Magistrate, Malkangiri**

**Expression of Interest**

**"Expression of Interest"** in sealed cover is hereby invited for **allotment of Food Stall/ Stalls in Ekamra Haat, Bhubaneswar, Odisha.**

For details of EOI, TOR etc. please visit the website: **www.sidacodisha.org.in.** The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar Ph: 0674-2350318 is **up to 05:00 P.M. on 01.03.2021.** The details of EOI will be available in the website w.e.f. **18.02.2021.**

**Sd/-**
**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar - 750030
SIDAC Tel. No. +91 (0) 0674 2350318, E-mail: sidacorissa@gmail.com, www.sidacodisha.org.in

**DIRECTORATE OF GEOLOGY, ODISHA**
**BHUBANESWAR-751001**
**TENDER CALL NOTICE**

**No. G-14:-** The Director of Geology, Odisha, Bhubaneswar invites Sealed Tenders (Under two Bid System) on behalf of the Governor of Odisha, from registered firms fulfilling the terms & conditions for "**Procurement of Computer hardware and software**" during the Year **2020-21**.

| Sl. No. | Description of Items | Earnest Money Deposit (EMD) in Rs. | Cost of the Tender Paper in Rs. |
|---|---|---|---|
| 1 | Procurement of Computer hardware and software during the Year 2020-21 | 2% of the contract amount | 500.00+GST@12% (CGST @6% + SCST@6%) |

**Important Dates**

| | | | |
|---|---|---|---|
| 1 | Date of commencement of Sale of Tender Paper | : | 18.02.2021 |
| 2 | Last date of issue of Tender Paper | : | 02.03.2021 at 5.30 P.M. |
| 4 | Last date of Receipt of Tender Paper (Only through Regd. Post/Speed Post/Courier) | : | 02.03.2021 at 5.30 P.M. |
| 5 | Date of opening of the Tender | : | 03.03.2021 at 12.30 P.M. |
| 6 | Place of opening of the Tender | : | Conference Hall of Director of Geology (O) |
| 7 | Address to communicator receipt of Bid documents | : | Directorate of Geology, Bhu-Bigyan Bhawan, Odisha |

The Tender Paper will be available at the Directorate of Geology, Odisha, Bhu- Bigyan Bhawan, Bhubaneswar, **during the office hours of stipulated dates, on payment of required fee stated against tender mentioned above**. The bidders may also visit **http://www.orissaminerals.gov.in** to download the Tender Papers and submit the same along with a Non-refundable fee of Rs.500/- + GST @ 12% in shape of crossed Bank Draft, drawn in favour of Director of Geology, Odisha at any Nationalized Bank, payable at Bhubaneswar.

In the event of any designated date being declared as a holiday, the same will be considered to be the next working day. The Director, Geology shall not be responsible for postal or any other delay and reserves the right to reject any or all the tenders without assigning any reasons thereof.

OIPR-30003/11/0005/2021 **Sd./- DIRECTOR OF GEOLOGY, ODISHA**

## ସଂକ୍ଷେପରେ

### ବନକଲାଗି: ୪ ଘଣ୍ଟା ବନ୍ଦ ରହିଲା ଦର୍ଶନ

**ପୁରୀ ଅଫିସ,୧୭।୨:** ଶ୍ରୀମନ୍ଦିରରେ ବୁଧବାର ମାଘ ଶୁକ୍ଳ ଷଷ୍ଠୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ୪ଘଣ୍ଟା ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ, ୩ ଜଣ ପୁଷ୍ପାଳକ, ଚାଙ୍ଗଡ଼ା ମେକାପ, ମୁଦୁଲି, ୩ ଜଣ ଦତ୍ତ ମହାପାତ୍ର ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ନୀତିକାନ୍ତି ସମାପନ ହୋଇଛି। ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ୫ଟା ୫୫, ଭିତର ଶୋଧ ୬ଟା ୩୫, ମଙ୍ଗଳ ଆଳତି ୬ଟା ୪୦, ଦୈନନ୍ଦିନ ନୀତି ଶେଷ ହୋଇ ୨ୟ ଭୋଗ ମଣ୍ଡପ ଅପରାହ୍ନ ୪ଟା ୩୦ରେ ସରିଥିଲା। ମଇଲମ ୪ଟା ୪୫, ଦିବା ପହୁଡ଼ ଆଳତି ୫ଟା ୧୦ରେ ହୋଇଥିଲା। ଏହାପରେ ୫ଟା ୧୫ରୁ ୮ଟା ୫ ମିନିଟ୍ ପର୍ଯ୍ୟନ୍ତ ବନକଲାଗି ନୀତି ଦତ୍ତ ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏହି ନୀତି ବଢ଼ିବା ପରେ ପାଳିଆ ମେକାପ ସିଂହାସନ ଧୋଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ପଞ୍ଚପ୍ରଚାରରେ ମହାସ୍ନାନ ପୂଜା ଶେଷ କରିଥିଲେ। ପରେ ଚନ୍ଦନଲାଗି, ବଡସିଂହାର ବେଶ, ବଡସିଂହାର ଭୋଗ ହୋଇ ରାତ୍ର ପହୁଡ଼ କରାଯାଇଥିଲା।

### ଟ୍ରେନ୍ ଆସିବା ଦେଖି ବ୍ରିଜ୍‌ରୁ ଡେଇଁ ବୃଦ୍ଧଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୧୭।୨(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଜାଆଠଗଡ଼-ବାରଙ୍ଗ ରେଳ ରାସ୍ତାର ଗଜା ଆମ୍ବ-ବୌଦପୁର ଗ୍ରାମ ନିକଟରେ ଥିବା ଏକ ବ୍ରିଜ ପାର୍ ହେଉଥିବା ବେଳେ ଟ୍ରେନ ଆସୁଥିବାର ଦେଖି ଡେଇଁ ପଡିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଏହି ଥାନା ଅନ୍ତର୍ଗତ ବାଲିସିକିରି ଗ୍ରାମର ଅଦ୍ୱୈତ ରାଉତ (୬୦)। ସୂଚନା ଅନୁଯାୟୀ, ଅଦ୍ୱୈତ ଗ୍ରାମ ନିକଟରେ ଥିବା ନିଜ ଜମିରୁ କାମସାରି ବୁଧବାର ଅପରାହ୍ନ ୩ଟାବେଳେ ରେଳ ପୋଲ ଉପର ଦେଇ ଘରକୁ ଫେରୁଥିଲେ। ପୋଲ ମଝିରେ ପହଞ୍ଚିବା ସମୟରେ ହଠାତ ବାରଙ୍ଗ ପଟୁ ଏକ ଟ୍ରେନ ଚାଲି ଆସିବା ଦେଖି ଅଦ୍ୱୈତ ଭୟଭୀତ ହୋଇ ତଳକୁ ଡେଇଁ ପଡ଼ିଥିଲେ। ପୋଲ ତଳେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ସେଠାରେ ଥିବା ଲୁହାରେ ଅଦୈତଙ୍କ ମୁଣ୍ଡ ବାଜିବାରୁ ଅଚେତ ହୋଇପଡ଼ିଥିଲେ। ଏହା ଦେଖି ଟ୍ରେନ ଚାଳକ ଟ୍ରେନ ରଖି ନିକଟରେ ଠିଆ ହୋଇଥିବା କେତେଜଣ ଯୁବକଙ୍କୁ ଅଦୈତ ପୋଲ ତଳେ ପଡ଼ିଥିବା ଜଣାଇଥିଲେ। ପରେ ଏହି ଗ୍ରାମର ମନୋଜ ପ୍ରଧାନ ଓ ତାଙ୍କ ସହଯୋଗୀ ଯାଇ ଅଦ୍ୱୈତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଆଠଗଡ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ହସ୍ପିଟାଲରେ ପହଞ୍ଚି ଅଦ୍ୱୈତଙ୍କ ମୃତଦେହକୁ ଆଣି ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

### ହାଇୱା ଧକ୍କାରେ ମହିଳା ମୃତ

**ଖଣ୍ଡପଡା,୧୭।୨(ସ୍ୱ.ପ୍ର.)-**ସଡ଼କ ଦୁର୍ଘଟଣାରେ କଣ୍ଟିଲେ କୃଷ୍ଣେଶ୍ୱର ପାଟଣା ଗ୍ରାମର ସନ୍ଧ୍ୟାରାଣୀ ସାହୁଙ୍କ ମୃତ୍ୟୁ ଘଟିଛି । ସେ ସ୍ୱାମୀଙ୍କ ସହ ବାଲକାଟି ଗ୍ରାମସ୍ଥିତ ଭାଇଙ୍କ ଘର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସ୍କୁଟିରେ ଘରକୁ ଫେରୁଥିଲେ । ବୁଧବାର ସକାଳ ୯ଟାରେ ବେଗୁନିଆ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ନିକଟରେ ଏକ ହାଇୱା ସହ ତାଙ୍କ ସ୍କୁଟିର ଧକ୍କା ହୋଇଥିଲା। ଏଥିରେ ସନ୍ଧ୍ୟାରାଣୀ ଓ ତାଙ୍କ ସ୍ୱାମୀ ପ୍ରତାପ ରାସ୍ତା ଉପରେ ଛିଟିକି ପଡିଥିଲେ । ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ସନ୍ଧ୍ୟାରାଣୀଙ୍କୁ ମୃତ ଘୋଷଣା କରିଥିଲେ ।

# ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗ୍ରାମବାସୀ ମୁହାଁମୁହିଁ

- ଓଡ଼ିଶା ଭିତରେ ପଶି ନିର୍ମାଣ କରୁଛନ୍ତି ରାସ୍ତା, ପୋଖରୀ
- ତହସିଲଦାରଙ୍କ ନିର୍ଦ୍ଦେଶ ପରେ ବନ୍ଦ ହେଲା ନିର୍ମାଣ କାମ

**ପାରଳାଖେମୁଣ୍ଡି,୧୭।୨(ଡି.ଏନ୍.ଏ.)**

ଆନ୍ଧ୍ର ଓଡ଼ିଶାର ଜଳ, ଜମି ଓ ଜଙ୍ଗଲ ଉପରେ ଲୋଲୁପ ଦୃଷ୍ଟି ପକାଇବା ସହ କେବେ ସରକାରୀ କଳ ତ ଆଉ କେବେ ନିର୍ବାଚିତ ପ୍ରତିନିଧିଙ୍କୁ ବ୍ୟବହାର କରି ଓଡ଼ିଶା ସୀମାନ୍ତ ଗ୍ରାମରେ ଅସ୍ଥିରତା ସୃଷ୍ଟି କରୁଛି। ଗଜପତି ଜିଲା ସୀମାରେ ଆନ୍ଧ୍ରପ୍ରଦେଶ ତା'ର ସୀମାନ୍ତ ଗ୍ରାମବାସୀଙ୍କୁ ଉସୁକାଇ ଓଡ଼ିଶା ଜମି ଅକ୍ତିଆର କରିବାକୁ ପ୍ରୟାସ ଚଳାଇଛି। ଏହାକୁ ନେଇ ଉଭୟ ରାଜ୍ୟର ଦୁଇ ସୀମାନ୍ତ ଗ୍ରାମବାସୀ ବୁଧବାର ମୁହାଁମୁହିଁ ହୋଇଛନ୍ତି।

ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ନୂଆ ବାରଘର ଓ ଆନ୍ଧ୍ରପ୍ରଦେଶ କୋଣ୍ଡାମେରା ଗ୍ରାମବାସୀ ବୁଧବାର ମୁହାଁମୁହିଁ ହୋଇଥିଲେ। କିଛିଦିନ ହେବ କୋଣ୍ଡାମେରା ଗ୍ରାମବାସୀ ଓଡ଼ିଶା ସୀମା ମଧ୍ୟରେ ପ୍ରବେଶ କରି ବାରଘର ନିକଟରେ ଟ୍ରାକ୍ଟର ଓ ଜେସିବି ସାହାଯ୍ୟରେ ରାସ୍ତା, ପୋଖରୀ, ଖେଳପଡ଼ିଆ ନିର୍ମାଣ ସହ ଚାଷଜମି ସମତୁଲ କରୁଛନ୍ତି। ଉକ୍ତ ଜମି ନୂଆବାରଘର ଗ୍ରାମବାସୀଙ୍କର ହୋଇଥିବାବେଳେ ସେମାନେ ବୁଧବାର ପହଞ୍ଚି କାମକୁ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ରାୟଗଡ଼ ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ ଓ ଆନ୍ଧ୍ରପ୍ରଦେଶର ଚିପି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଉପସ୍ଥିତ ଥିଲେ ମଧ୍ୟ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ରାୟଗଡ଼ ତହସିଲଦାର ଲିଳାବତୀ ଆଚାର୍ଯ୍ୟ ଓ ଗାରବନ୍ଧ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ସାମୁଦ୍ରିକ ଝଡ଼ ତିତ୍‌ଲିରେ ବାରଘର ଗ୍ରାମ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ପାହାଡରୁ ଅତଡ଼ା ଧସି ୧୬ ଜଣଙ୍କ ପ୍ରାଣହାନି ଘଟିବା ସହ ବହୁ ଘର ମାଟିରେ ମିଶିଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରଘର ପ୍ରତି ଭବିଷ୍ୟତରେ ବିପଦ ଥିବାରୁ ଗ୍ରାମକୁ ଅନ୍ୟତ୍ର ସ୍ଥାନାନ୍ତର ସହ ଘର, ଚାଷଜମି ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ତାଙ୍କୁ ଏଠାରେ ଥଇଥାନ ସହ ଚାଷ ଜମି ପଟ୍ଟା ଦିଆଯାଇ ଚିହ୍ନଟ କରାଯାଇଥିଲା। ମାତ୍ର କୋଣ୍ଡାମେରା ଗ୍ରାମବାସୀ ଉକ୍ତ ଜମିକୁ ବଳପୂର୍ବକ ଚାଷ କରୁଛନ୍ତି ବୋଲି ବାରଘରର ପ୍ରଦୀପ ଭୂୟାଁ, ଶ୍ରୀମତୀ ରାଇତା, ଧନେଶ୍ୱର ଭୂୟାଁ (ରାୟଗଡ଼ ବ୍ଲକ ଅଧ୍ୟକ୍ଷ) ପ୍ରମୁଖ ପ୍ରକାଶ କରିଛନ୍ତି।

ଅନ୍ୟପଟେ କୋଣ୍ଡାମେରା ଗ୍ରାମର ବାସ ଗିରି, ଚିରଞ୍ଜୀବୀ ଶବର ପ୍ରମୁଖ ଓଡ଼ିଶାର ଏହି ଜମି ବୋଲି ସ୍ୱୀକାର କରିଥିଲେ ମଧ୍ୟ ତାଙ୍କ ପୂର୍ବପୁରୁଷ ଏଠାରେ ଚାଷ କରୁଥିବାରୁ ଛାଡିବୁ ନାହିଁ ବୋଲି କହିଛନ୍ତି। ଉଭୟ ରାଜ୍ୟର ମିଳିତ ଡିମାର୍କେଶନ୍ ପରେ କିଛି କହିହେବ ବୋଲି ରାୟଗଡ଼ ତହସିଲଦାର କହିବା ସହ ନିର୍ମାଣ କାମ ବନ୍ଦ କରି ବିବାଦୀୟ ସ୍ଥଳରୁ ଜେସିବି ଓ ଟ୍ରାକ୍ଟର ହଟାଇ ଦେଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ଥିବ ଅଣ୍ଟାରେ ବଳ**
**ସଙ୍ଗାତ ମିତ ଦୁଆରେ ଠୁଳ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ନ ଥାଏ ସେ ସଭିଙ୍କ ପାଖରେ ଆଖୋଜା ଅଲୋଡ଼ା ହୋଇଯାଇଥାଏ। କିନ୍ତୁ ପାଖରେ ଅର୍ଥ ଥିଲେ ଅଜଣା ଅଦେଖା ବା ଦୂର ସମ୍ପର୍କୀୟ ବ୍ୟକ୍ତି ନିଜର ଆତ୍ମୀୟତା ଦେଖାଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯୁଗ ଯାଏ,**
**ଯୋଗ ନ ଯାଏ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଯେତେ ଯାହା କଲେ ମଧ୍ୟ କରମରେ ଯାହା ଅଛି ତାକୁ ହିଁ ଭୋଗ କରିବାକୁ ବାଧ୍ୟ ହୋଇଥାଏ। କିଛି ବ୍ୟକ୍ତି ଶୈଶବରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଦୁଃଖ କଷ୍ଟ ଭୋଗି ଚାଲିଥାନ୍ତି। ଦିନ ପରେ ଦିନ ବିତିଗଲେ ମଧ୍ୟ ତାଙ୍କ ଅବସ୍ଥାରେ ସେଭଳି କିଛି ବିଶେଷ ପରିବର୍ତ୍ତନ ଘଟୁନଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୫୦୪ ଜମାକାରୀଙ୍କୁ ଟଙ୍କା ଫେରସ୍ତ

**ବାରିପଦା ଅଫିସ,୧୭।୨**

**ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ**



ବାରିପଦା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଥିବା ଜମାକାରୀଙ୍କ ଟଙ୍କା ବୁଧବାରଠାରୁ ଫେରସ୍ତ ଆରମ୍ଭ ହୋଇଛି। ବ୍ୟାଙ୍କରେ ଥିବା ଜମାକାରୀଙ୍କ ତାଲିକା ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୫୦୪ଜଣଙ୍କ ଆକାଉଣ୍ଟକୁ ମୋଟ ୯କୋଟି ୬୯ ହଜାର ୫୦୨ ଟଙ୍କା ପ୍ରଦାନ କରାଯାଇଛି। କିଛି ଦିନ ମଧ୍ୟରେ ସମସ୍ତ ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଆଯିବ ବୋଲି ଡିଆର୍‌ସିଏସ୍ ଦମୟନ୍ତୀ ସିଂହ ପ୍ରକାଶ କରିଛନ୍ତି। ତେବେ ବ୍ୟାଙ୍କରୁ ଋଣ ନେଇଥିବା ୩ହଜାରରୁ ଊର୍ଦ୍ଧ୍ୱ ଋଣୀ ୧୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କରେ ପରିଶୋଧ କରିବାକୁ ଥିବା ଜଣାପଡ଼ିଛି । ପ୍ରାଥମିକ ସ୍ତରରେ ଅଗ୍ରାଧିକାର ଭିତ୍ତିରେ ଜମାକାରୀଙ୍କୁ ଟଙ୍କା ଫେରାଇବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଥିବା ବେଳେ ପରବର୍ତ୍ତୀ ସମୟରେ ଋଣୀଙ୍କ ଠାରୁ ଟଙ୍କା ଆଦାୟ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲାର ଉଦଳା, କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦାରେ ଥିବା ୭୫ ହଜାରରୁ ଊର୍ଦ୍ଧ୍ୱ ଜମାକାରୀ ୨୦୧୪ରୁ ଜମାଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଜମାକାରୀଙ୍କ ଟଙ୍କା ଫେରସ୍ତ ନିମନ୍ତେ ପୂର୍ବତନ ପରିଚାଳନା ପରିଷଦର ପ୍ରଚେଷ୍ଟା କ୍ରମେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ମିସ କେସ ନଂ. ଆଇଏ ୬୯୫/୨୦୨୦ର ବିଚାର କରି ବିଚାରପତି ପ୍ରମଥ ପଟ୍ଟନାୟକ ଜମାକାରୀମାନଙ୍କୁ ସମସ୍ତ ଜମାଟଙ୍କା ଫେରସ୍ତ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପରେ ଅର୍ବାନ ବ୍ୟାଙ୍କ ପକ୍ଷରୁ ୨୩୩ ଜମାକାରୀଙ୍କୁ ୩ କୋଟି ୪୬ଲକ୍ଷ ୨୦୬ ଟଙ୍କା ଫେରସ୍ତ ଦିଆଯାଇଥିଲା। ତେବେ ଏହି ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଟଙ୍କା ଫେରସ୍ତ ଉପରେ ସ୍ଥଗିତାଦେଶ ଦେବାରୁ ଜମାକାରୀ ଟଙ୍କା ଫେରିପାଇବା ପ୍ରକ୍ରିୟା ବନ୍ଦ ରହିଥିଲା।

## 'ଓଡ଼ିଆ ଜାତିର ଭାବାବେଗକୁ ସର୍ବାଗ୍ରେ ରଖ'

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳରେ ଆନ୍ଧ୍ର ପ୍ରଦେଶର ନିର୍ବାଚନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଚିଠି ଲେଖିଛନ୍ତି। ଚିଠିରେ ବିରୋଧୀ ଦଳ ନେତା ସୀମାବର୍ତ୍ତୀ ଗ୍ରାମଗୁଡ଼ିକର ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିବା ସହ ସରକାରଙ୍କୁ କିଛି ପ୍ରସ୍ତାବ ଦେଇଛନ୍ତି। ଏହାକୁ ଅତ୍ୟନ୍ତ ଗୁରୁତର ସହିତ ନେଇ ରାଜନୈତିକ ବାଦବିବାଦକୁ ପଛରେ ପକାଇ ଓଡ଼ିଆ ଜାତିର ଭାବାବେଗକୁ ସର୍ବାଗ୍ରେ ରଖିବାକୁ ସେ ଅନୁରୋଧ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସୀମାବର୍ତ୍ତୀ ଅଞ୍ଚଳରେ କିପରି ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପିଇବା ପାଣି ବିଜୁଳି, ପକ୍କାଘର ଯୋଗାଇ ଦିଆଯିବ ତାହା ପାଇଁ ବିଶେଷ ଧ୍ୟାନ ଦେବା ଜରୁରୀ। ଏସବୁର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନା ଓ ସମନ୍ୱୟ ବିଭାଗକୁ ବିଶେଷ ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ଦିଆଯାଉ। କୋଟିଆ କ୍ଲଷ୍ଟର ଡେଭେଲପମେଣ୍ଟ ଅଥରିଟି

**କୋଟିଆରେ ଆନ୍ଧ୍ରର ନିର୍ବାଚନ ନେଇ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି**

ନାମରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ ହେଉ ବୋଲି ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ସେହିପରି ସରକାର ତୁରନ୍ତ କୋଟିଆରୁ ପାଟୁସେନେରୀ, ଫଗୁଣ ସେନେରୀ, ରାଣାସିଂ, ଗଞ୍ଜେଇ ପଦର ଆଦି ଗାଁଗୁଡ଼ିକୁ ମିନି ବସ ବା କ୍ୟାଣ୍ଟର ସେବା ଯୋଗାଯାଉ। ଦୂର ଗାଁରେ ରହୁଥିବା ଲୋକଙ୍କ ପଞ୍ଚାୟତ ଅଫିସ ଆସିବା, ପଞ୍ଚାୟତ ମାଧ୍ୟମରେ ଯୋଜନା ସେମାନଙ୍କ ପାଖରେ ପହଞ୍ଚିବାରେ ବାଧକ ସୃଷ୍ଟି ହେଉଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିର ସୀମାବର୍ତ୍ତୀ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକରେ ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯାଉ। ଚେଷ୍ଟା କରାଯାଉ ସେହି ଅଞ୍ଚଳର ସ୍ଥାନୀୟ ଯୁବତୀ, ଯୁବକମାନେ ସେହି ସ୍କୁଲରେ ଯେପରି ନିଯୁକ୍ତି ପାଇପାରିବେ। ତେଣୁ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିର ଜିଲାପାଳ ଓ ଏସପି ପଦବୀରେ କେବଳ ଓଡ଼ିଆ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ଜଣଙ୍କୁ ଧକ୍କା ଦେଇ ଘରକୁ ମାଡ଼ିଗଲା କାର୍





ଘର ଭିତରେ ପଶିଯାଇଥିବା କାର।

**ବାଲିଗୁଡ଼ା,୧୭।୨(ଡି.ଏନ୍.ଏ.)**

**ଜଣେ ମୃତ, କାର୍‌ରେ ଥିବା ୫ ଫେରାର**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଲଣ୍ଡାଗାଁରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଦାଣ୍ଡରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ କାର୍ ଧକ୍କା ଦେଇ ନିକଟସ୍ଥ ଘର ଭିତରକୁ ପଶିଯାଇଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲଣ୍ଡାଗାଁର ମାର୍କଣ୍ଡ ଦଣ୍ଡିଆ (୫୦)। ଘଟଣା ପରେ ଚାଳକ ସମେତ କାରରେ ଥିବା ୫ଜଣ ଫେରାର ହୋଇ ଯାଇଛନ୍ତି।

ଗ୍ରାମରେ ଏକ ବିବାହ ଭୋଜି ଥିବାରୁ ମାର୍କଣ୍ଡ ସେଠାରେ ଖାଇ ସାରିବା ପରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିଲେ। ଅପରାହ୍ନ ପ୍ରାୟ ୧ଟାରେ ଦ୍ରୁତଗତିରେ ଏକ କାର୍ (ଓଆର୍-୦୧ଟି-୨୪୪୯) ଆସି ତାଙ୍କୁ ଧକ୍କା ଦେବା ସହ ଘୋଷାରି ନେଇ ନିକଟସ୍ଥ ଘର ଭିତରକୁ ପଶି ଯାଇଥିଲା। ସ୍ଥାନୀୟ ଲୋକେ ମାର୍କଣ୍ଡଙ୍କୁ ଉଦ୍ଧାର କରି କନ୍ଧମାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଥାନାକୁ ଆଣିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। କାର୍‌ଟି ବାଲେଶ୍ୱର ଅଞ୍ଚଳର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ପରିବହନ ସେବା କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ରାଜ୍ୟ





ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ଅନ୍ୟ ଅତିଥିମାନେ ମାସ୍କଟ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

**ଜାତୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ସମାରୋହ**

ଜାନୁୟାରୀ ୧୮ରୁ ଆରମ୍ଭ ହୋଇଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଶେଷ ହୋଇଛି। ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଲେ, ସଡ଼କ ସୁରକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବାକୁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। '୫-ଟି' ଆଧାରରେ ଟେକ୍ନୋଲୋଜିର ପ୍ରୟୋଗ କରି ଜନସାଧାରଣଙ୍କ ନିକଟରେ ପରିବହନ ସେବା ପହଞ୍ଚାଇବା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟରେ ପରିଣତ ହୋଇଛି। ଟ୍ରାଫିକ୍ ନିୟମକୁ କଡାକଡି ଭାବେ ଅନୁପାଳନ ସହ ଏ କ୍ଷେତ୍ରରେ ସମସ୍ତେ ସହଯୋଗର ହାତ ବଢାଇଲେ ହିଁ ରାସ୍ତା ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ମନ୍ତ୍ରୀ କହିଥିଲେ।

ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଅଭୟ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସଡ଼କ ସୁରକ୍ଷାର ଆଭିମୁଖ୍ୟ, ନାଗରିକ ଦାୟିତ୍ୱ, ପୋଲିସ ସମ୍ମୁଖରେ ଥିବା ଆହ୍ୱାନ, ଦୁର୍ଘଟଣାର ପ୍ରମୁଖ କାରଣ ଓ ପ୍ରତିକାର, ବାଇକ୍ ଚଳାଇବା ସମସ୍ତେ ହେଲ୍‌ମେଟ୍ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବା ଆଦି ଉପରେ ଗୁରୁତ୍ୱ ଦେଲେ ଦୁର୍ଘଟଣା ସହ ଧନଜୀବନ ହାନିକୁ ବହୁ ପରିମାଣରେ ହ୍ରାସ କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ସଡ଼କ ସୁରକ୍ଷା ମାସ୍କଟ 'ଟିଆ' ଏବଂ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ଭିଡିଓ ଲୋକାର୍ପିତ ହୋଇଥିଲା। ମାସ୍କଟର ଡିଜାଇନ୍ କରିଥିବା ଅନୁଗୋଳର ଦୀପ୍ତିମୟ ମହାରଣା ଓ ଭିଡିଓ ପ୍ରସ୍ତୁତ କରିଥିବା ଆଦର୍ଶ ବିଦ୍ୟାଳୟ, ନୋଟାର ନୟାଗଡର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ନାୟକ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକମାସ ଧରି ହୋଇଥିବା ବିଭିନ୍ନ ଅନ୍‌ଲାଇନ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ହସ୍ପିଟାଲ ନେଇଥିବା ୬ଜଣ ଗୁଡ୍ ସାମରିଟାନଙ୍କୁ ୧୦ ହଜାର ଟଙ୍କା ଲେଖାଏ ଓ ସଡକ ସୁରକ୍ଷା କ୍ଷେତ୍ରରେ ଅତି ଉତ୍ତମ କାର୍ଯ୍ୟ କରିଥିବା ୩ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ୫୦ହଜାର ଟଙ୍କା ଲେଖାଏ ଅର୍ଥରାଶି ପୁରସ୍କାର ଦିଆଯାଇଥିଲା। ପରିବହନ କମିଶନର ସଞ୍ଜୀବ ପଣ୍ଡା ସ୍ୱାଗତ ଭାଷଣ ଓ ଅତିରିକ୍ତ ପରିବହନ କମିଶନର ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କୋଟିପତି ପିଇଓ



ଭିଜିଲାନ୍ସ ଟିମ୍ ପିଇଓଙ୍କ ଘରେ ଚଢାଉ କରୁଛି ।

**ସମ୍ବଲପୁର,୧୭।୨(ବ୍ୟୁରୋ)**

**ମୋଟ ସମ୍ପତ୍ତି ୧କୋଟି ୧୮ ଲକ୍ଷ ୪୦ ହଜାର**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ନୂଆବରଙ୍ଗାମାଲ ପଞ୍ଚାୟତ ପିଇଓ ସୁଦାମ ଚରଣ ମାଝି ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବୁଧବାର ଭିଜିଲାନ୍ସ ଟିମ୍ ଏକ ସମୟରେ ନୂଆବରଙ୍ଗାମାଲ ପଞ୍ଚାୟତ ଅଫିସ ଓ ଧନୁପାଲି ଥାନା ସାକ୍ଷୀପଡା ବ୍ୟାଙ୍କ କଲୋନୀସ୍ଥିତ ତାଙ୍କ ବାସଭବନରେ ଚଢାଉ କରିଥିଲା। ତାଙ୍କର ୭୭ ଲକ୍ଷ ଟଙ୍କାର କୋଠା ଓ ସମ୍ବଲପୁର ସହରରେ ୬ ପ୍ଲଟ, ୨ ଟ୍ରକ ଠାବ ହୋଇଛି। ବିଭିନ୍ନ ବ୍ୟାଙ୍କରେ ୧୩ ଲକ୍ଷ ୫୫ ହଜାର ୧୩୫ ଟଙ୍କା ଜମା ରହିଛି। ନଗଦ ୪୪ ହଜାର ୫୨୦ ଟଙ୍କା ସହ ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ମୋଟ ସମ୍ପତ୍ତି ୧ କୋଟି ୧୮ ଲକ୍ଷ ୪୦ ହଜାର ୮୯୫ ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ସୂଚନାଯୋଗ୍ୟ, ପିଇଓ ଭାବେ କାର୍ଯ୍ୟ କରିବାର ଖୁବ୍ କମ୍‌ଦିନ ମଧ୍ୟରେ ସୁଦାମ କୋଠାବାଡ଼ି କରିଥିଲେ। ଏହି ସୂଚନା ପାଇ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲା।

# 'କାର୍ଯ୍ୟାନୁଷ୍ଠାନ କ'ଣ ହୋଇଛି ଶ୍ୱେତପତ୍ର ଦିଅ'

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

**ମାହାଙ୍ଗା ଡବଲ ମର୍ଡର ଘଟଣାରେ ଡିଜିପିଙ୍କୁ ସମୀରଙ୍କ ପ୍ରଶ୍ନ**

ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା କଟକ ଜିଲା ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଆଇନ ମନ୍ତ୍ରୀଙ୍କ ପ୍ରରୋଚନାରେ ହତ୍ୟା କରାଯାଇଛି। ଏହି ଘଟଣାରେ ଆଇନମନ୍ତ୍ରୀଙ୍କ ସମେତ ୧୪ ଜଣଙ୍କ ନାଁରେ ଏତଲା ଦିଆଯାଇଥିଲା । ହେଲେ ପୋଲିସ ଆଇନମନ୍ତ୍ରୀଙ୍କୁ ଗିରଫ ତ ଦୂରର କଥା ତାଙ୍କୁ ତଦନ୍ତ ପରିସରଭୁକ୍ତ ମଧ୍ୟ କରିନାହିଁ ବୋଲି ଭାଜପା ଅଭିଯୋଗ କରିଛି। କୁଳମଣି ଏବଂ ଦିବ୍ୟସିଂହଙ୍କୁ ହତ୍ୟାକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଏବଂ ସେମାନଙ୍କୁ ହତ୍ୟା କରିଥିବା ମୁଖ୍ୟ ଅପରାଧୀଙ୍କ ସଡ଼କ ଦୁର୍ଘଟଣାର ମୃତ୍ୟୁ ଘଟଣାର ତଦନ୍ତ କରାଯାଉ। ଏହାସହ ଏହି ରାଜନୈତିକ ହତ୍ୟା ବିରୋଧରେ ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହାର ଏକ ଶ୍ୱେତପତ୍ର ପ୍ରକାଶ କରୁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଡିଜିପିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏହାସହ ରାଜ୍ୟରେ କେତେଦିନ ପର୍ଯ୍ୟନ୍ତ ଭାଜପା ନେତାମାନେ ରାଜନୈତିକ ହତ୍ୟାର ଶିକାର ହେବେ ବୋଲି ଭାଜପା ଡିଜିପିଙ୍କୁ ପ୍ରଶ୍ନ କରିଛି ।

ସମୀର କହିଛନ୍ତି, ଚଳିତବର୍ଷ ଜାନୁୟାରୀରେ କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ମୋଟରସାଇକେଲରେ ଘରକୁ ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ସେମାନଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ୧୨ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ରହସ୍ୟମୟ ଭାବେ ମୃତ୍ୟୁ ହେବା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁଳମଣି ବରାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଆସୁଥିଲେ। ଗତ ଜାନୁୟାରୀ ୮ ତାରିଖରେ ମାହାଙ୍ଗା ଡବଲ ମର୍ଡର ଘଟଣାର ଏକ ଡିଆଇଜି ର୍‍ୟାଙ୍କ ଅଧିକାରୀ ୧୦ ଦିନ ମଧ୍ୟରେ ତଦନ୍ତ କରିବେ ବୋଲି ଡିଜିପି ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଏଯାବତ୍ ସେପରି କିଛି ହେଲାନାହିଁ ।

# କୋଣାର୍କ ଝୋଟ କଳ ଓଏସ୍‌ଏଲ୍‌କୁ ହସ୍ତାନ୍ତର

**ଚଣ୍ଡିଖୋଲ,୧୭।୨(ଡି.ଏନ.ଏ.)**

ଓଡ଼ିଶାର ଏକମାତ୍ର କୃଷି ଏବଂ ଶ୍ରମଭିତ୍ତିକ ଶିଳ୍ପ ଯାଜପୁର ଜିଲା ଧାନମଣ୍ଡଳସ୍ଥିତ କୋଣାର୍କ ଝୋଟକଳ ବୁଧବାର ବିଧିବଦ୍ଧଭାବେ ଘରୋଇ କମ୍ପାନୀ ଓଡ଼ିଶା ଷ୍ଟିଭେଡର୍ସ ପ୍ରାଇଭେଟ୍ ଲିମିଟେଡ୍ (ଓଏସ୍‌ଏଲ୍)କୁ ହସ୍ତାନ୍ତର କରାଯାଇଛି। ଝୋଟକଳ ଚାଲୁ କରିବା ଏବଂ ଏଥିରେ ରହିଥିବା ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଜୀବିକା ବଞ୍ଚାଇବା ପାଇଁ ବାରମ୍ବାର ଆନ୍ଦୋଳନ ଏବଂ ନିବେଦନ କରାଯାଇଛି। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୪ ହଜାରରୁ ଊର୍ଦ୍ଧ୍ୱ ଲୋକ ଜୀବିକା ନିର୍ବାହ କରିଆସୁଥିଲେ। ଝୋଟକଳକୁ ଘରୋଇ କମ୍ପାନୀକୁ ହସ୍ତାନ୍ତର ନ କରିବା ପାଇଁ ବିଭିନ୍ନ ମହଲରୁ ଏପରିକି




କୋଣାର୍କ ଝୋଟକଳ।

ଭିଆର୍‌ଏସ୍ ନେଇଥିବା ଶ୍ରମିକଙ୍କ ପକ୍ଷରୁ ସରକାରଙ୍କ ନିକଟରେ ବାରମ୍ବାର ଦାବିପତ୍ର ଦିଆଯାଇଥିଲା। ୨୦୧୦ ଅକ୍ଟୋବରରେ ନିଲାମ ମାଧ୍ୟମରେ ମାତ୍ର ୩୪ କୋଟି ଟଙ୍କା ମୂଲ୍ୟରେ ଓଏସ୍‌ଏଲ୍‌କୁ କ୍ରୟ କରିବାକୁ ସୁଯୋଗ ଦିଆଯାଇଥିଲା। ସେତେବେଳେ ଆଉ କେହି ଅଧିକ ମୂଲ୍ୟଧାରୀ ବିଡର ନ ଥିବାରୁ ଓଏସ୍‌ଏଲ୍‌କୁ ଝୋଟକଳ ବିକ୍ରି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କମ୍ପାନୀର ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାରେ ଦେଣନେଣ ବାକିଥିବାରୁ ୧୧ବର୍ଷ ହେବ କମ୍ପାନୀକୁ ଝୋଟକଳ ହସ୍ତାନ୍ତର ହୋଇପାରି ନ ଥିଲା। ଦୁଇ ଦିନ ତଳେ ଓଏସ୍‌ଏଲ୍ କର୍ତ୍ତୃପକ୍ଷ ଓ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବା ପରେ ବୁଧବାର ବିଧିବଦ୍ଧ ଭାବେ କଟକସ୍ଥିତ ଓଏସ୍‌ଏଲ୍ କାର୍ଯ୍ୟାଳୟରେ କୋଣାର୍କ ଝୋଟକଳକୁ ହସ୍ତାନ୍ତର କରାଯାଇଛି। ୨୦୧୦ରେ ଝୋଟକଳ ବିକ୍ରି ପାଇଁ ନିଷ୍ପତ୍ତି ହେବା ପରେ ୨୦୧୨ରେ ଝୋଟକଳରେ କାର୍ଯ୍ୟରତ ୪୧୭ ଶ୍ରମିକ ଓ କର୍ମଚାରୀ ଭିଆର୍‌ଏସ୍ ନେଇଥିଲେ। ସେତେବେଳେ ସର୍ତ୍ତ ଥିଲା, ଭିଆର୍‌ଏସ୍ ନେଇଥିବା ଶ୍ରମିକ ଓ କର୍ମଚାରୀଙ୍କୁ ଓଏସ୍‌ଏଲ୍ ପୁନଃ ନିଯୁକ୍ତି ଦେବ। ହେଲେ ଏଥିନେଇ ଅଦ୍ୟାବଧି କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

# ନାଡାଲଙ୍କୁ ହରାଇଲେ ସିତ୍ସିପାସ୍

**ମେଲବୋର୍ନ, ୧୭।୨ (ଏପି)**

ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲର ଏକ ସେମିଫାଇନାଲ ମ୍ୟାଚ ଗ୍ରୀସ୍‌ର ଷ୍ଟିଫାନସ ସିତ୍ସିପାସ୍ ଓ ରୁଷିଆର ଡାନିଲ ମେଡଭେଡେଭଙ୍କ ମଧ୍ୟରେ ହେବ। ସିତ୍ସିପାସ୍ ବୁଧବାର ଖେଳାଯାଇଥିବା ଏକ କ୍ୱାର୍ଟରଫାଇନାଲରେ ୨୦ ଗ୍ରାଣ୍ଡସ୍ଲାମ ବିଜେତା ରାଫାଲ ନାଡାଲଙ୍କୁ ୩-୬, ୨-୬, ୭-୬ (୪),୬-୪, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି।


ଷ୍ଟିଫାନସ ସିତ୍ସିପାସ୍

## ଅଷ୍ଟ୍ରେଲିଆନ ଓପନ୍

ମେଡଭେଡେଭ ବୁଧବାର ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ନିଜ ଦେଶରେ ଆନ୍ଦ୍ରେ ରୁବ୍ଲେଭଙ୍କୁ ୭-୫, ୬-୨, ୬-୩ ସେଟରେ ହରାଇ ଦେଇଛନ୍ତି। ଏଠାରେ ଚତୁର୍ଥ ସିଡ୍ ପ୍ରାପ୍ତ ମେଡଭେଡେଭ ତାଙ୍କ କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ସେ କ୍ରମାଗତ ୧୯ଟି ମ୍ୟାଚରେ ଅପରାଜେୟ ରହିଛନ୍ତି। ମେଡଭେଡେଭ ୨୦୧୯ ୟୁ.ଏସ୍. ଓପନ ଫାଇନାଲରେ ରାଫାଲ ନାଡାଲଙ୍କଠାରୁ ହାରି ରନର୍ସ ଅପ୍ ହୋଇଥିଲେ। ଗତ ବର୍ଷ ନ୍ୟୁୟର୍କ ହାର୍ଡକୋର୍ଟର ଏକ କ୍ୱାର୍ଟରଫାଇନାଲରେ ସେ ରୁବ୍ଲେଭଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ବୁଧବାର ତାଙ୍କ ବାମ ଗୋଡ଼ରେ ସମସ୍ୟା ଦେଖାଦେଇଥିବାରୁ ମ୍ୟାଚ ଜିତିବା ଲାଗି ତାଙ୍କୁ କଷ୍ଟ କରିବାକୁ ପଡ଼ିଥିଲା ବୋଲି ମେଡଭେଡେଭ କହିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ସେମିଫାଇନାଲ ବିଶ୍ୱର ନମ୍ବର ୱାନ ନୋଭାକ୍ ଜୋକୋଭିଚ୍ ଏବଂ ରୁଷିଆନ କ୍ୱାଲିଫାୟର ୧୧୪ତମ ର‌୍ୟାଙ୍କିଙ୍ଗପ୍ରାପ୍ତ ଅସ୍‌ଲାନ କାରାତ୍‌ସେଭଙ୍କ ମଧ୍ୟରେ ହେବ। ୨୭ ବର୍ଷୀୟ କାରାତ୍‌ସେଭ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ଖେଳୁଛନ୍ତି। ଗ୍ରାଣ୍ଡସ୍ଲାମ ପଦାର୍ପଣରେ ସେମିଫାଇନାଲକୁ ଉନ୍ନୀତ ହେବାରେ ସେ ହେଉଛନ୍ତି ଏକମାତ୍ର ପୁରୁଷ ପ୍ରଫେସନାଲ ଖେଳାଳି।

### ବ୍ରାଡି-ମୁଚୋଭା ସେମିଫାଇନାଲ

ମହିଳା ସିଙ୍ଗଲ୍ସରେ ଗୋଟିଏ ସେମିଫାଇନାଲ ସେରେନା ୱିଲିୟମ୍ସ ଓ ନାଓମି ଓସାକା ଏବଂ ଅନ୍ୟଟି ଜେନିଫର ବ୍ରାଡି ଓ କାରୋଲିନା ମୁଚୋଭାଙ୍କ ମଧ୍ୟରେ ହେବ। ଆମେରିକାର ବ୍ରାଡି କ୍ୱାର୍ଟରଫାଇନାଲରେ ନିଜ ଦେଶର ଜେସିକା ପେଗୁଲାଙ୍କୁ ୪-୬, ୬-୨, ୬-୧ ସେଟ୍‌ରେ ହରାଇଦେଇଛନ୍ତି। ସେ ଦ୍ୱିତୀୟ ଥର ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୨୫ତମ ସିଡ୍ କାରୋଲିନା ନମ୍ବର ୧ ଖେଳାଳି ଆସ୍‌ଲେ ବାର୍ଟିଙ୍କୁ ହରାଇ ଦେଇଛନ୍ତି। ବ୍ରାଡି ଏହା ପୂର୍ବରୁ ଗତ ସେପ୍ଟେମ୍ବରରେ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଗୋଆଠାରୁ ହାରିଲା ଓଡ଼ିଶା ଏଫ୍‌ସି


ଓଡ଼ିଶା ଏଫ୍‌ସି ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ମାର୍ଗାଓ, ୧୭।୨**

ସ୍ଥାନୀୟ ଫାତୋର୍ଡା ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚରେ ଏଫ୍‌ସି ଗୋଆ ୩-୧ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆଲବର୍ଟୋ ନୋଗ୍ୱେରା (୧୮ତମ ମିନିଟ), ଜର୍ଜ ଓରିଜ୍ ମେଣ୍ଡୋଜା (୨୬ତମ) ଓ ଇଭାନ ଗାରିଡୋ ଗୋଞ୍ଜାଲେଜ୍ (୭୫ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବାବେଳେ ଓଡ଼ିଶା ଏଫ୍‌ସି ତରଫରୁ ଡିଏଗୋ ମୌରିସିଓ ଏକମାତ୍ର ଗୋଲ ଖେଳର ୩୦ତମ ମିନିଟ୍‌ରେ ଦେଇଥିଲେ। ୬ଟି ମ୍ୟାଚ ଅମୀମାଂସିତ ରଖିବା ପରେ ଗୋଆ ବିଜୟ ପଥକୁ ଫେରିଛି। ଅନ୍ୟପକ୍ଷରେ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିବା ଓଡ଼ିଶା ଏଫ୍‌ସିର ତଥାପି ଭାଗ୍ୟୋଦୟ ଘଟି ନାହିଁ। ମ୍ୟାଚରେ ୬୬ ପ୍ରତିଶତ ସମୟ ବଲ ଗୋଆ ଅକ୍ତିଆରରେ ରହିଥିଲା। ଦଳର ପାସ୍ ସଂଖ୍ୟା ୫୦୮ ରହିଥିବାବେଳେ ସେ ତୁଳନାରେ ଓଡ଼ିଶା ଏଫ୍‌ସିର ସଂଖ୍ୟା ୨୬୭ ରହିଥିଲା। ସେହିପରି ଗୋଆ ୬ଟି କର୍ନର ପାଇଥିବାବେଳେ ଓଡ଼ିଶାକୁ ୨ଟି ମିଳିଥିଲା।

# ସର୍ବଭାରତୀୟ ପୋଷ୍ଟାଲ ଚେସ୍: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧୭।୨(କ୍ରୀଡ଼ା ପ୍ରତିନିଧି)**

କିଟ୍ କ୍ୟାମ୍ପସରେ ଚାଲିଥିବା ୩୫ତମ ସର୍ବଭାରତୀୟ ପୋଷ୍ଟାଲ ଚେସ୍‌ର ଟିମ୍ ଇଭେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ପ୍ରଥମ ରାଉଣ୍ଡରେ ମହାରାଷ୍ଟ୍ରକୁ ୪-୦ରେ ହରାଇଥିବା ଓଡ଼ିଶା ଦ୍ୱିତୀୟ ରାଉଣ୍ଡରେ ଆସାମକୁ ୩-୧ ଏବଂ ତୃତୀୟ ରାଉଣ୍ଡରେ ରାଜସ୍ଥାନକୁ ୨.୫-୧.୫ ପଏଣ୍ଟରେ ହରାଇବା ପରେ ୪ର୍ଥ ରାଉଣ୍ଡ ମ୍ୟାଚକୁ ତାମିଲନାଡୁ ସହିତ ୨-୨ରେ ଡ୍ର ରଖିଥିଲା। ବୁଧବାର ଅନୁଷ୍ଠିତ ୫ମ ରାଉଣ୍ଡରେ ବିହାରକୁ ହରାଇ ଓଡ଼ିଶା ଦଳଗତ ଟାଇଟଲ ହାସଲ କରିଛି। ଅନ୍ତିମ ରାଉଣ୍ଡରେ ସାରଦା ପ୍ରସନ୍ନ ନାୟକ, ଉତ୍କଳ ରଞ୍ଜନ ସାହୁ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଓ ମନୋଜ ପାଣିଗ୍ରାହୀ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ସମସ୍ତେ ବିଜୟ ହାସଲ କରିଥିଲେ। ୪ ବିଜୟ ଓ ୧ ଡ୍ର ସହ ତାମିଲନାଡୁ ଦ୍ୱିତୀୟ ଏବଂ ୪ ବିଜୟ, ୧ ପରାଜୟ ସହ ରାଜସ୍ଥାନ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିରେ ମୋଟ ୧୭ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବ୍ୟକ୍ତିଗତ ରାଉଣ୍ଡ ବୁଧବାର ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ସର୍କଲର ୭୯ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ରାଉଣ୍ଡରେ ଧଳା ଗୋଟିରେ ୧୯, କଳା ଗୋଟିରେ ୧୭ ଜଣ ବିଜୟୀ ହୋଇଥିବାବେଳେ ୩ ବୋର୍ଡରେ ମ୍ୟାଚ ଡ୍ର ରହିଛି।

# ମାର୍ଗାଓରେ ହେବ ଆଇଏସ୍‌ଏଲ୍ ଫାଇନାଲ

**ମାର୍ଗାଓ, ୧୭।୨ (ପି.ଟି.):** ମାର୍ଚ୍ଚ ୧୩ରେ ଫାତୋର୍ଡାସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ରେକର୍ଡ ତୃତୀୟ ଥର ପାଇଁ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ) ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବୁଧବାର ଟୁର୍ନାମେଣ୍ଟର ଆୟୋଜକ ଏହା ଘୋଷଣା କରିଛନ୍ତି। ପ୍ରଥମ ଲେଗ୍ ସେମିଫାଇନାଲ ଦୁଇଟି ଭେନ୍ୟୁ ବାମ୍ବୋଲିମ୍‌ର ଜିଏମ୍‌ସି ଷ୍ଟାଡିୟମ ଏବଂ ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ମାର୍ଚ୍ଚ ୫ ଓ ୬ ତାରିଖରେ ଅନୁଷ୍ଠିତ ହେବ। ରିଟର୍ନ ଲେଗ୍ ମଧ୍ୟ ସମାନ ଭେନ୍ୟୁରେ ହେବ। ଏହି ସିଜନର ସେମିଫାଇନାଲରେ 'ଆୱେ ଗୋଲ୍' ନିୟମ ଲାଗୁ ହେବ ନାହିଁ। ସର୍ବାଧିକ ଗୋଲ ଭିତ୍ତିରେ ଦୁଇଟି ଦଳ ଫାଇନାଲକୁ ଉନ୍ନୀତ ହେବେ। ଫେବୃୟାରୀ ୨୮ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଶେଷ ଲିଗ୍ ମ୍ୟାଚ ବର୍ତ୍ତମାନ ଟେବୁଲରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଦୁଇ ଦଳ ଏଟିକେ ମୋହନ ବାଗାନ (୩୬ ପଏଣ୍ଟ) ଏବଂ ମୁମ୍ବାଇ ସିଟି (୩୪ ପଏଣ୍ଟ) ମଧ୍ୟରେ ଅନୁଷ୍ଠିତ ହେବ। ଉଭୟ ଦଳ ପ୍ଲେ-ଅଫ୍‌ରେ ପ୍ରବେଶ କରି ସାରିଛନ୍ତି। ଲିଗ୍ ପର୍ଯ୍ୟାୟରେ ଟେବୁଲ ଶୀର୍ଷରେ ରହିଥିବା ଦଳକୁ ଲିଗ୍ ଶିଲ୍ଡ ବିଜେତା ଘୋଷଣା କରାଯିବ। ଏହି ଦଳ ଆସନ୍ତା ସିଜନର ସମ୍ମାନଜନକ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ୍ ପର୍ଯ୍ୟାୟକୁ ସିଧାସଳଖ ଯୋଗ୍ୟତା ହାସଲ କରିବ। ହିରୋ ଆଇଏସ୍‌ଏଲର ଏହି ସିଜନରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୧୧କୁ ବୃଦ୍ଧି କରାଯାଇଛି।

# ଯୁବା ବାସ୍କେଟବଲ ଓପନ ପ୍ରତିଯୋଗିତା ଆଜିଠାରୁ


ଖବରଦାତା ସମ୍ମିଳନୀରେ ଯୁବା ବାସ୍କେଟବଲ ଦଳର ଜର୍ସି ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୧୭।୨(କ୍ରୀଡ଼ା ପ୍ରତିନିଧି)**

- ଭାଗନେବେ ୧୪ ଦଳ, ରାଜ୍ୟ ବାହାରୁ ୪
- ପ୍ରତିଷ୍ଠିତ ୬ ଖେଳାଳି ସମ୍ମାନିତ ହେବେ

ଓଡ଼ିଶା ଯୁବା ବାସ୍କେଟବଲ ଆନୁକୂଲ୍ୟରେ ୧୦ମ ଓପନ ବାସ୍କେଟବଲ ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି। ସହିଦନଗର ଇନ୍ଦିରା ପାର୍କସ୍ଥିତ ବାସ୍କେଟବଲ କୋର୍ଟରେ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ରାଜ୍ୟ ବାହାରର ୪ ଦଳ ସାମିଲ। ଦଳଗୁଡ଼ିକ ହେଲେ ଛତିଶଗଡ଼ର ଡାମନ ଶେଲ୍ଟର ୱାରିୟର, ୟଙ୍ଗ୍‌ବ୍ଲଡ ବାସ୍କେଟବଲ କ୍ଲବ, ଓଡ଼ିଶା ଷ୍ଟୁଡେଣ୍ଟ କ୍ଲବ, ସେଲଟିକ୍ସ କଟକ-୧୧, ତାମିଲନାଡୁର ତ୍ରିବେଣୀ, ଆନ୍ଧ୍ର ପ୍ରଦେଶ, ଆର୍ମି(ନାଗପୁର), ପାରଳାଖେମୁଣ୍ଡି, ରାଉରକେଲା, କଳିଙ୍ଗ ବାସ୍କେଟବଲ, ଶାଇନିଂ ଷ୍ଟାର, ଯୁବା ବାସ୍କେଟବଲ, ଭଦ୍ରକ ଓ କଟକ ସନ୍‌ରାଇଜ୍ କ୍ଲବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୧,୦୦୦, ରନର୍ସ ଅପ୍‌କୁ ୧୫,୦୦୦ ଓ ତୃତୀୟ ସ୍ଥାନୀୟ ଦଳକୁ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ଦିଆଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ବାସ୍କେଟବଲର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏପରି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି ଏବଂ ପ୍ରତିଭା ଅନ୍ୱେଷଣ କରି ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି ବୋଲି ସରୋଜ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା ଓ କ୍ରିକେଟର ଦେବାଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ଅବସରରେ ପ୍ରତିଷ୍ଠିତ ୬ କ୍ରୀଡ଼ାବିତ୍ ମହିଳା ବାସ୍କେଟବଲ କୋଚ୍ ସତ୍ୟବ୍ରତ ନାୟକ, ପର୍ବତାରୋହୀ ନୀଳାଚଳ ପରିଡ଼ା, ମହିଳା ଫୁଟବଲର ବିଜୟଲକ୍ଷ୍ମୀ ସାହୁ, ଚେସ୍ ତାରକା ସୌମ୍ୟରଞ୍ଜନ ମିଶ୍ର, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଓ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ସମ୍ମାନିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ଚେୟାରମ୍ୟାନ୍ ବିଶ୍ୱଜିତ ମହାନ୍ତି, ସମ୍ପାଦକ ବିଭୂତି ବିଶ୍ୱାଳ, କୋଷାଧକ୍ଷ ସୁମନ ବେହେରା, ଟୁର୍ନାମେଣ୍ଟ ସଂଯୋଜକ ପ୍ରହ୍ଲାଦ ବେହେରା, ଅବିନାଶ ବେହେରା, ସାମର୍ଥ ମହାନ୍ତି, ମୁନା ଗଉଡ, ଆଦର୍ଶ ପଟ୍ଟନାୟକ ଓ ଶିବଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ପ୍ରିମିୟର ଲିଗ: ଢେଙ୍କାନାଳ ବିଜୟୀ

**ଧର୍ମଶାଳା,୧୭।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ବୁଧବାର ବିଜୁ ପ୍ରିମିୟର ଲିଗ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କେଡିଏମ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟକୁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଯାଜପୁର ବିସିଜେଡିକୁ ୩୨ ରନରେ ପରାସ୍ତ କରି ବିସିଜେଡି ଢେଙ୍କାନାଳ ବିଜୟୀ ହୋଇଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୬୨ରନ କରିଥିଲା। ଦଳ ପକ୍ଷରୁ ଚନ୍ଦ୍ରକାନ୍ତ ବାରି ୬୫ ଓ ପ୍ରିତିରଞ୍ଜନ ସାହୁ ୨୬ ରନ କରିଥିଲେ। ଯାଜପୁର ଟିମ୍ ପକ୍ଷରୁ ସୁଶୀଲ ସାମଲ ୨ ଓ ନିହାର ସାମଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଯାଜପୁର ଟିମ ୧୪.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଅମୂଲ୍ୟ ଦାସ ୫୩ ଓ ଧର୍ମେନ୍ଦ୍ର ସାମଲ ୨୩ ରନ କରିଥିଲେ। ବିପକ୍ଷ ଢେଙ୍କାନାଳ ଟିମ ପକ୍ଷରୁ ମହମ୍ମଦ ଶୁଲେମାନ ୪ ଓ ମାନସ ପାଣି ୨ ଉଇକେଟ ନେଇଥିଲେ। ଖେଳକୁ ରଞ୍ଜନ ପାଳ ଓ ନାରାୟଣ ପାଳ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ କଟକ ବିସିଜେଡି ସହିତ କେନ୍ଦୁଝର ବିସିଜେଡି ଓ ଦ୍ୱିତୀୟ ମ୍ୟାଚ୍ କଟକ ସିଟି ବିୱାଇଜେଡି ସହିତ କେନ୍ଦୁଝର ବିୱାଇଜେଡି ମଧ୍ୟରେ ହେବ ବୋଲି କେଡିଏମ ଉପାଧକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ଆଲୋକ ମଙ୍ଗରାଜଙ୍କ ଅବସର

**ଭୁବନେଶ୍ୱର, ୧୭।୨(କ୍ରୀଡ଼ା ପ୍ରତିନିଧି):** ଦ୍ରୁତ ବୋଲର ଆଲୋକ ମଙ୍ଗରାଜ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବୁଧବାର ଏହା ସ୍ପଷ୍ଟ କରାଯାଇଛି। ରାଜ୍ୟ ପକ୍ଷରୁ ସମସ୍ତ ଫର୍ମାଟରେ ଖେଳିଥିବା ଆଲୋକ ୨୦୧୧ ନଭେମ୍ବରରେ ମୋହାଲିଠାରେ ପଞ୍ଜାବ ବିପକ୍ଷରେ ଖେଳି ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଥିଲେ। ସେ ମୋଟ ୨୨ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୬୫୨ ରନ କରିବା ସହ ୫୦ଟି ଉଇକେଟ ନେଇଛନ୍ତି। ଗୋଟିଏ ଇନିଂସରେ ତାଙ୍କର ଶ୍ରେଷ୍ଠ ବୋଲିଂ ୫/୧୯ ଓ ମ୍ୟାଚରେ ୭/୫୨। ସେହିପରି ସେ ଲିଷ୍ଟ-ଏ କ୍ରିକେଟରେ ୧୧ ମ୍ୟାଚରୁ ୩୯୯ ରନ କରିଛନ୍ତି ଏବଂ ୭ଟି ଉଇକେଟ ନେଇଛନ୍ତି। ୨/୧୬ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର। ଟି୨୦ରେ ସେ ୧୧ ମ୍ୟାଚରୁ ୨୩୫ ରନ କରିଥିବାବେଳେ ୭ଟି ଉଇକେଟ ନେଇଛନ୍ତି। ଏଥିରେ ମଧ୍ୟ ତାଙ୍କର ଶ୍ରେଷ୍ଠ ବୋଲିଂ ହେଉଛି ୨/୯। ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭକାମନା ଜଣାଇଛନ୍ତି। ''ଅବସର ନିଷ୍ପତ୍ତି ଅପ୍ରତ୍ୟାଶିତ ନୁହେଁ, କିଛି ପରିମାଣରେ ଆହତ ସମସ୍ୟା ରହିଲା। ଏହା ବ୍ୟତୀତ ଯୁବ ଖେଳାଳିଙ୍କ ବାଟ ଛାଡ଼ିବା



ଉଦ୍ଦେଶ୍ୟରେ ମୁଁ ଏପରି ନିଷ୍ପତ୍ତି ନେଲି'' ବୋଲି ଆଲୋକ ନିଜ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି। ଅତୀତରେ ସବୁପ୍ରକାର ସମର୍ଥନ ଯୋଗାଇଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଏବଂ ଇଷ୍ଟକୋଷ୍ଟ ରେଲୱେକୁ ଧନ୍ୟବାଦ ଜଣାଇଛନ୍ତି ଆଲୋକ। ଏହାଛଡ଼ା ତାଙ୍କ ପଥପ୍ରଦର୍ଶକ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ସେ ସ୍ୱତନ୍ତ୍ରଭାବେ ଧନ୍ୟବାଦ ଜଣାଇବାକୁ ଭୁଲି ନାହାନ୍ତି।

# ଟେଷ୍ଟରୁ ଅବସର ନେଲେ ଡୁ'ପ୍ଲେସି


**ଜୋହାନ୍ସବର୍ଗ,୧୭।୨(ପି.ଟି.)**

ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଫାଫ୍ ଡୁ'ପ୍ଲେସି ବୁଧବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଣିକି ସେ ଖେଳର ଶର୍ଟ ଫର୍ମାଟ ଉପରେ ଧ୍ୟାନ ଦେବେ। ସେ ଅନ୍ତର୍ଜାତୀୟ ଦିନିକିଆ ଖେଳିବା ଜାରି ରଖିବେ। କିନ୍ତୁ ଟି୨୦କୁ ସେ ଅଗ୍ରାଧିକାର ଦେବେ। ୩୬ବର୍ଷୀୟ ଏହି କ୍ରିକେଟର ଇନଷ୍ଟାଗ୍ରାମ୍‌ରେ ତାଙ୍କ ଅବସର ଘୋଷଣା କରିଛନ୍ତି। ଆସନ୍ତା ଦୁଇ ବର୍ଷ ହେବାକୁ ଥିବା ଟି୨୦ କ୍ରିକେଟରେ ସେ ଭାଗନେବାକୁ ଚାହାନ୍ତି। ଡୁ'ପ୍ଲେସି ୬୯ ଟେଷ୍ଟ ମ୍ୟାଚ ଖେଳି ୪୦.୦୨ ଆଭରେଜରେ ୧୦ ଶତକ ଓ ୨୧ ଅର୍ଦ୍ଧଶତକ ସମେତ ୪୧୬୩ ରନ ସଂଗ୍ରହ କରିଛନ୍ତି। ୨୦୧୬ରେ ଏବି ଡି'ଭିଲିର୍ସଙ୍କଠାରୁ ଦକ୍ଷିଣ ଆଫ୍ରିକା ଟେଷ୍ଟ ଓ ଟି୨୦ ଅଧିନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ଗତବର୍ଷ ଏହି ପଦବୀରୁ ଓହରିଯାଇଥିଲେ। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ତାଙ୍କ ଦେଶ ତରଫରୁ ୧୪୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫୦ ଟି୨୦ ଖେଳିଛନ୍ତି। ୫୦ ଓଭର କ୍ରିକେଟରେ ତାଙ୍କ ଆଭରେଜ ୪୭ ରହିଥିବାବେଳେ ଟି୨୦ରେ ୩୫.୫ ରହିଛି। ଡୁ'ପ୍ଲେସି କହିଛନ୍ତି ସେ ନିଜ ଦେଶ ତରଫରୁ ସମସ୍ତ ଫର୍ମାଟରେ ଖେଳିବାକୁ ଚାହାନ୍ତି। ମାତ୍ର ତାଙ୍କ ପାଇଁ ଟେଷ୍ଟ କ୍ରିକେଟରୁ ଅବସର ନେବା ସମୟ ଆସି ପହଞ୍ଚିଯାଇଛି।

# ମ୍ୟାକ୍ସୱେଲଙ୍କ ଉପରେ ଆର୍‌ସିବି, ସିଏସ୍‌କେ ନଜର

**ଚେନ୍ନାଇ, ୧୭।୨(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହେବ। ଗତ ସଂସ୍କରଣରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ହେଁ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲଙ୍କ ଉପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ)ର ନଜର ରହିବ। ଏହା ବ୍ୟତୀତ ଇଂଲଣ୍ଡ ସ୍ପିନ ଅଲ୍‌ରାଉଣ୍ଡର ମୋଇନ ଅଲୀ, ଟି୨୦ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଦାୱିଦ ମଲନ ଓ ନୂଆ ମୁହଁ ମହମ୍ମଦ ଆଝାରୁଦ୍ଦିନ (ଜୁନିୟର)ଙ୍କ ଉପରେ ମଧ୍ୟ ନଜର ରହିବ। ମୋଟ ୨୯୨ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୬୪ ଭାରତୀୟ ଓ ୧୨୫ ବିଦେଶୀ ଖେଳାଳି ସାମିଲ। ୮ ଫ୍ରାଞ୍ଚାଇଜ୍ ସର୍ବାଧିକ ୬୧ ଖେଳାଳିଙ୍କୁ କ୍ରୟ କରିପାରିବେ। ଏହା ମଧ୍ୟରେ ଆରସିବି ୧୧ ଖେଳାଳି କିଣିପାରିବ। ଏହି ଦଳ ନିକଟରେ ୩୫.୪ କୋଟି ଟଙ୍କା ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୦.୭୫ କୋଟି ମଧ୍ୟରେ ସର୍ବନିମ୍ନ ୩ ଖେଳାଳି କିଣି ପାରିବ। ଅନିଲ କୁମ୍ବଲେଙ୍କ ପ୍ରଶିକ୍ଷଣପ୍ରାପ୍ତ ପଞ୍ଜାବ କିଙ୍ଗ୍ସ ନିକଟରେ ସର୍ବାଧିକ ୫୩.୨୦ କୋଟି ଟଙ୍କା ଗଚ୍ଛିତ ଅଛି। ଏହି ଅର୍ଥ ମଧ୍ୟରେ ଦଳ ସର୍ବାଧିକ ୯ ଖେଳାଳି କିଣିପାରିବ।


ଗ୍ଲେନ୍ ମ୍ୟାକ୍ସୱେଲ

ମ୍ୟାକ୍ସୱେଲ ୮୨ ମ୍ୟାଚରୁ ମାତ୍ର ୧୫୦୫ ରନ କରିଛନ୍ତି। ଆଭରେଜ ୨୨ ଥିଲେ ହେଁ ତାଙ୍କ ଉପରେ ଫ୍ରାଞ୍ଚାଇଜ୍‌ଙ୍କ ନଜର ରହିବ। ଗତ ସିଜନରେ ସେ ପଞ୍ଜାବ ପକ୍ଷରୁ ଖେଳିଥିଲେ। ମ୍ୟାକ୍ସୱେଲ ଏବଂ ଗତ ସଂସ୍କରଣରେ ରାଜସ୍ଥାନ ରୟାଲ୍ସରୁ ଖେଳିଥିବା ଷ୍ଟିଭ୍ ସ୍ମିଥଙ୍କ ବେସ୍ ପ୍ରାଇସ ସର୍ବାଧିକ ୨ କୋଟି ଲେଖାଏ ରହିଛି। ସେହିପରି ବିଶ୍ୱର ନମ୍ବରୱାନ ଟି୨୦ ର‌୍ୟାଙ୍କ୍‌ପ୍ରାପ୍ତ ବ୍ୟାଟ୍ସମ୍ୟାନ ମଲନ ମଧ୍ୟ ଚର୍ଚ୍ଚାରେ ରହିବେ। ୧୯ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ମଲନଙ୍କ ଷ୍ଟ୍ରାଇକ ରେଟ ୧୫୦ ରହିଛି। ଏହି ୩୩ ବର୍ଷୀୟ ଖେଳାଳିଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ଥିଲେ ହେଁ ସେ ଅଧିକ ମୂଲ୍ୟରେ କିଣାଯିବା ସମ୍ଭାବନା ରହିଛି।

## ଆଇପିଏଲ୍ ଖେଳାଳି ନିଲାମ ଆଜି

ତେବେ ଭାରତୀୟ ସ୍ଲୋ ପିଚ୍‌ରେ ସେ କେତେ ଫଳପ୍ରଦ ହେବେ ତାହା ଦେଖିବାକୁ ରହିଛି। ଚେନ୍ନାଇ ଟୁର୍ନାମେଣ୍ଟ ଇତିହାସରେ ପ୍ରଥମ ଥର ପାଇଁ ଗତ ସଂସ୍କରଣରେ ପ୍ଲେ-ଅଫ୍‌ରେ ପ୍ରବେଶ କରିପାରି ନ ଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ କୋଚ୍ ଷ୍ଟିଫେନ ଫ୍ଲେମିଂ ସର୍ବଦା ଅଭିଜ୍ଞ ଖେଳାଳିଙ୍କୁ ଗୁରୁତ୍ୱ ଦେଇଥାନ୍ତି। ତେଣୁ ଏହି ଦଳ କେଉଁ ଖେଳାଳିଙ୍କୁ ଦଳକୁ ନେଉଛି ତା' ଉପରେ ନଜର ରହିବ। ରବିନ ଉଥପ୍ପା ଗତ ୫ ସଂସ୍କରଣରେ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ଏହା ସତ୍ତ୍ୱେ ଟ୍ରେଡିଂ ୱିନ୍‌ଡୋ ମାଧ୍ୟମରେ ରାଜସ୍ଥାନ ରୟାଲ୍ସ ନିକଟରୁ ତାଙ୍କୁ ଚେନ୍ନାଇ ନେଇଛି। ତେଣୁ ପୂର୍ବ ପ୍ରଦର୍ଶନ କ'ଣ ରହିଛି ତାକୁ ନ ଦେଖି ଚାପ ପରିସ୍ଥିତିକୁ ଦେଖି କେଉଁ ଖେଳାଳି ହାତେଇ ପାରିବ ତା' ଉପରେ ଧୋନୀ ଗୁରୁତ୍ୱ ଦେଉଥିବା ପ୍ରମାଣ ମିଳିଛି।

ଭାରତୀୟ ସିନିୟର ଖେଳାଳିଙ୍କ ମଧ୍ୟରେ ଉମେଶ ଯାଦବ, କେଦାର ଯାଦବ ଓ ହରଭଜନ ସିଂ ବିକ୍ରି ହୋଇଯିବା ସମ୍ଭାବନା ରହିଛି। ଯୁବ ଖେଳାଳିଙ୍କ ମଧ୍ୟରେ କେରଳର ଆଝାରୁଦ୍ଦିନ, ତାମିଲନାଡୁର ଶାହରୁଖ୍ ଖାଁ, ଅଲ୍‌ରାଉଣ୍ଡର ଆର. ସୋନୁ ଯାଦବ, ବରୋଦାର ବିଷ୍ଣୁ ସୋଲାଙ୍କି ଏବଂ ବେଙ୍ଗଲର ଆକାଶ ଦୀପ ମଧ୍ୟ ନଜରରେ ରହିପାରନ୍ତି। ସଚିନ ତେନ୍ଦୁଲକରଙ୍କ ପୁତ୍ର ଅର୍ଜୁନଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ରହିଛି। ସେ ବାମହାତୀ ଫାଷ୍ଟ ବୋଲିଂ କରୁଥିବାରୁ କିଛି ବିଡ୍‌ରଙ୍କ ନଜର ତାଙ୍କ ଉପରେ ରହିବ। ମୁମ୍ବାଇ ଇଣ୍ଡିଆନ୍ସ (୧୫.୩୫ କୋଟି) ଓ ଦିଲ୍ଲୀ କ୍ୟାପିଟାଲ୍ସ (୧୩.୪୦ କୋଟି) ଯଥାକ୍ରମେ ୭ ଓ ୮ ଖେଳାଳି କିଣିପାରିବେ।



ଚଳିତ ସପ୍ତାହ ବିଗ୍ ବସ୍-୧୪ର ଶେଷ ସପ୍ତାହ ହୋଇଥିବା ବେଳେ ଜଣେ ପରେ ଜଣେ ପ୍ରତିଯୋଗୀ ଶୋ'ରୁ ବାହାରୁଛନ୍ତି। କିଛିଦିନ ତଳେ ଏହି ଶୋ'ରୁ ଏଲିମିନେଟ୍ ହୋଇଥିଲେ ଦେବୋଲିନା ଭଟ୍ଟାଚାର୍ଯ୍ୟ। ଏହାପରେ ପାଞ୍ଚଜଣ ବାକି ଥିଲେ। ମାତ୍ର ଏବେ ଘରୁ ଅନ୍ୟତମ ପ୍ରତିଯୋଗୀ ନିକ୍କି ତମ୍ବୋଲି ବାହାରିଥିବା ନେଇ ଚର୍ଚ୍ଚା ହେଉଛନ୍ତି। ବିଗ୍‌ବସ୍‌ରେ ମିଡ୍ ଉଇକ ଏଭିକ୍ସନ ହେବାକୁ ଯାଉଛି। କଥିତ ଭାବେ ଆଉ ଜଣେ ପ୍ରତିଯୋଗୀ ଶୋ'ରୁ ବାହାରିଯିବେ। ସେ ହିଁ ନିକ୍କି ବୋଲି ଆଲୋଚନା ହେଉଛି। ଏଥିଲାଗି ତାଙ୍କୁ ମୋଟା ଅଙ୍କ ମଧ ଦିଆଯିବ। ୬ ଲକ୍ଷ ଟଙ୍କା ନେଇ ସେ ଅଧାରୁ ଶୋ' ଛାଡ଼ି ଚାଲିଯିବେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି।



# ଜୀବନ ହାରୁଛନ୍ତି ଜାପାନ ପିଲା

**ପୃଥିବୀର ଅନ୍ୟତମ ସମୃଦ୍ଧିଶାଳୀ ଦେଶ ଜାପାନରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ସ୍କୁଲ ପଢୁଆ ଛାତ୍ରୀଛାତ୍ରମାନେ ବିଭିନ୍ନ କାରଣରୁ ଜୀବନ ହାରୁଛନ୍ତି। କରୋନା ମହାମାରୀ କବଳିତ ବିଶ୍ୱରେ ଗୃହବନ୍ଦୀ ଜୀବନ ଏହି ଦ୍ୱୀପ ଦେଶବାସୀଙ୍କ ମାନସିକତାକୁ ପ୍ରଭାବିତ କରିଥିବା ବେଳେ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ବିଦ୍ୟାର୍ଥୀ। କୋଭିଡ୍-୧୯କୁ ବାଦ୍‌ଦେଲେ ଚାକିରି ଚିନ୍ତା, ସ୍ୱାଧୀନଚେତା ମନୋବୃତ୍ତିରେ ବାଧା ଏହାର ପ୍ରମୁଖ କାରଣ ହୋଇଥାଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।**



**୩୦% ଛାତ୍ରୀଛାତ୍ର ମାନସିକ ବିଷାଦଗ୍ରସ୍ତ**

**ଟୋକିଓ:** ଜାପାନ କେବଳ ଏକ ସମୃଦ୍ଧିଶାଳୀ ଦେଶ ନୁହେଁ, ଏଠାରେ ବାସ କରନ୍ତି ପୃଥିବୀର ସର୍ବାଧିକ ଆୟୁଧାରୀ ବ୍ୟକ୍ତି। ଏକ ସୁସ୍ଥ ଦେଶ ଭାବେ ଜାପାନର ସୁନାମ ରହିଛି। ହେଲେ କୋଭିଡ୍-୧୯ ମହାମାରୀ ସମୟରେ ଏଠାକାର ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶେଷଜ୍ଞ। କରୋନା ସହିତ ଏହାର କିଛି ସମ୍ପର୍କ ଅଛି କି ନାହିଁ ସେ ସମ୍ପର୍କରେ ଏବେ ଅଧ୍ୟୟନ ଚାଲିଛି।

ଜାପାନର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ହସ୍ତଗତ ହୋଇଥିବା ଏକ ରିପୋର୍ଟ ଅନୁଯାୟୀ, ୨୦୧୯ରେ ଦେଶର ୩୩୯ ସ୍କୁଲ ପଢୁଆ ଛାତ୍ରୀଛାତ୍ର ଜୀବନ ହାରିଥିଲେ। ୨୦୨୦ରେ ଏହି ସଂଖ୍ୟା ୪୭୯ରେ ପହଞ୍ଚିଛି। ଆତ୍ମହତ୍ୟା କରିଥିବା ପିଲାଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ଅଧିକ। ପୂର୍ବ ବର୍ଷ ତୁଳନାରେ ଏହା ଦୁଇଗୁଣ ଅର୍ଥାତ୍ ୧୩୮ ହୋଇଛି। ଶିକ୍ଷାନୁଷ୍ଠାନରେ ପଢୁଥିବା ବିଦ୍ୟାର୍ଥୀଙ୍କ ମଧ୍ୟରେ ଏଭଳି ମାନସିକତା କାହିଁକି ସୃଷ୍ଟି ହେଉଛି ତାହା ଜାଣିବା ଲାଗି ନିକଟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁଧ୍ୟାନ କରି ରିପୋର୍ଟ ଦେଉଛନ୍ତି। ଏଥିରୁ ଆଶ୍ଚର୍ଯ୍ୟ କରିଦେବା ଭଳି ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ରେ ପ୍ରାଥମିକ ବିଦ୍ୟାଳୟର ୧୪ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି, ଯାହା ୨୦୧୯ରେ ମାତ୍ର ୬ ଥିଲା। ଜୁନିୟର ହାଇସ୍କୁଲରେ ଏହି ସଂଖ୍ୟା ୯୬ରୁ ବୃଦ୍ଧି ପାଇ ୧୩୬ ହୋଇଛି। ସେହିପରି ହାଇସ୍କୁଲରେ ଆତ୍ମହତ୍ୟା ଜନିତ ମାମଲା ୨୩୭ରୁ ବଢ଼ି ୩୨୯ରେ ପହଞ୍ଚିଛି। ୨୦୨୦ ଅଗଷ୍ଟରେ ସର୍ବାଧିକ ୬୪ ଜଣ ଛାତ୍ରୀଛାତ୍ର ମୃତ୍ୟୁର ରାସ୍ତା ବାଛିଛନ୍ତି। ସେଥିରୁ ଛାତ୍ରୀଙ୍କ ସଂଖ୍ୟା ୨୩। ପୂର୍ବବର୍ଷ ଅଗଷ୍ଟ ଅପେକ୍ଷା ଏହା ୭ଗୁଣ।

ଜାପାନରେ କିଛି ବର୍ଷ ମଧ୍ୟରେ ବେରୋଜଗାର ସଂଖ୍ୟା ଆଶାତୀତ ଭାବେ ବଢ଼ିଛି। ଛାତ୍ରୀଛାତ୍ରମାନେ ଭବିଷ୍ୟତକୁ ନେଇ ଅତ୍ୟଧିକ ଚିନ୍ତା କରୁଛନ୍ତି। ପାଠପଢ଼ାରେ ଧ୍ୟାନ କେନ୍ଦ୍ରୀଭୂତ କରିପାରୁ ନ ଥିବାରୁ ପ୍ରଦର୍ଶନ ଉନ୍ନତ ହୋଇପାରୁନାହିଁ। ଅଭିଭାବକ ଏବଂ ପିଲାଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଦୂରତା ବଢ଼ିବାରେ ଲାଗିଛି। ଏଭଳି ସାମାଜିକ ସମସ୍ୟାକୁ ନେଇ ମାନସିକ ଅବସାଦ ମଧ୍ୟରେ ଗତି କରୁଛନ୍ତି ପିଲାଏ, ଯାହା ସେମାନଙ୍କୁ ଆତ୍ମହତ୍ୟା ଭଳି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ କରୁଥିବା ଜଣାପଡ଼ିଛି।

ଆତ୍ମହତ୍ୟା ବୃଦ୍ଧିର କାରଣ, ନିରାକରଣ ଏବଂ ଏହାକୁ ରୋକିବା ଲାଗି ଏକ ଗବେଷକଙ୍କ ପ୍ୟାନେଲ ଅଧ୍ୟୟନ କରୁଛନ୍ତି। ସେମାନେ କହିଛନ୍ତି ଯେ, କରୋନା ମହାମାରୀ ସମୟରେ ଗତ ନଭେମ୍ବର ଏବଂ ଡିସେମ୍ବରରେ ଏକ ସର୍ଭେ କରାଯାଇଥିଲା। କୋଭିଡ୍-୧୯ କାରଣରୁ ଦେଶର ୩୦% ପିଲାଙ୍କ ନିକଟରେ ବିଷାଦଗ୍ରସ୍ତ ଲକ୍ଷଣ ଜଣାପଡ଼ିଛି। ସର୍ଭେରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ କରୋନା ସମୟକୁ ନେଇ ଅତ୍ୟଧିକ ଆଶଙ୍କିତ ଏବଂ ଚାପଗ୍ରସ୍ତ ଥିବା ଲିଖିତ ଭାବେ ଜଣାଇଥିଲେ। ଦିନକୁ ଦିନ ସମସ୍ୟା ଜଟିଳ ଆଡ଼କୁ ଗତି କରୁଛି। ଏଭଳି ସ୍ଥିତିରେ ପିଲାଙ୍କ ନିକଟତର ହେବା, ସେମାନଙ୍କ ମାନସିକତାକୁ ପ୍ରଭାବିତ କରୁଥିବା କାରଣ ଜାଣିବାକୁ ଚେଷ୍ଟା କରିବା, ଚାପଗ୍ରସ୍ତ ସମୟ ଅତିକ୍ରମ କରି ଆଗକୁ ବଢ଼ିବା ଲାଗି ସାହସ ଦେବାକୁ ଅଭିଭାବକମାନଙ୍କୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

**3rd Marriage Anniversary**



PRASANNA
weds
SUNITA

With Best Compliments From:-
Bapa, Bou, Niru, Saru, Gedi, Tiki, Jagu, Abhi, Rasmita and special Kanha.

D-68860

## ଯୁବକଙ୍କ ଉପରେ ଚା ଢାଳିଲେ ଡେଲିଭରି ବୟ

**ବେଜିଂ:** ଚାଇନାରେ ଜଣେ ଯୁବତୀ ତାଙ୍କ ପୂର୍ବତନ ପ୍ରେମିକଙ୍କଠାରୁ ଏକ ଅଦ୍ଭୁତ ପ୍ରତିଶୋଧ ନେଇଛନ୍ତି। ଯୁବତୀ ଜଣଙ୍କ ଏକ୍ସ-ବୟଫ୍ରେଣ୍ଡଙ୍କ ପାଇଁ ଅନଲାଇନରେ ଚା' ଅର୍ଡର କରିଥିଲେ। ସେହି ଚା'କୁ ତାଙ୍କ ଏକ୍ସ-ବୟଫ୍ରେଣ୍ଡଙ୍କ ଉପରେ ଢାଳି ଦେବାକୁ ଯୁବତୀ ଜଣକ ଡେଲିଭରି ବୟଙ୍କୁ କହିଥିଲେ। ଅନୁରୋଧ ରକ୍ଷାକରି ଡେଲିଭରି ବୟ ଚା'କୁ ଯୁବକଙ୍କ ଉପରେ ଢାଳିଦେଇଥିଲେ। ଏହାର ଏକ ଭିଡିଓ ସୋସିଆଲ ଭାଇରାଲ ହେବାରେ ଲାଗିଛି। ଚାଇନାର ଶାଙ୍ଗଡୋଙ୍ଗର ଏହି ଘଟଣା ଘଟିଛି। ପରେ ଡେଲିଭରି ବୟ ଯୁବକଙ୍କୁ କ୍ଷମା ମାଗୁଥିବା ଏବଂ ତାଙ୍କ ହାତରେ ଏକ କାଗଜ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଚାଇନିଜ ସପିଂ ଏବଂ ଅନ୍‌ଲାଇନ ସାମଗ୍ରୀ ବିତରଣ ପ୍ଲାଟଫର୍ମ ମେଟୁଆନ ଘଟଣାର ତଦନ୍ତ କରୁଛି।

# ବନ୍ଦ ଆଖିରେ ପାହାଡ଼ ଚଢ଼ିଲେ

**ଚେନ୍ନାଇ:** ଚିରାଚରିତ ଧାରାରୁ ବାହାରି ଭିନ୍ନ କାମ କରିବା ପାଇଁ କେତେଜଣ ବହୁତ ଭଲ ପାଆନ୍ତି। ସେଥିପାଇଁ ବିଭିନ୍ନ ପ୍ରକାର ଦୁଃସାହସିକ କାମ କରିଥାନ୍ତି। ଠିକ୍ ଏମିତି ଏକ କାମ କରି ଏବେ ରେକର୍ଡ କରିଛନ୍ତି ଏସ୍‌ଭି ରମଣ। ଆଖି ବନ୍ଦ କରି ସେ ୧୫୫ ଫୁଟ୍ ରାପେଲିଂ (ସିଧାସିଧା ପାହାଡ଼ ଚଢ଼ିବା) କରି ୟୁନିକୋ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କରିଛନ୍ତି। ତାମିଲନାଡୁ ଚେନ୍ନାଇର ଏସ୍‌ଭି ରମଣ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ କାମ କରନ୍ତି। ୫୩ ବର୍ଷୀୟ ଏହି ବ୍ୟକ୍ତିଙ୍କର କିନ୍ତୁ ଦୁଃସାହସିକ କାମ କରିବା ପାଇଁ ପ୍ରବଳ ଆଗ୍ରହ ରହିଥାଏ। ସେଥିପାଇଁ ସେ କିଛି ଭିନ୍ନ କାମ କରିବାକୁ




ଚିନ୍ତା କରିଥିଲେ। ଏହି ଲକ୍ଷ୍ୟରେ ସେ ରାପେଲିଂ ଟ୍ରେନିଂ ନେଇଥିଲେ। କିଛିବର୍ଷ ଟ୍ରେନିଂ ନେବା ପରେ ସେ ରାପେଲିଂ ଆରମ୍ଭ କରିଥିଲେ। ବିଭିନ୍ନ ସ୍ଥାନରେ ରାପେଲିଂ କରିବା ପରେ ଏବେ ଗତ ମାସରେ ସେ କାଞ୍ଚିପୁରମ୍‌ର ଶ୍ରୀପେରୁମ୍ବୁଦୁରରେ ଥିବା ମଲାଇପଟ୍ଟୁ ପାହାଡରେ ରାପେଲିଂ କରି ରେକର୍ଡ କରିଛନ୍ତି। ଏହି ପାହାଡ଼ରେ ସେ ସିଧାସଳଖ ୧୫୫ ଫୁଟ୍ ଉପରକୁ ଚଢିଛନ୍ତି। ତେବେ ଭିନ୍ନ କଥା ହେଉଛି କି ରମଣ ଆଖି ବନ୍ଦ କରି ସିଧାସିଧା ଏକ ସରଳ ରେଖାରେ ଉପରକୁ ଉଠିଥିଲେ। ଆଖି ବନ୍ଦ କରି ଏଭଳି ଏକ ଦୁଃସାହସିକ କାମ କରିପାରିଥିବାରୁ ରମଣ ଏବେ ୟୁନିକୋ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କରିଛନ୍ତି। ତେବେ ତାଙ୍କର ଏଭଳି ଦୁଃସାହସିକ ରେକର୍ଡ ଯୁବପିଢ଼ିଙ୍କୁ ନିଶ୍ଚିତଭାବେ ପ୍ରେରଣା ଯୋଗାଇବ ବୋଲି ରମଣ କହିଛନ୍ତି।

**ମାଛ ବିହନ ବିକ୍ରି ହେବ**
ପିଏଲ୍: 10ରୁ 12, ପିପିଟି: 0ରୁ 30
ଦର: 0.25 ପଇସା
ବୋନସ୍: 60%
ଶ୍ରୀ ପୁରୀ ଜଗନ୍ନାଥ ହ୍ୟାଚେରୀ
ସି.ଏ.ଏ. ଅନୁମୋଦିତ
ଟୁନି ଉପକୂଳ, ଶ୍ରୀରାମପୁରମ୍ (ଭି), ୟୁ.କୋଠାପାଲ୍ଲୀ (ଏମ୍), ପୂର୍ବ ଗୋଦାବରୀ ଜିଲ୍ଲା, ପିନ୍‌କୋଡ୍: 533449
ପି. ରାମୁ (ଏମ୍.ଡି.)
ଫୋନ୍: 98481 40024, 99857 99998

# ଧୁମ୍ ମଚାଉଛି ଇମରାନ୍‌ଙ୍କ 'ଲୁଟ୍ ଗୟେ'



**ମୁମ୍ବାଇ:** ଦୀର୍ଘଦିନର ବ୍ୟବଧାନ ପରେ ପରଦାକୁ ଫେରିଛନ୍ତି ଅଭିନେତା ଇମରାନ ହାସମୀ। ୟୁଟ୍ୟୁବ୍‌ରେ ତାଙ୍କର ଏକ ନୂଆ ଗୀତ 'ଲୁଟ ଗୟେ' ବୁଧବାର ରିଲିଜ ହୋଇଛି। କିଛି ଘଣ୍ଟା ମଧ୍ୟରେ ସୋସିଆଲ ମିଡିଆରେ ଏହି ଗୀତ ଧୁମ ମଚାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୫ଲକ୍ଷରୁ ଅଧିକ ଥର ଦେଖାଯାଇସାରିଲାଣି। ଗୀତରେ ଇମରାନଙ୍କ ସହ ନଜର ଆସୁଛନ୍ତି ୟୁକ୍ତି ଥରେଜା। ଟି-ସିରିଜ୍‌ର ଏହି ରୋମାଣ୍ଟିକ ଗୀତକୁ ତନିଷ୍କ ବାଗଚୀ କମ୍ପୋଜ କରିଛନ୍ତି। ମନୋଜ ମୁନ୍ତସିର ଏହାକୁ ଲେଖିଥିବା ବେଳେ ଲୋକପ୍ରିୟ ଜୁବିନ ନୌଟିୟାଲ ଏହାକୁ ଗାଇଛନ୍ତି। ଗତ ଶୁକ୍ରବାର ଗୀତ ରିଲିଜ ହେବାକୁ ଯାଉଥିବା ନେଇ କୁହାଯାଇଥିଲା। ଇମରାନ ନିଜ ଇନଷ୍ଟାଗ୍ରାମରେ ପୂର୍ବରୁ ଏହି ମ୍ୟୁଜିକ୍ ଭିଡିଓ ବିଷୟରେ ଫ୍ୟାନ୍‌ମାନଙ୍କୁ ଜଣାଇଥିଲେ। ଦୁଇଜଣଙ୍କ ଜବରଦସ୍ତ କେମେଷ୍ଟ୍ରିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ଗୀତରେ ଇମରାନ ଗ୍ୟାଙ୍ଗଷ୍ଟର ଭୂମିକାରେ ଅଛନ୍ତି। ୟୁକ୍ତି ତାଙ୍କୁ ପ୍ରେମ କରୁଛନ୍ତି। ହେଲେ ପରିବାର ଲୋକେ ସମ୍ପର୍କକୁ ଗ୍ରହଣ କରୁନାହାନ୍ତି। ଏହାପରେ ନାୟିକାଙ୍କ ଦେହରେ ଗୁଳି ବାଜି ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473753634

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ଆଡ୍‌ଭାନ୍ସ 90 ଲକ୍ଷ ଭଡ଼ା: 60,000 + ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବଶୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବର୍ଗର ଆଇସ୍‌କ୍ରିମ୍

**ନୂଆଦିଲ୍ଲୀ:** ଚିକେନ୍ ବର୍ଗରରୁ ତିଆରି ଆଇସ୍‌କ୍ରିମ୍। ଏକଥା ଶୁଣି ହଠାତ୍ ଲୋକେ ଆଚମ୍ବିତ ହୋଇଯିବେ। ଟୁଇଟର ବ୍ୟବହାରକାରୀ ଦର୍ଶନ ପାଠକ ଏକ ଭିଜୁଆଲ ସୋସିଆଲ ମିଡିଆରେ ଶେୟାର କରି ଲୋକଙ୍କ ଦୃଷ୍ଟିଆକର୍ଷଣ କରି ପାରିଛନ୍ତି। ଭାଇରାଲ ଭିଡିଓରେ ଜଣେ ବ୍ୟକ୍ତି ପ୍ରଥମେ ମାକ୍ ଡୋନାଲ୍ଡ ଚିକେନ ବର୍ଗରକୁ ଆଣି ତାୱାରେ ରଖି ଭଲଭାବେ ମିଶାଇ ଦେଉଛନ୍ତି। ବର୍ଗରଟି ଭଲଭାବେ ମିଶିଯିବା ପରେ ତାକୁ ଏକ କପ୍‌ରେ ଭର୍ତ୍ତି କରି ଦେଉଛନ୍ତି। ଏହାପରେ ସେଥିରେ କ୍ଷୀର ଏବଂ କ୍ରିମ୍ ପକାଇ ଭଲଭାବେ ମିଶାଇ ଦେଉଛନ୍ତି। ଏହାପରେ ପ୍ରସ୍ତୁତ ହେଉଛି ଆଇସ୍‌କ୍ରିମ୍। ଚିକେନ ବର୍ଗରରୁ ଏହିଭଳିଭାବେ ଆଇସକ୍ରିମ୍ ତିଆରି ହେବାର ଭିଡିଓକୁ ଏବେ ସୋସିଆଲ ମିଡିଆରେ ବହୁସଂଖ୍ୟାରେ ଲୋକ ଦେଖୁଛନ୍ତି।



**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ହରିକ୍ରିଷ୍ଣ ପଣ୍ଡା
ଏସ୍-୫୨, ମୈତ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ତା ୧୫।୦୧।୧୯୨୮ରିଖ
ତିରୋଭାବ: ତା ୦୮।୦୨।୨୦୨୧ରିଖ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୯୯୭୯

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମିଳା ବେହେରା
(ଅଡ଼ଶପୁର, ଓଲଟପୁର, କଟକ)
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୧୨।୧୨।୨୦୧୯ (ମାଘ ସପ୍ତମୀ)
ଆଜକୁ ଚାହୁଁ ଚାହୁଁ ୨ ବର୍ଷ ବିତିଗଲା। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ ସ୍ୱାମୀ: ହରିହର ବେହେରା
-:ଶୋକସନ୍ତପ୍ତ:-
ରମେଶ, ନୟନା, କୁନି, କୁନା, ମୁନା, ମାମି, ସବିତା, ଆଞ୍ଚଲ, ଆୟୁଷ, ଅର୍ପିତା
ଧ-୧୪୫୭୯



# ମାପି ଚୁପି ଚାଲିବେ ଅନନ୍ୟା


ଅନନ୍ୟା ପାଣ୍ଡେ ଏଣିକି ହାତେ ମାପି ଚାଖଣ୍ଡେ ଚାଲିବେ। ଆକ୍ଟିଂ କ୍ୟାରିୟରରେ ଆଗକୁ ପାଦ ବଢ଼ାଇବା ବେଳେ ଆଦୌ ତରବର ହେବେ ନାହିଁ। କାରଣ ସାମାନ୍ୟ ଭୁଲ୍ ଯୋଗୁ ଅଭିନୟ ଜୀବନ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଦେଖୁନାହାନ୍ତି ଗୋଟିଏ ସିନେମା ସାଇନ୍ କରିବାକୁ ସେ କେମିତି ମାସାଧିକ ସମୟ ନେଉଛନ୍ତି। କାହାଣୀକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୁଁ ଏଣିକି ଦେଖିଚାହିଁ ଆଗେଇବି। ତରବର ହେଲେ କିଛି ଲାଭ ନାହିଁ। ଗୁଡାଏ ସିନେମାରେ ସିନା ଅଭିନୟ କରିବି, ହେଲେ ସେଥିରୁ ମୋତେ କିଛି ଫାଇଦା ମିଳିବ ନାହିଁ। ନାୟିକା ଦୌଡରେ ମୁଁ ଆଦୌ ନାହିଁ। ବର୍ତ୍ତମାନ ମୁଁ ଇଣ୍ଡଷ୍ଟ୍ରିରେ ନୂଆ। ତେଣୁ ବେଶ୍ ସତର୍କତାର ସହ ଆଗେଇବାକୁ ପଡିବ।' ତେବେ ଅନନ୍ୟାଙ୍କର ଏପରି ନିଷ୍ପତ୍ତି ତାଙ୍କର ଆକ୍ଟିଂ କ୍ୟାରିୟରକୁ କି ମୋଡ ଦେଉଛି ତାହା ଆଗାମୀ ସମୟ ହିଁ କହିବ।

# ସସ୍ମିତାଙ୍କ ଲେଉଟାଣି



ଓଡ଼ିଆ ସିନେମା 'କି ହେବ ଶୁଆ ପୋଷିଲେ'ରୁ ଆରମ୍ଭ ହୋଇଥିଲା ତାଙ୍କର ଓଲିଉଡ୍ କ୍ୟାରିୟର। ପ୍ରଥମ ଫିଲ୍ମରେ ନିଜର ଅଭିନୟ ଦକ୍ଷତା ପ୍ରତିପାଦନ କରିବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ପରେ 'ଏଇ ଆଖି ଆମ ସାକ୍ଷୀ', 'ନାଗପଞ୍ଚମୀ', 'ଉଦଣ୍ଡୀସୀତା', 'ଶ୍ରଦ୍ଧାଞ୍ଜଳି', 'ଅକୁହା କଥା', 'ପାଚେରି ଉଠିଲା ମଝି ଦୁଆରୁ', 'ସୁନାପଞ୍ଜୁରି' ଆଦି ଗୋଟିଏ ପରେ ଗୋଟିଏ ହିଟ୍ ଚଳଚ୍ଚିତ୍ରରେ ତାଙ୍କର ଆକ୍ଟିଂକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ସେ ହେଲେ ସସ୍ମିତା ପ୍ରଧାନ। କିନ୍ତୁ ଘର ସଂସାର କରି କିଛିବର୍ଷ ପାଇଁ ଅଭିନୟଠାରୁ ସାମୟିକ ଭାବରେ ଦୂରେଇ ଯାଇଥିଲେ ସେ। ତା' ଭିତରେ ସେ 'ମୁଁ ତତେ ଲଭ୍ କରୁଛି' ଏବଂ 'ତୋ ପାଇଁ ନେବି ମୁଁ ଶହେ ଜନମ'ରେ ଅଭିନୟ କରିଥିଲେ। ପୁଣି ମୁମ୍ବାଇରେ ରହଣି କାଳରେ ହିନ୍ଦୀ ଧାରାବାହିକ 'କାହାନୀ ଘର ଘର କି' ଓ 'ଥ୍ରୀ ଡେଜ୍ ସସପେନ୍ସ'ରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏବେ ପୁଣି ଥରେ ସେ ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ଅର୍ଥାତ୍, ଦୀର୍ଘବର୍ଷର ନୀରବତା ପରେ ସସ୍ମିତାଙ୍କ ଲେଉଟାଣି ହେଉଛି। ସିନେମାଟି ହେଲା 'ଦିଲ୍‌ର ପାସୱାର୍ଡ'। ଏ ନେଇ ସସ୍ମିତା କହନ୍ତି, 'ହଁ, ମୁଁ ପୁଣି ଥରେ କମ୍ ବ୍ୟାକ୍ କରୁଛି। ଏ ନେଇ ସ୍ୱାମୀ ପରାଶରଙ୍କ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ। ତା'ସହ ଝିଅ ସଲୋନୀ ଓ ପୁଅ ଶ୍ରୀଜାନ୍‌ଙ୍କ ସହଯୋଗ ତଥା ଉତ୍ସାହ ରହିଛି। ସବୁଠାରୁ ବଡ଼ କଥା ହେଲା ଓଡ଼ିଆ ଦର୍ଶକଙ୍କ ଭଲପାଇବା ହିଁ ମୋତେ ପୁଣି ଥରେ ଓଲିଉଡ୍‌କୁ ଫେରାଇ ଆଣିଛି।' ଆୟୁଷୀ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମଟି ଚଳିତବର୍ଷ ଏପ୍ରିଲରେ ଫ୍ଲୋରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଶଂସା ଅନ୍ତରାଳେ..



ନାଗାର୍ଜୁନ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ନାଗାର୍ଜୁନ। ତାଙ୍କ ଅଭିନୀତ ସିନେମାଗୁଡିକ କେତେ ହିଟ୍ ତାହା କହିବା ବାହୁଲ୍ୟ। ଏବେ ସେ କରନ୍ ଜୋହରଙ୍କ 'ବ୍ରହ୍ମାସ୍ତ୍ର' (ରଣବୀର କପୁର, ଆଲିୟା ଭଟ୍ଟ)ରେ ଅଭିନୟ କରୁଛନ୍ତି। ଖୁବ୍ ଶୀଘ୍ର ଏହାର ଅବଶିଷ୍ଟ ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ସେ କହନ୍ତି, 'କରନ୍‌ଙ୍କ ଏହି ସିନେମାରେ ମୋତେ ମନଲାଖି ଭୂମିକାଟିଏ ମିଳିଛି। ଏଥିରେ ରଣବୀରଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ଖାସ୍ କଥା ହେଲା, ରଣବୀରଙ୍କ ଅଭିନୀତ ସମସ୍ତ ସିନେମା ମୁଁ ଦେଖିଛି। ତାଙ୍କଠାରେ ଅଭିନୟ ଦକ୍ଷତା ରହିଛି। ଭିନ୍ନ ଭିନ୍ନ ଭୂମିକାକୁ ସେ ତୁଲାଇ ପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହି ଫିଲ୍ମଟିକୁ ନିର୍ଦ୍ଦେଶନା ଦେଉଛନ୍ତି ଆର୍ଯ୍ୟନ ମୁଖାର୍ଜୀ। ରଣବୀର-ଆଲିୟାଙ୍କ ବ୍ୟତୀତ ଏଥିରେ ଅମିତାଭ ବଚ୍ଚନ, ଡିମ୍ପଲ କାପାଡିଆ ମଧ୍ୟ ଅଭିନୟ କରୁଛନ୍ତି।



ଦୀପ୍ତିରେଖା

# ନିର୍ଦ୍ଦେଶନା ଦେବେ କ୍ରିତି

କ୍ରିତି ସାନନ ଏଣିକି ନିର୍ଦ୍ଦେଶନା ଦେବେ। ବେଶ୍ କିଛିବର୍ଷ ଧରି ସେ ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ସଫଳ ହୋଇଛି। ଆଉ ଏ ନେଇ ତାଙ୍କର ଖୁସି ବନ୍ଧବାଡ଼ ମାନୁନି। ହେଲେ ଏପରି ଘଟଣା ସହ ତାଙ୍କର ବ୍ୟକ୍ତିଗତ ଜୀବନ ନୁହେଁ ଅଭିନୟ ଜୀବନର ସଂଯୋଗ ରହିଛି। ହଁ, କ୍ରିତିଙ୍କୁ ଏପରି ଏକ ଭୂମିକା ମିଳିଛି ନିର୍ମାଣାଧୀନ ହିନ୍ଦୀ ସିନେମା 'ବଚ୍ଚନ ପାଣ୍ଡେ'ରେ। ଏଥିରେ ସେ ଜଣେ ସାମ୍ବାଦିକା ଭାବରେ ଦେଖିବାକୁ ମିଳିବେ। ହେଲେ ତାଙ୍କର ଇଚ୍ଛା ରହିଛି ନିର୍ଦ୍ଦେଶନା ଦେବାକୁ। ସେ ଏଥିରେ କିପରି ସଫଳ ହେଉଛନ୍ତି ଏବଂ ନିର୍ଦ୍ଦେଶିକା ହେବାର ସ୍ୱପ୍ନ ତାଙ୍କର ସାକାର ହେଉଛି ତାହା ଫିଲ୍ମଟି ପରଦା ଉପରକୁ ଆସିବା ପରେ ଦେଖିପାରିବେ। ଫରହାନ୍ ସାମଜୀଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ନାୟକ ସାଜିଛନ୍ତି ଅକ୍ଷୟ କୁମାର।

କ୍ରିତି



# ଛିନ୍‌ଭିନ୍ ତୋ ପ୍ରେମରେ...

ପ୍ରେମ ଏପରି ଏକ ନିଶା, ଯାହା ଥରେ ଘାରିଲେ ତା' କବଳରୁ ମୁକୁଳିବା ସହଜ ହୋଇ ନ ଥାଏ। ଏପରି ପ୍ରେମର ରୋମାଣ୍ଟିକ ମସଲା ଥିବା ଏକ ମ୍ୟୁଜିକାଲ ଆଲବମ୍ 'ଛିନ୍‌ଭିନ୍ ତୋ ପ୍ରେମରେ'ର ଶୀର୍ଷକ ଗୀତ ନିକଟରେ ଭାଇରାଲ ହୋଇଛି। ଅନ୍ୟତମ ଆଗଧାଡିର କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ସ୍ୱରରେ ଏହି ଗୀତକୁ ରଚନା କରିଛନ୍ତି ଶ୍ରୀକାନ୍ତ ଗୌତମ ଏବଂ ସ୍ୱରରେ ସଜାଇଛନ୍ତି ସୁରେଶ ପଣ୍ଡା। ଶିରିଡି ସାଇବାବା ମୁଭିଜ୍ ବ୍ୟାନରରେ ତଥା କଳ୍ପନା କରନ୍‌ଙ୍କ ପ୍ରଯୋଜନାରେ ଏହି ଆଲବମ୍‌ର ଟାଇଟଲ ଗୀତ ଆମ ଟିଭି'ରେ ରିଲିଜ ହୋଇ ଶ୍ରୋତାଦୃତ ହୋଇଛି। ''ଭାଲେଣ୍ଟାଇନ୍ସ ଡେ' ଉପଲକ୍ଷେ ଏହି ଆଲବମ୍‌କୁ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ମୋଟ ୬ଟି ଗୀତ ରହିଛି। ଆରମ୍ଭରୁ ଏହାର ଗୀତକୁ ଶ୍ରୋତା ପସନ୍ଦ କରିବା ସହ ଆମକୁ ଆହୁରି ଉତ୍ସାହିତ କରିଛନ୍ତି। ଏହାପରେ ପ୍ରେମକୁ ନେଇ ଭିନ୍ନ ଭିନ୍ନ ସ୍ୱାଦର ଆଲବମ୍ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଛନ୍ତି ଏହି ବ୍ୟାନରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।''

# କ୍ଷଣକୋପୀ ହୁମା

ହୁମା କ୍ୟୁରେସିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଏବେ ସେ କଥା କଥାରେ କୁଆଡେ ରାଗି ଯାଉଛନ୍ତି। ଅଭିନୟ ବିଷୟରେ ଯାହା ପଚାର କିଛି ନାହିଁ ହେଲେ ବ୍ୟକ୍ତିଗତ ଜୀବନ କଥା ପଚାରିଲେ ସତେଯେମିତି ତାଙ୍କର ରାଗ ନାକ ଅଗରେ। ଜଣେ ବିଜନେସମ୍ୟାନ୍‌ଙ୍କ ସହ ସେ କୁଆଡେ ଏବେ ପ୍ରେମରେ ଉବୁଟୁବୁ। ଯେତେବେଳେ ଏହି କଥା ତାଙ୍କ କାନରେ ପଡିଲା ତାଙ୍କର ରାଗ ଦେଖେ କିଏ। ଏପରି କି ଏକ କାର୍ଯ୍ୟକ୍ରମରେ ଯେତେବେଳେ କିଛି ସାମ୍ବାଦିକ ଏ ନେଇ ପଚାରିଲେ ସେ ହଠାତ୍ ରାଗିଯାଇଥିଲେ। ହେଲେ କିଛି ସମୟ ପରେ ପ୍ରକୃତ ଅବସ୍ଥାକୁ ଫେରି ସେ କହିଲେ, 'ଦେଖନ୍ତୁ, ମୋତେ ନେଇ ଏବେ ବଲିଉଡ୍‌ରେ ଅନେକ କଥା ଆଲୋଚନା ହେଉଛି। ସେଗୁଡିକୁ ନେଇ ମୁଁ ଆଦୌ ବିଚଳିତ ନୁହେଁ। ଆପଣମାନଙ୍କ ପ୍ରଶ୍ନରେ ମୁଁ ଟିକେ ରାଗିଗଲି, ତେଣୁ 'ଆଇ ଆମ୍ ସରି'। ମୁଁ ବର୍ତ୍ତମାନ ମୋ କ୍ୟାରିୟର ଉପରେ ଅଧିକ ଧ୍ୟାନ ଦେଉଛି। ଅଲଗା ବିଷୟରେ ମୁଣ୍ଡ ଖେଳାଇବାକୁ ମୋ ନିକଟରେ ସମୟ ନାହିଁ।' ତାମିଲ ଫିଲ୍ମ 'ବାଲା-୨'ରେ ହୁମାଙ୍କୁ ପ୍ରଥମେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏହାର ଶୁଟିଂ ଆରମ୍ଭରେ ବିଳମ୍ବ ହେବାରୁ ସେ ଏହି ଅଫରଟିକୁ ହାତଛଡା କରିଥିଲେ। ଅନୁରାଗ କାଶ୍ୟପଙ୍କ 'ଗ୍ୟାଙ୍ଗ ଅଫ ୱାସେପୁର'ରୁ ହୁମା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। 'ବଦଲାପୁର'ରେ ଜଣେ ଗଣିକା ଭୂମିକାରେ ତାଙ୍କର ଅଭିନୟକୁ ବେଶ୍ ପ୍ରଶଂସା ମିଳିଥିଲା।





# ସେଞ୍ଚୁରୀ କ୍ଲବ୍‌ରେ ହରି

ହରିହର ମହାପାତ୍ର ଓରଫ ହରି ଭାଇ ସେଞ୍ଚୁରୀ କ୍ଲବ୍‌ରେ ପ୍ରବେଶ କରିଛନ୍ତି। ନିର୍ମାଣାଧୀନ ଓଡ଼ିଆ ସିନେମା 'ଧୋରେ ବାଇଆ ଧୋ' ତାଙ୍କୁ ଏହି ମାଇଲଷ୍ଟୋନ୍ ସୃଷ୍ଟି କରିବାରେ ସାହାଯ୍ୟ କରିଛି। ଅର୍ଥାତ୍,ଏହି ଫିଲ୍ମଟି ହେଉଛି ତାଙ୍କର ଅଭିନୀତ ୧୦୦ତମ ଚଳଚ୍ଚିତ୍ର। ବଡ଼ ପରଦା ହେଉ କି ଛୋଟ ପରଦା ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବାରେ ବେଶ୍ ସିଦ୍ଧହସ୍ତ ସେ। ଖାସ୍ କଥା ହେଲା, ହରିଙ୍କର୧୦୦ତମ ଫିଲ୍ମରେ ତାଙ୍କର ଭୂମିକାକୁ ନେଇ ବେଶ୍ ଚର୍ଚ୍ଚା। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ହିଟ୍ ଓଡ଼ିଆ ସିନେମା 'ଝୁମ୍‌କୁ ଝୁମାନା'ରେ ନିଜକୁ ଅଲରାଉଣ୍ଡର ଭାବରେ ସାବ୍ୟସ୍ତ କରିଥିଲେ ସେ। ଆଉ ଏବେ ନୂଆ ଚିତ୍ରଟିରେ ମଧ୍ୟ ଏକ ଭିନ୍ନ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ହରି କହନ୍ତି, 'ଏହି ଫିଲ୍ମର କାହାଣୀ ନିଜେ ଲେଖିଛି। ଯେତେବେଳେ ଏ ବିଷୟରେ ପ୍ରଯୋଜକ ସୀତାରାମ ଅଗ୍ରୱାଲଙ୍କ ସହ ଆଲୋଚନା କଲି ସେ ଏହାକୁ ନେଇ ସିନେମା କରିବାକୁ ସଙ୍କେତ ଦେଇଥିଲେ। ଏହାର କାହାଣୀରେ କ'ଣ ଭିନ୍ନତା ରହିଛି ତାହା ଫିଲ୍ମଟି ଦେଖିଲେ ଦର୍ଶକ ଜାଣିପାରିବେ।' 'ଧୋରେ ବାଇଆ ଧୋ'ର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ) ଏବଂ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ହରି ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ସହ ନାୟିକା ଭାବରେ 'ସୁନ୍ଦରଗଡ଼ର ସଲମାନ ଖାଁ' ଫେମ୍ ଦିବ୍ୟା ଦେଖାଦେବେ। ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ୟକି ମିଶ୍ର, ହାଡୁ ଏବଂ ଲୀନା ମଧ୍ୟ ଏହି ଚିତ୍ରରେ ଅଭିନୟ କରୁଛନ୍ତି। ସୂଚନାଯୋଗ୍ୟ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ସତ ମିଛ' (୧୯୯୮)ରୁ ହରି ନିଜର ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିଲେ।

ଅପେରା ହାଲ୍‌ଚାଲ୍

# ମୋ ବର୍ଣ୍ଣବୋଧ ହଜିଯାଇଛି

ବର୍ଣ୍ଣବୋଧରୁ ହିଁ ଆରମ୍ଭ ହୁଏ ପାଠପଢ଼ା। ଯଦି ଏହି ବର୍ଣ୍ଣବୋଧ ହଜିଯାଏ ? ଏପରି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନାଟକ ରଚନା କରିଛନ୍ତି 'ଗୁପ୍ତ ସମ୍ପର୍କ' ପାଇଁ ଚର୍ଚ୍ଚିତ ନାଟ୍ୟକାର ନବଘନ ରାଉଳ। ଆଉ ଏହାକୁ ନିର୍ଦ୍ଦେଶନାର ରଙ୍ଗ ଦେଉଛନ୍ତି ଅଂଶୁମୋଚନ ମହାନ୍ତି। ହଁ, ଅନ୍ୟତମ ଆଗଧାଡିର ଅପେରା ପାର୍ଟି 'ରାଜଧାନୀ ଅପେରା' ଦ୍ୱାରା ପରିବେଷିତ ହେବାକୁ ଥିବା ଏହି ନାଟକର ଆଖଡା ନିକଟରେ ଶେଷ ହୋଇଛି। ଭୁବନେଶ୍ୱର ଉପକଣ୍ଠସ୍ଥ ରଘୁନାଥପୁରଠାରେ ପବିତ୍ର ପାତ୍ରଙ୍କ ଏହି ଅପେରା ପାର୍ଟି ଚଳିତ ବର୍ଷର ତାହାର ଦ୍ୱିତୀୟ ନାଟକ ('ସିଂହଦ୍ୱାର ମନା ମୋତେ ସ୍ୱର୍ଗ ଦ୍ୱାର ମନା', ରଚନା-ନିର୍ଦ୍ଦେଶନା: ହର ବାରିକ)ର ଆଖଡା ଚାଲୁ ରହିଛି। ଚଳିତ ବର୍ଷ ଅପେରା ସିଜନ ପାଇଁ ଏହି ପାର୍ଟିରେ ରୁଦ୍ର, ଜୀବନ କବି, ଲକ୍ଷ୍ମୀଧର, ରୀନା ପଣ୍ଡା, ଆକାଶ ନନ୍ଦ, ବୁଲୁ ବିଶ୍ୱାଳ, ଦୟା, ଚଗନ, ଜିନା, ମନୋଜ ବରାଳ, ସୌମ୍ୟା, ତ୍ରିଲୋଚନ, କୁନି ମିଶ୍ର, କୁନା, ଗୁଞ୍ଜି, ମନୀଷା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ରୁଦ୍ର

ରୀନା

# ତରାନ୍ନା, ଦୁର୍ଗାଦତ୍ତଙ୍କୁ ସରୋଜ ମହାସୁଆର ସମ୍ମାନ

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

ଉଦୀୟମାନ ମହିଳା କ୍ରିକେଟର୍ ତରାନ୍ନା ପ୍ରଧାନ ଏବଂ ରାଜ୍ୟର ବିସିସିଆଇ ପ୍ୟାନେଲ୍ ଅମ୍ପାୟର ଦୁର୍ଗାଦତ୍ତ ଦାସ ବିଗତ ବର୍ଷର 'ସରୋଜ ମହାସୁଆର ସ୍ମୃତି ସମ୍ମାନ' ପାଇବାକୁ ମନୋନୀତ ହୋଇଛନ୍ତି। ତରାନ୍ନା ଶ୍ରେଷ୍ଠ ଯୁବ କ୍ରିକେଟର୍ ଏବଂ ଦୁର୍ଗାଦତ୍ତ ଶ୍ରେଷ୍ଠ ଅମ୍ପାୟର ଭାବେ ଏହି ପୁରସ୍କାର ଗ୍ରହଣ କରିବେ। ସରୋଜ ମହାସୁଆର ସ୍ମୃତି କମିଟି ଏବଂ ବରିଷ୍ଠ କ୍ରୀଡ଼ା ଖବରଦାତାଙ୍କୁ ନେଇ ଗଠିତ ପୁରସ୍କାର କମିଟି ଉଭୟଙ୍କୁ ମନୋନୀତ କରିଛନ୍ତି। କରୋନା ପାଇଁ ସ୍ଥଗିତ ଥିବା ୨୦୨୦ ମସିହାର ପୁରସ୍କାର ପ୍ରଦାନ ଉତ୍ସବ ଆସନ୍ତା ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜଣାଶୁଣା ଅମ୍ପାୟର ସରୋଜ ମହାସୁଆର ୨୦୦୨ରେ କଟକରେ ଆନ୍ତଃଜିଲା


ତରାନ୍ନା ପ୍ରଧାନ


ଦୁର୍ଗାଦତ୍ତ ଦାସ

କ୍ରିକେଟର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

ଓଡ଼ିଶା ପାଇଁ ନିୟମିତ ଖେଳି ଆସୁଥିବା ୨୦ ବର୍ଷୀୟା ଅଲରାଉଣ୍ଡର ତରାନ୍ନା ଗତ ୨୦୧୮-୧୯ ସିଜନରେ ମହିଳା ଚାଲେଞ୍ଜର୍ସ ଟ୍ରଫିରେ ଇଣ୍ଡିଆ ବ୍ଲୁ ପାଇଁ ଖେଳିବାର ସୌଭାଗ୍ୟ ପାଇଥିଲେ। ଏହି ସିଜନରେ ସେ ମିଡିୟମ ପେସ୍ ବୋଲିଂ ଜରିଆରେ ୨୩ ବର୍ଷରୁ କମ୍ ବର୍ଗ ସୀମିତ ଓଭରରେ ୧୩ ମ୍ୟାଚରୁ ୨୦ ଉଇକେଟ ଏବଂ ୧୯ ବର୍ଷରୁ କମ୍ ଦିନିକିଆରେ ୮ ମ୍ୟାଚରୁ ସର୍ବାଧିକ ୧୨ ଉଇକେଟ ନେଇଥିଲେ। ଗାୟତ୍ରୀ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ କନ୍ୟା ତରାନ୍ନା ଭୁବନେଶ୍ୱର ଇନ୍ଦିରା ମଇଦାନ(ଏସ୍‌ଜିଓ)ରେ ବିଶିଷ୍ଟ କ୍ଷୀରୋଦ ବେହେରାଙ୍କ ଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେହିଭଳି ୨୦୧୨ ମସିହାରୁ ଓସିଏ ପ୍ୟାନେଲ୍ ଅମ୍ପାୟର ଥିବା ଦୁର୍ଗାଦତ୍ତ ୨୦୧୯ରେ ବିସିସିଆଇ ଅମ୍ପାୟର ପ୍ୟାନେଲ୍‌ରେ ସାମିଲ ହୋଇଥିଲେ। ଏବେ ସୁଦ୍ଧା ସେ ବିସିସିଆଇର ସିନିୟର୍ ମହିଳା ଟି୨୦, ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, କୁଚ୍ ବିହାର ଟ୍ରଫି, ୨୩ ଓ ୧୯ ବର୍ଷରୁ କମ୍ ମହିଳା ଟି୨୦ରେ ୫୫ ମ୍ୟାଚ୍ ପରିଚାଳନା କରି ସାରିଛନ୍ତି। ଓସିଏ ଅମ୍ପାୟାର ଭାବେ ୨୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ପରିଚାଳନା କରି ସାରିଛନ୍ତି।

ଦୀର୍ଘ ୧୭ ବର୍ଷ ଧରି ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାରକୁ ୨୦୦୪ରେ ଦୀପକ ମଙ୍ଗରାଜ, ୨୦୦୫ରେ ପରେଶ ପଟେଲ, ୨୦୦୬ରେ ଆତିଶ ଜେନା, ୨୦୦୭ରେ ଆଲୋକ ସାହୁ-ଆଲୋକ ମଙ୍ଗରାଜ, ୨୦୦୮ରେ ହଳଧର ଦାସ, ୨୦୦୯ରେ ବସନ୍ତ ମହାନ୍ତି, ୨୦୧୦ରେ ନଟରାଜ ବେହେରା, ୨୦୧୧ରେ ସୌମେନ୍ଦ୍ର ଦାସ, ୨୦୧୨ରେ ମାଧୁରୀ ମେହେଟା, ୨୦୧୩ରେ ରୋସନାରା ପରବିନ୍, ୨୦୧୪ରେ ସ୍ୱାଗତିକା ରଥ, ୨୦୧୫ରେ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ, ୨୦୧୬ରେ ରଞ୍ଜିତ ସିଂ, ୨୦୧୭ରେ ପ୍ରୀତ ସିଂ କନୱର, ୨୦୧୮ରେ ରଘୁନାଥ ମଲ୍ଲ, ୨୦୧୯ରେ ସ୍ୱସ୍ତିକ ସାମଲ ଗ୍ରହଣ କରିଛନ୍ତି। ସେହିଭଳି ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ବିଗତ ବର୍ଷଗୁଡିକରେ ଅରୁଣ କୁମାର ବାସା, ସୁବ୍ରତ ଦାସ, ମାରିଓ ଫ୍ରାନସିସ୍, ବିଭୁ ଶତପଥୀ, ପରାସର ବିଶ୍ୱାଳ, ଚଣ୍ଡୀପ୍ରସନ୍ନ ମହାପାତ୍ର, ଅସିତ ପଟ୍ଟନାୟକ, ପବିତ୍ର ପ୍ରଧାନ, ଶରତ କୁମାର ସାହୁ, ନିର୍ମଳ ମିଶ୍ର, ସତ୍ୟେନ୍ଦ୍ର ମୋହନ ମହାନ୍ତି-ଅନନ୍ତ ବାସୁଦେବ ମିଶ୍ର ପାଇଥିଲେ।

# ଭୁବନେଶ୍ୱର, ଝାରସୁଗୁଡ଼ା, କଟକ, ସୁନ୍ଦରଗଡ଼ ବିଜୟୀ



ଡେପୁଟି କଲେକ୍ଟର ଆଲୁମଣି ସେଠୀ, ଗୀତିକା ନାୟକ ଝାରସୁଗୁଡ଼ା ଓ ବାଲେଶ୍ୱର ମହିଳା ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ଲଖନପୁର, ୧୭।୨ (ଡି.ଏନ.ଏ.)**

ଜିଲା କ୍ରୀଡା ସଂଘ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡିଶା ମିଳିତ ଆନୁକୂଲ୍ୟରେ ୨ୟ ବାଟାଲିଅନ ଓଏସ୍‌ଏପି ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ପି.ସି. ବେହେରା ସିନିୟର ମହିଳା ଫୁଟବଲ ପ୍ରତିଯୋଗିତାର ବୁଧବାର ୩ୟ ଦିବସରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚରେ ଭୁବେନେଶ୍ୱର ୯-୦ ଗୋଲରେ ଜଗତ୍‌ସିଂହପୁରକ ପରାସ୍ତ କରିଛି। ବିଜୟୀ ଦଳର ଜୋଶଦା ମୁଣ୍ଡା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚରେ କଟକ ୧୧-୦ ଗୋଲରେ ଦେବଗଡକୁ ହରାଇ ଦେଇଛି। କଟକର ଶୁଭନ ପ୍ରଜ୍ଞା ମହାପାତ୍ର ପ୍ଲେୟର ଅଫ ଦି ମ୍ୟାଚ ହୋଇଥିଲେ। ବାଲେଶ୍ୱର ବିପକ୍ଷ ୩ୟ ମ୍ୟାଚରେ ଝାରସୁଗୁଡା ୧-୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ଚିନୁଲତା ସାହୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ୪ର୍ଥ ମ୍ୟାଚରେ ସୁନ୍ଦରଗଡ 'ଏ' ୨-୦ ଗୋଲରେ ସମ୍ବଲପୁରକୁ ହରାଇଛି। ବିଜୟୀ ଦଳର ସୁମିତ୍ରା ହେମ୍ବ୍ରମ ପ୍ଲେୟର ଅଫ ଦି ମ୍ୟାଚ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ପୌର ପରିଷଦ ନିର୍ବାହୀ ଯନ୍ତ୍ରୀ ଯୋଗେନ୍ଦ୍ର ମାଝି, ହେମଲତା

## ଆନ୍ତଃ ଜିଲା ସିନିୟର ମହିଳା ଫୁଟବଲ

ବିଦ୍ୟାମନ୍ଦିର ଅଧକ୍ଷା ସଂଯୁକ୍ତା ଦାସ, ଅଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରିଣୀ ଆଲୁମଣି ସେଠୀ, ଗୀତିକା ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ତରଫରୁ ସମ୍ପାଦକ ତାପସ ରାୟ ଚୌଧୁରୀ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ଶାର୍ଦ୍ଦୁଳଙ୍କ ସ୍ଥାନରେ ଉମେଶ

**ନୂଆଦିଲ୍ଲୀ, ୧୭।୨ (ପି.ଟି.)**

ଇଂଲଣ୍ଡ ବିପକ୍ଷ ଶେଷ ଦୁଇ ଟେଷ୍ଟ ମ୍ୟାଚ ପାଇଁ ବୁଧବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ୧୮ଜଣ ଖେଳାଳିଙ୍କ ମଧ୍ୟରୁ ଶାର୍ଦ୍ଦୁଳ ଠାକୁରଙ୍କୁ ଛାଡ଼ିଦେଲେ ୧୭ଜଣ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ସିନିୟର ପେସର ଉମେଶ ଯାଦବଙ୍କୁ ଦଳରେ ନିଆଯିବ କି ନା ତାହା ତାଙ୍କ ଫିଟ୍‌ନେସ୍ ଉପରେ ନିର୍ଭର କରେ। ଅହମ୍ମଦାବାଦରେ

## ଶେଷ ଦୁଇ ଟେଷ୍ଟ ପାଇଁ ଭାରତୀୟ ଦଳ

ଦିବାରାତ୍ର ଗେମ୍ ପୂର୍ବରୁ ତାଙ୍କର ଫିଟ୍‌ନେସ୍ ମୂଲ୍ୟାୟନ ହେବ। ବିଜୟ ହଜାରେ ଟ୍ରଫି ଖେଳିବା ଲାଗି ଶାର୍ଦ୍ଦୁଳଙ୍କୁ ରିଲିଜ କରାଯାଇଛି। ଉମେଶ ଫିଟ୍ ହେଲେ ତାଙ୍କୁ ଶାର୍ଦ୍ଦୁଳଙ୍କ ସ୍ଥାନରେ ଦଳରେ ଭର୍ତ୍ତି କରାଯିବ। ମହମ୍ମଦ ସାମିଙ୍କ ନାମ ଶୁଣାଯାଉଥିଲା। ମାତ୍ର ୫ ଦିନିଆ ଗେମ୍ ପାଇଁ ସେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ଫିଟ୍‌ନେସ୍ ମୂଲ୍ୟାୟନ ପରେ ଉମେଶ ଅହମ୍ମଦାବାଦରେ ଦଳ ସହ ଯୋଗ ଦେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି।



ଉମେଶ ଯାଦବ

ପ୍ରଥମ ଟେଷ୍ଟରେ ଖରାପ ପ୍ରଦର୍ଶନ ଯୋଗୁ ବାମହାତୀ ସ୍ପିନର ଶାହବାଜ ନଦିମ ଷ୍ଟାଣ୍ଡବାଇ ତାଲିକାରୁ ବାଦ୍ ପଡ଼ିଛନ୍ତି। ଲେଗ୍ ସ୍ପିନର ରାହୁଲ ଚହର ଏବଂ କିପର ବ୍ୟାଟ୍ସମ୍ୟାନ କୋନା ଶ୍ରୀକର୍ ଭରତ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ବିଜୟ ହଜାରେ ଟ୍ରଫି ଖେଳିବା ଲାଗି ପ୍ରିୟଙ୍କ ପଞ୍ଚଲ ଓ ଅଭିମନ୍ୟୁ ଈଶ୍ୱରନଙ୍କୁ ରିଲିଜ କରାଯାଇଛି। ଚେନ୍ନାଇରେ ଥିବା ୫ ନେଟ୍ ବୋଲର ଅହମ୍ମଦାବାଦରେ ଦଳ ସହ ଯୋଗ ଦେବେ। ସେମାନେ ହେଲେ ଅଙ୍କିତ ରାଜପୁତ, ଆଭେସ ଖାଁ, ସନ୍ଦୀପ ୱାରିୟର, କ୍ରିଷ୍ଣାପ୍ପା ଗୋଥାମ ଓ ସୌରଭ କୁମାର। **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ ଅଧିନାୟକ), କେ.ଏଲ୍. ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ରିଦ୍ଧିମାନ ଶାହା (ଉଇକେଟକିପର), ଆର୍. ଅଶ୍ୱିନ, କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଈଶାନ୍ତ ଶର୍ମା, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ।

**ଷ୍ଟାଣ୍ଡବାଇ ଖେଳାଳି**

କେ.ଏସ୍. ଭରତ, ରାହୁଲ ଚହର।

# ରାଜ୍ୟ ଆର୍ଚ୍ଚେରୀ ୧୯ରୁ


**ଭୁବନେଶ୍ୱର, ୧୭।୨(କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ଆର୍ଚ୍ଚେରୀ ଆସୋସିଏଶନ ଆନୁକୂଲ୍ୟରେ ୨୨ତମ ଆର୍ଚ୍ଚେରୀ ଚାମ୍ପିୟନଶିପ୍ କଟକର ବାରବାଟୀ ଷ୍ଟାଡିୟମରେ ଚଳିତ ମାସ ୧୯ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଇଣ୍ଡିଆନ ରାଉଣ୍ଡ, ରିକର୍ଭ ଆଣ୍ଡ କମ୍ପାଉଣ୍ଡ ପ୍ରତିଯୋଗିତା ବିଭିନ୍ନ ବୟସବର୍ଗରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସୁଦ୍ଧା ୨୦ ୟୁନିଟରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ ପାଇଁ ସମ୍ମତି ଜଣାଇ ସାରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ। ପ୍ରତିଯୋଗିତା କିଡ୍ସ, ମିନି, ସବ୍‌ଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ଖେଳାଯିବ। ସରକାରଙ୍କ କୋଭିଡ୍-୧୯ ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ପ୍ରତିଯୋଗିତା ପରେ ପ୍ରାଇଜ୍‌ମନି ପ୍ରତିଯୋଗିତା ସୁନାବେଡାଠାରେ ଫେବୃୟାରୀ ୨୭ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରାଯାଇଛି।

# ଦୂତୀ, ଅମିୟ ଭାଗନେବେ

**ପଟିଆଲା, ୧୭।୨ (ପି.ଟି.):** ଗୁରୁବାର ହେବାକୁ ଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ ମିଟ୍‌ରେ ୧୦୦ ମିଟରରେ ଓଡ଼ିଶାର ଜାତୀୟ ରେକର୍ଡ ଅଧିକାରିଣୀ ଦୂତୀ ଚାନ୍ଦ ଓ ଅମିୟ ମଲିକଙ୍କ ସମେତ ପ୍ରାୟ ୮୫ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ସିଜନର ଏହା ହେଉଛି ପ୍ରଥମ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ସିନିୟର ପ୍ରତିଯୋଗିତା। ଗତବର୍ଷ କୋଭିଡ୍ ଯୋଗୁ ବନ୍ଦ ରହିବା ପରେ ପ୍ରଥମ ଥର ଏକ ମଲ୍ଟି ଇଭେଣ୍ଟ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଛି।

# ହ୍ୟାଣ୍ଡବଲ୍‌ର ପ୍ରଚାର, ପ୍ରସାର ପ୍ରୟାସ

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି):** ପୂର୍ବତଟ ରେଲୱେ କ୍ରୀଡ଼ା ସଂଘ (ଇକୋର୍ସା) ଏବଂ ଓଡ଼ିଶା ହ୍ୟାଣ୍ଡବଲ୍ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅଲିମ୍ପିକ୍ ଖେଳ ହ୍ୟାଣ୍ଡବଲ୍‌ର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହି ୟୁରୋପୀୟ ତଥା ଅଲିମ୍ପିକ୍ସ ଖେଳରେ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି ମଞ୍ଚେଶ୍ୱରସ୍ଥିତ ପୂର୍ବତଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ଆରମ୍ଭ କରାଯାଇଛି। ପେ ଆଣ୍ଡ୍ ପ୍ଲେ ବ୍ୟବସ୍ଥାରେ ଆଗ୍ରହୀ ହ୍ୟାଣ୍ଡବଲ ଖେଳାଳିମାନେ ଏହାର ସୁଯୋଗ ନେଇପାରିବେ। ଆଗ୍ରହୀ ଖେଳାଳିମାନେ ଓଡ଼ିଶା ହ୍ୟାଣ୍ଡବଲ୍ ଏକାଡେମୀର ପ୍ରଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୮ ଫେବୃୟାରୀ, ୨୦୨୧



## ଆଇନ ସେଲ୍ କାର୍ଯ୍ୟାଳୟ ଉଦ୍‌ଘାଟିତ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ଜିଲା କଂଗ୍ରେସ କମିଟିର ଆଇନ୍ ସେଲ୍ ବିଭାଗ କାର୍ଯ୍ୟାଳୟ ବୁଧବାର ରାଜନପାଲି ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା କଂଗ୍ରେସ କମିଟି ଆଇନ୍ ସେଲ୍‌ର ସଭାପତି ବିଶ୍ୱଜିତ ମିଶ୍ର, ବରିଷ୍ଠ ନେତା ପଙ୍କଜ କୁମାର କର୍ଣ୍ଣ, ଗଣେଶ ଅଗ୍ରୱାଲା, ରୋହିତାଶ୍ୱ ବେହେରା, ବୁଦ୍ଧଦେବ ପ୍ରଧାନ, ଅର୍ଜୁନ ମହାନନ୍ଦିଆ, ବେଣୁଧର ମେହେର, ପୋଲସ୍ତି ପ୍ରଧାନଙ୍କ ସମେତ କଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ବରଗଡ଼

- ସ୍ୱର୍ଗୀୟ ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ, ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସନ୍ଧ୍ୟା ୬ଟା।
- ଭାଗବତ କଥାମୃତ, ଶିଶୁ ଅନନ୍ତ ଆଶ୍ରମ, ସାହୁଟିକ୍ରା, ବରଗଡ଼, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ରାଜ୍ୟ ତୀରନ୍ଦାଜ ଚାମ୍ପିୟନଶିପ୍ ପାଇଁ ଦଳ ଘୋଷଣା

ଭବାନୀପାଟଣା, ୧୭।୨ (ଡି.ଏନ.ଏ.): ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ୨୨ତମ ରାଜ୍ୟ ତୀରନ୍ଦାଜ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ୭ ଜଣ ବାଳକ ଓ ୨ ଜଣ ବାଳିକାଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ମିଥୁନ ନାଏକ, ରତ୍ନ ମାଝି, ନେମେଶ୍ୱର ମାଝି, ଗୋବିନ୍ଦ ମାଝି, ନିଥାନିଆଲ ମଲ୍ଲିକ, ବିକ୍ରମ ମାଝି, ମମତା ମାଝି, ରାମେଓ ମାଝି ଓ ସୁହାସିନି ସାମଲ। ଦଳ କୋଚରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜ ପ୍ରତିଯୋଗିତାରେ ୨୦୧୭ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ସୀମାଞ୍ଚଳ କାଡରକା ପ୍ରଶିକ୍ଷକ ରହିବେ। ଦୁଷ୍ମନ୍ତ ମାଝି ଆସିଷ୍ଟେଣ୍ଟ ଟିମ୍ ମେନେଜର ଏବଂ ଜୟଲା ଭୋଇ ଟିମ୍ ମେନେଜର ରହି ୧୮ ତାରିଖରେ କଳାହାଣ୍ଡି ତୀରନ୍ଦାଜ ଦଳ ସହିତ କଟକ ଯାତ୍ରା କରିବେ।

### ଯୋଗ୍ୟବାରିଙ୍କୁ ମିଳିନାହିଁ ଭତ୍ତା



କୋକସରା, ୧୭।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପଲଝାପର ଗ୍ରାମର ରାମ ହଂସଙ୍କ ସ୍ତ୍ରୀ ଯୋଗ୍ୟବାରି ହଂସ (୬୫)ଙ୍କୁ ଏଯାଏଁ ମିଳି ନାହିଁ ବାର୍ଦ୍ଧକ୍ୟ ଭତ୍ତା। ତାଙ୍କ କହିବା ଅନୁସାରେ ବିଭିନ୍ନ ସମୟରେ ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପାଖରେ ଆବେଦନ କରିଥିଲେ ମଧ ସୁଫଳ ମିଳୁନାହିଁ। ଦୁଇ ପୁଅ ବିବାହ ପରେ ସେମାନେ ତାଙ୍କ ପରିବାର ସହିତ ରହୁଥିବା ବେଳେ ସାନ ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଏବେ ବୃଦ୍ଧ ଦମ୍ପତି ଅସହାୟ ଅବସ୍ଥାରେ ରୁହନ୍ତି। ରାମଙ୍କୁ ମିଳୁଥିବା ୫ଶହ ଟଙ୍କା ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୦ କେଜି ଚାଉଳରେ ଚଳିବା ବହୁ କଷ୍ଟ ବୋଲି ବୃଦ୍ଧ ଦମ୍ପତି କୁହନ୍ତି। ତୁରନ୍ତ ବୃଦ୍ଧାଙ୍କୁ ଭତ୍ତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି। ଆବଶ୍ୟକ କାଗଜ ପତ୍ର ସଂଗ୍ରହ କରି ତାଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି କୋକସରା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା କହିଛନ୍ତି।

### ବିପଦସଙ୍କୁଳ ବୁଡେନ ପୋଲ

ପଦ୍ମପୁର, ୧୭।୨ (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ବୁଡେନ ନିକଟରେ ଥିବା ଏକ ପୋଲ ବିପଦସଙ୍କୁଳ ହୋଇପଡିଛି। ଥାନା ଛକଠାରୁ ବୁଡେନ-ଜୟପୁର ରାସ୍ତାରେ ମୋଡ ରାସ୍ତା ସହ ପୋଲ ଲାଗି ରହିଛି। ଫଳରେ ଅନେକ ଥର ଏହି ପୋଲରେ ଦୁର୍ଘଟଣା ଘଟିଲାଣି। ପୋଲ ଉପରେ ସୁରକ୍ଷା ପାଚେରି ନ ଥିବାରୁ ଗାଡି ଚାଳକମାନେ ମଧ ଭୟରେ ଯାଇଥାନ୍ତି। କିନ୍ତୁ ମୋଡ ସହ ଗଡାଣିଆ ଥିବାରୁ ଦୁର୍ଘଟଣା ହେଉଛି। ପୋଲ ଉପରେ ସୁରକ୍ଷା ପାଚେରି ଦେବାକୁ ଦାବି ହେଉଛି।

### ରାମ ମନ୍ଦିର ନିର୍ମାଣ ପାଇଁ ୧ ଲକ୍ଷ ଦାନ

ପଦ୍ମପୁର, ୧୭।୨ (ଡି.ଏନ.ଏ): ପଦ୍ମପୁର ନିକଟସ୍ଥ କନସିଂହା ଗ୍ରାମପଞ୍ଚାୟତ ସାରସମାଲ ଗ୍ରାମର ସୁଶ୍ରୀ ସୈରେନ୍ଧ୍ରୀ ହୋତା ଅଯୋଧାରେ ନିର୍ମାଣାଧୀନ ଶ୍ରୀରାମ ମନ୍ଦିର ପାଇଁ ଏକ ଲକ୍ଷ ଟଙ୍କା ଦାନ ଦେଇଛନ୍ତି। ପ୍ରାନ୍ତ ପ୍ରଚାରକ ପଶ୍ଚିମ ଓଡ଼ିଶା ବିଷ୍ଣୁ ପାତ୍ର, ପୂର୍ବ କ୍ଷେତ୍ର ପ୍ରଚାରକ ପ୍ରମୁଖ ପ୍ରସନ୍ନ ମିଶ୍ର, ସମ୍ବଲପୁର ବିଭାଗ ପ୍ରଚାରକ ଶ୍ରୀମନ୍ତ ପଧାନଙ୍କ ଉପସ୍ଥିତିରେ ସେ ଚେକ୍ ଆକାରରେ ଏହି ରାଶି ପ୍ରଦାନ କରିଛନ୍ତି। ସୈରେନ୍ଧ୍ରୀଙ୍କ ଭାଇ ରାମ ପ୍ରସାଦ ହୋତା, ରାଜୀବ ମିଶ୍ର, ସୁନୀଲ ସାହୁ, ଜୟନ୍ତ ଭୋଇ, ହେମନ୍ତ ଭୋଇ ଏବଂ ଆଶିଷ ହୋତା ଉପସ୍ଥିତ ଥିଲେ।

# କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

ବୌଦ୍ଧ,୧୭।୨(ସ୍ୱ.ପ୍ର.)

## ବୌଦ୍ଧ ଜିଲା କ୍ରୀଡା ସଂଘର ସାଧାରଣ ପରିଷଦ ବୈଠକ




କ୍ରୀଡ଼ା ସଂଘର ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ବୌଦ୍ଧ ଜିଲା କ୍ରୀଡା ସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ସର୍କିଟ ହାଉସଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତଥା ଜିଲାପାଳ ଲଲାଟେନ୍ଦୁ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବରେ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ଜିଲାର ଖେଳାଳିମାନଙ୍କ ଭବିଷ୍ୟତ ଗଠନ ଦିଗରେ ଜିଲା କ୍ରୀଡା ସଂଘର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ତ କର୍ମକର୍ତ୍ତା ନିଷ୍ଠାର ସହିତ ଏ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରାରମ୍ଭରେ କ୍ରୀଡା ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ରାଜ୍ୟ ସଂଘ ପକ୍ଷରୁ ସ୍ୱଳ୍ପ ଅନୁଦାନ ମିଳୁଥିବାବେଳେ ଅନେକ ସମସ୍ୟା ଦେଇ ଜିଲା କ୍ରୀଡା ସଂଘ ଗତିକରୁଥିବା ପ୍ରକାଶ କରିଥିଲେ। ସଂଘ ନାମରେ ଥିବା ୨.୬୪ ଏକର ଜମି ଷ୍ଟାଡିୟମ ନିର୍ମାଣ ପାଇଁ ଯୋଗାଇ ଦିଆଯାଇଥିବାବେଳେ ଜିଲା କ୍ରୀଡା ସଂଘ ପରିଚାଳନା ପାଇଁ ଷ୍ଟାଡିୟମ ମଧ୍ୟରେ ଏକ ଅଫିସ ଗୃହ ଯୋଗାଇଦେବା ସହ ଷ୍ଟାଡିୟମକୁ ସମସ୍ତ ଖେଳ ଉପଯୋଗୀ କରିବା ପାଇଁ ବୈଠକରେ ରାଉତ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ ଭାବରେ ଷ୍ଟାଡିୟମ ମଧ୍ୟରେ ନବନିର୍ମିତ ସନ୍ତରଣାଗାରକୁ ତୁରନ୍ତ କାର୍ଯ୍ୟକ୍ଷମ କଲେ ଜିଲାର ଖେଳାଳିମାନେ ଉପକୃତ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲାର ସମସ୍ତ ହାଇସ୍କୁଲର କ୍ରୀଡା ଶିକ୍ଷକମାନଙ୍କ ଏକ ବୈଠକ ଡାକି ବିଦ୍ୟାଳୟ କ୍ରୀଡାକୁ ଅଧିକ ଗତିଶୀଳ କରିବାକୁ ଜିଲା ଶିକ୍ଷାଅଧିକାରୀ ଓ କ୍ରୀଡା ଅଧିକାରୀଙ୍କୁ ଜିଲାପାଳ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ସେହିପରି କଲେଜସ୍ତରରେ କ୍ରୀଡାଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ କ୍ରୀଡାରେ ଜିଲାରୁ ଉପଯୁକ୍ତ ପ୍ରତିନିଧିତ୍ୱ ହେଉ ନ ଥିବା ଏବଂ ନୋଡାଲ କଲେଜ ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ କ୍ରିଡା ବିଭାଗ ଠିକ୍‌ରେ କାର୍ଯ୍ୟ କରୁ ନ ଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ତେବେ ଜିଲା କ୍ରୀଡା ସଂଘକୁ ଅଧିକ କ୍ରୀୟାଶୀଳ କରିବା ସହିତ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଖେଳାଳିମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ବୈଠକରେ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ମତପ୍ରକାଶ କରିଥିଲେ।

### ୨୬ ରୁ ବୌଦ୍ଧରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା

ଆସନ୍ତା ୨୬ ରୁ ୨୮ ପର୍ଯ୍ୟନ୍ତ ରାଜ୍ୟ ଭଲିବଲ ସଂଘ ପକ୍ଷରୁ ଜିଲା କ୍ରୀଡା ସଂଘ ସହାୟତାରେ ତିନିଦିନ ଧରି ବୌଦ୍ଧଠାରେ ରାଜ୍ୟସ୍ତରୀୟ ମହିଳା ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଉଥିବାବେଳେ ଏହାକୁ ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ସହସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନକଲି ମାଓବାଦୀ ନାଁରେ ଚାନ୍ଦା ଆଦାୟ

ଭବାନୀପାଟଣା, ୧୭।୨ (ଡି.ଏନ.ଏ.)

### ଜଣେ ଗିରଫ, ୨ ନାବାଳକ ଅଟକ

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ବାରବନ୍ଧା ନିକଟ ଡୁଡକାରଞ୍ଜା ଗ୍ରାମର ୩ ଜଣ ନକଲି ମାଓବାଦୀ ନାଁରେ ୨୦ ହଜାର ଟଙ୍କା ଆଦାୟ କରି ଧରାପଡିଛନ୍ତି। ଏହି ଘଟଣାରେ ଡୁଡକାରଞ୍ଜା ଗ୍ରାମର ଲକ୍ଷ୍ମୀଧର ପାତ୍ର (୪୫)ଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଅନ୍ୟ ୨ ନାବାଳକଙ୍କୁ ଅଟକ ରଖିଛି। ପୋଲିସ ସବୁଜ ରଙ୍ଗରେ ଲେଖାଥିବା ପୋଷ୍ଟର ଜବତ କରିଛି। ପ୍ରକାଶ ଯେ, ଡୁଡକାରଞ୍ଜା ଗ୍ରାମରେ ଗତ ୮ ତାରିଖରେ ୨ଟି ପୋଷ୍ଟର ଲଗାଯାଇଥିଲା। ଏହି ପୋଷ୍ଟରରେ ସିପିଆଇ ମାଓବାଦୀ ବୋଲି ଦର୍ଶାଇ ଏକ ବ୍ୟାଙ୍କ ଆକଉଣ୍ଟରେ ୨୪ ଘଣ୍ଟା ମଧରେ ୨୦ ହଜାର ଟଙ୍କା ଜମା କରିବାକୁ ଚେତାବନୀ ଦେଇଥିଲେ। ଟଙ୍କା ଜମା ନ ଦେଲେ ପରିଣାମ ଭୟଙ୍କର ହେବ ବୋଲି ପୋଷ୍ଟରରେ ଉଲ୍ଲେଖ କରିଥିଲେ। ଟଙ୍କା ଜମା ନ କଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଭୟରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଆକଉଣ୍ଟରେ ୨୦ ହଜାର ଟଙ୍କା ଜମା କରିଥିଲେ। ଜମା କରିବା ପରେ ସମ୍ପୃକ୍ତ ବ୍ୟକ୍ତି ମଦନପୁର ରାମପୁର ଥାନକୁ ସୂଚନା ଦେଇଥିଲେ। ୧୩ ତାରିଖରେ ଏ ନେଇ ମଦନପୁର ରାମପୁର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଓଲଟିଲା ଅଟୋ: ୭ ମହିଳା ଆହତ



ରାସ୍ତାରେ ପଡିଥିବା ଆହତ ମହିଳାମାନଙ୍କୁ ଡ଼ାକ୍ତରଖାନା ନିଆଯାଉଛି।

ବଘିଆପଡା, ୧୭।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବଘିଆପଡା ରାସ୍ତାରେ ବୁଧବାର ଏକ ଅଟୋରିକ୍ସା ଓଲଟି ୭ ମହିଳା ଆହତ ହୋଇଛନ୍ତି। ଏରେଡା ଗ୍ରାମର ୧୪ ମହିଳା ବଘିଆପଡା ସାପ୍ତାହିକ ହାଟରୁ ଏକ ଅଟୋରିକ୍ସାରେ ଘରକୁ ଫେରୁଥିଲେ। ବଘିଆପଡା ମୁଖ୍ୟ ରାସ୍ତାର ସାଲେଇସିଂ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଯାତ୍ରୀବାହୀ ଅଟୋରିକ୍ସା ଓଲଟି ପଡିଥିଲା। ଅଟୋ ଡ୍ରାଇଭର ଘଟଣାସ୍ଥଳରୁ ଗାଡିକୁ ଉଠାଇ ଆହତମାନଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ଜଣାଯାଇଛି। ଖବରପାଇ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ମହିଳାମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ନୃସିଂହନାଥ ମନ୍ଦିରରେ ମିଳିଲା ହରିହର ପଙ୍ଗତ ଭୋଗ

ପାଇକମାଳ, ୧୭।୨ (ଡି.ଏନ.ଏ)



ଶ୍ରଦ୍ଧାଳୁମାନେ ଅନ୍ନ ପ୍ରସାଦ ସେବନ କରୁଛନ୍ତି।

କରୋନା ମହାମାରୀ ଯୋଗୁ ପଶ୍ଚିମଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବରଗଡ଼ ଜିଲା ପାଇକମାଳର ନୃସିଂହନାଥ ପୀଠକୁ ଗତ ୨୦୨୦ ମାର୍ଚ୍ଚ ୧୭ ତାରିଖରୁ ଶ୍ରଦ୍ଧାଳୁଙ୍କ ଯିବା ଉପରେ କଟକଣା ଜାରି କରାଯାଇଥିଲା। ତେବେ ୧୧ ମାସ ପରେ ଏଠାରେ ବୁଧବାର ଠାରୁ ଭକ୍ତମାନଙ୍କୁ ହରିହର ପଙ୍ଗତ ଭୋଗ ମିଳିଛି। ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଓ ମନ୍ଦିର ସେବାୟତଙ୍କ ସହ ଆଲୋଚନା ପରେ ମଧ୍ୟାହ୍ନ ୧୨ଟାରେ ମହାପ୍ରଭୁଙ୍କଠାରେ ଭୋଗ ଲାଗିହେଲା ପରେ ଭକ୍ତମାନଙ୍କୁ ଉକ୍ତ ପ୍ରସାଦ ବଣ୍ଟନ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କରୋନା ଭୟାବହତା କମିବା ପରେ ଜାନୁୟାରୀ ୧୪ରୁ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲା ଯାଇଥିଲେ ମଧ ଭକ୍ତମାନେ ମନ୍ଦିର ଦ୍ୱାରରୁ ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗତ ୪ ତାରିଖ ଠାରୁ ଭକ୍ତମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା। ବର୍ତ୍ତମାନ ଶ୍ରଦ୍ଧାଳୁମାନେ ମନ୍ଦିରର ଚାଳଧାର, ଭିମଧାର, ପଞ୍ଚୁପାଣ୍ଡବ ଆଦି ସ୍ଥାନମାନଙ୍କୁ ଯାଇପାରିବେ।

# କ୍ରିକେଟ: ବ୍ଲୁ ଡାଇମଣ୍ଡ ବିଜୟୀ

ବରଗଡ଼ ଅଫିସ୍,୧୭।୨

ବରଗଡ଼ ମିନି ଷ୍ଟାଡ଼ିୟମରେ ଚାଲିଥିବା କୁମୁଦିନୀ ବେହେରା ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କୁମ୍ଭାରୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୫ ଉଇକେଟ୍ ହରାଇ ୧୪୪ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ-୨ ୬ ଉଇକେଟ୍ ବିନିମୟରେ ୧୪୮ରନ ସଂଗ୍ରହ କରି ମ୍ୟାଚ୍ ଜିତିଥିଲା। ପିଣ୍ଟୁ କାଲସାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ଡାଇମଣ୍ଡ କ୍ରିକେଟ୍ କ୍ଲବ-୧ ୧୩.୧ ଓଭରରେ ମାତ୍ର ୨ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ସୁବ୍ରତ ରାଏ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ସୋନପୁର,୧୭।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ଲକର୍ମା ଗାଁରେ ଅଧିକ ଯୌତୁକ ପାଇଁ ବଧୂ ଜାନକୀ (୨୬)ଙ୍କୁ ସୋମବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋନପୁର ପୋଲିସ ଜାନକୀଙ୍କ ସ୍ୱାମୀ ନିରଞ୍ଜନ କର୍ଣ୍ଣ(୩୨)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଶ୍ୱଶୁର ଘର ଲୋକେ ଜାନକୀଙ୍କୁ ପୋଡି ମାରି ଦେଇଥିବା ତାଙ୍କ ବାପା ସୁରେନ୍ଦ୍ର ମହାକୁର ସୋନପୁର ଥାନାରେ ଅଭିଯୋଗ କରିଥିଲେ। ବୌଦ୍ଧ ଜିଲା ମନମୁଣ୍ଡା ଥାନା ପାଇକବାହଲ ଗାଁର ଜାନକୀ ଲକର୍ମାର ନିରଞ୍ଜନଙ୍କୁ ୨୦୧୬ରେ ବୈଦିକ ରୀତିରେ ବିବାହ କରିଥିଲେ। ପୋଲିସ ଜାନକୀଙ୍କ ପୋଡା ମୃତଦେହକୁ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ନବୀନ ପାଢୀଙ୍କ ଉପସ୍ଥିତିରେ ଜବତ କରିଥିଲା।

# ତାଲିମ ପାଇଁ ଗଲେ ୪୦ ପ୍ରାର୍ଥିନୀ



ତାଲିମ ପାଇଁ ଯାଇଥିବା ପ୍ରାର୍ଥିନୀବୃନ୍ଦ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧିଙ୍କ ଗହଣରେ।

ବରଗଡ଼ ଅଫିସ୍,୧୭।୨

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓରମାସ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା (ଡିଡିୟୁଜିକେୱାଇ)ରେ ବୁଧବାର ବରଗଡ଼ ଜିଲାର ପଦ୍ମପୁର, ଝାରବନ୍ଧ, ପାଇକମାଳ, ଗାଇସିଲେଟ, ଭଟଲି ଏବଂ ଅମ୍ବାଭୋନା ବ୍ଲକରୁ ୪୦ଜଣ ଯୁବତୀ ତାଲିମ ଗ୍ରହଣ ପାଇଁ ସୁନ୍ଦରଗଡ଼ସ୍ଥିତ ଏନ୍‌ଆଇଏଏମ୍ ସଂସ୍ଥାକୁ ଯାଇଛନ୍ତି। ଯୁକ୍ତ ଦୁଇ ପାସ୍ କରିଥିବା ସମସ୍ତ ପ୍ରାର୍ଥିନୀ ଓରମାସ୍ ଦ୍ୱାରା ଦିଆଯାଉଥିବା ତିନିମାସିଆ ତାଲିମରେ ଭାଗ ନେଇ ବିଭିନ୍ନ ସଂସ୍ଥାରେ ଚାକିରିରେ ଯୋଗଦାନ କରିବେ। ତାଲିମ ସମୟରେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ରହିବା, ଖାଇବା ସହିତ କମ୍ପ୍ୟୁଟର ଶିକ୍ଷା, ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯିବ। ସଫଳତାର ସହିତ ତାଲିମ ସମାପନ ପରେ ସେମାନଙ୍କୁ ବିଭିନ୍ନ ହସ୍‌ପିଟାଲ, ନର୍ସିଂହୋମ ଆଦିରେ ଚାକିରି ଦିଆଯିବ ବୋଲି ଓରମାସ୍‌ର ଉପ ମୁଖ୍ୟ ନିର୍ବାହୀ ରାଜଗୋପାଳ ଦାଶ ଜଣାଇଛନ୍ତି।

# ଇଲେଭେନ, ଫ୍ରେଣ୍ଡସ୍ ଆସୋସିଏଶନ ବିଜୟୀ

ଭବାନୀପାଟଣା, ୧୭।୨ (ଡି.ଏନ.ଏ.)

### ଫ୍ରେଣ୍ଡସ ପ୍ରିମିୟର କ୍ରିକେଟ ଲିଗ୍‌ର ଚତୁର୍ଥ ଦିବସ

କଳାହାଣ୍ଡି ଜିଲା ଭବାନୀପାଟଣା କଲେଜ ଖେଳପଡିଆରେ ଚାଲିଥିବା ଫ୍ରେଣ୍ଡସ ପ୍ରିମିୟର ଲିଗ୍‌ର ଚତୁର୍ଥ ଦିବସରେ ଫାଣ୍ଟାସି ଇଲେଭେନ୍ ଓ ଫ୍ରେଣ୍ଡସ୍ ଆସୋସିଏଶନ୍ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ ଫାଣ୍ଟାସି ଇଲେଭେନ୍ ଓ ବିବିସି ପଡା ମଧରେ ଅନୁଷ୍ଠିତ ହୋଇଥିଲା। ଫାଣ୍ଟାସି ଇଲେଭେନ୍ ବ୍ୟାଟିଂ କରି ୭ ଉଇକେଟ୍ ହରାଇ ୧୬୬ ରନ୍ କରିଥିଲା। ବିବିସି ପଡା ୧୫ ଓଭରରେ ୮ ଉଇକେଟ୍ ହରାଇ ୧୨୯ ରନ୍ କରି ପରାଜୟ ବରଣ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଫ୍ରେଣ୍ଡସ୍ ଆସୋସିଏଶନ୍ ଓ ବିନାୟକ ଇଲେଭେନ୍ ଦଳ ମଧରେ ହୋଇଥିଲା। ଟସ୍ ଜିତି ବିନାୟକ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟରେ ୧୧୧ ରନ୍ କରିଥିଲା। ଜବାବରେ ଫ୍ରେଣ୍ଡସ ଆସୋସିଏଶନ୍ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ଲକ୍ଷ୍ୟ ହାସଲ କରିଥିଲା। ପ୍ରଥମ ମ୍ୟାଚ ଦେବୀ ଲାଲ ଜୁଆଡ ଓ ଦ୍ୱିତୀୟ ମ୍ୟାଚରେ ଘନଶ୍ୟାମ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇଟି ମ୍ୟାଚ୍ ରମେଶ ସାହୁ, ବୁଲୁ ସିଂ ଓ ଯଶୋବନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ। ଅବିନାଶ ଦୁର୍ଗା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରିତମ ବେହେରା, ଆଶିଷ ରାଉତ, ପ୍ରିୟ ପଟ୍ଟନାୟକ ଓ ଦିନେଶ ରାଉତ ଧାରାବିବରଣୀ ପ୍ରଧାନ କରିଥିଲେ। ମ୍ୟାଚ୍‌ରେ ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଦିବସଙ୍କୁ ଗୁଡ୍ ସାମାରିଟାନ ପୁରସ୍କାର

ବରଗଡ଼ ଅଫିସ୍,୧୭।୨

ବରଗଡ଼ ଜିଲା ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ଶିକ୍ଷକ ତଥା ସାମାଜିକ କର୍ମୀ ଦିବସ କୁମାର ସାହୁଙ୍କୁ ବୁଧବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ସମାରୋହରେ ଗୁଡ୍ ସାମାରିଟାନ ଭାବେ ପୁରସ୍କୃତ କରାଯାଇଛି। ଏହି ପୁରସ୍କାର ବାବଦକୁ ତାଙ୍କୁ ମାନପତ୍ର ସହିତ ୧୦ହଜାର ଟଙ୍କାର ଏକ ଚେକ୍ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟରୁ ୬ଜଣ ଏବଂ ୩ଟି ଏନ୍‌ଜିଓକୁ ଚୟନ କରି ଏହି ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, କୃଷି ସଚିବ ରାଜକୁମାର ଶର୍ମା, ଡିଜିପି ଅଭୟ, ପରିବହନ ସଚିବ ମଧୁସୂଦନ ପାଢ଼ୀ, ପରିବହନ କମିଶନର ସଞ୍ଜୀବ ପଣ୍ଡା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ।




ଶିକ୍ଷକ ଦିବସ କୁମାର ସାହୁ ପରିବହନ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଖୋଲିନି ସ୍କୁଲ, ଚାଲିଛି ଶିକ୍ଷକଙ୍କ ବଦଳି ପ୍ରକ୍ରିୟା

ଭବାନୀପାଟଣା, ୧୭।୨ (ଡି.ଏନ.ଏ.)

### ଭବାନୀପାଟଣା ବ୍ଲକ

- ୧୧ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ
- ବିଇଓ ଅଫିସ ସମ୍ମୁଖରେ ଧାରଣା ଚେତାବନୀ

ଭବାନୀପାଟଣା ବ୍ଲକରେ ସ୍କୁଲ ଖୋଲି ନ ଥିଲେ ମଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଛି ଶିକ୍ଷକଙ୍କ ବଦଳି ପ୍ରକ୍ରିୟା। ସ୍କୁଲ ପରିଚାଳନା କମିଟି ଓ ସମ୍ପୃକ୍ତ ଅଞ୍ଚଳର ସିଆରସିସିମାନଙ୍କ ଅଜାଣତରେ ଅଞ୍ଚଳର ସ୍କୁଲଗୁଡିକରୁ ଶିକ୍ଷକମାନଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପାଖ ସ୍କୁଲକୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ କେଉଁ ସ୍କୁଲରେ କେତେ ଶିକ୍ଷକ ଅଛନ୍ତି ନ ଜାଣି ଶିକ୍ଷକମାନଙ୍କୁ ବଦଳି କରିଥିବାରୁ ଅଞ୍ଚଳର ସିକୁଆ, ଚଞ୍ଚରାପଡା, ରଜନାପୁର, କୁଲେରଗୁପା, ଉର୍ଲାଙ୍ଗ, କେନ୍ଦୁପାଟି, ବୁଡାପଡା ଆଦି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି। ଯେଉଁ ସ୍କୁଲଗୁଡିକରୁ ଶିକ୍ଷକମାନଙ୍କୁ ବଦଳି କରାଯାଇଛି ତା ବଦଳରେ ସମ୍ପୃକ୍ତ ସ୍କୁଲରେ ଆଜି ଯାଏ ଶିକ୍ଷକ ନିଯୁକ୍ତି ହୋଇ ନାହିଁ। ଅଞ୍ଚଳର ବାଲିପାଟି, ନୂଆପଡା, ବରଫା, ବୁଡାପଡା, ସେପୁର ବୋର୍ଡା ପ୍ରାଥମିକ ସ୍କୁଲରୁ ଭବାନୀପାଟଣା ନିକଟ ସ୍କୁଲଗୁଡିକୁ ବଦଳି କରାଯାଇଛି। ରଜନାପୁର, କେନ୍ଦୁପାଟି ସ୍କୁଲରେ ୮ଟି ଶ୍ରେଣୀ ଥିବା ବେଳେ ଏଠାରେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ସେହିଭଳି ନୂଆପଡା ସ୍କୁଲରେ ୨୧୦ଜଣ ପିଲାଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଗୁର୍ଜୁଙ୍ଗ ସ୍କୁଲରେ ୧୯୪ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୪ ଜଣ ଶିକ୍ଷକ ଅଛନ୍ତି। ଅଜରାଇ ସ୍କୁଲରେ ୨୦୬ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୩ ଜଣ ଶିକ୍ଷକ ଅଛନ୍ତି ଓ ଅରତଳ ସ୍କୁଲରେ ୨୪୦ ପିଲାଙ୍କ ପାଇଁ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଏହି ସ୍କୁଲଗୁଡିକରେ ଶିକ୍ଷକ ଅଭାବ ରହିଛି। ୧୧ଟି ସ୍କୁଲରେ ବର୍ତ୍ତମାନ ଜଣେ ଲେଖାଏଁ ଶିକ୍ଷକ ଥିବାରୁ ଆସନ୍ତା ଦିନରେ ସ୍କୁଲ ଖୋଲିବା ପରେ ଏଠାରେ କିଭଳି ଶିକ୍ଷାଦାନ କରାଯିବ ସେ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ମଧରେ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ମିଲକି ଅଞ୍ଚଳ ଅଭିଭାବକ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଶିକ୍ଷକମାନଙ୍କୁ ସ୍କୁଲ ଖୋଲିବା ପୂର୍ବରୁ ପୁନଃ ପୂର୍ବ ସ୍କୁଲଗୁଡିକୁ ନିଯୁକ୍ତି ଦେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସ୍କୁଲ ଖୋଲିବା ପୂର୍ବରୁ ବଦଳି ପ୍ରକ୍ରିୟା ବନ୍ଦ ନ ହେଲେ ବୋର୍ଡା ଅଞ୍ଚଳ ମିଳିତ ଅଭିଭାବକ କ୍ରିୟାନୁଷ୍ଠାନ କମିଟି ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏ ନେଇ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତଙ୍କୁ ପଚାରିବାରୁ ବିଭିନ୍ନ ସ୍କୁଲରେ ଶିକ୍ଷକ ସମସ୍ୟା ରହିଛି, ଯେଉଁଠାରେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି, ଖୁବଶୀଘ୍ର ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ଧାନ ବସ୍ତା ରଖି ଘେରାଉ

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଂଗଠନ ନେତୃତ୍ୱରେ ଚାଷୀମାନେ ବୁଧବାର ପଦ୍ମପୁର ଉପଜିଲାପାଳ ଏବଂ ତହସିଲ ଅଫିସ୍‌ରେ ଧାନବସ୍ତା ରଖି ଘେରାଉ କରିଛନ୍ତି। ଫଳରେ ଉଭୟ ଅଫିସ୍ ଅଚଳ ହୋଇପଡିଛି। ଚାଷୀମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଜାରି ରଖିଛନ୍ତି। ସାତଦିନ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଥ୍ୟା ପ୍ରତିଶ୍ରୁତି ନ ଦେଇ ଧାନ କିଣ ନଚେତ ଆନ୍ଦୋଳନକୁ ସାମ୍ନା କର ବୋଲି ସଂଗଠନ ଚେତାବନୀ ଦେଇଛି। ଓକିଲ ସଂଘର ସନ୍ତୋଷ ଶତପଥି, ବଣିକ ସଂଘରୁ ପ୍ରତାପ ମିଶ୍ର, ନାଗରିକ କମିଟିର ଅଜିତ ଶତପଥି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି।

**ସଂକ୍ଷେପରେ**

### ଅଳିଆଗଦାରେ ପରିପୂର୍ଣ୍ଣ ଚରଦା ରାସ୍ତା



ବିନିକା,୧୭।୨(ଡି.ଏନ୍.ଏ.): ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଲାଗି ସ୍ୱଚ୍ଛ ଭାରତ ମିଶନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏ ନେଇ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ବିନିକା ବ୍ଲକ ଚରଦା ଗ୍ରାମରେ ଯୋଜନା ଫେଲ୍ ମାରିଛି। କୌଡିଆମୁଣ୍ଡା ପଟରୁ ଚରଦା ଗ୍ରାମକୁ ଯାଇଥିବା ଗାଁ ମୁଣ୍ଡ ରାସ୍ତା କଡରେ ଅଳିଆ ଆବର୍ଜନା କୁଢ କୁଢ ହୋଇ ଜମି ରହିଛି। ଏଥିଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇପଡିଛି। ମାସ ମାସ ଧରି ଅଳିଆ ପଡି ରହୁଥିଲେ ମଧ ଏହାକୁ ସଫା କରାଯାଉନାହିଁ । ଫଳରେ ମଶା, ମାଛିଙ୍କ ବଂଶ ବୃଦ୍ଧି ପାଇବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଦୁର୍ଗନ୍ଧ ଯୋଗୁ ସେହି ବାଟ ଦେଇ ଲୋକେ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଏହି ରାସ୍ତା ଦେଇ ଲୋକେ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ବାବା କପିଳେଶ୍ୱର ମନ୍ଦିରକୁ ଯାଇଥାନ୍ତି । ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

ସଇଁତଲା,୧୭।୨(ଡି.ଏନ.ଏ.): ସଇଁତଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଏବଂ ଅନୁସନ୍ଧାନ କେନ୍ଦ୍ର, କଟକ ତଥା ସମଗ୍ର ଶିକ୍ଷା ବଲାଙ୍ଗୀରର ମିଳିତ ଉଦ୍ୟମକ୍ରମେ ବ୍ଲକ ସ୍ତରରେ ଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବୁଧବାର ସହାୟକ ଉପକରଣ ବଣ୍ଟନ କରାଯାଇଛି । ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ବଲାଙ୍ଗୀର ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ, ଜିଲା ସଂଯୋଜକ ପ୍ରଶାନ୍ତ ସରାଫ, ନିରତାରର ସୁରେନ୍ଦ୍ର ଭୋଇ, ଶୁଭଶ୍ରୀ ମିଶ୍ର, ରାଜକିଶୋର ଭୋଇ, ଡିଏସଏସଓ ନବକୃଷ୍ଣ ସାହୁ, ପୂର୍ବତନ ବିଆରସିସି ତପନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଅଞ୍ଚଳର ୧୦୮ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର, ହ୍ୱିଲ ଚେୟାର, ବ୍ରେଲି କିଟ, ଟ୍ରାଇ ସାଇକେଲ, ଏମଆର କିଟ ଭଳି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ରଥ, ନାରାୟଣ ଭୋଇ, ଗୋକୁଳାନନ୍ଦ ନନ୍ଦ, ଶୁଭ୍ରାଂଶୁ ନାୟକ, ରଶ୍ମିତା ପଧାନ, ସମସ୍ତ ସିଆରସିସି ଉପସ୍ଥିତ ରହି ସହଯୋଗ କରିଥିଲେ । ରଞ୍ଜିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଖଡ଼ିଆଳ ବସ୍‌ଷ୍ଟାଣ୍ଡ ରାସ୍ତା ଶୋଚନୀୟ



ଖଡ଼ିଆଳ, ୧୭।୨ (ଡି.ଏନ.ଏ): ନୂଆପଡା ଜିଲାର ପ୍ରମୁଖ ବାଣିଜ୍ୟ ସହର ହେଉଛି ଖଡିଆଳ। ଏହି ସହରକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯିବାଆସିବା କରିଥାନ୍ତି। ଜିଲାର ପ୍ରମୁଖ ସହର ହୋଇଥିବା ବେଳେ ଏଠାକୁ ପଡୋଶୀ ରାଜ୍ୟ ଛତିଶଗଡ, ରାୟପୁର ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁରକୁ ପ୍ରତ୍ୟେକ ଦିନ ଏକ୍ସପ୍ରେସ ବସ୍‌ଗୁଡିକ ଯିବା ଆସିବା କରିଥାନ୍ତି। ଖଡିଆଳ ବସଷ୍ଟାଣ୍ଡରୁ ପ୍ରତ୍ୟେକ ଦିନ ଶହେରୁ ଉର୍ଦ୍ଧ୍ୱ ଗାଡି ଖଡିଆଳଠାରୁ ନୂଆପଡା, ଭବାନୀପାଟଣା, ବୋଡେନ, ସିନାପାଲି, ବଲାଙ୍ଗିରକୁ ଯିବା ଆସିବା କରିଥାଏ । ହେଲେ ଏହି ବସଷ୍ଟାଣ୍ଡକୁ ଯିବା ଆସିବା କରିବା ପାଇଁ ଭଲ ରାସ୍ତା ନାହିଁ । ବସଷ୍ଟାଣ୍ଡକୁ ଯିବାକୁ ହେଲେ ଦୁଇ ଗୋଟି ରାସ୍ତା ନିର୍ମାଣ ହୋଇଛି । ହେଲେ ଏହି ରାସ୍ତାରେ ଖାଲଢ଼ିପ ଓ ପଥରଗୁଡିକ ବାହାରି ରହିଥିବାରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି । ତେଣୁ ଆହର କେନ୍ଦ୍ରରୁ ବସଷ୍ଟାଣ୍ଡ ହୋଇ ସତନାମୀପଡା ରାସ୍ତା ଏବଂ ପୃଥ୍ୱିରାଜ ଲଜରୁ ବସଷ୍ଟାଣ୍ଡ ଯିବା ରାସ୍ତାକୁ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

# ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଗେଟ୍ ଭାଙ୍ଗିଦେଲେ ଦୁର୍ବୃତ୍ତ

ବଲାଙ୍ଗୀର ଅଫିସ, ୧୭।୨







ଦୁର୍ବୃତ୍ତମାନେ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବୁଲି ଗେଟ୍‌କୁ ଭାଙ୍ଗି ଦେଇଛନ୍ତି(ବାମ) । ବଲାଙ୍ଗୀର ଛାତ୍ର କଂଗ୍ରେସ ପ୍ରତିନିଧିମାନେ ଏସପି ଅଫିସକୁ ଆସିଛନ୍ତି(ଡାହାଣ) ।

ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଯିବା ପରେ ଏଠାକାର ଶୈକ୍ଷିକ ପରିବେଶରେ ବେଶ ଉନ୍ନତି ପରିଲକ୍ଷିତ ହେବ ବୋଲି ଛାତ୍ରୀଛାତ୍ର, ଅଧ୍ୟାପକ, ଅଭିଭାବକମାନେ ଆଶା କରିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଯାଉଛି। ମଙ୍ଗଳବାର ରାତିରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବୁଲି ଗେଟ୍‌କୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏପରି କି ସେଠାକାର ପାଚେରିରେ ଲାଗିଥିବା ବିଶ୍ୱବିଦ୍ୟାଳୟ ମାଷ୍ଟର ପ୍ଲାନ୍‌ର ଚିତ୍ରକୁ ବି ନଷ୍ଟ କରି ଦେଇଛନ୍ତି। କେଉଁମାନେ ଏଭଳି କାଣ୍ଡ ଭିଆଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ପ୍ରତିବାଦରେ ବୁଧବାର ସକାଳେ ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଭଙ୍ଗାରୁଜା କରିଥିବା ଦୁର୍ବୃତ୍ତଙ୍କୁ ଠାବ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାସହିତ ପ୍ଲାଟିନମ୍ ଜୁବୁଲି ଗେଟ୍ ସମ୍ମୁଖରେ ପ୍ରତିବାଦ ଓ

■ ଅସୁରକ୍ଷିତ ହୋଇ ପଡିଲାଣି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍
■ ଛାତ୍ର କଂଗ୍ରେସ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର

ବିକ୍ଷୋଭ ମଧ ପ୍ରଦର୍ଶନ କରିଥିଲେ। ଦୋଷୀ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଥିବା ଦାବିପତ୍ରରେ କଲେଜ କ୍ୟାମ୍ପସ୍ ଭିତରେ କିଭଳି ଅଣଛାତ୍ରଙ୍କ ଦୌରାତ୍ମ୍ୟ ଚାଲିଛି ଉଲ୍ଲେଖ କରାଯାଇଛି। ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅସୁରକ୍ଷିତ ମଣୁଛନ୍ତି। ବାରମ୍ବାର ପୋଲିସର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଏସପିଙ୍କୁ ନିବେଦନ କରାଯାଇଛି । ଛାତ କଂଗ୍ରେସ ତରଫରୁ ଅନ୍ୟମାନଙ୍କ ମଧରେ ରୋଶନ ମିଶ୍ର, ଅଞ୍ଚଳ ପଣ୍ଡା, ଅମୀୟ ବଗର୍ତ୍ତୀ, ଅମୃତାନନ୍ଦ ମିଶ୍ର, ଆଲୋକ କହଁର, ଶ୍ରୀତମ ଗଡତ୍ୟା, ବଷ୍ଣି ରାଉତ, ଯଶ ଲାଲ, ରାଜ ସାହୁ, କାହ୍ନା ବାଗ, ଅଭିଜିତ ହନୁମାନ, ସଲୋମନ ନାଗ, ଅଭିଷେକ ନନ୍ଦ, ଜୋଶେଫ କୁମାର, ସନତ ପ୍ରଧାନ ଏସପି ଅଫିସକୁ ଯାଇଥିଲେ। ଏହି ଘଟଣାରେ ବୁଦ୍ଧିଜୀବୀମାନେ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତ। ସୂଚନାଯୋଗ୍ୟ ଯେ, ଗତ ୨୦୧୯ ଡିସେମ୍ବର ମାସରେ ରାଜେନ୍ଦ୍ର କଲେଜ ପ୍ଲାଟିନମ ଜୁବଲି ପାଳନ କରାଯାଇଥିଲା। ଏହି ସମୟକୁ ସ୍ମରଣୀୟ କରିବା ପାଇଁ ରାଜେନ୍ଦ୍ର କଲେଜ ପ୍ଲାଟିନମ ଜୁବଲି ଗେଟ କରାଯାଇଥିଲା ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ଗୁରୁତର

ତରବୋଡ/ନୂଆପଡା ଅଫିସ, ୧୭।୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ଭାଲୁକୋନା ଗାଁ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସଦର ଥାନା ଗୋବ୍ରା ଗାଁର ଜୟସିଂ ମାଝି (୫୦)। ଆହତ ଦୁଇ ଜଣ ମୁଣ୍ଡାପଲା ଗାଁର ମୁରଲି ଭୋଇ (୫୫) ଓ ଖଇରଭାଡି ଗାଁର କଂଗ୍ରେସ ମଲ୍ଲିକ (୩୦)। ମଙ୍ଗଳବାର ରାତି ପ୍ରାୟ ୯ଟାରେ କୋମନା ଥାନା ତରବୋଡ ଫାଣ୍ଡି ବେଲରଦନା ପଟୁ ବାଇକ୍ (ନଂ.ଓଡି-୨୬ ଡି ୯୧୨୮)ରେ ଜୟସିଂ ଓ ମୁରଲ ଭାଲୁକୋନା ପଟେ ଆସୁଥିଲେ। ଘଟିପଡାରୁ ଖଇରଭାଡି ଗାଁର କଂଗ୍ରେସ ଏକ ବାଇକ୍‌ରେ ଫେରୁଥିଲେ । ଭାଲୁକୋନା ଛକ ନିକଟରେ ଭାରସାମ୍ୟ ହରାଇ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତରବୋଡ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ଲଛିନ୍ଦ୍ର ଚଲାନ କହିଛନ୍ତି।

## ଟଙ୍କା ନେଇ ଠିକାଦାର କାମ କରୁ ନ ଥିବାରୁ ଫାଣ୍ଡିରେ ଅଭିଯୋଗ

ଜହ୍ନାପଙ୍କ, ୧୭।୨(ଡି.ଏନ.ଏ.)



ହିତାଧିକାରୀ ଅସମ୍ପୂର୍ଣ୍ଣ ଘର ଆଗରେ ଛିଡ଼ା ହୋଇଛନ୍ତି।

ବୌଦ୍ଧଜିଲାରେ କେତେକସ୍ଥାନରେ ଆବାସ ଯୋଜନାର ଗରିବ ହିତାଧିକାରୀଙ୍କଠାରୁ ଟଙ୍କା ନେଇ ଘର ସମ୍ପୂର୍ଣ୍ଣ ନ କରି ଠିକାଦାର ପଳାଇଛନ୍ତି। ଏନେଇ ହିତାଧିକାରୀ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଜିଲାରେ ଲୋକଙ୍କୁ ବିଜୁପକ୍କା ଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଉଥିବାବେଳେ ଲୋକଙ୍କ ଆର୍ଥିକ ସମ୍ବଳ ନ ଥିବାରୁ ଘର ନିର୍ମାଣ ପାଇଁ ଠିକାଦାରଙ୍କୁ ଦେଉଛନ୍ତି। ଏନେଇ ମଧ୍ୟ ସରକାରଙ୍କ ଠାରୁ ଅଗ୍ରୀମ ଟଙ୍କା ଦିଆଯାଉଛି। କିନ୍ତୁ ଠିକାଦାର ଟଙ୍କା ନେଇ ଘର ସମ୍ପୂର୍ଣ୍ଣ ନ କରି ଧରାଛୁଆଁ ଦେଉ ନ ଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି ଦୁଇ ଜଣ ହିତାଧିକାରୀ। ମିଳିଥିବା ତଥ୍ୟ ଅନୁଯାୟୀ ଖୁଣ୍ଟବନ୍ଧ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ଜୟନ୍ତ ପ୍ରଧାନ ୨୦୧୬-୧୭ ଆର୍ଥିକ ବର୍ଷରେ ବିଜୁ ପକ୍କା ଘର ପାଇଥିଲେ। କିନ୍ତୁ ନିଜର ସମ୍ବଳ ନ ଥିବାରୁ ଘର ନିର୍ମାଣ ପାଇଁ ଜନୈକ ବ୍ୟକ୍ତିଙ୍କୁ ଘର ନିର୍ମାଣର ଅର୍ଥ ଦେଇଥିଲେ। କିନ୍ତୁ

**ଚାରି ବର୍ଷ ହେଲା ବିଜୁ ପକ୍କାଘର ଓ ଆବାସ ଯୋଜନା ଅସମ୍ପୂର୍ଣ୍ଣ**

ଏପେଟ କାମ କରୁଥିବା ବ୍ୟକ୍ତି ଘରର ଛାତ ପକାଇବା ପର୍ଯ୍ୟନ୍ତ ଟଙ୍କା ନେଇଥିଲେ ମଧ୍ୟ ଛାତ ପକାଉ ନ ଥିବାରୁ ୪ ବର୍ଷ ହେଲା ଘର ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ବ୍ଲକ ପକ୍ଷରୁ ନିର୍ମାଣ ଶେଷ କରିବାକୁ ନୋଟିସ ମିଳିବା ପରେ ଚିନ୍ତାରେ ହିତାଧିକାରୀ । ଆହୁରୀ ମଧ୍ୟ ଉକ୍ତ ଗ୍ରାମର ବିନାୟକ କଲତା ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ । ସେ ମଧ୍ୟ ଘର କାମ କରିବାକୁ ଜନୈକ ବ୍ୟକ୍ତିଙ୍କୁ ଦେଇଥିଲେ । କିନ୍ତୁ ୩ଟି କିସ୍ତିରେ ୯୦ ହଜାର ଟଙ୍କା ନେଇଥିଲେ। ଘର କାମ କରୁନାହାନ୍ତି କି ଧରାଛୁଆଁ ଦେଉନାହାନ୍ତି। ଏନେଇ ଗରିବ ହିତାଧିକାରୀ ନ୍ୟାୟ ପାଇବା ପାଇଁ ଜହ୍ନାପଙ୍କ ଫାଣ୍ଡିର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଏନେଇ ଫାଣ୍ଡି ଅଧିକାରୀ ସୁବାଷ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଯେଉଁ ଲୋକଙ୍କ ନାମରେ ଅଭିଯୋଗ ଆସିଛି, ସେମାନଙ୍କୁ ଡକା ଯାଇଛି। ଆସିଲେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ଲୋଇସିଂହା ଏନ୍‌ଏସି ଦାବି ପୁଣି ତେଜିଲା

**ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

ଲୋଇସିଂହା,୧୭।୨(ଡି.ଏନ.ଏ)

ପ୍ରସ୍ତାବିତ ଲୋଇସିଂହା ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ଦାବି ପୁଣି ଜୋର ଧରିଛି। ଏ ଦିଗରେ କି ପଦକ୍ଷେପ ନିଆଯାଇଛି ସପ୍ତାହକ ମଧରେ ଜଣାଇବାକୁ ଲୋଇସିଂହା ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି । ନଚେତ୍ ଆସନ୍ତା ୨୪ ତାରିଖଠାରୁ ପରିଷଦ ପକ୍ଷରୁ ପଞ୍ଚାୟତ ସମିତି ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।ଲୋଇସିଂହା ବଲାଙ୍ଗୀର ଜିଲାର ଏକ ପ୍ରମୁଖ ବ୍ଲକ । ଏହାକୁ ଏନଏସି ଭାବେ ଘୋଷଣା କରିବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ୨୦୧୫ରେ ତତ୍କାଳୀନ ବିଧାୟକ ଏନଏସି ଦାବି ଦୋହରାଇଥିଲେ ।ଲୋଇସିଂହା ଆଞ୍ଚଳିକ ପରିଷଦ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ମଧ ପୂର୍ବରୁ ଏ ନେଇ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀକୁ ଦାବିପତ୍ର ପ୍ରଦାନ କରାଯାଇଛି । ହେଲେ ଏସବୁ ସତ୍ତ୍ୱେ ଲୋଇସିଂହାକୁ ଏନଏସି ମାନ୍ୟତା ଦିଆ ନ ଯିବା ପରିତାର ବିଷୟ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ପରିଷଦର ଲାଲମନ ନାଗ, ସମିତି ସଭ୍ୟ କୁନା ଭୋଇ. ରଞ୍ଜନ ବେହେରା, ଅଶୋକ କୁମାର ବରିହା, ସରୋଜ ପୁଟେଲ, ପ୍ରକାଶ ମହାରଣାଙ୍କ ସମେତ ଏକ ପ୍ରତିନିଧି ଦଳ ଜିଲାପଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

## ସ୍ୱାସ୍ଥ୍ୟ ବୀମା ଲାଗୁ ପାଇଁ ଦାବିପତ୍ର ପ୍ରଦାନ



ଆଇନଜୀବୀମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ସୋନପୁର,୧୭।୨(ନି.ପ୍ର.)

ଅଖିଳ ଭାରତୀୟ ଅଧିବକ୍ତା ପରିଷଦ(ଏବିଏପି) ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଦାବିପତ୍ର ଗ୍ରହଣ କରିଥିଲେ। ଆଇନଜୀବୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, କୋଭିଡ-୧୯ ପାଇଁ ସେମାନେ ବହୁ କ୍ଷତି ସହିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କୋଭିଡ ସହାୟତା ପ୍ରଦାନ କରିଥିଲେ ହେଁ ଆଇନଜୀବୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷେ ୨୦୧୮ ଡିସେମ୍ବର ୨୪ ରୁ ୨୬ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ଦେଶର ଅଧିବକ୍ତାଙ୍କ ପାଇଁ ପରିବାର ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ସକାଶେ ଦାବି ଉଠିଥିଲା। ପରିଷଦର ରାଷ୍ଟ୍ରୀୟ କର୍ମକର୍ତ୍ତା ଏ ସମ୍ପର୍କରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରସାଦ ପଦକ୍ଷେପ ସ୍ୱରୂପ କେନ୍ଦ୍ର ଆଇନ ସଚିବଙ୍କ ଅଧ୍ୟକ୍ଷତାରେ ଅର୍ଥ ଓ ଆଇନ ବିଭାଗର ଅଧିକାରୀ ବାର କାଉନସିଲ ପ୍ରତିନିଧିଙ୍କ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଇତିମଧ୍ୟରେ କମିଟି ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛି। ତେଣୁ ଏବିଏପି ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ତୁରନ୍ତ ବୀମା ଯୋଜନା ଲାଗୁ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଜିଲା ଶାଖା ପକ୍ଷରୁ ସଭାପତି ବିପିନ ବିହାରୀ ବିଦ୍ୟାଧର, ସମ୍ପାଦକ ନନ୍ଦ କିଶୋର ତ୍ରିପାଠୀଙ୍କ ସମେତ ଆଇନଜୀବୀ ରଶ୍ମି ରଞ୍ଜନ ଦାଶ, ଦାସଦୀପ୍ତ ମହାପାତ୍ର, ବିବେକାନନ୍ଦ ମିଶ୍ର, ଶ୍ରୀକାନ୍ତ ଦାସ, ଧନଞ୍ଜୟ ମିଶ୍ର, ତ୍ରିବିକ୍ରମ ମିଶ୍ର, ଶମ୍ଭୁ ବିଶି ଓ ସାରଦା ହୋତା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଜୁନାଗଡ଼ରେ ଡିଡିୟୁ-ଜିକେୱାଇର ବ୍ଲକସ୍ତରୀୟ ପରାମର୍ଶ ଶିବିର

ଜୁନାଗଡ, ୧୭।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ହାଇସ୍କୁଲ ଖେଳପଡିଆଠାରେ ବୁଧବାର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁଜିକେୱାଇ)ର ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦୁଳାରାମ ମାରାଣ୍ଡି, ଜିଲା ସଂଯୋଜକ ଆଦିତ୍ୟ ଆଚାର୍ଯ୍ୟ, ବ୍ଲକ ସଂଯୋଜକ ଧର୍ମେନ୍ଦ୍ର ଦୀପ, ଏଲଡବ୍ଲୁଏସର ପୂର୍ଣ୍ଣଚନ୍ଦ୍ର ସେଠି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜୁନାଗଡ ବ୍ଲକ ପିଏ (ପ୍ରଗତୀ ସହାୟକ) ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ଶିବିରରେ ଜୁନାଗଡ ବ୍ଲକ ବିଭିନ୍ନ ପଞ୍ଚାୟତ ଅନେକ ଯୁବତୀଯୁବକ ଯୋଗଦେବା ସହ ଅନେକ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏହି ଯୁବତୀଯୁବକଙ୍କୁ କମ୍ପାନୀ ପକ୍ଷରୁ ଚୟନ କରାଯାଇ ତାଲିମ ଦିଆଯିବ। ପରେ ସେମାନଙ୍କୁ ତାଙ୍କ ଯୋଗ୍ୟତା ଅନୁଯାୟୀ କର୍ମ ନିଯୁକ୍ତି ଦିଆଯିବ।

## କୋସଲ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ

ସୋନପୁର,୧୭।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର କୋସଲ ଆବାସିକ ଉଚ୍ଚ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏମ୍‌ପି ତଥା ବିଧାୟକ ବାଲଗୋପାଳ ମିଶ୍ର ଯୋଗ ଦେଇଥିଲେ। ମିଶ୍ର ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟ ସମାଜର ଆଲୋକ ବର୍ତ୍ତିକା ସଦୃଶ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ପ୍ରାକ୍ତନ ସଭାପତି ଲକ୍ଷ୍ମଣ ମେହେର, ଅଭିମନ୍ୟୁ କୁଶଳ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଶିକ୍ଷାବିତ୍ ପ୍ରଦୀପ ପୁରୋହିତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପରମାନନ୍ଦ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୁନି କୁନି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସଞ୍ଜୟ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଜିଲା ପରିଷଦ ବୈଠକରେ ଜଳସେଚନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୭।୨



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟ, ଅଧିକାରୀବୃନ୍ଦ ।

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ସିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲା ପରିଷଦ ଉପାଧ୍ୟକ୍ଷ ମଦନ ଦୀପ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ। କେନାଲକୁ ସଂଲଗ୍ନ ହୋଇଥିବା ରାସ୍ତା ଗୁଡ଼ିକର ରକ୍ଷଣାବେକ୍ଷଣ, ମରାମତି କରାଗଲେ ଯାତାୟାତରେ ଜନସାଧାରଣଙ୍କ ସୁବିଧା ହେବା ସହିତ ଶ୍ରମିକମାନେ ତାଙ୍କର ଉପଯୁକ୍ତ ପାରିଶ୍ରମିକ ପାଇ ପାରିବେ ବୋଲି ଉପାଧ୍ୟକ୍ଷ ଦୀପ କହିଥିଲେ। ଅତାବିରା କେନାଲ ସବ୍‌ଡିଭିଜନ, ରେଙ୍ଗାଲି କ୍ୟାମ୍ପ ଏବଂ ଗୋଡ଼ଭଗା ସବ୍‌ଡ଼ିଭିଜନ କେନାଲର ଅଗ୍ରଗତି ନିମନ୍ତେ ମଧ୍ୟ ସେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ।

ପୂର୍ତ୍ତ ବିଭାଗର ଆଲୋଚନା ବେଳେ ଗାଇସିଲେଟ ଶହୀଦ ଛକରେ ହମ୍ପସ ଓ ଗାର୍ଡୱାଲ ନିର୍ମାଣ, ଗାଇସିଲେଟ କଲେଜ ଛକରୁ ବୁରୋମୁଣ୍ଡା ମଧ୍ୟରେ ଏକ ନୂତନ ବ୍ରିଜ୍ ନିର୍ମାଣ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ଯେକୌଣସି କାର୍ଯ୍ୟର ଶୁଭାରମ୍ଭ ବେଳେ ଜନ ପ୍ରତିନିଧିମାନଙ୍କ ମତାମତ ନେବା ପାଇଁ ଉପାଧ୍ୟକ୍ଷ ଦୀପ ବୈଠକରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉଠାଜଳସେଚନ ବିଭାଗର ଆଲୋଚନାବେଳେ ବରଗଡ଼ ଜିଲାରେ ଜଳଯୋଗାଣ ପାଇଁ ୨ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଗୋଟିଏ ନଦୀନାଳ ଏବଂ ଅନ୍ୟଟି ବୋରୱେଲ ମାଧ୍ୟମରେ ଜଳଯୋଗାଣ ହେଉଥିବା ସେ ସୂଚନା ଦେଇଥିଲେ। ସେହିପରି ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପାଣି ପଞ୍ଚାୟତ ଗଠନ କରାଯାଇଥିବା ସେ କହିଥିଲେ। କୌଣସି ପ୍ରକଳ୍ପର ମରାମତି ପାଇଁ ପାଣି ପଞ୍ଚାୟତ ଲିଖିତ ଭାବେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ତାକୁ ମରାମତି କରିବା ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ସୂଚନା ଦେଇଥିଲେ। ପଦ୍ମପୁର ଲଘୁ ଜଳସେଚନ ବିଭାଗର ସମୀକ୍ଷାବେଳେ ପାଣି ପଞ୍ଚାୟତର କାର୍ଯ୍ୟକାରିତା ଉପରେ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ଆଲୋଚନାରେ କାର୍ଯ୍ୟ ଆରମ୍ଭ ସମୟରେ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଆବଶ୍ୟକତା ରହିଛି ବୋଲି ଦାବି ଉଠିଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ଅଶୋକ ସାହୁ, ସୁବାଷ ହୋତା, ବିଳାସିନୀ ମେହେରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।